୬୧ତମ ବର୍ଷ ୨୪ ଏପ୍ରିଲ ୨୦୧୮ ଦ୍ୱିତୀୟ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

# ସୂଚୀପତ୍ର

[ନବଜ୍ୟୋତି • ଏପ୍ରିଲ, ୨୦୧୮]


**ଯୋଗ-ଦର୍ଶନ**

| | | | | |
|---|---|---|---|---|
| ହୃଦୟରେ ପ୍ରେମ ସାମର୍ଥ୍ୟ | ... | ଶ୍ରୀଅରବିନ୍ଦ | ... | ୯ |
| ପୂର୍ଣ୍ଣାଙ୍ଗ ବିଶ୍ୱାସ | ... | ଶ୍ରୀମା | ... | ୧୦ |
| ବିଶ୍ୱାସହିଁ ପ୍ରଧାନ କଥା | ... | ଶ୍ରୀଅରବିନ୍ଦ | ... | ୧୨ |
| ବିଶ୍ୱାସର ଦୃଢ଼ତା ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା | ... | ଶ୍ରୀମା | ... | ୧୪ |
| ବିଶ୍ୱାସରୂପୀ ଭାରଦଣ୍ଡର ଶକ୍ତି | ... | ଶ୍ରୀଅରବିନ୍ଦ | ... | ୧୬ |
| ଅହଂ ଓ କାମନା ଦ୍ୱାରା କଳୁଷିତ ବିଶ୍ୱାସ | ... | ... | ... | ୧୭ |
| ବିଶୁଦ୍ଧିର ନିବିଡ଼ତମ ପଥ | ... | ଶ୍ରୀଅରବିନ୍ଦ | ... | ୧୮ |
| ପଥପ୍ରଦର୍ଶକଙ୍କ ଜ୍ଞାନ ଓ ବିଶ୍ୱାସ | ... | ... | ... | ୧୯ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | | |
|---|---|---|---|---|
| ବନ୍ଦେ ମାତରମ୍ | ... | ଶ୍ରୀଅରବିନ୍ଦ | ... | ୨୦ |
| ନୈତିକ ଓ ଆଧ୍ୟାତ୍ମିକ (୧) | ... | ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୫ |
| ବାୟୁ, ପ୍ରାଣଶକ୍ତିମାନଙ୍କ ଦେବତା (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୮, ଋଷି : ବାମଦେବ) | ... | ଶ୍ରୀଅରବିନ୍ଦ | ... | ୨୯ |
| ଶ୍ରୀମା'ଙ୍କର ଆଧ୍ୟାତ୍ମିକ ବ୍ରତ | ... | ଶ୍ରୀ ମାଧବ ପଣ୍ଡିତ | ... | ୩୨ |
| ବିପ୍ଳବର ନୂତନ ବହ୍ନି | ... | ଶ୍ରୀ ପ୍ରପତ୍ତି | ... | ୩୫ |
| ''ଜଟା ଛିଣ୍ଡାଇ ଋଷି ମଲା !'' ଏକ ଲୋକକଥା ଓ ତା'ର ପ୍ରଚ୍ଛନ୍ନ ତାତ୍ପର୍ଯ୍ୟ | ... | ଶ୍ରୀ ମନୋଜ ଦାସ | ... | ୩୭ |
| ଅତିକ୍ରମଣ | ... | ଶ୍ରୀ ଚନ୍ଦ୍ରଶେଖର ରଥ | ... | ୪୨ |
| ଶ୍ରୀଅରବିନ୍ଦ ଓ ଦିଲୀପକୁମାର (୬) | ... | ... | ... | ୪୪ |
| କଣିକାଏ କରୁଣାହିଁ କାମନା | ... | ଶ୍ରୀ ବିମଳ ପ୍ରସନ୍ନ ଦାସ | ... | ୪୮ |

**ସାଧନା-ପରମ୍ପରା**

| | | | | |
|---|---|---|---|---|
| ଦେବୀମାହାତ୍ମ୍ୟମ୍ | ... | ଶ୍ରୀ ସମ୍ପଦାନନ୍ଦ ମିଶ୍ର | ... | ୫୧ |

**ଅନ୍ତରାଳ ଜଗତ୍**

| | | | | |
|---|---|---|---|---|
| ଶରୀରର ବାହାରକୁ ଚାଲିଯିବା | ... | ଶ୍ରୀମା | ... | ୫୫ |

**ଶେଷ ପୃଷ୍ଠା**

| | | | | |
|---|---|---|---|---|
| ''ସାଧନାରେ କିଛି ହେଉ ନାହିଁ''ର ଭାବ | ... | ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୭ |


❖

In the depths of your consciousness is the psychic being, the temple of the Divine within you. This is the centre round which should come about the unification of all these divergent parts, all these contradictory movements of your being. Once you have got the consciousness of the psychic being and its aspiration, these doubts and difficulties can be destroyed. It takes more or less time, but you will surely succeed in the end.

(CWM. Vol. 3, p. 7) – The Mother

ତୁମ ଚେତନାର ଗଭୀରତା ଭିତରେ ତୁମର ଚୈତ୍ୟସତ୍ତା ଅବସ୍ଥିତ ରହିଛି, ତୁମେ ତାହାକୁହିଁ ଆପଣା ଭିତରେ ପରମ ଦିବ୍ୟସତ୍ତାଙ୍କର ଆସ୍ଥାନ ବୋଲି ଜାଣିବ । ଏହି କେନ୍ଦ୍ରଟିର ଚାରିପାଖରେହିଁ ବିଭିନ୍ନ ଅଂଶର ଏକତ୍ରୀକରଣ ସଂଘଟିତ ହେବ, ତୁମ ସତ୍ତାର ଏହିସବୁ ପରସ୍ପର-ବିରୋଧୀ ଗତିସ୍ପନ୍ଦନର ମଧ୍ୟ ଏକତ୍ରୀକରଣ ଘଟିବ । ତୁମେ ଥରେ ଆପଣା ଚୈତ୍ୟସତ୍ତାର ଚେତନା ଏବଂ ତା'ର ଅଭୀପ୍ସାକୁ ହାସଲ କରି ପାରିଲେ ଯାଇ ଏହିସବୁ ଯାବତୀୟ ସନ୍ଦେହ ତଥା ଅସୁବିଧାର ବିନାଶ ଘଟିବ । ଏଥିଲାଗି ଅଳ୍ପ କିଂବା ଅଧିକ ସମୟ ଆବଶ୍ୟକ ହେବ, ମାତ୍ର ସର୍ବଶେଷରେ ତୁମେ ନିଶ୍ଚୟ ସଫଳତା ହାସଲ କରିପାରିବ ।

— ଶ୍ରୀମା





Let the new birth become manifest in your heart and radiate in calm and joy and take up all the parts of your being, mind and vision and will and feeling and life and body. Let each date in your life be a date of its growth and greater completeness till all in you is the child of the Mother. Let the Light and Power and Presence envelop you and protect and cherish and foster, till all your inner and outer existence is one movement and an expression of its peace and strength and Ananda.

23. 01. 1929 – Sri Aurobindo

(CWSA - 35, p. 838)

ନବଜନ୍ମ ତୁମ ହୃଦୟରେ ପ୍ରକାଶିତ ହେଉ, ଶାନ୍ତି ଓ ଆନନ୍ଦ ମଧ୍ୟରେ ତାହା ନିଜର ଜ୍ୟୋତିଃ ବିକୀର୍ଣ୍ଣ କରୁ, ତୁମ ସତ୍ତାର ସକଳ ଅଂଶକୁ – ତୁମ ମନ, ଦୃଷ୍ଟି, ସଂକଳ୍ପ, ହୃଦୟ, ପ୍ରାଣ ଓ ଶରୀରକୁ ତାହା ନିଜ ମଧ୍ୟରେ ଧାରଣ କରୁ । ତୁମ ଜୀବନର ପ୍ରତ୍ୟେକଟି ଦିନ ହେଉ ତା'ର ବୃଦ୍ଧି, ତା'ର ବୃହତ୍ତର ପୂର୍ଣ୍ଣତାର ଦିନ ଯେପର୍ଯ୍ୟନ୍ତ ତୁମ ସତ୍ତାର ସମସ୍ତ ଅଙ୍ଗ ମା'ଙ୍କର ସନ୍ତାନ ନ ହୋଇଛି । ସେହି ଜ୍ୟୋତିଃ, ସେହି ଶକ୍ତି ଏବଂ ସେହି ସାନ୍ନିଧ୍ୟ ତୁମକୁ ଚତୁର୍ଦ୍ଦିଗରୁ ଘେରି ରହୁ, ତୁମକୁ ରକ୍ଷା କରୁ, ପାଳନ କରୁ ଏବଂ ପୋଷଣ କରୁ, ଯେତେଦିନ ପର୍ଯ୍ୟନ୍ତ ତୁମର ବାହ୍ୟ ଓ ଆନ୍ତର ଜୀବନ ନ ହୋଇଛି ତା'ର ଶାନ୍ତି, ଶକ୍ତି ଓ ଆନନ୍ଦର ଏକ ଅଖଣ୍ଡ ଗତିଧାରା ଓ ପ୍ରକାଶ ।

୨୩. ୦୧. ୧୯୨୯ – ଶ୍ରୀଅରବିନ୍ଦ



# ହୃଦୟରେ ପ୍ରେମ ସାମର୍ଥ୍ୟ

## ଶ୍ରୀଅରବିନ୍ଦ

... ଆଉ ଏକ ଆବଶ୍ୟକ ଉପାଦାନ ହେଉଛି ହୃଦୟରେ ବିଶ୍ୱାସ, ବିଶ୍ୱର ଶୁଭ ଓ କଲ୍ୟାଣରେ ବିଶ୍ୱାସ ଏବଂ ସେଥିପାଇଁ ସଂକଳ୍ପ, ବିଶ୍ୱଗତ ଆନନ୍ଦ ପ୍ରତି ଏକ ଉନ୍ମୋଚନ । ଆମର ଶୁଦ୍ଧ ଚୈତ୍ୟସତ୍ତା ହେଉଛି ମୂଳତଃ ସେହି ଆନନ୍ଦରହିଁ ଏକ ଗଠନ, ଏହା ବିଶ୍ୱର ଆନନ୍ଦ-ଆତ୍ମାରୁହିଁ ଆସିଛି । କିନ୍ତୁ ଆବେଗପ୍ରଧାନ ଯେଉଁ ଉପୁରିଆ ହୃଦୟ ସହ ଆମେ ପରିଚିତ, ତାହା ଜଗତର ନାନା ଦ୍ୱନ୍ଦ୍ୱମୟ ବାହ୍ୟରୂପ ଦ୍ୱାରା ଗ୍ରସ୍ତ ହୋଇ ରହିଛି ଏବଂ ଦୁଃଖ-ଶୋକ, ଭୟ, ଅବସାଦ, ତୀବ୍ର ଆବେଗ, କ୍ଷଣସ୍ଥାୟୀ ଓ ଖଣ୍ଡିତ ଆନନ୍ଦର ନାନା ପ୍ରତିକ୍ରିୟା ଭୋଗ କରି ଚାଲିଛି । ପୂର୍ଣ୍ଣତା ପାଇଁ ଆବଶ୍ୟକ ଏକ ସମତା-ଯୁକ୍ତ ହୃଦୟ କିନ୍ତୁ ତାହା କେବଳ ଏକ ନିଷ୍କ୍ରିୟ ସମତା ହେଲେ ଚଳିବ ନାହିଁ । ସକଳ ଅନୁଭୂତି ପଛରେ ଏକ ଦିବ୍ୟଶକ୍ତି ରହି ଯେ ମଙ୍ଗଳ ପାଇଁ କ୍ରିୟା କରୁଛି ଆମର ସେହି ବୋଧ ରହିବା ଆବଶ୍ୟକ; ଆଉ ମଧ୍ୟ ଆମର ସେହି ବିଶ୍ୱାସ ଓ ସଂକଳ୍ପ ରହିବା ଆବଶ୍ୟକ ଯାହା ସଂସାରର ସମସ୍ତ ହଳାହଳକୁ ଅମୃତରେ ପରିଣତ କରିଦେଇପାରେ; ଆମର ସେହି ଦୃଷ୍ଟି ରହିବା ଆବଶ୍ୟକ ଯାହା ସମସ୍ତ ବିପଦ ଓ ଦୁର୍ଦ୍ଦଶା ପଛରେ ରହିଥିବା ଅଧିକ ଆନନ୍ଦପ୍ରଦ ଆଧ୍ୟାତ୍ମିକ ଅଭିପ୍ରାୟଟିକୁ ଦେଖି ପାରୁଥିବ ଏବଂ ସମସ୍ତ ଦୁଃଖଭୋଗ ଓ ଯାତନା ପଛରେ ରହିଥିବା ପ୍ରେମର ରହସ୍ୟଟିକୁ ଓ ସମସ୍ତ ବେଦନାର ବୀଜ ଭିତରେ ରହିଥିବା ଦିବ୍ୟ-ସାମର୍ଥ୍ୟ ଓ ଆନନ୍ଦର ଫୁଲଟିକୁ ଦେଖି ପାରୁଥିବ । ଏହି ବିଶ୍ୱାସ ବା ଶ୍ରଦ୍ଧା, ଏହି **'କଲ୍ୟାଣ-ଶ୍ରଦ୍ଧା'**ହିଁ ଆବଶ୍ୟକ ଯାହା ଫଳରେ ଆମର ହୃଦୟ ତଥା ସମଗ୍ର ବ୍ୟକ୍ତ ଚୈତ୍ୟସତ୍ତା ସେହି ଗୋପନ ଦିବ୍ୟ-ଆନନ୍ଦର ଉତ୍ତର ଦେଇ ପାରିବ ଏବଂ ନିଜକୁ ସେହି ସତ୍ୟମୟ ମୂଳଭୂତ ଉପାଦାନରେ ରୂପାନ୍ତରିତ କରିଦେଇ ପାରିବ ।

ଏହି ବିଶ୍ୱାସ ଓ ସଂକଳ୍ପ ସଙ୍ଗରେ ପ୍ରେମ ପାଇଁ ଏକ ସୀମାହୀନ, ବ୍ୟାପକତମ ଓ ଗଭୀରତମ ସାମର୍ଥ୍ୟ ରହିବା ଆବଶ୍ୟକ ଏବଂ ସେହି ପ୍ରେମ ଦିଗରେ ଏହା ନିଜକୁ ସମ୍ପୂର୍ଣ୍ଣ ଖୋଲିଦେଇ ପାରୁଥିବା ଆବଶ୍ୟକ । କାରଣ ପ୍ରେମହିଁ ହେଉଛି ହୃଦୟର ପ୍ରଧାନ ବୃତ୍ତି ଏବଂ ତାହାର ଯଥାର୍ଥ କାର୍ଯ୍ୟ । ପୂର୍ଣ୍ଣ ମିଳନ ଓ ଏକତ୍ୱ ପାଇଁ ଏହି ହୃଦୟହିଁ ଆମର ପ୍ରଧାନ ଯନ୍ତ୍ରରୂପେ ନିୟତି-ନିର୍ଦ୍ଧାରିତ ହୋଇ ରହିଛି । କାରଣ କେବଳ ଆମର ବୁଦ୍ଧି ବା ବିଚାର ଦ୍ୱାରା ଜଗତର ଏକତ୍ୱକୁ ବୁଝିଗଲେ ତାହା ଯଥେଷ୍ଟ ହେବ ନାହିଁ, ତହିଁ ସଙ୍ଗରେ ସେହି ଏକତ୍ୱଟିକୁ ଆମର ହୃଦୟରେ ଓ ଚୈତ୍ୟସତ୍ତାରେ ମଧ୍ୟ ଅନୁଭବ କରିବାକୁ ହେବ । ଏହାର ଅର୍ଥ ହେଉଛି ସେହି ପରମ ଏକଙ୍କ ମଧ୍ୟରେ ତଥା ତାଙ୍କ ଭିତରେ ରହିଥିବା ସମଗ୍ର ବିଶ୍ୱ ଜଗତ୍ ମଧ୍ୟରେ ଆନନ୍ଦକୁ ଅନୁଭବ କରିବାକୁ ହେବ, ଭଗବାନଙ୍କ ପ୍ରତି ଏବଂ ସକଳ ସତ୍ତାଙ୍କ ପ୍ରତି ପ୍ରେମ ଅନୁଭବ କରିବାକୁ ହେବ । ସକଳ ବସ୍ତୁ ମଧ୍ୟରେ ସେହି ଏକ ଦିବ୍ୟ-ପରମ ଅନ୍ତର୍ବାସୀରୂପେ ବିରାଜିତ ରହିଛନ୍ତି ଓ ସମଗ୍ର ବିଶ୍ୱ ଜଗତକୁ ଚଳାଉଛନ୍ତି – ଏହି ପ୍ରତ୍ୟକ୍ଷଟିକୁ ଭିତ୍ତି କରିହିଁ ଶୁଭ ଓ ମଙ୍ଗଳ ଉପରେ ହୃଦୟର ବିଶ୍ୱାସ ଓ ସଂକଳ୍ପ ପ୍ରତିଷ୍ଠିତ । ସମଗ୍ର ଅସ୍ତିତ୍ୱ ମଧ୍ୟରେ ସେହି ଏକ ଭଗବାନ୍, ସେହି ଏକ ଆତ୍ମା ଯେ ବିରାଜମାନ – ହୃଦୟର ଏହି ଦୃଷ୍ଟି, ଚୈତ୍ୟ ଓ ଆବେଗର ଏହି ବୋଧ ଉପରେହିଁ ବିଶ୍ୱପ୍ରେମକୁ ପ୍ରତିଷ୍ଠିତ ହେବାକୁ ହେବ । ସେତେବେଳେ ଚାରୋଟି ଯାକ ଉପାଦାନ* ପରସ୍ପର ସହ ଐକ୍ୟବଦ୍ଧ ହେବେ ଏବଂ ଶୁଭ ଓ ମଙ୍ଗଳ ପାଇଁ ସଂଗ୍ରାମରେ ନିୟୋଜିତ ରୁଦ୍ରଶକ୍ତି ମଧ୍ୟ ଏହି ବିଶ୍ୱ ପ୍ରେମର ଏକ ଶକ୍ତିକୁ ନିଜର ଭିତ୍ତି ଓ ଆଧାର କରିବା ପାଇଁ ଆଗେଇ ଆସିବ । ଏହି **'ପ୍ରେମ-ସାମର୍ଥ୍ୟ'**ହିଁ ହେଉଛି ହୃଦୟର ସର୍ବୋଚ୍ଚ ଓ ସବୁଠାରୁ ଅଧିକ ବୈଶିଷ୍ଟ୍ୟସୂଚକ ପୂର୍ଣ୍ଣତା ।

(SABCL, Vol. 21, pp. 708-09) ❖

---

* ବୁଦ୍ଧି, ହୃଦୟ, ପ୍ରାଣିକ ମନ ଓ ଶରୀର

# ପୂର୍ଣ୍ଣାଙ୍ଗ ବିଶ୍ୱାସ

## ଶ୍ରୀମା

*ପ୍ରଶ୍ନ : କେବଳ ବିଶ୍ୱାସ କ'ଣ ସବୁକିଛି ସୃଷ୍ଟି କରିପାରେ, ସବୁ କିଛିକୁ ଜୟ କରିପାରେ ?*

**ଶ୍ରୀମା :** ହଁ, କିନ୍ତୁ ତାହା ପୂର୍ଣ୍ଣାଙ୍ଗ ବିଶ୍ୱାସ ହେବା ଆବଶ୍ୟକ, ଏବଂ ତାହା ଅଖଣ୍ଡ ହେବା ଆବଶ୍ୟକ । ଏବଂ ଏହି ବିଶ୍ୱାସ ଯେପରି ଏକ ଯଥାର୍ଥ ଧରଣର ବିଶ୍ୱାସ ହୁଏ, କେବଳ ମାନସିକ ଚିନ୍ତା ବା ଇଚ୍ଛାର ଏକ ଶକ୍ତି ନୁହେଁ, ତାହାଠାରୁ ଅଧିକତର ଓ ଗଭୀରତର କିଛି । ମନ ଯେଉଁ ସଂକଳ୍ପ ରଖିଥାଏ ତାହା ତା'ର ଏକ ବିରୁଦ୍ଧ ପ୍ରତିକ୍ରିୟା ଓ ପ୍ରତିରୋଧକୁ ସୃଷ୍ଟି କରେ ... । କେବଳ ମନର ବିଶ୍ୱାସ ଯଥେଷ୍ଟ ନୁହେଁ, ପ୍ରାଣର ଏକ ବିଶ୍ୱାସ, ଏପରିକି ଦେହର ଏକ ବିଶ୍ୱାସ ଦ୍ୱାରା ତାହାକୁ ସଂପୂର୍ଣ୍ଣ କରିବାକୁ ହେବ ଓ ଦୃଢ଼ ଭାବରେ ପ୍ରୟୋଗ କରିବାକୁ ହେବ । ତୁମେ ଯଦି ନିଜ ଭିତରେ, ତୁମର ସମଗ୍ର ସତ୍ତାରେ ଏହି ଧରଣର ଏକ ବିଶ୍ୱାସ ଗଢ଼ି ତୋଳିପାର, ତା' ହେଲେ କୌଣସି କିଛି ମଧ୍ୟ ତାହାର ପ୍ରତିରୋଧ କରିପାରିବ ନାହିଁ, କିନ୍ତୁ ତୁମକୁ ପୂରା ଅବଚେତନର ତଳକୁ ଯାଇ ପହଞ୍ଚିବାକୁ ହେବ ଏବଂ ପୂରା ଦେହକୋଷଗୁଡ଼ିକରେ ସେହି ବିଶ୍ୱାସକୁ ପ୍ରତିଷ୍ଠିତ କରିବାକୁ ହେବ ।

*

ଚୈତ୍ୟସତ୍ତାର ଜ୍ଞାନ ହେଉଛି ଏପରି ଏକ ଜିନିଷ, ଯାହା ନିର୍ଦ୍ଦିଷ୍ଟ ବାସ୍ତବ ଭାବେ ବୋଧଗମ୍ୟ, ଘନ ଓ ସୁ-ସଂହତ । ଏହି ଜ୍ଞାନକୁ ତୁମେ ତୁମର ମନ, ତୁମର ପ୍ରାଣ, ଏପରିକି ତୁମ ଦେହ ଭିତରକୁ ମଧ୍ୟ ଆଣିପାର; ଏବଂ ସେତେବେଳେ ତୁମେ ଏକ ପୂର୍ଣ୍ଣାଙ୍ଗ ବିଶ୍ୱାସ ଲାଭ କରିବ – ଯେଉଁ ବିଶ୍ୱାସ ପର୍ବତକୁ ମଧ୍ୟ ଟଳାଇ ଦେଇପାରେ । କିନ୍ତୁ ସତ୍ତାର କୌଣସି ଅଂଶ ଯେପରି ଆସି ନ କୁହେ ଯେ ''ଏହା ଏପରି ନୁହେଁ'' ଓ କୌଣସି ପ୍ରମାଣ ବା ପରୀକ୍ଷା ଚାହିଁ ନ ବସେ । ଯଦି ତୁମର ବିଶ୍ୱାସରେ ସାମାନ୍ୟତମ ଅଭାବ ରହିଯାଏ ତେବେ ତାହା ସବୁକିଛିକୁ ବିଡ଼ମ୍ବିତ କରିଦିଏ । ଯଦି ତୁମର ବିଶ୍ୱାସ ପୂର୍ଣ୍ଣାଙ୍ଗ ଓ ଅଟଳ ନ ହୁଏ ତେବେ ପରମପୁରୁଷ କିପରି ତୁମ ଆଗରେ ପ୍ରକାଶିତ ହେବେ ? ନିଜ ସ୍ୱରୂପରେ ବିଶ୍ୱାସ ସର୍ବଦାହିଁ ଅଟଳ – ତାହାହିଁ ତା'ର ସ୍ୱଭାବ, ତା ନ ହେଲେ ତାହା ଆଦୌ ବିଶ୍ୱାସ ନୁହେଁ । କିନ୍ତୁ ଏହା ମଧ୍ୟ ଘଟିପାରେ ଯେ ମନ, ପ୍ରାଣ ବା ଦେହ ଚୈତ୍ୟସତ୍ତାର ଗତିବୃତ୍ତିକୁ ଅନୁସରଣ କରିଚାଲନ୍ତି ନାହିଁ ।

### ଶିଶୁସୁଲଭ ନିର୍ଭରତା

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ହେଉଛି ପ୍ରାୟ ଏକ ଶିଶୁସୁଲଭ ନିର୍ଭରତା । ଶିଶୁଭଳି ଅକପଟ ବିଶ୍ୱାସ, ଯେ ନିଶ୍ଚିତ ରହିଥାଏ ଯେ ଜିନିଷଟି ନିଶ୍ଚୟ ଆସିବ, ଏପରିକି ସେ ନିଜେ ସେ ସଂପର୍କରେ କିଛି ନ ମାଗିଲେ ମଧ, ଯେତେବେଳେ ତା'ର କୌଣସି ଜିନିଷର ପ୍ରୟୋଜନ ହୁଏ, ସେ ନିଶ୍ଚିତ ରହିଥାଏ ଯେ ତାହା ଆସିଯିବ । ବାସ୍, ଏହାହିଁ, ଏଇ ଧରଣର ବିଶ୍ୱାସ – ବାସ୍ତବରେ ଏହାହିଁ ହେଉଛି ସବୁଠୁ ଗୁରୁତ୍ୱପୂର୍ଣ୍ଣ ସର୍ତ୍ତ ।

ଅଭୀପ୍ସା କରିବା ଅପରିହାର୍ଯ୍ୟ । କିନ୍ତୁ କେତେକ ଲୋକ ନିଜ ଭିତରେ ଏକ ଦ୍ୱନ୍ଦ୍ୱ ନେଇ ଅଭୀପ୍ସା କରନ୍ତି; ବିଶ୍ୱାସ ଓ ବିଶ୍ୱାସର ଅଭାବ ଭିତରେ, ନିର୍ଭରତା ଓ ସଂଶୟ ଭିତରେ, ବିଜୟ ସଂପର୍କରେ ନିଶ୍ଚିତତାର ଏକ ଆଶାବାଦ ଓ ''କେତେବେଳେ ବିପର୍ଯ୍ୟୟ ଆସିବ'' ନିଜକୁ ଏହିପରି ପଚାରୁଥିବା ଏକ ନୈରାଶ୍ୟବାଦ ଭିତରେ ଏହି ଦ୍ୱନ୍ଦ୍ୱ । ଯଦି ତୁମ ସତ୍ତା ଭିତରେ ଏଇଧରଣର ଏକ ଦ୍ୱନ୍ଦ୍ୱ ଥାଏ ତା' ହେଲେ ତୁମେ ଅଭୀପ୍ସା କରିପାର, କିନ୍ତୁ କିଛି ପାଇବ ନାହିଁ । ତୁମେ କୁହ ''ମୁଁ ଅଭୀପ୍ସା କଲି କିନ୍ତୁ କିଛି ପାଇଲି ନାହିଁ ।'' ଏହାର କାରଣ ହେଉଛି ଆସ୍ଥାର ଅଭାବ ହେତୁ ତୁମେ ବରାବର ତୁମର ଅଭୀପ୍ସାକୁ ବିନଷ୍ଟ କରିଦିଅ । କିନ୍ତୁ ତୁମର ଯଦି ଯଥାର୍ଥ ବିଶ୍ୱାସ ଥାଏ, ...ପିଲାମାନଙ୍କୁ ଯଦି ସେମାନଙ୍କ ନିଜ ପରି ରହିବାକୁ ଛାଡ଼ିଦିଆଯାଏ ଏବଂ ବୟସ୍କ ଲୋକମାନଙ୍କ ପ୍ରଭାବରେ ତହିଁରେ କୌଣସି ବିରୂପତା ନ ଆସେ, ତେବେ ଶିଶୁମାନଙ୍କ ଭିତରେ ଏହି ଧରଣର ଏକ ବିପୁଳ ବିଶ୍ୱାସ ଥାଏ ଯେ ସବୁକିଛି ଭଲ ହେବ । ଉଦାହରଣ ସ୍ୱରୂପ ସେମାନଙ୍କର ଯଦି ଗୋଟିଏ ଛୋଟକାଟର ଦୁର୍ଘଟଣା ଘଟେ, ସେମାନେ କେବେ ଭାବନ୍ତି

ନାହିଁ ଯେ ଏହା ଗୁରୁତର କିଛି ହେବାକୁ ଯାଉଛି; ସ୍ୱତଃସ୍ଫୂର୍ତ୍ତ ଭାବରେ ସେମାନଙ୍କର ଏକ ହୃଦ୍‌ବୋଧ ରହିଥାଏ ଯେ ଖୁବ୍ ଶୀଘ୍ର ଏହା ଠିକ୍ ହୋଇଯିବ ଏବଂ ଏହାହିଁ ଅତି ଶକ୍ତିଶାଳୀ ଭାବେ ଆରୋଗ୍ୟ ପାଇଁ କ୍ରିୟା କରେ ।

ବାସ୍, ଯଦି କେହି ଦିବ୍ୟଶକ୍ତି ପାଇଁ ଅଭୀପ୍ସା କରେ, ଯଦି ସାହାଯ୍ୟ ପାଇଁ ସେ ଭଗବାନଙ୍କୁ ଜଣାଏ, ଯଦି ଏକ ଅଟଳ ବିଶ୍ୱାସ ନେଇ ସେ ଏଥିପାଇଁ ପ୍ରାର୍ଥନା କରେ ଯେ ଏହା ନିଶ୍ଚୟ ମିଳିବ, ତା' ହେଲେ ଏହା ନ ମିଳିବା ଅସମ୍ଭବ, ସେତେବେଳେ ଏହା ଆସିବା ସୁନିଶ୍ଚିତ । ଏହି ଧରଣର ବିଶ୍ୱାସହିଁ ଆବଶ୍ୟକ, ...ହଁ, ଯଥାର୍ଥରେ ଏହା ଏକ ଆନ୍ତର-ଉନ୍ମୀଳନ । କେତେକ ଲୋକ ନିରନ୍ତର ଏହି ଅବସ୍ଥାରେ ରହିଥାଆନ୍ତି । ଯେତେବେଳେ କିଛି ପାଇବାର ଥାଏ ସେତେବେଳେ ସେମାନେ ତାହା ଗ୍ରହଣ କରିବା ପାଇଁ ସର୍ବଦା ସେଠାରେ ଉପସ୍ଥିତ ରହିଥାଆନ୍ତି । ଆଉ ଏପରି କେତେକ ଲୋକ ଅଛନ୍ତି ଯେତେବେଳେ ପାଇବା ଭଳି କିଛି ଆସେ, ଯେତେବେଳେ ଏକ ଶକ୍ତି ଅବତରଣ କରେ ସେତେବେଳେ ସେମାନେ ସେଠାରେ ବରାବର ଅନୁପସ୍ଥିତ ଥାଆନ୍ତି, ସେହି ମୁହୂର୍ତ୍ତଟିରେ ସେମାନେ ବରାବର ନିଜକୁ ନିବୁଜ ଓ ରୁଦ୍ଧ କରି ରଖିଥାଆନ୍ତି; କିନ୍ତୁ ଯେଉଁମାନଙ୍କର ଶିଶୁସୁଲଭ ନିର୍ଭରତା ରହିଥାଏ ସେମାନେ ଠିକ୍ ସମୟରେ ସେଠାରେ ସର୍ବଦା ଉପସ୍ଥିତ ରହି ଥାଆନ୍ତି ।

ଏବଂ ଏହା ବିସ୍ମୟକର, ନୁହେଁ କି ? ବାହାରକୁ କୌଣସି ପାର୍ଥକ୍ୟ ନାହିଁ । ସେମାନଙ୍କର ଠିକ୍ ସେହି ସମାନ ସଦିଚ୍ଛା ଥିବ, ସମାନ ଅଭୀପ୍ସା ଥିବ, ଭଲକାମ କରିବା ପାଇଁ ସମାନ ଇଚ୍ଛା ଥିବ, କିନ୍ତୁ ଯେଉଁମାନଙ୍କ ଭିତରେ ସେହି ସଦାପ୍ରସନ୍ନ ସ୍ମିତ ନିର୍ଭରତା ଥିବ ସେମାନେ ପ୍ରଶ୍ନ କରନ୍ତି ନାହିଁ, ନିଜକୁ ପଚାରନ୍ତି ନାହିଁ ଯେ ସେମାନେ ଏହା ପାଇବେ କି ନ ପାଇବେ, ଭଗବାନଙ୍କଠାରୁ ଉତ୍ତର ମିଳିବ କି ନାହିଁ – ଏହି ପ୍ରଶ୍ନହିଁ ଉଠେ ନାହିଁ, ଯେପରିକି ଆଗରୁ ତାହା ଜଣା ଅଛି "ମୋର ଯାହା ପ୍ରୟୋଜନ ତାହା ମୋତେ ମିଳିବ, ମୁଁ ଯଦି ପ୍ରାର୍ଥନା କରେ ତେବେ ନିଶ୍ଚୟ ତା'ର ଉତ୍ତର ମିଳିବ; ମୁଁ ଯଦି କୌଣସି ବାଧା ବିପଦରେ ପଡ଼େ ଓ ସାହାଯ୍ୟ ପ୍ରାର୍ଥନା କରେ ତେବେ ସାହାଯ୍ୟ ଆସିବ ହିଁ ଆସିବ – ଏବଂ ଖାଲି ଯେ ସାହାଯ୍ୟଟି ଆସିବ ସେତିକି ନୁହେଁ, କିନ୍ତୁ ତାହା ସବୁକିଛିକୁ ଠିକ୍ ସମ୍ଭାଳି ନେବ । ଯଦି ଏକ ଦୃଢ଼ ବିଶ୍ୱାସ ଓ ଭରସା ରହିଥାଏ, ଯଦି ତାହା ସ୍ୱତଃସ୍ଫୂର୍ତ୍ତ, ଅକପଟ ଓ ନିଃସଂଶୟ ହୋଇଥାଏ ତା'ହେଲେ ଅନ୍ୟ ସବୁକିଛିଠାରୁ ତାହା ସବୁଠୁ ଅଧିକ ଭାବରେ କାର୍ଯ୍ୟକାରୀ ହୁଏ ଓ ତା'ର ଫଳ ମଧ୍ୟ ହୁଏ ବିସ୍ମୟକର । ମନର ନାନା ଦ୍ୱନ୍ଦ୍ୱ ଓ ସନ୍ଦେହହିଁ ସବୁକିଛିକୁ ବିଗାଡ଼ି ନଷ୍ଟ କରିଦିଏ । ମଣିଷ ବାଧା ଅସୁବିଧାରେ ପଡ଼ିଥିଲା ବେଳେ ଏହି ଯେଉଁ ଧାରଣା ଆସେ ଯେ "ଓଃ, ଏହା ଅସମ୍ଭବ, ମୁଁ ଏହାକୁ କେବେ ବି ସମ୍ଭାଳି ପାରିବି ନାହିଁ, ଏବଂ ଯଦି ଏହାର ପ୍ରକୋପ ବୃଦ୍ଧି ପାଏ, ମୁଁ ନ ଚାହୁଁଥିବା ବର୍ତ୍ତମାନ ଏହି ଯେଉଁ ଅବସ୍ଥାରେ ରହିଛି, ଏହା ଆହୁରି ଖରାପ ହେବାକୁ ଯାଉଛି, ମୁଁ ଯଦି ଆହୁରି ତଳକୁ ତଳକୁ ପଡ଼ିଯାଏ, ଯଦି, ଯଦି, ଯଦି –" ଏଇ ଧରଣର ଏକ ଅବସ୍ଥାରେ ରହିଲେ ତୁମେ ଓ ତୁମେ ଯେଉଁ ଶକ୍ତି ପାଇବାକୁ ଚାହୁଁଛ ଏ ଦୁଇଟି ଭିତରେ ତୁମେ ଏକ ପାଚେରି ଛିଡ଼ା କରାଅ, ଚୈତ୍ୟସତ୍ତାର ଏହି ବିଶ୍ୱାସ ରହିଛି, ଅତି ଅପୂର୍ବଭାବେ ରହିଛି ଯେଉଁଠି କୌଣସି ଛାୟା ନାହିଁ, କୌଣସି ଯୁକ୍ତିତର୍କ ନାହିଁ, କୌଣସି ଦ୍ୱନ୍ଦ୍ୱ ବିରୋଧ ନାହିଁ । ଏବଂ ଯେତେବେଳେ ଅବସ୍ଥାଟି ଏହିପରି ହୋଇଥାଏ, ସେତେବେଳେ ଏପରି କୌଣସି ପ୍ରାର୍ଥନା ନାହିଁ ଯାହାର କୌଣସି ଉତ୍ତର ମିଳିବ ନାହିଁ; ଏପରି କୌଣସି ଅଭୀପ୍ସା ନାହିଁ ଯାହା ପୂରଣ ହେବ ନାହିଁ । ✤

ପ୍ରତ୍ୟେକ ମୁହୂର୍ତ୍ତରେ ଆମ ଆଗରେ ରହିଛି ଯେତେସବୁ ଅଦୃଷ୍ଟପୂର୍ବ, ଅପ୍ରତ୍ୟାଶିତ ଓ ଅଜ୍ଞାତ – ଏବଂ ଆମ ପାଇଁ କ'ଣ ଘଟିବ ତାହା ନିର୍ଭର କରେ ମୁଖ୍ୟତଃ ଆମ ବିଶ୍ୱାସର ଗଭୀରତା ଓ ଶୁଦ୍ଧତା ଉପରେ ।

– ଶ୍ରୀମା

# ବିଶ୍ୱାସହିଁ ପ୍ରଧାନ କଥା

## ଶ୍ରୀଅରବିନ୍ଦ

... ଏବଂ ତଥାପି ଆରମ୍ଭରୁ ଶେଷଯାଏ, ପ୍ରତ୍ୟେକଟି ପଦକ୍ଷେପରେ ବିଶ୍ୱାସର ଆବଶ୍ୟକତା ରହିଛି, କାରଣ ଏହା ହେଉଛି ଆତ୍ମାର ଏକ ଆବଶ୍ୟକ ସମ୍ମତି ଏବଂ ଏହି ସମ୍ମତି ବିନା କୌଣସି ଅଗ୍ରଗତି ସମ୍ଭବ ହେବ ନାହିଁ । ପ୍ରଥମେ ଯୋଗର ମୂଳ ସତ୍ୟ ଓ ତତ୍ତ୍ୱଗୁଡ଼ିକ ସଂପର୍କରେ ଆମର ଅଟଳ ବିଶ୍ୱାସ ରହିବା ଆବଶ୍ୟକ ଏବଂ ଏହି ବିଶ୍ୱାସ ବୁଦ୍ଧିର କ୍ଷେତ୍ରରେ ଆଚ୍ଛାଦିତ ହୋଇ ରହିଲେ ମଧ୍ୟ, ହୃଦୟର କ୍ଷେତ୍ରରେ ହତାଶାଗ୍ରସ୍ତ ହୋଇ ରହିଲେ ମଧ୍ୟ, ପ୍ରାଣିକ ମନର ବାସନା କ୍ଷେତ୍ରରେ ନିରନ୍ତର ଅସ୍ୱୀକାର ଓ ବ୍ୟର୍ଥତା ଦ୍ୱାରା ପରିଶ୍ରାନ୍ତ ଓ କ୍ଳାନ୍ତ ହୋଇ ରହିଲେ ମଧ୍ୟ, ଅନ୍ତରତମ ଆତ୍ମାରେ ଏପରି କିଛି ଜିନିଷ ରହିବା ଆବଶ୍ୟକ ଯାହା ଏହି ବିଶ୍ୱାସକୁ ଜାବୁଡ଼ି ଧରିଥିବ ଓ ବାରଂବାର ତାହା ଭିତରକୁ ଲେଉଟି ଆସୁଥିବ । ତା' ନ ହେଲେ ହୁଏତ ପଥ ମଧ୍ୟରେ ଆମର ପତନ ହୋଇପାରେ ବା ସାମୟିକ ପରାଜୟ, ନୈରାଶ୍ୟ, ବାଧାବିଘ୍ନ ଓ ସଂକଟକୁ ସହ୍ୟ କରିବା ଲାଗି ବା ଆମର ଦୁର୍ବଳତା ଓ ଅକ୍ଷମତା ଯୋଗୁଁ ଆମେ ହୁଏତ ଏହି ପଥକୁ ପୂରା ଛାଡ଼ି ଦେଇପାରୁ । ଜୀବନରେ ଯେପରି, ଯୋଗରେ ମଧ୍ୟ ସେହିପରି, ସମସ୍ତ ପରାଜୟ, ମୋହଭଙ୍ଗର ସମ୍ମୁଖୀନ ହେବା ସତ୍ତ୍ୱେ, ମୁହାଁମୁହିଁ ହୋଇ ବିରୋଧ କରୁଥିବା ଓ ବିପରୀତାଚରଣ କରୁଥିବା ନାନା ଘଟଣା ଓ ଶକ୍ତିଗୁଡ଼ିକର ପ୍ରତିରୋଧ ସତ୍ତ୍ୱେ ଯେଉଁ ବ୍ୟକ୍ତି ସମସ୍ତ ଶ୍ରାନ୍ତି-କ୍ଳାନ୍ତି ଭୁଲି ଶେଷ ପର୍ଯ୍ୟନ୍ତ ନିଜ ଲକ୍ଷ୍ୟରେ ଲାଗି ରହିଥାଏ ଅବଶେଷରେ ତାହାରହିଁ ବିଜୟ ହୁଏ ଓ ସେ ଦେଖେ ତା'ର ବିଶ୍ୱାସ ସାର୍ଥକ ହୋଇଛି । କାରଣ ମନୁଷ୍ୟ ଭିତରେ ରହିଥିବା ଆତ୍ମା ଓ ଦିବ୍ୟଶକ୍ତି ପାଇଁ କିଛି ମଧ୍ୟ ଅସମ୍ଭବ ନୁହେଁ । ଏବଂ ଏପରିକି ସଂଶୟଗ୍ରସ୍ତ, ବିଶ୍ୱାସହୀନ ସେହି ସନ୍ଦେହ ଯାହା ଆମର ଆଧ୍ୟାତ୍ମିକ ସମ୍ଭାବନାଗୁଡ଼ିକ ପ୍ରତି ପିଠି ବୁଲାଇ ପଛ କରି ଚାଲିଥାଏ କିଂବା ଛିଦ୍ରାନ୍ୱେଷୀ, ସଂକୀର୍ଣ୍ଣ, କ୍ଷୁଦ୍ର ସମାଲୋଚନାରେ ନିରନ୍ତର ବ୍ୟାପୃତ, ସୃଜନହୀନ ବୁଦ୍ଧି ବା ଅସୂୟା, ଯାହା ଏକ ପକ୍ଷାଘାତକାରୀ ଅନିଶ୍ଚିତତା ତାହା ନେଇ ଆମର ସମସ୍ତ ଉଦ୍ୟମ ପଛରେ ଲାଗିଥାଏ, ଏହା ଅପେକ୍ଷା ଏପରିକି ଅନ୍ଧ, ଅଜ୍ଞାନମୟ ବିଶ୍ୱାସ ବରଂ ଆମର ଅଧିକ ଶ୍ରେୟସ୍କର ଏକ ସଂପଦ ।

ଅବଶ୍ୟ ପୂର୍ଣ୍ଣଯୋଗର ସାଧକକୁ ଏହି ଦୁଇଟିଯାକ ଅପୂର୍ଣ୍ଣତା ଉପରେ ବିଜୟ ହାସଲ କରିବାକୁ ହେବ । ଯେଉଁ ବସ୍ତୁଟି ପାଇଁ ସେ ନିଜର ସମ୍ମତି ଦେଇ ସାରିଛି ଏବଂ ଯାହାକୁ ପାଇବା ପାଇଁ ସେ ନିଜର ମନ, ହୃଦୟ ଓ ସଂକଳ୍ପକୁ ନିୟୋଜିତ କରିଛି, ସମଗ୍ର ମାନବ ସତ୍ତାର ସେହି ଦିବ୍ୟ-ପୂର୍ଣ୍ଣତା ସାଧାରଣ ବୁଦ୍ଧି ଲାଗି ପ୍ରାୟ ଏକ ଅସମ୍ଭବ ବସ୍ତୁ ବୋଲି ପ୍ରତୀତ ହୋଇଥାଏ; କାରଣ ଏହା ଜୀବନର ବାସ୍ତବ ସତ୍ୟସବୁର ବିରୋଧ କରୁଥାଏ ଏବଂ ଆଶୁ ଅନୁଭୂତିଗୁଡ଼ିକ ଦୀର୍ଘ କାଳ ଧରି ଏହାର ସତ୍ୟକୁ ଖଣ୍ଡନହିଁ କରୁଥାଏ । ସମସ୍ତ ସୁ-ଦୂରସ୍ଥ, ଦୁଃସାଧ୍ୟ ଲକ୍ଷ୍ୟଗୁଡ଼ିକ କ୍ଷେତ୍ରରେ ଯାହା ଘଟେ, ଏ କ୍ଷେତ୍ରରେ ମଧ୍ୟ ତାହାହିଁ ଘଟିଥାଏ ।

ଯେଉଁମାନଙ୍କର ଆଧ୍ୟାତ୍ମିକ ଅନୁଭୂତି ରହିଥାଏ ଅଥଚ ବିଶ୍ୱାସ କରୁଥାଆନ୍ତି ଯେ ଆମର ବର୍ତ୍ତମାନର ପ୍ରକୃତି ହେଉଛି ଶରୀରଧାରୀ ମନୁଷ୍ୟର ଏକମାତ୍ର ସମ୍ଭାବ୍ୟ ପ୍ରକୃତି, ସେମାନେ ମଧ୍ୟ ଏହାକୁ ଅସ୍ୱୀକାର କରନ୍ତି । ସେମାନଙ୍କ ବିଚାରରେ ଏହି ପାର୍ଥିବ ଜୀବନକୁ, ଏପରିକି ସମସ୍ତ ବ୍ୟକ୍ତି-ଅସ୍ତିତ୍ୱକୁ ପୂରା ବର୍ଜନ କରି ଦେଇ ପାରିଲେହିଁ ଆମେ ଏକ ସ୍ୱର୍ଗୀୟ ପୂର୍ଣ୍ଣତା ଲାଭ କରି ପାରିବା ବା ଏକ ନିର୍ବାଣର ମୁକ୍ତିରେ ପହଞ୍ଚିଯାଇ ପାରିବା । ଏହି ଧରଣର ଏକ ଲକ୍ଷ୍ୟର ଅନୁସରଣ କରି ଚାଲିଲେ ଦୀର୍ଘକାଳ ଧରି ନାନା ଆପତ୍ତି ଅଭିଯୋଗ ପାଇଁ ସ୍ଥାନ ରହିଥିବ, ନାନା ଛିଦ୍ରାନ୍ୱେଷ ଓ ଅବିରାମ ସମାଲୋଚନା-ମୂଳକ ଯୁକ୍ତିବୁଦ୍ଧି ବା ଅସୂୟାର ଭାବ ପାଇଁ ବାଟ ରହିଥିବ, ଯାହା କେବଳ କେତେଗୁଡ଼ିଏ ନିର୍ଦ୍ଧାରିତ ତଥ୍ୟ ଓ ଅନୁଭୂତିକୁ ଆଶ୍ରୟ କରି ସେହି ମୁହୂର୍ତ୍ତର ବାହ୍ୟରୂପ ଓ ଆପାତ ଯୁକ୍ତିଯୁକ୍ତତାକୁ ନିଜର ଭିତ୍ତି ରୂପେ ଗ୍ରହଣ କରିଥାଏ । ଏହା ସେଗୁଡ଼ିକୁ ଅତିକ୍ରମ କରିଯିବା ପାଇଁ ଅସ୍ୱୀକାର କରେ ଏବଂ ଆଗକୁ ଯିବା ପାଇଁ ଯେଉଁସବୁ ସଂକେତ ଓ ଆଲୋକ ମିଳେ ସେଗୁଡ଼ିକ ଯଥାର୍ଥ ସଂପର୍କରେ ନାନା ପ୍ରଶ୍ନ ଉଠାଉଥାଏ । ଯଦି ଏହି ସଂକୀର୍ଣ୍ଣ ପ୍ରବର୍ତ୍ତନାଗୁଡ଼ିକ ଆଗରେ ନିଜର ମୁଣ୍ଡ ନୁଆଁଇ ଦେଇ ଏଗୁଡ଼ିକୁ ଗ୍ରହଣ କରିଯାଏ, ତେବେ ସେ ଯେଉଁ ଲକ୍ଷ୍ୟ ନେଇ ଯାତ୍ରାରମ୍ଭ କରିଥିଲା ସେହି ଲକ୍ଷ୍ୟରେ ପହଞ୍ଚି ପାରିବ

ନାହିଁ କିଂବା ତାହାର ଯାତ୍ରା ସଂଘାତିକ ଭାବରେ ବ୍ୟାହତ, ବାଧାପ୍ରାପ୍ତ ଓ ମନ୍ଥର, ବିଳମ୍ବିତ ହେବ । ଅନ୍ୟ ପକ୍ଷରେ ଯଦି ବିଶ୍ୱାସରେ କୌଣସି ଅଜ୍ଞାନତା ଓ ଅନ୍ଧତା ରୁହେ, ତେବେ ତାହା ମଧ୍ୟ ଏକ ବୃହତ୍ତର ସିଦ୍ଧି ଲାଭ ଦିଗରେ ପ୍ରତିବନ୍ଧକ ହୋଇଥାଏ; ତାହା ବହୁପ୍ରକାର ହତାଶା ଓ ମୋହଭଙ୍ଗକୁ ଆମନ୍ତ୍ରଣ କରି ଆଣେ, ଭ୍ରାନ୍ତ ଅନୁଭୂତିସବୁକୁ ଚୂଡ଼ାନ୍ତ ସତ୍ୟ ବୋଲି ଗ୍ରହଣ କରି ନିଜକୁ ତହିଁରେ ବାନ୍ଧି ରଖେ ଏବଂ ସତ୍ୟ ଓ ପୂର୍ଣ୍ଣତାର ମହତ୍ତର ଉପଲବ୍ଧି ଦିଗରେ ଅଗ୍ରସର ହେବା ପାଇଁ ଆମକୁ ବାଧା ଦିଏ । ଦିବ୍ୟଶକ୍ତି ନିଜର କ୍ରିୟାରେ ଅଜ୍ଞାନ ଓ ଅନ୍ଧତାର ସମସ୍ତ ରୂପକୁ ଏବଂ ସେହି ଶକ୍ତି ଉପରେ ଅନ୍ଧ ବିଶ୍ୱାସ ନେଇ ଭୁଲ୍ ଭାବରେ ବିଶ୍ୱାସ କରୁଥିବା ସବୁ କିଛିକୁ ନିର୍ମମ ଭାବରେ ଆଘାତ କରେ । ଆମକୁ ବିଶ୍ୱାସର ବାହ୍ୟ-ରୂପଗୁଡ଼ିକ ପ୍ରତି ଅତିଶୟ ଆସକ୍ତିର ଭାବକୁ ପରିତ୍ୟାଗ କରିବା ପାଇଁ ପ୍ରସ୍ତୁତ ହେବାକୁ ହେବ ଏବଂ ପରିତ୍ରାଣକାରୀ କେବଳ ସତ୍ୟ ଓ ବାସ୍ତବତାକୁହିଁ ଜାବୁଡ଼ି ଧରି ରହିବାକୁ ହେବ । ପୂର୍ଣ୍ଣଯୋଗ ପାଇଁ ଯେଉଁ ବିଶ୍ୱାସ ଆବଶ୍ୟକ, ତାହାର ସ୍ୱରୂପ ହେଉଛି ଏକ ମହତ୍ତର ଓ ବ୍ୟାପକତର ଆଧ୍ୟାତ୍ମିକ ତଥା ସେହି ବୁଦ୍ଧି-ସମନ୍ୱିତ ବିଶ୍ୱାସ, ଯେଉଁ ବୁଦ୍ଧି ଆସିଥାଏ ଏକ ବୃହତ୍ତର ବିବେକ ବୁଦ୍ଧିରୁ ଯାହା ଆମର ସମସ୍ତ ସମୁଚ୍ଚ ସମ୍ଭାବନାଗୁଡ଼ିକର ଦ୍ୱାର ଖୋଲି ଦେବା ପାଇଁ ନିଜର ସମ୍ମତି ଦେଇଥାଏ ।

(SABCL, Vol. 21, pp. 745-46) ❖

## ଅନ୍ଧବିଶ୍ୱାସ

''ଅନ୍ଧବିଶ୍ୱାସ'' ଶବ୍ଦର ପ୍ରକୃତ ଅର୍ଥ କିଛି ନାହିଁ । ମୁଁ ଭାବୁଛି ସେମାନେ ବୋଧହୁଏ ବିନା ପ୍ରମାଣରେ କୌଣସି କିଛି ବିଶ୍ୱାସ କରିବେ ନାହିଁ, ସେପରି କିଛି ବୁଝାଉଛନ୍ତି – କିନ୍ତୁ ପ୍ରମାଣ ପରେ ଯେଉଁ ସିଦ୍ଧାନ୍ତ ଆସେ ତାକୁ ତ 'ବିଶ୍ୱାସ' ବୋଲି କୁହାଯାଇ ପାରିବ ନାହିଁ । ତାହାକୁ ଜ୍ଞାନ ବା ମାନସିକ ମତ ବୋଲି କୁହାଯାଇପାରେ । ପ୍ରକୃତ ବିଶ୍ୱାସ ଥାଏ ପ୍ରମାଣ ବା ଜ୍ଞାନ ହେବା ପୂର୍ବରୁ ଏବଂ ତାହା ସାହାଯ୍ୟରେହିଁ ତୁମେ ଜ୍ଞାନ ବା ଅଭିଜ୍ଞତା ଲାଭ କରିପାର । ଭଗବାନ୍ ଯେ ଅଛନ୍ତି ତାହାର ପ୍ରମାଣ କିଛି ନାହିଁ; କିନ୍ତୁ ମୋର ଯଦି ଭଗବାନଙ୍କ ଉପରେ ବିଶ୍ୱାସ ଥାଏ, ତେବେ ଦିନେ ନା ଦିନେ ମୁଁ ଭଗବତ୍ ଅନୁଭୂତି ଲାଭ କରିପାରିବି ।

ବିଶ୍ୱାସ ହେଉଛି ଚାରି ପ୍ରକାରର – ମାନସିକ ସ୍ତରର ବିଶ୍ୱାସ ମଣିଷର ସନ୍ଦେହ ମୋଚନ କରେ ଏବଂ ପ୍ରକୃତ ଜ୍ଞାନ ପ୍ରତି ଉନ୍ମୀଳିତ ହେବାକୁ ସାହାଯ୍ୟ କରେ । ପ୍ରାଣିକ ସ୍ତରର ବିଶ୍ୱାସ ବିରୋଧୀ ଶକ୍ତିରାଜିଙ୍କର ଆକ୍ରମଣକୁ ଦୂରେଇ ରଖେ ବା ପ୍ରତିହତ କରେ; ଏବଂ ଯଥାର୍ଥ ଆଧ୍ୟାତ୍ମିକ ସଂକଳ୍ପଶକ୍ତି ଓ କ୍ରିୟା ପ୍ରତି ଉନ୍ମୀଳିତ ହେବାକୁ ସାହାଯ୍ୟ କରେ । ଶରୀର ସ୍ତରର ବିଶ୍ୱାସ ସମସ୍ତ ପ୍ରକାରର ଶାରୀରିକ ବା ସ୍ଥୂଳ ଅଜ୍ଞାନତା, ତାମସିକତା ଓ କଷ୍ଟଯନ୍ତ୍ରଣା ମଧ୍ୟରେ ମଣିଷକୁ ଦୃଢ଼ କରି ଧରିରଖେ ଏବଂ ଯଥାର୍ଥ ଚେତନାର ଭିତ୍ତି ପ୍ରତି ଉନ୍ମୀଳିତ ରଖିବା ପାଇଁ ସାହାଯ୍ୟ କରେ; ଚୈତ୍ୟ ବିଶ୍ୱାସ ଭଗବାନଙ୍କର ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିବା ପାଇଁ ଚେତନାକୁ ଉନ୍ମୀଳିତ କରେ ଏବଂ ତାଙ୍କ ସହିତ ଏକତ୍ୱ ପ୍ରାପ୍ତି କରିବାରେ ଓ ତାଙ୍କ ନିକଟରେ ଆତ୍ମସମର୍ପଣ କରିବାରେ ସାହାଯ୍ୟ କରେ ।

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା, ୧୨୨-୧୨୩) – ଶ୍ରୀଅରବିନ୍ଦ

# ବିଶ୍ୱାସର ଦୃଢ଼ତା ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା

ଶ୍ରୀମା

ନିଃସନ୍ଦେହ ଭାବରେ ବିଶ୍ୱାସ ହେଉଛି ଭଗବତ୍ କୃପା ଆମକୁ ଦେଇଥିବା ଏକ ଅବଦାନ । ଯେପରିକି ଏକ ଚିରନ୍ତନ ସତ୍ୟ ପ୍ରତି ହଠାତ୍ ଆମର ଦରଜା ଖୋଲିଗଲା, ଯାହା ଭିତର ଦେଇ ଆମେ ତାହାକୁ ଦେଖି ପାରିବୁ ଓ ତାକୁ ପ୍ରାୟ ଛୁଇଁ ପାରିବୁ ।

ମନୁଷ୍ୟର ଉତ୍ତରଣ କ୍ଷେତ୍ରରେ, ଅନ୍ୟସବୁ ଜିନିଷ ପରି, ବ୍ୟକ୍ତିଗତ ପ୍ରଚେଷ୍ଟାର ପ୍ରୟୋଜନ ଅଛି – ବିଶେଷ କରି ପ୍ରାରମ୍ଭିକ ଅବସ୍ଥାରେ । ଏହା ସମ୍ଭବ ହୁଏ କେତେକ ଅସାଧାରଣ ପରିସ୍ଥିତିରେ, ଏପରି କୌଣସି କାରଣରୁ ଯାହାକି ବୁଦ୍ଧିର ସଂପୂର୍ଣ୍ଣ ଅଗମ୍ୟ, ବିଶ୍ୱାସ ଆସିପାରେ ପ୍ରାୟ ଆକସ୍ମିକ ଭାବରେ, ପୂରା ଅପ୍ରତ୍ୟାଶିତ ଭାବରେ, ସେଥିପାଇଁ କେବେ କୌଣସି ଅଭୀପ୍ସା ନ କରି; କିନ୍ତୁ ଅଧିକାଂଶ କ୍ଷେତ୍ରରେ ପ୍ରାୟଶଃ ଏହା ଆସିଥାଏ ଏକ ଆକାଂକ୍ଷାର, ଏକ ପ୍ରୟୋଜନର, ଏକ ଆସ୍ପୃହାର ଉତ୍ତର ସ୍ୱରୂପ । ସତ୍ତାର ଭିତରେ ଏପରି କିଛି ରହିଥାଏ ଯାହାର ଏଥିପାଇଁ ଅନ୍ୱେଷଣ ରହିଛି, ଆକୂତି ରହିଛି; ଯଦିଓ ଖୁବ୍ ସଚେତନ ବା ସୁସଂବଦ୍ଧ ଭାବରେ ନୁହେଁ । କିନ୍ତୁ ଯାହା ବି ହେଉ, ଯେତେବେଳେ ବିଶ୍ୱାସ ଲାଭ ହୋଇଛି, ଯେତେବେଳେ ହଠାତ୍ ଏହି ଆନ୍ତର ଦୀପ୍ତି ଓ ଉଦ୍‌ଭାସର ଅନୁଭୂତି ମିଳିଛି, ସେତେବେଳେ ତାହାକୁ ସକ୍ରିୟ ଚେତନାରେ ସୁରକ୍ଷିତ ଭାବେ ନିରନ୍ତର ଧରି ରଖିବା ପାଇଁ ବ୍ୟକ୍ତିଗତ ପ୍ରଚେଷ୍ଟା ଏକାନ୍ତ ଅପରିହାର୍ଯ୍ୟ । ନିଜର ବିଶ୍ୱାସକୁ ଆମକୁ ଜାବୁଡ଼ି ଧରି ରଖିବାକୁ ହେବ, ସେଥିପାଇଁ ସଂକଳ୍ପ କରିବାକୁ ହେବ, ତାହା ଖୋଜିବାକୁ ହେବ, ତାହାକୁ ଲାଳନ କରିବାକୁ ହେବ, ସୁରକ୍ଷିତ କରିବାକୁ ହେବ ।

ମନୁଷ୍ୟର ମନରେ ସନ୍ଦେହ, ଯୁକ୍ତିତର୍କ, ଅବିଶ୍ୱାସର ଏକ ପ୍ରକାର ରୁଗ୍ଣ, ନିନ୍ଦନୀୟ ଅଭ୍ୟାସ ରହିଛି । ଏହିଠାରେହିଁ ମନୁଷ୍ୟର ବ୍ୟକ୍ତିଗତ ପ୍ରଚେଷ୍ଟା ଆବଶ୍ୟକ; ଯାହାଫଳରେ ଏଗୁଡ଼ିକର ପ୍ରବେଶ ପାଇଁ ବାଟ ଛାଡ଼ି ଦିଆଯିବ ନାହିଁ, ଏଗୁଡ଼ିକର କଥା ଶୁଣିବା ପାଇଁ ଅସ୍ୱୀକାର କରାଯିବ ଏବଂ ସବୁଠୁ ବଡ଼ ଜିନିଷ ହେଉଛି ଏଗୁଡ଼ିକର କଥା ନ ମାନିବା । ମାନସିକ ଭାବରେ ଏହି ସଂଶୟ ଓ ଅବିଶ୍ୱାସକୁ ନେଇ ଖେଳ ଖେଳିବାଠାରୁ ଆଉ ଅଧିକ ବିପଜ୍ଜନକ କିଛି ନାହିଁ । ଏଗୁଡ଼ିକ କେବଳ ଶତ୍ରୁ ନୁହନ୍ତି, ଏଗୁଡ଼ିକ ହେଉଛନ୍ତି ଭୟଙ୍କର ଖାତ ଏବଂ ଥରେ ଏହି ଖାତରେ ପଡ଼ିଗଲେ, ତହିଁରୁ ନିଜକୁ କାଢ଼ି ବାହାର କରି ଆଣିବା ଅତ୍ୟନ୍ତ କଷ୍ଟସାଧ ।

କେତେକ ଲୋକ ଭାବନ୍ତି ଯେ ନାନା ଧାରଣା ଓ ବିଚାରକୁ ନେଇ ଖେଳ ଖେଳିବା, ସେଗୁଡ଼ିକୁ ନେଇ ନାନା ତର୍କ, ଆଲୋଚନା କରିବା, ନିଜର ବିଶ୍ୱାସକୁ ବିରୋଧ କରିବା ହେଉଛି ମାନସିକ ଉତ୍କର୍ଷର ଏକ ପରିଚୟ । ସେମାନେ ଭାବନ୍ତି ଯେ ଏହି ସବୁର ଫଳରେ ସେମାନେ ଖୁବ୍ ମର୍ଯ୍ୟାଦାପୂର୍ଣ୍ଣ ଏକ ମନୋଭାବର ଅଧିକାରୀ; ଏବଂ ଏହି ଭାବରେ ସେମାନେ ସମସ୍ତ ଅନ୍ଧବିଶ୍ୱାସ, କୁସଂସ୍କାର ଓ ଅଜ୍ଞାନତାର ଉପରକୁ ଉଠିଯାଇଛନ୍ତି; କିନ୍ତୁ ତୁମେ ଯଦି ସନ୍ଦେହ ଓ ଅବିଶ୍ୱାସର ପରାମର୍ଶ ଶୁଣ ତା'ହେଲେ ତୁମେ ସବୁଠୁ ସ୍ଥୂଳ ଅଜ୍ଞାନତାର ଖାତରେ ପଡ଼ି ଯାଇଛ ବୋଲି ଓ ଠିକ୍ ବାଟରୁ ତୁମର ପଥଚ୍ୟୁତି ଘଟିଛି ବୋଲି ବୁଝିବାକୁ ହେବ । ତୁମେ ବିଭ୍ରାନ୍ତି, ପ୍ରମାଦ ଓ ପରସ୍ପର ବିରୋଧୀ ମତବାଦର ଏକ ଗୋଲକଧନ୍ଦାରେ ପଡ଼ିଯାଇଛ ... ଏବଂ ତା' ଭିତରୁ ଯେ ବାହାରି ଆସିବା ପାଇଁ ସକ୍ଷମ ହେବ, ଏ ସଂପର୍କରେ ତୁମେ ସର୍ବଦା ନିଶ୍ଚିତ ହୋଇ ପାରିବ ନାହିଁ । ଆନ୍ତର ସତ୍ୟରୁ ତୁମେ ଏତେ ଦୂରକୁ ଚାଲିଯାଇ ଥାଅ ଯେ ତାହା ଆଉ ତୁମ ଦୃଷ୍ଟିଗୋଚର ହୁଏ ନାହିଁ ଏବଂ ସମୟ ସମୟରେ ତୁମର ଆତ୍ମା ସହିତ ତୁମର ସଂଯୋଗର ସମସ୍ତ ସମ୍ଭାବନାକୁ ହରାଇ ବସ ।

ନିଜର ବିଶ୍ୱାସକୁ ସୁରକ୍ଷିତ କରି ବଜାୟ ରଖିବା ପାଇଁ ଓ ନିଜ ଭିତରେ ତାହାର ବୃଦ୍ଧିଲାଭ ପାଇଁ ନିଶ୍ଚିତରୂପେ ବ୍ୟକ୍ତିଗତ ପ୍ରଚେଷ୍ଟା ଆବଶ୍ୟକ । ପରେ – ଅନେକ ପରେ – ପଛକୁ ଅନାଇ ଆମେ ଦେଖି ପାରିବୁ ଯେ ଯାହା କିଛି ଘଟିଛି, ଏପରିକି ଯାହା ଆମକୁ ସବୁଠୁ ମନ୍ଦ ବୋଲି ମନେ ହୋଇଥିଲା, ତାହା ଥିଲା ଯାତ୍ରାପଥରେ ଆମକୁ ଆଗେଇ ନେବା ପାଇଁ ଏକ ଭଗବତ୍ କୃପା । ଏବଂ ସେତେବେଳେ ଆମେ ସଚେତ ହୋଇ ଉଠୁ ଯେ ଆମର ବ୍ୟକ୍ତିଗତ ପ୍ରଚେଷ୍ଟା ମଧ୍ୟ ଏକ ଭଗବତ୍ କୃପା । କିନ୍ତୁ ସେହି ଅବସ୍ଥାରେ ପହଞ୍ଚିବା ପୂର୍ବରୁ ଆମକୁ ଅନେକ

ଅଗ୍ରଗତି କରିବାକୁ ହେବ, ଅନେକ ସଂଗ୍ରାମ କରିବାକୁ ହେବ, ଏପରିକି କେତେକ ସମୟରେ ଆମକୁ ଅନେକ ଦୁଃଖ-ଯାତନା ମଧ୍ୟ ଭୋଗ କରିବାକୁ ହେବ ।

ନିଷ୍କ୍ରିୟ ଜଡ଼ତା ଭିତରେ ବସି ରହି ଯଦି ତୁମେ କୁହ, ''ଯଦି ମୋର ବିଶ୍ୱାସ ପାଇବାର ଥାଏ, ତେବେ ତାହା ମୁଁ ପାଇବି, ଭଗବାନହିଁ ଆସି ତାହା ମୋତେ ଦେଇଦେବେ'', ତେବେ ତାହା ହେବ ପୂରାପୂରି ଏକ ଆଳସ୍ୟର ମନୋଭାବ, ଅଚେତନତାର ଓ ପ୍ରାୟ ଏକ ଅସଦିଚ୍ଛାର ମନୋଭାବ ।

ଅନ୍ତରର ଶିଖାକୁ ପ୍ରଜ୍ୱଳିତ କରି ରଖିବାକୁ ହେଲେ, ତାହାକୁ ଇନ୍ଧନ ଯୋଗାଇବା ଦରକାର, ସେହି ଅଗ୍ନି ଉପରେ ଦୃଷ୍ଟି ରଖିବାକୁ ହେବ; ଯେଉଁସବୁ ଭୁଲ୍-ଭ୍ରାନ୍ତିକୁ ଦୂର କରିଦେବାକୁ ଚାହଁ, ଯାହାକିଛି ତୁମର ଅଗ୍ରଗତିକୁ ବ୍ୟାହତ ଓ ମନ୍ଥର କରେ, ଯାହାକିଛି ତୁମର ପଥକୁ ଅନ୍ଧକାରାଚ୍ଛନ୍ନ କରେ, ସେ ସମସ୍ତକୁ ଇନ୍ଧନରୂପେ ଏହି ଅଗ୍ନି ଭିତରକୁ ନିକ୍ଷେପ କରିବାକୁ ହେବ । ଯଦି ତୁମେ ସେହି ଅଗ୍ନିକୁ ଇନ୍ଧନ ନ ଯୋଗାଅ, ତା'ହେଲେ ନିଜ ଅଚେତନତା ଓ ଜଡ଼ତାର ପାଉଁଶ ତଳେ ଏହା କ୍ରମଶଃ ସ୍ତିମିତ ହୋଇ ଆସିବ, ଏବଂ ସେତେବେଳେ ଲକ୍ଷ୍ୟରେ ପହଞ୍ଚିବା ପୂର୍ବରୁ କେବଳ ଅନେକ ବର୍ଷ ନୁହେଁ, ଜୀବନ ପରେ ଜୀବନ, ଶତାବ୍ଦୀ ପରେ ଶତାବ୍ଦୀ ମଧ୍ୟ ବିତି ଯାଇପାରେ ।

ଅଶେଷ ମୂଲ୍ୟବାନ୍ କିଛି ଜନ୍ମ ନେଲେ ଯେପରି ତାହା ଉପରେ ଆମେ ସଜାଗ ଦୃଷ୍ଟି ରଖୁ ଓ ତାହାର କ୍ଷତିକାରକ ସବୁକିଛି ହାତରୁ ତାହାକୁ ଯତ୍ନର ସହ ରକ୍ଷା କରିଚାଲୁ, ସେହିପରି ଆମର ବିଶ୍ୱାସ ଉପରେ ମଧ୍ୟ ଆମକୁ ସଜାଗ ଦୃଷ୍ଟି ରଖିବାକୁ ହେବ ।

ଆରମ୍ଭ ଅବସ୍ଥାର ଅଜ୍ଞାନ ଓ ଅନ୍ଧକାରର ଗହନରେ ବିଶ୍ୱାସ ହେଉଛି ଭଗବତ୍ ଶକ୍ତିର ସବୁଠୁ ପ୍ରତ୍ୟକ୍ଷ ଅଭିବ୍ୟକ୍ତି ଓ ପ୍ରକାଶ ଯାହା ଆସିଥାଏ ସଂଗ୍ରାମ କରିବା ପାଇଁ ଓ ଜୟ କରିବା ପାଇଁ ।

(M. C. W. Vol. 9, pp. 351-52) ✤

ସାଧକ ମଧ୍ୟରେ ଯେଉଁ ଆଧ୍ୟାତ୍ମିକ ବିଶ୍ୱାସ ରହିବା ଆଶା କରାଯାଏ, ତାହା ଏକ ଅଜ୍ଞାନପ୍ରସୂତ ବିଶ୍ୱାସ ନୁହେଁ; ତାହା ହେଉଛି ଏକ ତେଜୋଦୀପ୍ତ ବିଶ୍ୱାସ, ସେପରି ବିଶ୍ୱାସ ଆଲୋକର ଓ ଜ୍ଞାନର, ଅନ୍ଧକାରର ନୁହେଁ । ସନ୍ଦେହବାଦୀ ବୁଦ୍ଧିଜୀବୀମାନେ ଏହାକୁ କହନ୍ତି ଅନ୍ଧବିଶ୍ୱାସ; କାରଣ ଏହା ବାହ୍ୟରୂପ ବା ତାହାର ଘଟଣା ଦ୍ୱାରା ପ୍ରଭାବିତ ହୁଏ ନାହିଁ ।

ବିଶ୍ୱାସ କୌଣସି ଅଭିଜ୍ଞତା ଉପରେ ନିର୍ଭର କରେ ନାହିଁ । ଯେତେବେଳେ କେହି ଯୋଗସାଧନା କରିବାକୁ ଆରମ୍ଭ କରେ, ସେତେବେଳେ ସେ ତା'ର ଅଭିଜ୍ଞତା ଉପରେ ପ୍ରତିଷ୍ଠିତ ଜ୍ଞାନକୁ ନୁହେଁ, ବରଂ ବିଶ୍ୱାସ-ପ୍ରସୂତ ଜ୍ଞାନକୁ ଆଧାର କରି ତା' ଉପରେ ଦୃଢ଼ ରହି ସାଧନା ଆରମ୍ଭ କରେ । କେବଳ ଯୋଗଜୀବନ ବା ଆଧ୍ୟାତ୍ମିକ ଜୀବନରେ ନୁହେଁ, ସାଧାରଣ ଜୀବନରେ ମଧ୍ୟ ଏହିପରି ଘଟିଥାଏ । ଯେତେସବୁ ପ୍ରତିଭାବାନ୍, କର୍ମଶୀଳ ବ୍ୟକ୍ତିମାନଙ୍କ କଥା ଦେଖ: ଆବିଷ୍କାରକ, ଉଦ୍ଭାବକ ଓ ଜ୍ଞାନସ୍ରଷ୍ଟା ସମସ୍ତେ ବିଶ୍ୱାସ ଦ୍ୱାରାହିଁ ଅଗ୍ରଗତି କରିଛନ୍ତି । ସେମାନଙ୍କ ଜୀବନରେ ଯେତେ ଝଡ଼ଝଞ୍ଜା, ହତାଶା, ଦୁଃଖ, କଷ୍ଟ ଓ ବିରୋଧଭାବ ଆସିଲେ ମଧ୍ୟ ସେମାନେ ହୃଦୟ ମଧ୍ୟରେ ପ୍ରାପ୍ତ ହୋଇଥିବା ଉଚ୍ଚତର ଜ୍ଞାନକୁ ପ୍ରତିଷ୍ଠା ନ କରିବା ପର୍ଯ୍ୟନ୍ତ ବା କାର୍ଯ୍ୟଟି ନହେବା ପର୍ଯ୍ୟନ୍ତ ସେଥିରେ ଏକାଗ୍ର ଭାବରେ ବିଶ୍ୱାସର ସହିତ ଲାଗି ରହିଥା'ନ୍ତି । କାରଣ ସେମାନଙ୍କ ମଧ୍ୟରେ ଏପରି କିଛି ଥାଏ, ଯାହା ତାଙ୍କୁ କହିଦିଏ ଯେ ତାହାହିଁ ସତ୍ୟ ଏବଂ ତାକୁ ଶେଷ ପର୍ଯ୍ୟନ୍ତ ଅନୁସରଣ କରି ପ୍ରତିଷ୍ଠିତ କରିବାକୁ ହେବହିଁ ହେବ ।...

(ପୂର୍ଣ୍ଣଯୋଗ : ବାସ୍ତବ ଦିଗ୍‌ଦର୍ଶନ, ପୃଷ୍ଠା, ୧୨୩-୧୨୪) — ଶ୍ରୀଅରବିନ୍ଦ

# ବିଶ୍ୱାସରୂପୀ ଭାରଦଣ୍ଡର ଶକ୍ତି

## ଶ୍ରୀଅରବିନ୍ଦ

ଗୁରୁ ନାନକ ଦେହରକ୍ଷା କରିବାକୁ ଯାଉଛନ୍ତି, ଏହାର ପ୍ରାକ୍‌କାଳରେ କିଏ ତାଙ୍କ ପରେ ଗାଦିରେ ବସିବ, ଏକଥା ତାଙ୍କୁ ପଚରାଗଲା । ସେ ସମୟରେ ଭୟଙ୍କର ତୋଫାନ ବହିବାକୁ ଲାଗିଲା – ଏକ ମହାନ୍ ଆତ୍ମାର ପ୍ରୟାଣର ସୂଚନା ଜଣାଇବାକୁ ପ୍ରକୃତିର ସମକାଳୀନ ଆଲୋଡ଼ନ ସ୍ୱରୂପ ଏହା ଘଟିଥିଲା । ନାନକ ସେ ସମୟରେ ଏକ ବୃକ୍ଷ ତଳେ ଶିଷ୍ୟମାନଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ବସିଥିଲେ । ସନ୍ଧ୍ୟା ସମାଗତ ହେଲା, ଚେଲାମାନେ କ୍ଷୁଧା ଓ ତୃଷାରେ ଆତୁର ଏକଥା ବୁଝିପାରି ଗୁରୁ ତାଙ୍କର ଦୁଇ ପୁଅ ଶ୍ରୀଚାନ୍ଦ ଓ ଲକ୍ଷୀଚାନ୍ଦଙ୍କୁ ଖାଦ୍ୟାନ୍ୱେଷଣରେ ଯିବାକୁ କହିଲେ । ମାତ୍ର ଦୁହିଙ୍କ ମଧ୍ୟରୁ କେହିହେଲେ ବି ପିତାଙ୍କର ଆଧ୍ୟାତ୍ମିକ ସାମର୍ଥ୍ୟର ଉତ୍ତରାଧିକାରିତ୍ୱ ପାଇ ନଥିଲେ । ପିତାଙ୍କଠାରେ ଉନ୍ମାଦ ଭାବ ଛଡ଼ା ଅନ୍ୟ କିଛି ସେମାନଙ୍କ ନଜରରେ ପଡୁ ନଥିଲା । ତେଣୁ ସେମାନେ ତାଙ୍କ କଥାକୁ ବିଶେଷ ଗୁରୁତ୍ୱ ଦେଲେ ନାହିଁ । ସେ ସମୟରେ ଏହି ଦୁରନ୍ତ ବାତ୍ୟା ଓ ଝଡ଼ିବର୍ଷା ମଧ୍ୟରେ ଦରଜା ବାହାରକୁ ଗୋଡ଼ କାଢ଼ିବାର ଉପାୟ ନ ଥିବାବେଳେ ଖାଦ୍ୟାନ୍ୱେଷଣ କରିବାର ଚିନ୍ତା ସେମାନଙ୍କୁ ଉପହାସ ଭଳି ମନେହେଲା । ନାନକ ତା'ପରେ ଆଉ ଏକ ଅନୁରକ୍ତ ଶିଷ୍ୟ ଆଡ଼କୁ ଚାହିଁ ତାକୁ ଏହି କାମରେ ପ୍ରେରଣ କଲେ । ଶିଷ୍ୟଟି କେବଳ ଏତିକି ପଚାରିଲା ଯେ ଭୋଜ୍ୟବସ୍ତୁ ସଂଗ୍ରହ ପାଇଁ ତାକୁ କେଉଁଠାକୁ ଯିବାକୁ ପଡ଼ିବ । ଯେଉଁ ବୃକ୍ଷ ମୂଳରେ ସେମାନେ ଉପବେଶନ କରିଛନ୍ତି, ସେହି ବୃକ୍ଷ ତାଙ୍କର ସମସ୍ତ ପ୍ରୟୋଜନ ମେଣ୍ଟାଇ ପାରିବ, ଉତ୍ତରରେ ଗୁରୁଙ୍କଠାରୁ ଏପରି ନିର୍ଦ୍ଦେଶ ସେ ପାଇଲା । ଶିଷ୍ୟଟି ନାନକଙ୍କର ନିର୍ଦ୍ଦେଶମତେ କାର୍ଯ୍ୟ କରି ସମସ୍ତଙ୍କର ଆବଶ୍ୟକ ଅନୁଯାୟୀ ମିଷ୍ଟାନ୍ନ ଇତ୍ୟାଦି ଆଣିପାରିଲା ବୋଲି କଥିତ ଅଛି । ତତ୍ପରେ ନାନକ ତାଙ୍କ ଶିଷ୍ୟମାନଙ୍କୁ ନେଇ ନଦୀକୂଳ ଆଡ଼କୁ ଚାଲିଲେ । ପଥ ମଧ୍ୟରେ ଗୋଟିଏ ମୃତ ଶବ ପଡ଼ିଥିଲା । ନାନକ ତାଙ୍କର ପୁଅ ଦୁହିଙ୍କୁ ଏହି ଅଦ୍ଭୁତ ଖାଦ୍ୟକୁ ଭୋଜନ କରିବାକୁ କହିଲେ । ସେମାନେ ପିତାଙ୍କର ଏହି ଆଦେଶକୁ ପାଗଳାମିର ଚୂଡ଼ାନ୍ତ ପ୍ରମାଣ ବୋଲି ମାନିନେଲେ । ସେତିକିବେଳେ ଉକ୍ତ ଶିଷ୍ୟଟି ଅବିଚାରିତ ଭାବରେ ଗୁରୁଙ୍କ ଆଦେଶ ପ୍ରତିପାଳନ କରିବାକୁ ଉଦ୍ୟତ ହେଲା ଏବଂ ଶବର କେଉଁଠାରୁ, ମସ୍ତକ ପାଖରୁ ନା ପାଦ ପାଖରୁ ସେ ଭୋଜନ ଆରମ୍ଭ କରିବ ବୋଲି ପଚାରିବାରେ ତା'ର ସାମାନ୍ୟ ବିଳମ୍ବ ହେଲା ମାତ୍ର । ନାନକ ତାଙ୍କର ଏହି ଶିଷ୍ୟଟିର ସ୍ଥିର ବିଶ୍ୱାସ ଦେଖି ପୂର୍ଣ୍ଣ ରୂପେ ସନ୍ତୁଷ୍ଟ ହେଲେ ଏବଂ ପୁଅ ଦୁହିଙ୍କ ଅପେକ୍ଷା ଅଧିକ ଉପଯୁକ୍ତ ମନେ କରି ଏହାକୁ ଉତ୍ତରାଧିକାରୀ ରୂପେ ମନୋନୀତ କରିଗଲେ ।

ସୁକଠିନ ସାଧନା-ପଥରେ ଏହି ବୀରତ୍ୱବ୍ୟଞ୍ଜକ ଅଧ୍ୟାତ୍ମ ବିଶ୍ୱାସ, ଯାହା ଉପରେ ସକଳ ଧର୍ମଗୁରୁ ସର୍ବପ୍ରଥମ ସଦ୍‌ଗୁଣ ବୋଲି ଜୋର୍ ଦେଇ ଯାଇଛନ୍ତି, ତାହାକୁ ଅର୍ଥାତ୍ ସେହି ଅବଦାନକୁ ସମସ୍ତଙ୍କୁ ଧାରଣ କରିବାକୁ ଅଧିକାର ଦିଆଯାଇ ନଥାଏ । କିନ୍ତୁ ଏହି ଉପାଖ୍ୟାନଟିର ଗଭୀରରେ ଯେଉଁ ସାର ନୀତି ରହିଛି ଯାବତୀୟ ଅଭିଜ୍ଞତା ତାହାକୁହିଁ ପ୍ରମାଣିତ କରୁଛି । ପ୍ରତ୍ୟେକ ମହତ୍ କାର୍ଯ୍ୟର ସଫଳତା ନିମନ୍ତେ ବିଶ୍ୱାସହିଁ ମୌଳିକ ଭିତ୍ତି । ବିଶ୍ୱାସ ବଳରେ ପର୍ବତ ଅପସାରିତ ହୁଏ, – ଏହି ଯେଉଁ ଉକ୍ତି ରହିଛି, ତାହା ଅତିରଞ୍ଜିତ ନୁହେଁ । ଦୃଢ଼ ସଂକଳ୍ପ ଓ ଚିନ୍ତାକୁ ଧାରଣ କରିଥିବା ପୁରୁଷମାନେ ବିଶ୍ୱାସ ବଳରେହିଁ ଦୁର୍ଲଂଘ୍ୟ ପ୍ରତୀୟମାନ ହେଉଥିବା ନାନା ବାଧାବିପତ୍ତି ବିରୋଧରେ ଅଧ୍ୟବସାୟ କରି ଚାଲନ୍ତି । ମହତ୍ କାର୍ଯ୍ୟର ସଫଳତା ଉପରେ ଦୃଢ଼ ଭରସା ରଖି ସେମାନେ କର୍ମ ଆରମ୍ଭ କରିଦିଅନ୍ତି । ତେଣୁ ସେମାନେ ବାଧାବିପତ୍ତି ଯୋଗୁଁ କେବେହେଲେ ଅଟକି ଯାଆନ୍ତି ନାହିଁ । ମହାପୁରୁଷମାନଙ୍କ ଅନ୍ୟ ସକଳ ସଦ୍‌ଗୁଣ ଉପରେ ବିଶ୍ୱାସହିଁ ପ୍ରାଧାନ୍ୟ ବିସ୍ତାର କରିଥାଏ । ବିଶ୍ୱାସର ଅନ୍ତର୍ଦୃଷ୍ଟି ଦୂରସ୍ଥ ଭବିଷ୍ୟତ୍ ମଧ୍ୟକୁ ପ୍ରବେଶ କରିଯାଏ ଏବଂ ଅସମ୍ଭବକୁ ସମ୍ଭବ କରିବାକୁ ସମର୍ଥ ହୁଏ ।

(Ref : Bande Mataram,
*The Leverage of Faith,* pp. 346 -347) ✤

# ଅହଂ ଓ କାମନା ଦ୍ୱାରା କଳୁଷିତ ବିଶ୍ୱାସ

## (ମା'ଙ୍କ ସହ ପ୍ରଶ୍ନୋତ୍ତର)

''ମନ ଓ ପ୍ରାଣର ଅହମାତ୍ମକ ଶ୍ରଦ୍ଧା, ଯେଉଁ ଶ୍ରଦ୍ଧାକୁ ଉଚ୍ଚାଭିଳାଷ, ଗର୍ବ, ଆତ୍ମାଭିମାନ, ମନର ଦମ୍ଭ, ସ୍ୱେଚ୍ଛାଚାରିତା, ବ୍ୟକ୍ତିଗତ ଦାବି, ନିମ୍ନ ପ୍ରକୃତିର ସକଳ ତୁଚ୍ଛ ତୃପ୍ତିର କାମନା କଳୁଷିତ କରି ରଖିଛି, ସେ ଶ୍ରଦ୍ଧାର ଅନୁନ୍ନତ ଧୂମାଚ୍ଛନ୍ନ ଶିଖା ସ୍ୱର୍ଲୋକ ଦିଗରେ ଊର୍ଦ୍ଧ୍ୱକୁ ପ୍ରଜ୍ୱଳିତ ହୋଇଉଠେ ନାହିଁ ।''

('ମା' ପୁସ୍ତକ, ପୃଷ୍ଠା - ୧୨) — ଶ୍ରୀଅରବିନ୍ଦ

*ପ୍ରଶ୍ନ : ମନୋମୟ ସତ୍ତାରେ 'ଏକ ଅହମାତ୍ମକ ଶ୍ରଦ୍ଧା ବା ବିଶ୍ୱାସ' କିପରି ସମ୍ଭବ ?*

ଶ୍ରୀମା : ଶ୍ରୀଅରବିନ୍ଦ ଏହାର ଅତି ସୁନ୍ଦର ବର୍ଣ୍ଣନା ଦେଇଛନ୍ତି, ''ଉଚ୍ଚାଭିଳାଷ ଆଦି ଦ୍ୱାରା କଳୁଷିତ'' ଆଦି କଥା ପ୍ରୟୋଗ କରି । ମୋର ମନେ ହୁଏ ଏହି କଥାକୁ ଭିନ୍ନ ଭାବରେ ରଖିଲେ ତାହା ଅଧିକତର ସତ୍ୟ ହେବ । ଏପରି କୌଣସି ଶ୍ରଦ୍ଧା ଅଛି କି ଯେଉଁଥିରେ ଏହିସବୁ ଅପମିଶ୍ରଣ ଟିକେ ହେଲେ ନାହିଁ । କାରଣ ବାରଂବାର ପୁନରାବୃତ୍ତି କରି ଏହା କୁହାଯାଇଥାଏ ଯେ ଯଦି ଶ୍ରଦ୍ଧା ବା ବିଶ୍ୱାସ ପୂରାପୂରି ଶୁଦ୍ଧ ହୋଇଥାଏ, ତାହାହେଲେ ତାହା ଯେକୌଣସି କଥା କରିଦେବା ପାଇଁ ସମର୍ଥ, କୌଣସି କିଛି ତାହାକୁ ପ୍ରତିରୋଧ କରିପାରିବ ନାହିଁ । ଏହାର ଅର୍ଥ ହେଉଛି ଯଦି ଜଣକର ଏପରି ସଂପୂର୍ଣ୍ଣ ଶୁଦ୍ଧ ଓ ଅଖଣ୍ଡ ବିଶ୍ୱାସ ରହିଥାଏ ଯାହାକୁ କୌଣସି କାଳିମା ସ୍ପର୍ଶ କରି ନାହିଁ, ଯଦି ଏକ ଯଥାର୍ଥ ବିଶ୍ୱାସ, ବରଂ କହିବା ଯଦି ପ୍ରକୃତରେ ସେହି ଯଥାର୍ଥ ବିଶ୍ୱାସ ଥାଏ, ତା'ହେଲେ ତା' ପକ୍ଷେ କୌଣସି କିଛି ମଧ୍ୟ ଅସମ୍ଭବ ନୁହେଁ । ସେ କ୍ଷେତ୍ରରେ ଗୋଟିଏ ଦିନରେ ମଧ୍ୟ ତୁମେ ରୂପାନ୍ତରିତ ହୋଇଯାଇପାର, ଗୋଟିଏ ମୁହୂର୍ତ୍ତରେ ମଧ୍ୟ ଅତିମାନସର ଅବତରଣ କରାଇ ଦେଇପାର, ଯେକୌଣସି ଜିନିଷ ସଂପନ୍ନ କରିପାର, ତୁମ ପାଇଁ କିଛି ବି ଅସାଧ୍ୟ ନୁହେଁ, ତୁମର ଯଦି ସେଭଳି ବିଶ୍ୱାସ ଥାଏ ତୁମେ ସବୁକିଛି କରିଦେଇ ପାରିବ । କିନ୍ତୁ ଏହି ବିଶ୍ୱାସ ପୂରା ବିଶୁଦ୍ଧ ହେବାକୁ ହେବ, ତାହା ସହିତ ନିଜର କୌଣସି ବ୍ୟକ୍ତିଗତ ପ୍ରତିକ୍ରିୟା ବା ବ୍ୟକ୍ତିଗତ ଇଚ୍ଛାକୁ ମିଶାଇ ଦେଲେ ଚଳିବ ନାହିଁ ।

ଏକ ଅମଳିନ ଶୁଦ୍ଧ ବିଶ୍ୱାସ ହେଉଛି ସର୍ବଶକ୍ତିମାନ୍ ଓ ସଂପୂର୍ଣ୍ଣ ଅପ୍ରତିହତ । କିନ୍ତୁ ଏହିପରି ଅପ୍ରତିହତ ଓ ସର୍ବଶକ୍ତିମାନ୍ ବିଶ୍ୱାସ କ୍ୱଚିତ୍ ଦେଖିବାକୁ ମିଳେ; ଏହାହିଁ ଦେଖାଇଦିଏ ଯେ ସେହି ବିଶ୍ୱାସ ଯଥାର୍ଥରେ ଶୁଦ୍ଧ ନୁହେଁ । ପ୍ରଶ୍ନଟି ଏହିପରି ଭାବରେ ରଖାଯିବା ଉଚିତ : ଆମ ପ୍ରତ୍ୟେକଙ୍କର ଏକ ବିଶ୍ୱାସ ରହିଛି, କିଛିନା କିଛି ବିଷୟରେ ଏକ ବିଶ୍ୱାସ ରହିଛି, ଉଦାହରଣ ସ୍ୱରୂପ ଆମ ଭିତରେ ଭଗବତ୍ ଉପସ୍ଥିତି ସଂପର୍କରେ ଏକ ବିଶ୍ୱାସ ରହିଛି । ଆମ ବିଶ୍ୱାସ ଯଦି ଅମଳିନ ଓ ଶୁଦ୍ଧ ହୋଇ ଥାଆନ୍ତା ତା'ହେଲେ ଆମେ ନିଜ ଭିତରେ ଥିବା ଏହି ଭଗବତ୍ ଦିବ୍ୟ-ଉପସ୍ଥିତି ସଂପର୍କରେ ସଙ୍ଗେ ସଙ୍ଗେ ସଚେତ ହୋଇଉଠନ୍ତୁ । ଏହି ଉଦାହରଣଟି ବୁଝିବା ଖୁବ୍ ସହଜ । ତୁମର ବିଶ୍ୱାସ ରହିଛି ଅଥଚ ତୁମର ଅନୁଭୂତିଟି ନାହିଁ । କାହିଁକି ? କାରଣ ସେହି ବିଶ୍ୱାସ ସେହିପରି ଶୁଦ୍ଧ ନୁହେଁ । ଯଦି ସେହି ବିଶ୍ୱାସ ଯଥେଷ୍ଟ ଶୁଦ୍ଧ ହୋଇ ଥାଆନ୍ତା ତେବେ ତତ୍କ୍ଷଣାତ୍ ଅନୁଭୂତି ଲାଭର କାମଟି ସଂପନ୍ନ ହୋଇ ଯାଆନ୍ତା । ଏହା ଖୁବ୍ ସତ୍ୟ । ତେଣୁ ଯେତେବେଳେ ତୁମେ ସଚେତ ହୁଅ ଯେ ସଙ୍ଗେ ସଙ୍ଗେ ତୁମର ଦିବ୍ୟ ଉପଲବ୍ଧିଟି ଆସି ନାହିଁ, ତାହାର କାରଣ ଖୋଜି ନିଜକୁ ପଚାରିପାର, ''କାହିଁକି ମୋର ସେହି ଉପଲବ୍ଧିଟି ଆସି ନାହିଁ, ମୋ ବିଶ୍ୱାସରେ କେଉଁଠି ତ୍ରୁଟି ରହିଛି ? ସେହି ଧରଣର ଆନ୍ତରିକତା ନେଇ ତୁମେ ଯଦି ନିଜ ଭିତରକୁ ଦେଖି ଚାଲ ତେବେ ତୁମେ ଦେଖିବ ଯେ ତହିଁରେ ଅନେକ ଛୋଟ ଛୋଟ ଜିନିଷସବୁ ରହିଛି, ବହୁ ସଂଖ୍ୟାରେ ଏପରି ଛୋଟ ଛୋଟ ଜିନିଷ ରହିଛି,– ଯେଉଁଗୁଡ଼ିକ କି ଏତେ ବଡ଼ ନୁହେଁ କିନ୍ତୁ ସେହି ଛୋଟ ଛୋଟ ଜିନିଷଗୁଡ଼ିକ ତୁମକୁ ଉପଲବ୍ଧିଠାରୁ ଦୂରକୁ ଠେଲିଦିଏ । ଅନେକ ସମୟରେ ଦେଖୁ ଏକପ୍ରକାର ଛୋଟ ଆତ୍ମାଭିମାନଟିଏ ଆସିଲା, ତା'ପରେ ଆସିଲା ଏକ କାମନା, ଖୁବ୍ ଉଗ୍ର କୌଣସି କାମନା ନୁହେଁ, ଏହା ନିଜକୁ ଖୁବ୍ ବେଶୀ ଦେଖାଏ ନାହିଁ । କିନ୍ତୁ ତୁମ ନିଜ ସଂପର୍କରେ ଏହା ଯେଉଁ ଗୁରୁତ୍ୱର ଭାବ ଆଣିଦିଏ, ଯେଉଁ କ୍ଷମତା ଆଣିଦିଏ, ଏବଂ ତହିଁରୁ ତୁମକୁ ଯେଉଁ ସନ୍ତୋଷ ମିଳେ...

('ମା' ବହି ପ୍ରସଙ୍ଗରେ, ପୃଷ୍ଠା, ୪୦-୪୧)

# ବିଶୁଦ୍ଧିର ନିବିଡ଼ତମ ପଥ

**ଶ୍ରୀଅରବିନ୍ଦ**

ପରମଙ୍କୁ ଆମର ସମସ୍ତ ଇଚ୍ଛା, କର୍ମ ଓ କ୍ରିୟାକଳାପର ଅପରିହାର୍ଯ୍ୟ ସମର୍ପଣ ଅବଶ୍ୟହିଁ ସେତିକିବେଳେ କେବଳ ସବୁଠୁ ପରିପୂର୍ଣ୍ଣ ଓ ପୂର୍ଣ୍ଣରୂପେ ଫଳପ୍ରଦ ହୁଏ, ଯେତେବେଳେ ଏହା ହୁଏ ଏକ ପ୍ରେମର ସମର୍ପଣ । ସମଗ୍ର ଜୀବନକୁ ଏହି ଭାବ ଓ ରୀତିର ଅଭିମୁଖୀ କରାଇ ପାରିଲେ, ଭଗବାନଙ୍କ ପ୍ରତି ଏବଂ ଏହି ସଂସାର ଓ ତା'ର ପ୍ରାଣୀମାନଙ୍କ ପ୍ରତି ଏକ ପ୍ରେମର ଭାବ ନେଇ ସମସ୍ତ କର୍ମ ସଂପାଦନ କରିପାରିଲେ, ଯେତେବେଳେ ସମଗ୍ର ସଂସାର ଓ ତା'ର ପ୍ରାଣିକୁଳକୁ ନାନା ଛଦ୍ମବେଶରେ ଭଗବାନଙ୍କର ପ୍ରକାଶ ବୋଲିହିଁ ଦେଖିହେବ ଓ ଅନୁଭବ କରିହେବ, ସେତେବେଳେ ତାହାହିଁ ହୋଇ ଉଠିବ ପୂର୍ଣ୍ଣଯୋଗର ଏକ ଅଂଶ ।

ଭଗବାନଙ୍କ ଉଦ୍ଦେଶ୍ୟରେ ହୃଦୟର ପୂଜା ଓ ଭକ୍ତିର ଆନ୍ତର ନିବେଦନ, ପ୍ରତୀକରେ ଏହାର ଆତ୍ମା ଏବଂ କର୍ମରେ ଏହାର ଭାବ, ଏହାହିଁ ହେଉଛି ଯଜ୍ଞର ସମଗ୍ର ଜୀବନ ଓ ପ୍ରାଣ । ଏହି ଉତ୍ସର୍ଗ ଓ ନିବେଦନକୁ ପୂର୍ଣ୍ଣ ଓ ବିଶ୍ୱଭାବମୟ କରିବାକୁ ହେଲେ ଆମର ସମସ୍ତ ଭାବ ଓ ଆବେଗକୁ ଭଗବାନଙ୍କ ଅଭିମୁଖୀ କରାଇବା ହେଉଛି ଏକମାତ୍ର ବାଟ । ମନୁଷ୍ୟର ହୃଦୟ ପାଇଁ ଏହାହିଁ ହେଉଛି ବିଶୁଦ୍ଧିର ସବୁଠୁ ନିବିଡ଼ତମ ପଥ । ନୈତିକତାର ବୋଧ ବା ସୌନ୍ଦର୍ଯ୍ୟବୋଧ ଓ ରୁଚିଜ୍ଞାନ ତାହାର ଅପୂର୍ଣ୍ଣ ଶକ୍ତି ଓ ବାହ୍ୟ, ଅଗଭୀର ଚାପ ନେଇ ଏ ଦିଗରେ ଯେତିକିଟା ବିଶୋଧନ କରିପାରେ ତାହା ଅପେକ୍ଷା ଭଗବାନଙ୍କ ଉଦ୍ଦେଶ୍ୟରେ ଭାବଗୁଡ଼ିକର ଏହି ନିବେଦନ ଅନେକ ଅଧିକ ଶକ୍ତିଶାଳୀ ଭାବରେ କ୍ରିୟା କରେ ।

ଅନ୍ତରରେ ଏକ ଚୈତ୍ୟ ଅଗ୍ନି ଜଳାଇବାକୁ ପଡ଼ିବ ଏବଂ ତାହା ଭିତରକୁ ସବୁକିଛିକୁ ନିକ୍ଷେପ କରିବାକୁ ହେବ ସେଗୁଡ଼ିକ ଉପରେ ଭଗବାନଙ୍କର ନାମ ରଖି । ସେହି ଅଗ୍ନିରେ ସମସ୍ତ ଭାବାବେଗଗୁଡ଼ିକ ସେମାନଙ୍କର ସମସ୍ତ ସ୍ଥୂଳତାର ଖାଦକୁ ପରିତ୍ୟାଗ କରିବାକୁ ବାଧ ହେବେ । ତା' ଭିତରେ ଯେଉଁସବୁ ଅଦିବ୍ୟ ବିକୃତି ଥିବ ସେଗୁଡ଼ିକ ପୂରା ପୋଡ଼ି ଜଳି ନିଶ୍ଚିହ୍ନ ହୋଇଯିବେ ଏବଂ ଅନ୍ୟଗୁଡ଼ିକ ସେମାନଙ୍କର ଅଭାବ ଓ ଅପୂର୍ଣ୍ଣତାକୁ ପରିତ୍ୟାଗ କରିବେ, ଯେତେବେଳେ କି ଶେଷରେ ଅଶୁଦ୍ଧି ଓ ବିପଦର ସମସ୍ତ ଧୂଆଁ ଦୂର ହୋଇ ସେହି ଶିଖାରୁ ଉତ୍ଥିତ ହେବ ମହତ୍ତମ ପ୍ରେମ ଏବଂ ନିଷ୍କଳଙ୍କ ଦିବ୍ୟ-ଆନନ୍ଦର ଏକ ସମୁଚ୍ଚ ଭାବ । ଏହି ଭାବେ ଯେଉଁ ଦିବ୍ୟପ୍ରେମର ଆବିର୍ଭାବ ହେବ ତାହା ବିସ୍ତାରିତ ହୋଇ ଚାଲିବ ମାନବ ଓ ପ୍ରାଣିକୁଳ ଭିତରେ ଥିବା ଭଗବାନଙ୍କ ପ୍ରତି ଏକ ଗଭୀର ଆନ୍ତର ଅନୁଭବ ସହ ଏକ ସକ୍ରିୟ ବିଶ୍ୱମୟ ସମତାର ଭାବ ନେଇ । ଏହା ହେବ ମାନବଜୀବନର ପୂର୍ଣ୍ଣତା ଦିଗରେ ଅନେକ ଅଧିକ ସମ୍ଭାବନାପୂର୍ଣ୍ଣ ଏବଂ ମାନବୀୟ ଭ୍ରାତୃତ୍ୱ ସଂପର୍କରେ ବର୍ତ୍ତମାନ ଯେଉଁସବୁ ଫଳପ୍ରସୂହୀନ ମାନସିକ ଆଦର୍ଶମାନ ରହିଛି, ତାହା ଅପେକ୍ଷା ସେ ଦିଗରେ ଏହା ହେବ ଅନେକ ଅଧିକ ବାସ୍ତବ ଯନ୍ତ୍ର । ଏହି ଅନୁଭବକୁ କର୍ମ ଭିତରେ ଢାଳି ପ୍ରକଟ କରିପାରିଲେ ତାହାହିଁ କେବଳ ଏହି ସଂସାରରେ ସୃଷ୍ଟି କରିପାରେ ଏକ ଯଥାର୍ଥ ସୁସଙ୍ଗତି ଓ ସୁସମଞ୍ଜସତା ଏବଂ ସଂସାରର ପ୍ରାଣୀମାନଙ୍କ ମଧ୍ୟରେ ଏକ ଯଥାର୍ଥ ଐକ୍ୟ । ବାକି ଅନ୍ୟସବୁ ସେହି ଲକ୍ଷ୍ୟ ଦିଗରେ କେବଳ ବୃଥା ଚେଷ୍ଟାମାତ୍ର, ଯେପର୍ଯ୍ୟନ୍ତ ଭଗବତ୍‌ପ୍ରେମ ଏହି ଜାଗତିକ ପ୍ରକୃତି ଓ ତା'ର ସମସ୍ତ ଅଭିବ୍ୟକ୍ତିର ହୃଦୟରୂପେ ନିଜକୁ ପ୍ରକଟିତ କରି ନାହିଁ ।

(Bulletin, April, 2003, p. 34)

# ପଥପ୍ରଦର୍ଶକଙ୍କ ଜ୍ଞାନ ଓ ବିଶ୍ୱାସ
## (ଶ୍ରୀଅରବିନ୍ଦଙ୍କ ପତ୍ର)

ମୁଁ ତୁମକୁ ମନେ ପକାଇ ଦେବାକୁ ଚାହେଁ ଯେ ମୁଁ ନିଜେ ଜଣେ ବୁଦ୍ଧିଜୀବୀ ଓ ସନ୍ଦେହ ସହ ଅପରିଚିତ ନୁହେଁ । ମା ଓ ମୁଁ, ଆମ ଉଭୟଙ୍କ ମନର ଗୋଟିଏ ଦିଗ ଯଥେଷ୍ଟ ଇତିବାଚକ ଭାବେ ବାସ୍ତବଧର୍ମୀ ଏବଂ ବାସ୍ତବ ଫଳାଫଳ ଉପରେ ପୂରା ଜିଦ୍‌ର ସହ ଗୁରୁତ୍ୱ ଦେଉ । ଏ ସମ୍ପର୍କରେ ରସେଲ୍‌ଙ୍କ ଭଳି ମନୋଭାବସମ୍ପନ୍ନ ବ୍ୟକ୍ତିଙ୍କଠାରୁ ଆମର ମନୋଭାବ କୌଣସି ଭାବରେ ଊଣା ନୁହେଁ, ବରଂ ଅଧିକ । ରୋମାରୋଲାଁ ବା ତାଙ୍କ ଭଳି ଅନ୍ୟ କେହି ଯେପରି କୌଣସି ଅତ୍ୟୁଜ୍ଜ୍ୱଳ ଚିନ୍ତାଧାରା ବା ପ୍ରଦୀପ୍ତ ଭାବସମ୍ପନ୍ନ ବାକ୍ୟକୁ ସତ୍ୟର ସୁବର୍ଣ୍ଣ ମୁଦ୍ରା ରୂପେ ଗ୍ରହଣ କରି ନିଅନ୍ତି, ଆମେ କେବେହେଲେ କେବଳ ସେତିକିରେ ସନ୍ତୁଷ୍ଟ ହୋଇଯାଉ ନାହିଁ । ଏକ ବ୍ୟକ୍ତ୍ୟାତ୍ମକ ଆନ୍ତର ଅନୁଭୂତି ଓ ବାହ୍ୟକ୍ଷେତ୍ରକୁ ଯାଇ ସେଠାରେ ନିଜକୁ ବାସ୍ତବ ଭାବରେ ସାବ୍ୟସ୍ତ ଓ ରୂପାୟିତ କରୁଥିବା ଗତିଶୀଳ ଦିବ୍ୟଶକ୍ତି ଭିତରେ କ'ଣ ପାର୍ଥକ୍ୟ ତାହା ଆମେ ଭଲ ଭାବରେ ଜାଣୁ । ତେଣୁ ଯଦିଓ ଆମର ବିଶ୍ୱାସ ରହିଛି (ନିଜର ଉଦ୍ଦିଷ୍ଟ କର୍ମ ଉପରେ ଓ ତା' ପଛରେ କ୍ରିୟା କରୁଥିବା ସତ୍ୟ ଉପରେ ବିଶ୍ୱାସ ନ ଥାଇ କିଏ ପୃଥିବୀରେ କୌଣସି ମହାନ୍ କର୍ମ ସମ୍ପନ୍ନ କରିବାକୁ ସକ୍ଷମ ହୋଇଛି ?) କିନ୍ତୁ କେବଳ ବିଶ୍ୱାସ ଉପରେ ନୁହେଁ, ଆମେ ନିଜକୁ ପ୍ରତିଷ୍ଠିତ କରିଛୁ ଜ୍ଞାନର ଏପରି ଏକ ବିଶାଳ ଭୂମି ଉପରେ ଯାହାକୁ ଆମେ ଆମର ସାରା ଜୀବନ ଧରି ବିକଶିତ ଓ ପରୀକ୍ଷା କରିଆସିଛୁ । ଭାବୁଛି, ମୁଁ ଏହା କହିପାରେ ଯେ ଭୌତିକ ସ୍ତରରେ ଯେକୌଣସି ବୈଜ୍ଞାନିକ ତା'ର ତତ୍ତ୍ୱ ବା ତା'ର ପଦ୍ଧତି ଉପରେ ଯେତିକି ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା ନିରୀକ୍ଷା କରିଥାଏ, ମୁଁ ତା' ଅପେକ୍ଷା ଅଧିକ ନିବିଷ୍ଟ ଓ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଷ ବର୍ଷ ଧରି ଦିନରାତି ମୋର ପରୀକ୍ଷାଗୁଡ଼ିକ ଉପରେ କ୍ରିୟା କରି ଚାଲିଛି । ସେଇଥିପାଇଁ ମୋ ଚାରିପାଖରେ ରହିଥିବା ପୃଥିବୀର ନାନା ବିଭାବସବୁରୁ ମିଳୁଥିବା କୌଣସି ବିପଦସଂକେତ ଦ୍ୱାରା ବିଚଳିତ ହୋଇ ନାହିଁ, ବା ଦିବ୍ୟ-ଆଲୋକ ପୃଥିବୀ ଓ ଜଡ଼ର କ୍ଷେତ୍ରରେ ଅଧିକରୁ ଅଧିକ ନିକଟବର୍ତ୍ତୀ ହେଲା ବେଳକୁ ବିରୋଧିଶକ୍ତିମାନେ ଯେତେବେଳେ ନିଜର କ୍ରୋଧ ଓ ଆକ୍ରୋଶକୁ ଆହୁରି ବଢ଼ାଇ ଦେଇ ତା'ର ସଫଳ ପ୍ରତିରୋଧ କରିବାକୁ ହିଂସ୍ର ହୋଇ ଉଠୁଛନ୍ତି, ମୁଁ ତହିଁରେ ବିବ୍ରତ ବା ହତୋତ୍ସାହିତ ହେଉ ନାହିଁ ।

ମୁଁ ଯଦି ଅତିମାନସ ଅବତରଣର କେବଳ ସମ୍ଭବପରତା ଉପରେ ନୁହେଁ ତା'ର ବାସ୍ତବ ସମ୍ଭାବନା ଉପରେ ବିଶ୍ୱାସ କରେ, ମୁଁ ଯଦି କାର୍ଯ୍ୟତଃ ଅନୁଭବ କରେ ଯେ ଅତିମାନସ ଅବତରଣ ନିଶ୍ଚିତ ବୋଲି (ଏଥିପାଇଁ କୌଣସି ନିର୍ଦ୍ଦିଷ୍ଟ ତାରିଖ ଦେଉ ନାହିଁ) ତା'ହେଲେ ତା'ର କାରଣ ହେଲା ସେହି ବିଶ୍ୱାସ ପାଇଁ ମୋର ଦୃଢ଼ ଭିତ୍ତିଭୂମି ରହିଛି, ତାହା କେବଳ ହାୱାରେ ନୁହେଁ । ମୁଁ ଜାଣେ ଯେ ଅତିମାନସ ଅବତରଣ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ । ମୋର ଅନୁଭୂତି ଦୃଷ୍ଟିରୁ ମୋର ଏହି ବିଶ୍ୱାସ ରହିଛି ଯେ ପରବର୍ତ୍ତୀ କୌଣସି ସମୟ ନୁହେଁ, ବର୍ତ୍ତମାନହିଁ ସେହି ସମୟ ହୋଇପାରେ ଏବଂ ହେବା ଉଚିତ ।... କିନ୍ତୁ ଯଦି ବି ମୁଁ ଜାଣନ୍ତି ଯେ ପରବର୍ତ୍ତୀ କୌଣସି ସମୟରେ ଏହା ଘଟିବ ତଥାପି ମୁଁ ମୋ ପଥରୁ ଓହରି ଯିବି ନାହିଁ ବା ଏଥିପାଇଁ ଶ୍ରମକୁଣ୍ଠ ହେବି ନାହିଁ । ପୂର୍ବେ ହୁଏତ ମୁଁ ସେପରି ହୋଇ ପାରିଥା'ନ୍ତି – କିନ୍ତୁ ବର୍ତ୍ତମାନ ନୁହେଁ – ବିଶେଷତଃ ଏତେ ଦୂର ପଥ ଅତିକ୍ରମ କରି ସାରିବା ପରେ । ଯେତେବେଳେ ଜଣେ ଦିବ୍ୟସତ୍ୟ ସମ୍ପର୍କରେ ସୁନିଶ୍ଚିତ ହୁଏ ବା ଏପରିକି ଜଣେ ଯଦି ବିଶ୍ୱାସ କରେ ଯେ ସେ ଯେଉଁ ସତ୍ୟର ଅନୁସରଣ କରୁଛି, ତାହାହିଁ ଏକମାତ୍ର ସମ୍ଭାବ୍ୟ ସମାଧାନ, ତେବେ ସେ ତତ୍‌କ୍ଷଣାତ୍ ସାଫଲ୍ୟ ପାଇଁ କୌଣସି ସମୟ ସୀମା ଧାର୍ଯ୍ୟ କରିବ ନାହିଁ । ଦୁଃସାହସିକ ଅଭିଯାନର ସମସ୍ତ ବିପଦ ବରଣ କରି ସେ ସେହି ଦିବ୍ୟ-ଆଲୋକ ଦିଗରେ ଆଗେଇ ଯିବ । ତଥାପି, ଅନ୍ୟ କୌଣସି ସମୟରେ ନୁହେଁ ବା ପରବର୍ତ୍ତୀ ସମୟରେ ନୁହେଁ, ତୁମ ପରି ବର୍ତ୍ତମାନ, ଏବଂ ଏହି ଜୀବନରେହିଁ ତାହା ଘଟିବା ଉପରେ ମୁଁ ସମସ୍ତ ଜୋର୍ ଦେଉଛି । ❖

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### କାରାଦଣ୍ଡ ସାଧାରଣ କିନ୍ତୁ କଠୋର ନୁହେଁ :

'ପଞ୍ଜାବୀ' ମାମଲାର ଉପସଂହାର ଏକ ଦୁଃଖାନ୍ତ ନାଟକକୁ ସୁଆଙ୍ଗରେ ପରିଣତ କରି ଦେଇଛି । ପ୍ରେସ ମଧ୍ୟରେ ସେଇ ଭାବଧାରାର ଜଣେ ପ୍ରମୁଖ ପ୍ରବର୍ତ୍ତକଙ୍କୁ ସଂଶ୍ଳିଷ୍ଟ କରି ଏକ କଠୋର ଉଦାହରଣ ସୃଷ୍ଟି କରି ପ୍ରଶାସନିକ ଅଧିକାରିବର୍ଗ ପଞ୍ଜାବରେ ନୂତନ ଜାଗରଣକୁ ନଷ୍ଟଭ୍ରଷ୍ଟ କରିବା ଆରମ୍ଭ କରି ଦେଇଥିଲେ । ସର୍ବସାଧାରଣଙ୍କ ଭାବନାକୁ ଉତ୍କ୍ଷିପ୍ତ କରି ଆଉ ଜାତିଗତ ବିଦ୍ୱେଷ ସୃଷ୍ଟି କରି – ଯେଉଁ ଅପରାଧ ପାଇଁ ପ୍ରତ୍ୟକ୍ଷ ଭାବେ 'ପଞ୍ଜାବୀ'କୁ ଦଣ୍ଡ ଭୋଗିବାକୁ ପଡ଼ିଛି – ସେମାନେ ଶେଷ ହୋଇ ଯାଇଛନ୍ତି, ଲକ୍ଷ୍ୟସାଧନ ଦିଗରେ ସେମାନଙ୍କୁ କିଛି ହେଲେ ଫାଇଦା ମିଳିନି । ଶ୍ରୀଯୁକ୍ତ ଯଶୋବନ୍ତ ରାୟଙ୍କ ପ୍ରତି ଯେଉଁ ଦଣ୍ଡାଦେଶ ହୋଇଥିଲା ଲକ୍ଷ୍ୟ ହାସଲ ଦିଗରେ ତା'ର ନିର୍ମମ କଠୋରତା ମଧ୍ୟ ଭଙ୍ଗୁର ହୋଇଯାଇଛି । ଦୌରାଜଜଙ୍କ କୋର୍ଟରେ ଦଣ୍ଡାଦେଶ ଦୁଇ ବର୍ଷରୁ ଛଅ ମାସକୁ ହ୍ରାସ ହୋଇଗଲା ପରେ ଅନ୍ତିମ ଆବେଦନରେ ତାହା ସଶ୍ରମ କାରାଦଣ୍ଡରୁ ସାଧାରଣ କାରାଦଣ୍ଡକୁ ଖସି ଆସିଛି । ଏହାର ପରିଣାମଟି ହେଲା ଆସନ୍ତା ଛଅ ମାସ ଅବଧି ସରକାର ଦୁଇଜଣ ସ୍ୱଦେଶ ପ୍ରେମୀ ଜାତୀୟତାବାଦୀଙ୍କୁ ସାଦରେ ପ୍ରଦତ୍ତ ଅଯାଚିତ ଆତିଥେୟତାକୁ ଉପଭୋଗ କରିବେ । ଇତ୍ୟବସରରେ ଜାତୀୟବାଦୀ ପ୍ରେସର ସ୍ୱର ଏକ ଔପଚାରିକ ଘୋଷଣା ବଳରେ ଥମିଯିବ ନାହିଁ କିଂବା କୌଣସି ଭୟଭ୍ରାନ୍ତି ଅବା ପକ୍ଷପାତିତ୍ୱ ରଖି ସତ୍ୟ କହିବା ପାଇଁ ଏହାର ବଜ୍ର ଶପଥ ସାମାନ୍ୟତମ ପରିମାଣରେ ସୁଦ୍ଧା ପ୍ରଭାବିତ ହେବ ନାହିଁ । କିନ୍ତୁ ସେଇ ମୂଳ ଦଣ୍ଡାଦେଶର ସ୍ମୃତି ସେମିତି ରହିଯିବ; ଫିରିଙ୍ଗି ଆଉ ଜନସାଧାରଣଙ୍କ ମଧ୍ୟରେ ବ୍ୟବଧାନ ଅଧିକରୁ ଅଧିକ ପ୍ରସାରିତ ହୋଇ ଚାଲିଛି । ଦୈବାତ୍ 'ପଞ୍ଜାବୀ' ପତ୍ରିକା ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ କଷ୍ଟ ସହିବା ପାଇଁ ତା'ର ସାହସିକତା ଆଉ ତତ୍ପରତା ବଳରେ ସାରା ଭାରତବର୍ଷରେ ସମସ୍ତଙ୍କର ପ୍ରିୟପାତ୍ର ହୋଇଉଠିଛି; ଏହାର ପ୍ରସାରଣ ବିଶେଷ ଭାବରେ ବଢ଼ିଯାଇଛି ଏବଂ ପତିଆରା ତା'ର ଦ୍ୱିଗୁଣରୁ ଅଧିକ ହୋଇଛି । ସାବାସ, ସାବାସ ହେ ନିହାତି ସାଧାରଣ ଏବଂ କଠୋର ପ୍ରଶାସକ ବର୍ଗ !

### ବ୍ରିଟିଶ ସ୍ୱାର୍ଥ ଏବଂ ବ୍ରିଟିଶ ବିବେକ :

''ମିଶରର ସ୍ୱାର୍ଥ ଦୃଷ୍ଟିରୁ ଲୋକପ୍ରିୟ ସ୍ୱାୟତ୍ତ ଶାସନର ଦାବିକୁ ନିଶ୍ଚୟ ପ୍ରତିରୋଧ କରିବାକୁ ହେବ'' – ସେଇ ଅଶାନ୍ତ ଭୂଇଁରେ ଜାତୀୟତାବାଦୀ ଆନ୍ଦୋଳନ ସଂକ୍ରାନ୍ତରେ ଏହା ହେଉଛି 'ପାୟୋନିଅର'ର ଶେଷ ସିଦ୍ଧାନ୍ତ । ମିଶରର 'ସୁରକ୍ଷା-କାରୀମାନଙ୍କର' ସ୍ୱାର୍ଥକୁ ଆଖି ଆଗରେ ରଖି ମିଶରର ଉଚ୍ଚାକାଂକ୍ଷାକୁ କାହିଁକି ଯେ ନିଶ୍ଚୟ ଶ୍ୱାସରୋଧ କରାଯିବ ଏହା ଆମେ ବୁଝିପାରିବା । କିନ୍ତୁ ସେଇ ମାଟିର ସନ୍ତାନଗଣଙ୍କ ସ୍ୱାର୍ଥ ପାଇଁ ତାହା ଯେମିତି ହେଲେ କରିବାକୁ ହେବ ବୋଲି ଯଦି କୁହାଯାଏ ତା'ହେଲେ ତ ବାସ୍ତବିକ ଏହା ଆହୁରି ସାଂଘାତିକ । ଇଂରେଜ ଲୋକଙ୍କର ମାତ୍ରାଧିକ ସ୍ୱାଭିମାନ ବହୁ ସମୟରେ ସେମାନଙ୍କୁ ହାସ୍ୟୋଦ୍ଦୀପକ ନିର୍ବୋଧତା ଭିତରେ ଧୋକା ଦେଇଥାଏ । ବ୍ରିଟିଶରମାନେ ନିଜକୁ ସ୍ୱର୍ଗ ଦ୍ୱାରା ନିଯୁକ୍ତ ବିଶ୍ୱର ଶାସକ ବୋଲି କଳ୍ପନା କରି ନେଇଛନ୍ତି, ଏବଂ କେହି ତା' ପଥ ଅବରୋଧ କରିବାର ଦୁଃସାହସ କଲେ ସେ ହୋଇଉଠେ ଏକ ବିରକ୍ତିକର, ବିଦ୍ରୋହୀ, ବିଶ୍ୱାସଘାତୀ ମଣିଷ । ବ୍ରିଟେନର ସମଗ୍ର ଇତିହାସ ହେଲା ମୁକ୍ତି ପାଇଁ ଏକ ସୁଦୀର୍ଘ ସଂଗ୍ରାମର ଇତିହାସ; ଏବଂ ଏପରିକି ଦିନେ ବ୍ରିଟିଶ ପ୍ରଧାନମନ୍ତ୍ରୀ ଚିତ୍କାର ନକରି ରହି ପାରିଲେ ନାହିଁ, ''ରୁଷିଆର ସାଂସଦ ଡୁମା (Duma) ମୃତ, ଡୁମା ଦୀର୍ଘଜୀବୀ ହେଉ'' । କିନ୍ତୁ ଯେତେବେଳେ ଇଜିପ୍ଟ ବା ଭାରତ ସମ୍ପର୍କରେ ପ୍ରଶ୍ନଟିଏ ଉଠେ, ଯେଉଁଠାରେ ବ୍ରିଟିଶର ସ୍ୱାର୍ଥ ସଂକଟାପନ୍ନ ହୋଇ ପଡ଼େ ସେଠାରେ ବ୍ରିଟିଶର ଲୋଲୁପ ଦୃଷ୍ଟି ବ୍ରିଟିଶ ବିବେକକୁ ଅଭିଭୂତ କରି ପକାଏ ଆଉ ସକଳ ପ୍ରକାରର ବୀଭତ୍ସ ଯୁକ୍ତିର ମିଥ୍ୟା ଜାଲ ବିଛେଇ ଦିଆଯାଏ ଜନପ୍ରିୟ ଆନ୍ଦୋଳନଗୁଡ଼ିକର ଦମନକୁ ଯଥାର୍ଥ ବୋଲି ପ୍ରତିପାଦିତ କରିବା ପାଇଁ । କିନ୍ତୁ ଇଜିପ୍ଟକୁ ବ୍ରିଟିଶ ଅଧିକାର କରି ନେବାର ଇତିହାସ, ଯାହାର ଏକ ଅସ୍ଥାୟୀ ପ୍ରତିକାରଭାବେ ସୂତ୍ରପାତ ହୋଇଥିଲା ଏବଂ ନିଜେ ସ୍ୱୟଂ ସ୍ଥାୟୀ ହୋଇ ରହିଗଲା ସମୟୋପଯୋଗୀ ଚୁକୁରାଏ ବସ୍ତୁ ହୋଇ, ତାହା ବେଶ୍ ଭଲ ରୂପେ ଜଣା ଏବଂ ସାମ୍ରାଦିକତାର ମିଥ୍ୟା ତଥ୍ୟଗୁଡ଼ିକରେ ବିଶ୍ୱ ଆଉ କେବେ ବି ପ୍ରତାରିତ ହୋଇ ପାରିବନି ।

## ଏକ ସୁପାରିସ :

ପ୍ରେସ ଉପରେ ନିୟନ୍ତ୍ରଣର କାର୍ଯ୍ୟ ଭାର 'ଇଂଲିଶମ୍ୟାନ୍' ଅନ୍ୟାୟଭାବେ ନିଜ ହାତକୁ ନେଇଛି ଏବଂ ଆମ ନରମ ଭାବାପନ୍ନ ସହଯୋଗୀ ପତ୍ରିକାମାନଙ୍କୁ ସଦାଚାରର ପ୍ରମାଣ ପତ୍ର ବାଣ୍ଟିବା ଆରମ୍ଭ କରି ଦେଇଛି । ଯେଉଁସବୁ ପତ୍ରିକାମାନଙ୍କର ସୌଭାଗ୍ୟରେ ନାହିଁ ସେ ପ୍ରମାଣପତ୍ରକୁ ସ୍ୱଚକ୍ଷୁରେ ଦେଖିବାକୁ, ସେମାନେ ରାଜଦ୍ରୋହୀଭାବେ ଚିହ୍ନଟ ହୋଇଛନ୍ତି । ଇଂଲିଶମ୍ୟାନ୍ ତା' ଗତକାଲିର ସଂଖ୍ୟାରେ ଠିକ୍ ଏଇୟାହିଁ ଲେଖିଥିଲା — ''ଆମେ ଦୁଃଖିତ ଯେ ଏବେ ଏକ ସଂଖ୍ୟାରେ ''ସ୍ୱଦେଶ'' ଆଉ ''ସ୍ୱରାଜ''କୁ ନେଇ ଆମେ କିଏ ହରଡ଼ ଘଣାରେ ପଡ଼ି ଯାଇଥିଲୁ ଯେତେବେଳେ ''ବନ୍ଦେ ମାତରମ୍ ରାଜନୀତି ସହିତ ଓ ଚିଡ଼ଚିଡ଼ା ମିଜାଜରେ ସ୍ୱର ଉତ୍ତୋଳନ କରିଥିବା ଅନ୍ୟାନ୍ୟ ସେଇ ଜାତୀୟ ପତ୍ରିକାଗୁଡ଼ିକର ରାଜନୀତିକୁ ଅଭିନ୍ନ ବୋଲି ଧରି ନେଇଥିଲୁ । ବାସ୍ତବରେ, ଉଦାରଭାବ ଓ ଦକ୍ଷତା ସହିତ 'ସ୍ୱଦେଶ' ପତ୍ରିକାର ପରିଚାଳନା ଚାଲିଛି ଆଉ ରାଜଦ୍ରୋହୀ କାଗଜଗୁଡ଼ିକ ସହିତ ଏହାକୁ ନେଇ ଘଣ୍ଟା-ଚକଟା କରିବା କେବେହେଲେ ଉଚିତ ହେବନି, ଯେଉଁମାନେ କି ଏ ଦେଶରେ ବହୁତ କିଛି ଉତ୍ପାତ କରି ଚାଲିଛନ୍ତି ।''

ଜଣେ ସମାଲୋଚକ ଯିଏ ପତ୍ରପତ୍ରିକାଗୁଡ଼ିକ ଉପରେ ବିଚାର କରିବାକୁ ଯାଇ ସେମାନଙ୍କର ନାମଗୁଡ଼ିକ ଭିତରେ ଧନ୍ଦି ହୋଇଯାଏ ସେ ଦେବତା ଓ ମଣିଷମାନଙ୍କ ପାଇଁ ଏକ ଅଦ୍ଭୁତ ଦୃଶ୍ୟର ବସ୍ତୁ; ଏବଂ ଏକ ଉଚ୍ଚ ଦପ୍ତରରୁ ପ୍ରମାଣ ପତ୍ର ପାଇଥିବାରୁ ଆମ 'ସ୍ୱଦେଶ' ବନ୍ଧୁଙ୍କୁ ଆମେ ଅଭିନନ୍ଦନ ଜ୍ଞାପନ କରୁଛୁ । କିନ୍ତୁ ଏହା କ'ଣ ଯାଚିତ ନା ଅଯାଚିତ ? ବର୍ତ୍ତମାନ ରାଜଦ୍ରୋହୀଭାବେ ପରିଚିତ ଟୁକୁରା ଖବରକାଗଜଗୁଡ଼ିକ ଏଇ ସ୍ୱତନ୍ତ୍ର ଉପାଧିକୁ ଦେଖି ଈର୍ଷା କରିପାରନ୍ତି । କିନ୍ତୁ ସେମାନେ କ'ଣ ସେମାନଙ୍କ ମାର୍ଗର ସଂଶୋଧନ ପାଇଁ ପ୍ରଲୁବ୍ଧ ହୋଇ ଉଠିବେ ? ଆମେ ଯୋଗ୍ୟ ବିବେଚିତ ହୋଇଥିବା ପତ୍ରିକାଗୁଡ଼ିକୁ କାଇଜର୍-ଇ-ହିନ୍ଦ୍ (kaisar-i-Hind)* ଉପାଧିରେ ଭୂଷିତ କରାଯାଉ ବୋଲି ପରାମର୍ଶ ଦେବା ପାଇଁ ଆଗ୍ରହପ୍ରକାଶ କରିବୁ ଏବଂ 'ଇଣ୍ଡିଆନ୍ ମିରର୍' ଓ 'ଇଣ୍ଡିଆନ୍ ନେଶନ୍', ଏଇ ଦୁଇଟି ପତ୍ରିକାଙ୍କୁ ପ୍ରଥମ ଦୁଇଟି ପଦକ ଦେବା ସକାଶେ ସୁପାରିସ କରିବୁ ।

[ବନ୍ଦେ ମାତରମ୍, ଏପ୍ରିଲ ୧୮, ୧୯୦୭]

## ଏକ ନିଷ୍ଫଳ ଦଫା ରାଜଦ୍ରୋହର :

'ପଞ୍ଜାବୀ' ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପଞ୍ଜାବ ସରକାରଙ୍କ ନିର୍ବୋଧତାକୁ ନେଇ ଏବଂ ସେଇ କାର୍ଯ୍ୟାନୁଷ୍ଠାନର ପ୍ରତ୍ୟକ୍ଷ ନିଷ୍ଫଳତା ସେମାନଙ୍କୁ ଯେଉଁ ହାସ୍ୟାସ୍ପଦ ଓ ଅବାଞ୍ଛନୀୟ ପରିସ୍ଥିତିରେ ଆଣି ଠିଆ କରେଇଲା ସେ ସଂକ୍ରାନ୍ତରେ ସମୀକ୍ଷା କରି ଆମେ ଟିପ୍ପଣୀ ଦେଇଥିଲୁ । ଭାରତ ସରକାରଙ୍କଠାରେ ସାହସ, ଅନ୍ତର୍ଦୃଷ୍ଟି ଏବଂ ରାଷ୍ଟ୍ରନୀତିଜ୍ଞତାର ଘୋର ଅଭାବ ଆମ ପାଇଁ ସର୍ବଦା ଗୋଟିଏ ଆଶ୍ଚର୍ଯ୍ୟର ବିଷୟ ହୋଇ ରହିଛି । ସବୁଠୁ କମ୍ ଖର୍ଚ୍ଚରେ ପରାଧୀନ ଜାତିଗୁଡ଼ିକୁ ଅବଦମିତ କରି ରଖିବାରେ ଏବଂ ନିଜ ପାଇଁ ସବୁଠୁ ବଡ଼ ଫାଇଦା ହାସଲ କରିବାରେ ଇଂରେଜମାନେ ଅତି ମାତ୍ରାରେ ହେଉଛନ୍ତି ଦକ୍ଷ ଓ ବାସ୍ତବତା ଅଭିମୁଖୀ ଏକ ଜାତି । ଏହିପରି ଗୋଟିଏ ଜାତି ଯେ ଭାରତବର୍ଷରେ ନୂତନ ପରିସ୍ଥିତିର ମୁକାବିଲା କରିବା ଦିଗରେ ବ୍ୟତିବ୍ୟସ୍ତ ଏବଂ ନୈରାଶ୍ୟଜନକଭାବେ ବିଭ୍ରାନ୍ତ ହୋଇ ପଡ଼ିଛି, ଦେଖିବାକୁ ଗଲେ ଏଇଟାହିଁ ବିଚିତ୍ର ବିଲୟ । ତିନୋଟି ସମ୍ଭାବ୍ୟ ନୀତି ରହିଛି ଯାହା ଦ୍ୱାରା ଏ ପରିସ୍ଥିତିର ସାମନା କରାଯାଇ ପାରିବ । ରୁଷୀୟ ଢାଞ୍ଚାର ଦମନ ନୀତିଟିକୁ ଆମେ ବୁଝି ପାରିଥିଲୁ, ବଳ ପ୍ରୟୋଗର ସମସ୍ତ ପ୍ରକାର ଉପାୟ ଅବଲମ୍ବନ କରି ସେମାନଙ୍କ ସ୍ୱେଚ୍ଛାଚାରୀ ଆଇନ ଓ ଆଇନର ବ୍ୟବହାର ପ୍ରକ୍ରିୟାକୁ ସେମାନେ ପ୍ରସ୍ତୁତ କରି ରଖନ୍ତି ନିଜ ହାତରେ ଜାତୀୟତାବାଦର ବହ୍ନିକୁ ନିର୍ବାପିତ କରିବା ପାଇଁ, ତାହା ବ୍ୟାପକ ଆକାର ଧାରଣ କରିବା ପୂର୍ବରୁ । ବିକ୍ଷୋଭର ଦୃଢ଼ ଦମନ ଓ ବ୍ରିଟିଶ ଆଧିପତ୍ୟର ସ୍ଥିତାବସ୍ଥାକୁ ବଜାୟ ରଖିବା ସହିତ ସ୍ଥାନୀୟ ତଥା ମ୍ୟୁନିସିପାଲିଟିର ସ୍ୱାୟତ୍ତ ଶାସନ କ୍ଷେତ୍ରରେ ସମ୍ପୂର୍ଣ୍ଣ ଓ ଉଦାରଭାବାପନ୍ନ ସୁବିଧାଗୁଡ଼ିକର ନୀତିଟିକୁ ଆମେ ବୁଝି ପାରିଥିଲୁ । ଚରମ ଲକ୍ଷ୍ୟ ରୂପେ ରାଜ୍ୟ ସ୍ତରୀୟ ସ୍ୱରାଜ (Provincial Home Rule) ସହିତ ଜନସାଧାରଣଙ୍କର ଅକୁଣ୍ଠ ସହଯୋଗକୁ ଆମେ ହୃଦୟଙ୍ଗମ କରିଥିଲୁ । ପ୍ରଥମ ନୀତିଟି ଅତି କଠୋର ଏବଂ ସାହସିକତା ପୂର୍ଣ୍ଣ କିନ୍ତୁ ଅବିବେକୀ ହୋଇଯିବ; କାରଣ ଗୋଟିଏ ଜାତି ଉପରେ ତା'ର ଏକମାତ୍ର ପ୍ରଭାବ ରହିବ ଆଗାମୀ ଭବିଷ୍ୟତକୁ ତ୍ୱରାନ୍ୱିତ କରିବା ପାଇଁ, ଯାହାର ରହିଛି ଏକ ଅତୀତ ଏବଂ

* ୧୮୭୬ରୁ ୧୯୪୭ ମସିହା ପର୍ଯ୍ୟନ୍ତ ଭାରତର ସାର୍ବଭୌମ ଶାସକମାନଙ୍କୁ ବ୍ରିଟିଶ ରାଜତନ୍ତ୍ର ଦ୍ୱାରା ପ୍ରଦତ୍ତ ଉପାଧି ।

ଯିଏ ତା' ସ୍ମୃତିପଥରେ ଅତୀତକୁ ଧାରଣ କରିଛି । ଯଦି ସହସା ଦ୍ୱିତୀୟ ନୀତିଟି ହାତକୁ ନିଆଯାଏ, ତା' ହୁଏତ ଅଳ୍ପ ସମୟ ପାଇଁ ଫଳବତୀ ହୋଇପାରେ କିନ୍ତୁ ଜାତୀୟ ଆସ୍ପୃହାକୁ ଦୀର୍ଘକାଳ ବ୍ୟାପି ସନ୍ତୁଷ୍ଟ ରଖିପାରିବ ନାହିଁ । ତୃତୀୟ ନୀତିଟି ହେଉଛି ପୂରାପୂରି ସଠିକ୍ ମନ୍ତ୍ରଣା, ସୌଭାଗ୍ୟକ୍ରମେ ଭାରତର ଭବିଷ୍ୟତ୍ ଗରିମା ପାଇଁ । ମିଃ ବ୍ଲେୟାର୍‌ଙ୍କ କଥାକୁ ଶୁଣିବା ପାଇଁ ତାଙ୍କର ପ୍ରାୟ କେହି ବି ଦେଶବାସୀ ମିଳିବେ ନାହିଁ । ତେବେ ବି ଏଇ ତିନୋଟି ନୀତି ଭିତରୁ ଯେକୌଣସି ଗୋଟିଏ ହେଉଛି ଯୁକ୍ତିଯୁକ୍ତ ଏବଂ ନ୍ୟାୟସଙ୍ଗତ; କିନ୍ତୁ ସରକାରଙ୍କ ବର୍ତ୍ତମାନର ଆଭିମୁଖ୍ୟରେ ଏଥିରୁ କୌଣସି ଗୋଟିଏ ବି ଦେଖିବାକୁ ମିଳିବ ନାହିଁ । ଏହା ହେଉଛି ଭୟାଳୁ ଓ ଶିଥିଳ ବଳ ପ୍ରୟୋଗର ଏକ ଅସମ୍ଭବ ସମ୍ମିଶ୍ରଣ, ତା' ସହିତ ରହିଛି ଆନ୍ତରିକତାବିହୀନ ବିରକ୍ତି ଭାବ ଆଉ କାଳକ୍ଷେପଣ ନୀତିରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନର ଉଦ୍ୟମ । ସରକାର ସର୍ବସାଧାରଣଙ୍କ ବିରୋଧରେ ଯାଇ ଜଣେ ଫୁଲାର୍‌କୁ ହରେଇ ବସିଛନ୍ତି ଏବଂ ତା'ପରେ ପ୍ରତିରୋଧର ସମ୍ମୁଖୀନ ହୋଇ ତାଙ୍କୁ ପୁଣି ଫେରେଇ ଆଣିଛନ୍ତି । ଏହା ଗୋଟିଏ ସଂସ୍କାର ପାଇଁ ପ୍ରତିଶ୍ରୁତି ଦେଇଛି ଏବଂ ପରେ ପୁଣି କୁଣ୍ଠାବୋଧ ପ୍ରକାଶ କରିଛି, ଅନୁଶୋଚନା କରିଛି ଏବଂ ତା' ଚିତ୍ତକୁ ଥୟ କରିପାରିନି ଏ ସଂସ୍କାରଟିକୁ ତୁରନ୍ତ ଓ ଖୋଲା ହୃଦୟରେ ଆଣିବା ପାଇଁ । ମନଇଚ୍ଛା ଆଇନ ସଂକ୍ରାନ୍ତୀୟ **ବ୍ରହ୍ମାସ୍ତ୍ର ଓ ନାଗପାଶକୁ** ଆଣି ଜମେଇ ରଖିଛି ବିରୋଧିମାନଙ୍କୁ ବାନ୍ଧି ଗୁଡ଼େଇ ପକେଇବା ପାଇଁ, ଧ୍ୱଂସ କରିବା ପାଇଁ, କିନ୍ତୁ ସତ୍‌ସାହସ ନାହିଁ ସେଗୁଡ଼ିକର ଉପଯୁକ୍ତ ସଦ୍‌ବ୍ୟବହାର କରିବାକୁ । ସର୍ବସାଧାରଣଙ୍କୁ ଦଳି ଚକଟି ବିନାଶ କରିଦେବା ପାଇଁ ଏହାର ଇଚ୍ଛା କିନ୍ତୁ ସାହସ ପାଉ ନାହିଁ । କିଛି ସୁବିଧା-ସୁଯୋଗ ଦେବାର ପ୍ରୟୋଜନ ଅଛି ବୋଲି ଭାବୁଛି କିନ୍ତୁ ତାହା ସେ ଦେବ ନାହିଁ । ଏଇ ମାର୍ଗରେହିଁ ସାମ୍ରାଜ୍ୟଗୁଡ଼ିକର ବିଲୟ ଘଟେ । ଏକ ସହଜବୋଧ ନୀତିଟିର ଦୃଷ୍ଟାନ୍ତ କେବଳ ମାତ୍ର ରହିଛି ପୂର୍ବବଙ୍ଗଳାରେ, ଯେଉଁଠି ଶାସନତନ୍ତ୍ର ଏକ ନିରସ୍ତ୍ର ବିପ୍ଳବ ପରି ପରିସ୍ଥିତିର ସମ୍ମୁଖୀନ ହୋଇଛି ଏବଂ ଏହାର ଉପଚାର କରିଛି ବିଦ୍ରୋହୀ ଶକ୍ତିମାନଙ୍କୁ ଅଲଗା କରି ରଖିବାରେ ଓ ସ୍ଥାନୀୟ ସହଯୋଗୀ ମିତ୍ରମାନଙ୍କ ସହାୟତାରେ ସେମାନଙ୍କୁ ଧ୍ୱଂସ କରିଦେବାର ସାମରିକ ସୂତ୍ରକୁ ପ୍ରୟୋଗ କରି, ପ୍ରତିରୋଧ ସଂଗଠିତ ଏବଂ ସର୍ବତ୍ର ବ୍ୟାପକ ହୋଇଉଠିବା ପୂର୍ବରୁ । ଏହା ଏକ ପ୍ରଖର ଓ ଚତୁରତା ପୂର୍ଣ୍ଣ ନୀତି, ଏହାର ସଫଳତା ପାଇଁ କିନ୍ତୁ ଦୁଇଗୋଟି ପାରିପାର୍ଶ୍ୱିକ ଅବସ୍ଥାର ପ୍ରୟୋଜନ – ଗୋଟିଏ ହେଲା କଲିକତାସ୍ଥ ନେତାମାନଙ୍କର ଦୁର୍ବଳତା, ଦୋଦୁଲ୍ୟମାନ ଅବସ୍ଥା ଓ କାପୁରୁଷତା ଆଉ ଆରଟି ହେଲା ପୂର୍ବବଙ୍ଗରେ ପରାକ୍ରମୀ ସର୍ବସାଧାରଣଙ୍କ ଦୃଢ଼ ମନୋବଳର ଅଭାବ । କିନ୍ତୁ ପୂର୍ବବଙ୍ଗର ପରିସ୍ଥିତି କେବଳ ଏକ ସ୍ଥାନୀୟ ସୂଚନା ମାତ୍ର । ସାଧାରଣ ବ୍ୟାଧିର ଉପଶମ ଦିଗରେ ସରକାରଙ୍କ ନୀତି ହେଉଛି ଖାଲି ଗଣ୍ଡଗୋଳିଆ ।

ରାଜଦ୍ରୋହ ପ୍ରତି ଏହାର ଉପଚାରକୁ ଆମେ ଏକ ଦୃଷ୍ଟାନ୍ତ ରୂପେ ଗ୍ରହଣ କରିପାରୁ । ଦଣ୍ଡବିଧି ଆଇନ ଭିତରେ ରାଜଦ୍ରୋହ ପ୍ରତି ଲାଗୁ ହେଉଥିବା ଦଫା ହେଉଛି ଆଇନଗତ ନିଷ୍ଠୁରତାର ଏକ କୀର୍ତ୍ତି ସ୍ମାରକ, କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ତାହା ବ୍ୟର୍ଥତାର ଏକ ନିଦର୍ଶନ । ଅପରାଧଟି ହେଲା ସରକାରଙ୍କ ବିରୋଧରେ ଅବଜ୍ଞା ଓ ଘୃଣାଭାବକୁ ପ୍ରୋତ୍ସାହିତ କରିବା । ସରକାରର ଅର୍ଥ ହେଲା ସମଷ୍ଟିଗତ ଓ ବ୍ୟଷ୍ଟିଗତ ଭାବେ ଏକ ଅମଲାତନ୍ତ୍ର । ଅତଏବ, ଜଣେ ଅଧିକାରୀଙ୍କ ପକ୍ଷରୁ କୌଣସି ନିର୍ବୋଧ ଓ ମନମୁଖି ଆଚରଣ ଉପରେ କିଂବା ସରକାର, ବଡ଼ଲାଟଙ୍କ ପ୍ରତିନିଧି ବା ପ୍ରାଦେଶିକ ଶାସନ ପକ୍ଷରୁ କୌଣସି ଅବିବେକୀ କିଂବା ଅତ୍ୟାଚାରମୂଳକ ନୀତି ଉପରେ ବା ପ୍ରଶାସନିକ ବ୍ୟବସ୍ଥା ଭିତରେ ରହିଥିବା କିଛି ଅବାନ୍ତର କିଂବା ନିନ୍ଦନୀୟ ବିଶେଷତ୍ୱ ଉପରେ, କିଂବା ବର୍ତ୍ତମାନର ପ୍ରଶାସନ ଯେ ଭାରତବର୍ଷରେ ଦୁର୍ଦ୍ଦଶା ଓ ଯନ୍ତ୍ରଣା ପାଇଁ ଦାୟୀ ବୋଲି କିଂବା ଅମଲାତାନ୍ତ୍ରିକ ଶାସନ ଯେ ଜନସାଧାରଣଙ୍କର ତଥା ଦେଶର ବିଶେଷ ଓ ନୈତିକ ଅନିଷ୍ଟ ସାଧନ କରୁଛି ବୋଲି ପ୍ରମାଣ କରିବା ପାଇଁ ଯେକୌଣସି ପ୍ରକାରର ଉଦ୍ୟମ ଏଇ ବିକୃତ ବିଧି-ବ୍ୟବସ୍ଥାର ପରିସରଭୁକ୍ତ ହୋଇଛି । କାରଣ ଏ ଧରଣର ବିବୃତି, ମନ୍ତବ୍ୟ ଓ ଉଦ୍ୟମ ଯେମିତି ହେଲେ ସର୍ବସାଧାରଣଙ୍କ ମଧ୍ୟରେ ଘୃଣା ଏବଂ ଅଶ୍ରଦ୍ଧା ଭାବକୁ ତେଜିଦେବ; ଏବଂ ଲେଖକ ବିଚରା ନଜାଣି ଆଉ ଚାରା ନାହିଁ ଯେ ସେଇମାନେହିଁ ଏହାର ପରିଣାମକୁ ଭୋଗିବେ । ଅଥଚ ଏଗୁଡ଼ିକ ଏମିତି ସବୁ ପ୍ରସଙ୍ଗ ଯାହାକୁ ଲୋକଲୋଚନକୁ ଆଣିବା ପ୍ରତ୍ୟେକ ଦେଶର ସାମ୍ବାଦିକର ସ୍ୱାଭାବିକ କର୍ତ୍ତବ୍ୟ ଯେଉଁ ଦେଶଗୁଡ଼ିକ ବର୍ତ୍ତମାନ ଆଉ ସେ ଅନ୍ଧାରି ଯୁଗର ନୁହନ୍ତି ।

ବିକଳ୍ପ ଦଣ୍ଡ ବ୍ୟବସ୍ଥାଗୁଡ଼ିକ ହେଲା – ସାମାନ୍ୟ ଧରଣର, ଯାହାର ଅବଧି ଦୁଇ ବର୍ଷ ସଶ୍ରମ କାରାଦଣ୍ଡ, ଗୁରୁତର ଦଣ୍ଡ ହେଲା ସବୁଠାରୁ ଚରମ ଶାସ୍ତି, ଯାହା ଫାଶୀଖୁଣ୍ଟ ଭଳିଆ ।

ଏସବୁ ହେଲା ରୁଷ୍ ଦେଶର କ୍ରୁରତା । ଅଥଚ ଏଇ ଭୟାନକ ତରବାରି ବୃଥାରେ ଭାରତୀୟ ସାମ୍ବାଦିକମାନଙ୍କର ମଥା ଉପରେ ଝୁଲି ରହିଛି; କାରଣ ତୁଚ୍ଛା କାରାବାସ ଭାରତୀୟଙ୍କର ସ୍ୱଦେଶ ପ୍ରୀତି ପାଇଁ ଆଉ କୌଣସି ଭୟ ସୃଷ୍ଟି କରିବନି ଏବଂ ବାସ୍ତବିକ ଶୋଚନୀୟ ଶାସ୍ତିଗୁଡ଼ିକର ବିଧାନ କରାଯାଇପାରେ କିନ୍ତୁ ତହିଁରେ ମଧ୍ୟ ବିପଦ ରହିଛି କାରଣ ସାଧାରଣ ଲୋକେ ଗୁପ୍ତ ଷଡ଼ଯନ୍ତ୍ର ଓ ପ୍ରଚଳିତ ବ୍ୟବସ୍ଥା ବିରୋଧରେ ଅବଜ୍ଞାସୂଚକ ଘୋର ପ୍ରତିବାଦ ତୋଳିବା ପାଇଁ ଶେଷକୁ ବାଧ୍ୟ ହେବେ । ନିମ୍ନ ଶ୍ରେଣୀର କାର୍ଯ୍ୟକାରିଣୀ (Executive) ଏବଂ ବିଚାର ବିଭାଗ ନୈତିକ ତଥା ଧର୍ମସଂକଟ (Scruples) ଦ୍ୱାରା ପ୍ରଭାବିତ ହୁଅନ୍ତି ନାହିଁ । କାରଣ ଅନ୍ତିମ ଫଳାଫଳକୁ ଆଖି ଆଗରେ ରଖି ପୁନର୍ବିଚାର ପାଇଁ କେହି ସେମାନଙ୍କୁ ନିବେଦନ କରନ୍ତି ନାହିଁ କି ବାହାର ପଟୁ ସେମାନଙ୍କୁ କୌଣସି କଟୁ ସମାଲୋଚନାର ଶରବ୍ୟ ହେବାକୁ ପଡ଼େ ନାହିଁ । କିନ୍ତୁ ସରକାରୀ ପଦପଦବୀରେ ଯିଏ ଯେତେ ଉପର ପାହ୍ୟାକୁ ଉଠିଯାଏ ଆସନ୍ନ ପରିଣାମର ଆଶଙ୍କାଠାରୁ ଆଉ ସାରା ଜଗତଠାରୁ ଭର୍ତ୍ସନା ମିଳିବାର ଦୁଶ୍ଚିନ୍ତାରୁ ଉତ୍ପନ୍ନ ପ୍ରତିରୋଧକାରୀ ପ୍ରଭାବ ତା' ଉପରେ ସେତିକି ସେତିକି ବଢ଼ିଚାଲେ । ଏଇ କାରଣ ପାଇଁହିଁ 'ପଞ୍ଜାବୀ' ବିରୋଧରେ ସେହିପରି ଭୟାବହ ଦଣ୍ଡାଦେଶଗୁଡ଼ିକ ପର୍ଯ୍ୟାୟକ୍ରମେ ଆବେଦନ ଜରିଆରେ ହ୍ରାସ କରିଦିଆ ଯାଇଥିଲା – ଏଇଟା ଏକ ଅପରୋକ୍ଷ ସତ୍ୟ ଯାହାକୁ ଆଙ୍ଗ୍ଲୋ-ଭାରତୀୟ ସହଯୋଗୀ ପତ୍ରିକା ଲକ୍ଷ୍ୟ କରିଛନ୍ତି ଖୁବ୍ ବିରକ୍ତିର ସହିତ । ସେଥିପାଇଁ ୧୨୪କ ଓ ୧୫୩କ ଧାରାକୁ ଆୟୁଧ କରାଯାଏ ଯାହାର ସଫଳ ପ୍ରୟୋଗ ସରକାର କରିପାରନ୍ତି ନାହିଁ ଏବଂ ଯାହାର ଅସଫଳ ପ୍ରୟୋଗରେ ବିଫଳତା ଅପେକ୍ଷା ଆହୁରି ଅଧିକ କିଛି ଖରାପ ଘଟିବାର ସମ୍ଭାବନା ରହିବ । ଯଦି ସାମ୍ବାଦିକ ଜଣକ ନିର୍ଦୋଷରେ ଖଲାସ ହୋଇଯାଆନ୍ତି ତା'ହେଲେ ଏହା ହେବ ଲୋକଶକ୍ତିର ବିଜୟ; ଯଦି ହାଲୁକା ଭାବେ ଦଣ୍ଡିତ ହୁଅନ୍ତି, ତା'ହେଲେ ସର୍ବସାଧାରଣ ନିଶ୍ଚୟ ଖପ୍ପା ହୋଇ ଉଠିବେ, କିନ୍ତୁ ଭୟଭୀତ ହୋଇଯିବେନି; ଯଦି ମୁକାବିଲା କଡ଼ା ହୁଏ ତା'ହେଲେ ଜାତୀୟତାର ଜୁଆରକୁ ବିରାଟ ପ୍ରେରଣା ମିଳିବ ତାକୁ ଆଗକୁ ବାହି ନେବାକୁ ସେଇ ପର୍ଯ୍ୟନ୍ତ, ଯେତେବେଳେ ଏଇ ସଭ୍ୟ ବର୍ବରତାର ଇଲାକାଟି ବୈପ୍ଳବିକ ପରିବର୍ତ୍ତନରେ ଏବଂ ଆଧୁନିକତାର ହାଓ୍ୱାରେ ବଦଳି ଯାଇଥିବା ପ୍ରଶାସନର ଅଧିନିୟମର ଗ୍ରନ୍ଥଗୁଡ଼ିକୁ ଆଉ କଳୁଷିତ କରିବା ଅବସ୍ଥାରେ ନଥିବ ।

**ଏକ ରାଷ୍ଟ୍ରନୀତିଜ୍ଞର ଭୂମିକାରେ 'ଇଂଲିଶ୍‌ମ୍ୟାନ୍' :**

ଗତକାଲିର ସଂଖ୍ୟାରେ 'ଇଂଲିଶ୍‌ମ୍ୟାନ୍'ର ଏକ ଗଣ୍ଡଗୋଳିଆ ଆଉ ଶବ୍ଦବହୁଳ ଲେଖା ପ୍ରକାଶ ପାଇଛି ଯାହାକୁ ସେ ଏହିପରି, ''ଏମିତି ଏକ ସମୟ ପାଇଁ'' ବିଶେଷଭାବେ ଉପଯୁକ୍ତ ଲେଖା ବୋଲି ବିଚାର କରିଛି; କିନ୍ତୁ ପ୍ରକୃତ ଅର୍ଥଟିକୁ ସେ ଲେଖା ଭିତରୁ ବାହାର କରିବା କଷ୍ଟ । ଆମ ସମସାମୟିକ ପତ୍ରିକାଟିର ଏକ କ୍ଷୀଣ ବୋଧଶକ୍ତି ରହିଛି । ଦେଶରେ ଯେ ଏକ 'ସଂକଟ' ପଡ଼ିଛି ସେଥିପ୍ରତି; ଯାହାର ସ୍ୱରୂପକୁ ନିର୍ଣ୍ଣୟ କରିବା ପାଇଁ ସେ ଅକ୍ଷମ; କିନ୍ତୁ ଏହା କୁଆଡ଼େ ଏକ ଭୟାନକ ଧରଣର ସଙ୍କଟ, ସେ ଯାହା ହେଲେ ମଧ୍ୟ, – ଏକ ଭୟାନକ ଦୈତ୍ୟ, ଦେଖିଲା ବେଳକୁ ଯାହାର ଆକାର ନାହିଁ କିନ୍ତୁ ବିଶାଳ । ''ଏହା ଯେତେବେଳେ ଚରମ ଅବସ୍ଥାକୁ ଆସିବ ଏହାର ପ୍ରଭାବ ସମଗ୍ର ଦେଶକୁ ବ୍ୟାପୀ ଯିବ ଏବଂ ସମ୍ଭବତଃ ଏସିଆକୁ ମଧ୍ୟ, ଆଉ ଯଦି ତା' ନହୁଏ ତା'ହେଲେ ମଧ୍ୟ ରୁଷିଆ ବାଟ ଦେଇ ୟୁରୋପ ଭିତରକୁ, ଯାହାର ଚୂଡ଼ାନ୍ତ ପରିଣାମ କେହି ଆଗରୁ ଜାଣିପାରିବେ ନାହିଁ । ଏହା ସ୍ୱୀକାର କରିଛି ଯେ ''ସେଠି କିଛି ଆଶା ରହିଛି'' ଲୋକମାନଙ୍କ ଅନ୍ତର ଭିତରେ ''ଯାହାକୁ ଉପହାସ କରିବା ଏକ ନିର୍ବୋଧତା, ହେୟଜ୍ଞାନ କରିବା ଏକ ପାଗଳାମି ।'' ଆମେ ଯେତେ ଦୂର ପର୍ଯ୍ୟନ୍ତ ଜାଣିବାକୁ ସକ୍ଷମ ହୋଇଛୁ, ''ଇଂଲିଶ୍‌ମ୍ୟାନ୍'' ଏ ସମସ୍ତ ପ୍ରତ୍ୟାଶାଗୁଡ଼ିକୁ ସମ୍ମାନ ଓ ସ୍ୱୀକୃତି ଜ୍ଞାପନ କରିବା ପାଇଁ ଏକ ମୂଳ ରାସ୍ତାକୁ ଖୋଜି ପାଇଛି । ସେମାନଙ୍କୁ ଖୁସି କରିବା ପାଇଁ ଏହା ପ୍ରସ୍ତାବ ଦେଇଛି ଏକ ବୃହତ୍ ସଂଖ୍ୟକ ଅଣସରକାରୀ ୟୁରୋପୀୟ କର୍ମଚାରୀମାନଙ୍କୁ ମିଃ. ମୋର୍ଲେଙ୍କ **ନୂତନ ବିଧାନ ପରିଷଦ**ରେ ନିଯୁକ୍ତି ଦେବା ପାଇଁ, ତା' ସହିତ ରହିବେ ଢାକାର ନବାବ ଏବଂ ତାଙ୍କ ସମସ୍କନ୍ଧ କିଛି ଅନ୍ୟାନ୍ୟ ବିରଳ ଜାତୀୟ ବ୍ୟକ୍ତିମାନେ ମଧ୍ୟ ରହିବେ ଯାହାଙ୍କୁ ଅମଲାତନ୍ତ୍ରିକ ପ୍ରଶାସନ ଖୋଜି ପାଇପାରିବ । ଉତ୍ତର ଦିଗରେ ରହିଥିବା ଅଧିକ ପୁରୁଷୋଚିତ ଜାତିମାନଙ୍କ ଭିତରେ ଯେଉଁମାନେ ଦୁର୍ଦାନ୍ତ ହୋଇଉଠିବେ ଅଧିକ ସୁବିଧାଜନକ ବୋଲି ବିବେଚିତ ହେବେ, ସୁଦୂର ଦକ୍ଷିଣରେ ଥିବା ଆଉ ଗୋଟିଏ ଗୋଷ୍ଠୀର ଜନସାଧାରଣଙ୍କ ଅପେକ୍ଷା, ଯେଉଁମାନେ ଯେତେ ଅଧିକ ପୌରୁଷହୀନ ହେବେ ସେମାନେ ସେତେ ଅଧିକ ପରିତୃପ୍ତ ହୋଇପଡ଼ନ୍ତି'' । ଅସାଧାରଣ ଭାବେ ଅତି ବେପରୁଆ ଢଙ୍ଗର

ଖାପଛଡ଼ା ଏଇ କଥାଗୁଡ଼ିକର ମର୍ମହେଲା ଯେ 'ଇଂଲିଶ୍‌ମ୍ୟାନ୍‌' ଶଙ୍କାଗ୍ରସ୍ତ ହୋଇପଡ଼ିଛି ଲାହୋରଠାରେ ହୋଇଥିବା ଗଣ୍ଡଗୋଳକୁ ଦେଖି ଯାହା ଘଟିଥିଲା ଠିକ୍ 'ପଞ୍ଜାବୀ' ଉପରେ ଦଣ୍ଡାଦେଶର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଲା ପରେ ଏବଂ ଯାହା ବିଧାନ ପରିଷଦଗୁଡ଼ିକରେ ଅବାଞ୍ଛିତ ପରିବର୍ତ୍ତନର ସମ୍ଭାବନାକୁ ନେଇ ସାମାନ୍ୟ ଅଧିକ ଅସ୍ଥିରତା ସୃଷ୍ଟି କରିଛି । ତେଣୁ ତା'ର ଗତାନୁଗତିକ 'ନିର୍ବୋଧତା' ଓ 'ପାଗଳାମି'ରୁ ତ୍ରାହି ପାଇବା ପାଇଁ ଏଇ ଅସ୍ୱାଭାବିକ ଏବଂ ଅସଫଳ ପ୍ରୟାସ । ଯେଉଁ ଇଂଲିଶ୍‌ମ୍ୟାନ୍ ଅଯଥାରେ ବିଜ୍ଞତାର ପରିଚୟ ଦେବାକୁ ପ୍ରଚେଷ୍ଟା ଚଳେଇଛି ତା' ଅପେକ୍ଷା ନିର୍ବୋଧ ଓ ପାଗଳ ହୋଇଥିଲେ ସେଇ 'ଇଂଲିଶ୍‌ମ୍ୟାନ୍‌' ଆମକୁ ଭଲ ଲାଗିବ । ତା'ର ସ୍ୱାଭାବିକ ଅବସ୍ଥାରେ ଅନ୍ତତଃ ଏତିକି ବୋଧଗମ୍ୟ ହେଉଛି ।

[ବନ୍ଦେ ମାତରମ୍, ଏପ୍ରିଲ ୧୯, ୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ✤

## ପୂର୍ଣ୍ଣଯୋଗ

ଭୌତିକ ଜଗତକୁ ତାହାର ଭାଗ୍ୟ ଅନୁସାରେ ଅପରିବର୍ତ୍ତନୀୟଭାବେ ପଡ଼ିରହିବାକୁ ଛାଡ଼ିଦେଇ ଏଠାରୁ ପଳାୟନ କରିବା ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ । କିଂବା କୌଣସି ଚରମ ପରିବର୍ତ୍ତନର ଆଶା ନ ରଖି ପାର୍ଥିବ ଜୀବନ ଯେପରି ଅଛି ସେପରିଭାବେ ଗ୍ରହଣ କରିନେବା, ଏହି ଜଗତକୁ ଭାଗବତ ସଂକଳ୍ପର ଅନ୍ତିମ ଅଭିବ୍ୟକ୍ତିରୂପେ ଗ୍ରହଣ କରିନେବା ମଧ୍ୟ ପୂର୍ଣ୍ଣଯୋଗର ଲକ୍ଷ୍ୟ ନୁହେଁ ।

ପୂର୍ଣ୍ଣଯୋଗର ଲକ୍ଷ୍ୟ ହେଉଛି ସାଧାରଣ ମାନସ ଚେତନାରୁ ଆରମ୍ଭ କରି ଅତିମାନସ ଚେତନା ଓ ଦିବ୍ୟଚେତନା ପର୍ଯ୍ୟନ୍ତ ଚେତନାର ସମସ୍ତ ସ୍ତର ମଧ୍ୟ ଦେଇ ଊର୍ଦ୍ଧ୍ୱାରୋହଣ କରିବା, ଏବଂ ଯେତେବେଳେ ଏହି ଆରୋହଣ ଶେଷ ହୁଏ, ସେତେବେଳେ ଭୌତିକ ଜଗତକୁ ଫେରିଆସି ଏହା ମଧ୍ୟକୁ ଉପଲବ୍ଧ ଅତିମାନସ ଶକ୍ତି ଓ ଚେତନାକୁ ଅନୁପ୍ରବିଷ୍ଟ କରାଇବା, ଯାହା ଫଳରେ ଏହି ପୃଥିବୀ କ୍ରମଶଃ ଏକ ଅତିମାନସ ଏବଂ ଦିବ୍ୟ ଜଗତରେ ପରିଣତ ହୋଇପାରେ ।

ପୂର୍ଣ୍ଣଯୋଗ ବିଶେଷତଃ ସେହିମାନଙ୍କ ନିକଟରେ ଆସି ଉପସ୍ଥିତ ହୁଏ, ଯେଉଁମାନେ ମନୁଷ୍ୟ ଯାହା ଉପଲବ୍ଧି କରିପାରେ ତାହା ନିଜ ମଧ୍ୟରେ ଉପଲବ୍ଧି କରି ମଧ୍ୟ ସନ୍ତୁଷ୍ଟ ନୁହନ୍ତି, କାରଣ ଏହି ସାଧାରଣ ଜୀବନରେ ଯାହାସବୁ ପ୍ରାପ୍ତ ହୋଇ ନ ପାରିବ ସେହିସବୁକୁ ସେମାନେ ଚାହାନ୍ତି । ଯେଉଁମାନେ ଅଜ୍ଞାତ ବସ୍ତୁକୁ ଜାଣିବା ସକାଶେ ଉତ୍କଣ୍ଠିତ, ପୂର୍ଣ୍ଣତା ନିମିତ୍ତ ଆସ୍ପୃହାଶୀଳ, ଯେଉଁମାନେ ନିଜ ସମ୍ବନ୍ଧେ ଦୁଃସହ ପ୍ରଶ୍ନସକଳ ଜିଜ୍ଞାସା କରନ୍ତି ଏବଂ ସେସବୁର ଯଥାର୍ଥ ଉତ୍ତରସବୁ ପାଇ ନାହାନ୍ତି, ସେଇମାନେହିଁ ପୂର୍ଣ୍ଣଯୋଗ ନିମିତ୍ତ ପ୍ରସ୍ତୁତ ହୋଇଥିବା ଯଥାର୍ଥ ବ୍ୟକ୍ତି ।

(ବୁଲେଟିନ୍, ନଭେମ୍ବର, ୧୯୫୪) — ଶ୍ରୀମା

# ନୈତିକ ଓ ଆଧ୍ୟାତ୍ମିକ

## (୧)

**ଶ୍ରୀ ନଳିନୀକାନ୍ତ ଗୁପ୍ତ**

ନୈତିକ ଓ ଆଧ୍ୟାତ୍ମିକ – ଏ ଦୁଇଟି ଅଲଗା ଜିନିଷ । ଅଥଚ ସାଧାରଣତଃ ଆମେ ଏ ଦୁଇଟିକୁ ମିଶାଇ ଏକ କରି ଦେଉ । ନୀତିବାନ୍ ଲୋକଟିଏ ଦେଖିଲେ ଆମେ ତାକୁ ଆଧ୍ୟାତ୍ମିକ ବୋଲି ଧରି ନେଉ, ଆଧ୍ୟାତ୍ମିକ ମନୁଷ୍ୟଟିକୁ ମନେକରୁ ନୀତିବାଦୀ ହୋଇଥିବ । ନୈତିକ ବଳକୁ ଆଧ୍ୟାତ୍ମିକ ବଳ ଏବଂ ଅଧ୍ୟାତ୍ମ-ବଳକୁ ନୈତିକ ବଳ ବୋଲି ବୁଝିଥାଉ ସେଇ ବ୍ୟଞ୍ଜନାରେ । କିନ୍ତୁ ନୀତି ଓ ଅଧ୍ୟାତ୍ମ – ଏ ଦୁହେଁ ସମ୍ପୂର୍ଣ୍ଣ ପୃଥକ୍ ସ୍ତରର – ସେ ଦୁଇଟିର ସ୍ୱରୂପ ଓ ସ୍ୱଭାବ ପୃଥକ୍ ଛାଞ୍ଚରେ ଗଢ଼ା ।

ଗୀତା ଆରମ୍ଭ ହୋଇଛି ଏଇ ନୈତିକ ଓ ଆଧ୍ୟାତ୍ମିକତାର ଦ୍ୱନ୍ଦ୍ୱକୁ ନେଇ । ଅର୍ଜୁନ ଥିଲେ ନୈତିକ ମନୁଷ୍ୟ । ନୈତିକ ସତ୍ୟକୁ ଏବଂ ନୈତିକ ବଳକୁ ଆଶ୍ରୟ କରି ସେ ଯୁଦ୍ଧକ୍ଷେତ୍ରରେ ଅଗ୍ରସର ହୋଇଥିଲେ, ମାତ୍ର ସେ ଯେବେ ଦେଖିଲେ ଯୁଦ୍ଧ କରିବାକୁ ବସିଲେ ଆତ୍ମୀୟବାନ୍ଧବ, ଗୁରୁଜନମାନଙ୍କର ପ୍ରାଣ-ସଂହାର କରିବାକୁ ହେବ ଅର୍ଥାତ୍ ନୀତିବିରୁଦ୍ଧ କାମରେ ଲିପ୍ତ ହେବାକୁ ପଡ଼ିବ ଏବଂ ଶ୍ରୀଭଗବାନ୍ ସେଇ କାର୍ଯ୍ୟଟି ଲାଗି ତାଙ୍କ ରଥର ସାରଥି ହୋଇଛନ୍ତି, ସେ ବିମୂଢ଼ଚିତ୍ତ ହୋଇପଡ଼ିଲେ, କର୍ମର ପ୍ରେରଣା ଯାହା ତାଙ୍କର ଆଗରୁ ଥିଲା, ତାହା ସ୍ତବ୍ଧ, ନିଥର ହୋଇଗଲା । ଯେଉଁ ନୀତିର ମାନଦଣ୍ଡଟି ସେ ଧରିରଖିଥିଲେ, ସେଇଟି ତାଙ୍କ ହାତର ଗାଣ୍ଡିବ-ଧନୁ ଭଳି ଖସିପଡ଼ିଲା । ଗୀତାରେ ଶ୍ରୀଭଗବାନଙ୍କର ସମସ୍ତ ଶିକ୍ଷାର ସାରମର୍ମ ହେଉଛି ଅର୍ଜୁନଙ୍କୁ ନୈତିକ ସ୍ତରରୁ ଟେକି ନେଇ ଆଧ୍ୟାତ୍ମିକ ସ୍ତରରେ ପ୍ରତିଷ୍ଠିତ କରିବା – ନୀତି ସଙ୍ଗେ ନୀତିର ଯେଉଁ ସ୍ୱାଭାବିକ ବିରୋଧ, ତାହାର ସମନ୍ୱୟ କରିବା ଓ ସାମଞ୍ଜସ୍ୟ ନେଇ ଆସିବା ଅଧ୍ୟାତ୍ମ-ସତ୍ୟ ମାଧ୍ୟମରେ – ଏଇଟି ତାଙ୍କର ବକ୍ତବ୍ୟ ଥିଲା । ଜଗତରେ କର୍ମ କରିବାର ଉପାୟ – ନୈତିକ ପ୍ରେରଣାବଶରୁ ନହୋଇ, ଅଧ୍ୟାତ୍ମ-ପ୍ରେରଣାବଶରୁ ହେବା ଶ୍ରେୟଃ – ଏହାହିଁ ଗୀତାର ଉତ୍ତମ ରହସ୍ୟ ।

ଶ୍ରୀଭଗବାନ୍ ନୈତିକ ଓ ଆଧ୍ୟାତ୍ମିକର ପାର୍ଥକ୍ୟଟି କିପରି ଭାବରେ ବୁଝାଇଲେ ? ନୀତିଜ୍ଞାନ ହେଉଛି ଭେଦ-ଭାବ ତଥା ସ୍ଥୂଳଜ୍ଞାନ ଉପରେ ପ୍ରତିଷ୍ଠିତ; କୁଳକ୍ଷୟ, ମିତ୍ରଦ୍ରୋହ ପ୍ରଭୃତି ପାତକର ଭୟରେ ଅର୍ଜୁନ ଯୁଦ୍ଧ କରିବାକୁ ଚାହୁଁ ନଥିଲେ । ଭଗବାନ୍ କହିଲେ, ଏ ସମସ୍ତହିଁ ହେଉଛି ଦେଶ-କାଳରେ ଆବଦ୍ଧ ସଂକୀର୍ଣ୍ଣ ଜ୍ଞାନର କଥା, ତା’ ନହେଲେ ଆତ୍ମୀୟ-ସ୍ୱଜନ କେହି କାହାର ଚିର-କାଳର ବସ୍ତୁ ନୁହନ୍ତି । କିଏ ବା କାହାକୁ ହତ୍ୟା କରେ ? କାହାର ଚେଷ୍ଟା କୌଣସି ଜିନିଷର ଉପଚୟ ବା ଅପଚୟ କରିପାରେ କି ? ସେଥିପାଇଁ ସେ ଅର୍ଜୁନର ଦୃଷ୍ଟି ଖୋଲି ଦେବାକୁ ଇଚ୍ଛା କଲେ ଏଭଳି ଏକ ସତ୍ୟ ଦିଗରେ ଯାହା ସନାତନ ଓ ସର୍ବତ୍ର ଅବିକାରୀ, ଯାହା ଦେହରେ ବାହାରର କର୍ମ ବା ତା’ର ଫଳାଫଳର ସ୍ପର୍ଶ ଲାଗିପାରିବ ନାହିଁ; ସେଇ ବସ୍ତୁଟି ହେଉଛି ଆତ୍ମା । ତତ୍ପରେ ନୀତିବୋଧରୁ ଯେଉଁ କର୍ମ କରାଯାଏ, ତାହା ତ୍ରିଗୁଣାତ୍ମକ ଅର୍ଥାତ୍ ସେଥିରେ କୌଣସି ବିଶେଷ ଫଳ ପ୍ରତି ଆସକ୍ତି ରହିଥାଏ; ସେଠାରେ ମଣିଷ ଲାଭାଲାଭ, ଜୟପରାଜୟ, ସୁଖଦୁଃଖର ଦ୍ୱନ୍ଦ୍ୱରେ ଆବଦ୍ଧ, ସେଠାରେ ବ୍ୟକ୍ତିର କର୍ମ-ପ୍ରେରଣା ଆସିଥାଏ ସମତ୍ୱ ଜ୍ଞାନରୁ । ମାତ୍ର ଅଧ୍ୟାତ୍ମ ଭାବାପନ୍ନ କର୍ମ ପ୍ରତିଷ୍ଠିତ ତ୍ରିଗୁଣାତୀତ ସ୍ଥିତି ଉପରେ – ଅର୍ଥାତ୍ ‘ସମାଧୌ ଅଚଳା ବୁଦ୍ଧିଃ’ ଉପରେ – ସେ କାମଟି କରୁଥିବା କର୍ମୀ ଏକ ବିପୁଳ ଆତ୍ମସ୍ଥ ସମତାରେ ପ୍ରସନ୍ନ ଓ ମୁକ୍ତ ଚେତନାରେ ଥାଇ କର୍ମ କରିଥାଏ । ପ୍ରକୃତିର କର୍ମ ଯେଉଁ ପ୍ରଣାଳୀକୁ ଅନୁସରଣ କରେ – କିଛି ଅଭାବ ଆକାଙ୍କ୍ଷାର ତାଡ଼ନାରୁ କିଂବା କର୍ତ୍ତବ୍ୟବୋଧରୁ ଯେମିତି ହୋଇଥାଏ, ସେମିତି ନହୋଇ ଏ କ୍ଷେତ୍ରରେ ଭିତରୁ ବାହାରୁଥିବା ସ୍ୱଚ୍ଛ ପରିପ୍ଳୁତ ସ୍ୱଭାବର ଲୀଳା-ପ୍ରେରଣା ବଶରୁହିଁ କର୍ମଟି କରାଯାଏ । ଅଧ୍ୟାତ୍ମ-କର୍ମ ସେଇ ସ୍ଥିତିରେ ବାସ କରୁଥିବା ଜୀବର ଭାଗବତ ସତ୍ତାର ଅହୈତୁକୀ ଐଶ୍ୱର୍ଯ୍ୟର ପରିପ୍ରକାଶ ମାତ୍ର ! ଶ୍ରୀଭଗବାନ୍ ନିଜର କର୍ମ-ରହସ୍ୟ ବିଷୟରେ ଏହିପରି ଏକ ଉକ୍ତି ଦେଇଛନ୍ତି :

“ନ ମେ ପାର୍ଥାସ୍ତି କର୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।
ନାନବାପ୍ତମବାପ୍ତବ୍ୟଂ ବର୍ତ ଏବ ଚ କର୍ମଣି ।।”

ଅଧ୍ୟାତ୍ମ-ମାର୍ଗର କର୍ମୀର କର୍ମରହସ୍ୟ ବି ସେଇ ଧରଣର :

''ନୈବ ତସ୍ୟ କୃତେନାର୍ଥୋ ନ କୃତେନେଽକଶ୍ଚନ ।
ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ।।
ତସ୍ମାଦସକ୍ତଃ ସତତଂ କାର୍ଯ୍ୟଂ କର୍ମ ସମାଚର ।''

ନୀତିବାଦୀ ଲୋକ ଯାହା କରନ୍ତି, ତାହା କର୍ତ୍ତବ୍ୟ କର୍ମ ଏବଂ ଆଧ୍ୟାତ୍ମିକ ଲୋକ ଯାହା କରନ୍ତି, ତାହା 'କାର୍ଯ୍ୟଂ କର୍ମ'– ଗୀତାର ଭାଷାରେ ଏହାହିଁ ନୈତିକ ଓ ଆଧ୍ୟାତ୍ମିକ କର୍ମର ମୌଳିକ ତଥା ସାରଭୂତ ପାର୍ଥକ୍ୟ । ବିଷୟ ବସ୍ତୁଟିକୁ ଆମେ ଆହୁରି ସ୍ପଷ୍ଟ କରିବାକୁ ଚେଷ୍ଟା କରିବା ।

ସାଧାରଣ ଭାବରେ ଆମେ କହିଥାଉ ଯେ ଅମୁକ କାମଟି ମୋର କରଣୀୟ, ବା ଏହା ମୋର କର୍ତ୍ତବ୍ୟ – ଏପରି କହିବାର ଅର୍ଥ କିଛି ଅଛି କି ? କାମର ଔଚିତ୍ୟ ବା ଅନୌଚିତ୍ୟକୁ ଆମେ କେମିତି ଠିକଣା କରିବା ? ସମ୍ମୁଖରେ ଗୋଟିଏ ଆଦର୍ଶକୁ ରଖି, ତାହାର ବିଶେଷ ଧାରାରେ ବା ଭଙ୍ଗୀରେ ଆମ ଜୀବନକୁ ଢାଳି ଗଢ଼ିବାକୁ ଚେଷ୍ଟା କରୁ ଏବଂ ଉଦ୍ଦେଶ୍ୟଟି ଯେପରି ସଫଳ ହେବ, ସେଦିଗକୁ ଦୃଷ୍ଟି ରଖି କାମଟି କରିବାକୁ କର୍ତ୍ତବ୍ୟ ବୋଲି ଧରିନେଉ, ତାହା ଯେଉଁ କର୍ମ ଦ୍ୱାରା ବାଧା ପାଉଥାଏ, ତାହାକୁ ଅକର୍ତ୍ତବ୍ୟ ବୋଲି ମନେ କରୁ । ଏଇଭଳି ଯେଉଁ ଆଦର୍ଶ ବା ଉଦ୍ଦେଶ୍ୟ କିଂବା ଜୀବନର ବିଶେଷ ଛାଞ୍ଚଟି... ତାହା କେଉଁ ସ୍ତରରୁ ଆମ ପାଖକୁ ଆସିଲା, ତାହାର ଦରକାର ବା କ'ଣ ଥିଲା ? 'ଚୋରି କରିବା ଉଚିତ ନୁହେଁ', 'ସର୍ବଦା ସତ୍ୟ କହିବ'– ଏଇପ୍ରକାର ଯେଉଁ କର୍ତ୍ତବ୍ୟ ବା ଅକର୍ତ୍ତବ୍ୟ ନିର୍ଦ୍ଦେଶ କରାହୋଇଛି – ଏଗୁଡ଼ିକ କେଉଁ ଆଦର୍ଶର ଅଥବା କି ଦାବି ପୂରଣ କରିବା ପାଇଁ କୁହାଯାଇଛି ? ପ୍ରଥମତଃ ଏଇ ନିର୍ଦ୍ଦେଶମାନ ସୃଷ୍ଟ ହୋଇଛି ସାମାଜିକ ଜୀବନର ପ୍ରୟୋଜନରେ । ଏକତ୍ର ବାସ କରିବା ପାଇଁ ଏଇପରି କିଛି ପ୍ରାଥମିକ ନିୟମ ପାଳନ କରିବାକୁ ପଡ଼େ – ବନ୍ଧନଟିକୁ ବଜାୟ ରଖିବା ଲାଗି । ଯେଉଁ ନିୟମକାନୁନ ଏକଜୁଟ ହେବା ଫଳରେ ବା ଏକଜୁଟ ରହିବା ସକାଶେ ଭିତରୁ ବାହାରି ଆସେ ସମବେତ ଜୀବନକୁ ଶାସନ କରିବା ସକାଶେ, ସେସବୁ ଯେ ଖାଲି ସମବେତ ଜୀବନକୁ ଶାସନ କରିଥାଏ ତାହା ନୁହେଁ – ବ୍ୟକ୍ତିର ବ୍ୟକ୍ତିଗତ ଜୀବନକୁ, ତା'ର ଭିତରର ଚେତନାକୁ ଓ ପ୍ରେରଣାକୁ ନିୟନ୍ତ୍ରିତ କରେ – ଏହାହିଁ ନୈତିକ ନିୟମ । ପରସ୍ପର ମଧ୍ୟରେ ସତ୍ୟଭାବ ଲାଗି, ଆଦାନ-ପ୍ରଦାନ ଲାଗି ଦରକାର ହୋଇଥାଏ ପ୍ରତ୍ୟେକଙ୍କର ଜୀବନରେ ଏକ ବ୍ୟବହାରିକ ସାଧାରଣ ଆଦର୍ଶ । ସେପରି ନହେଲେ ସମାଜ ତିଷ୍ଠି ରହିବା ଓ ଗଢ଼ି ଉଠିବା ସମ୍ଭବ ହୋଇପାରିବ ନାହିଁ । ସେଇ କାରଣରୁ ନୈତିକ ପ୍ରେରଣାର ଉତ୍ସ ସମାଜ-ବନ୍ଧନର ହେତୁବଶତଃ କରା-ଯାଇଥାଏ । ସମାଜରେ ମାରଧର, ହଣାକଟା ଲାଗିଲେ ସେ ସମାଜ ଶୀଘ୍ର ଭାଙ୍ଗିଯିବ, ଛିନ୍ନଭିନ୍ନ ହୋଇଯିବ । ଅହିଂସାର ପ୍ରୟୋଜନ ସେଇ ହେତୁ ରହିଛି, ଅହିଂସାବୃତ୍ତି ମନୁଷ୍ୟର ଅନ୍ତରରେ ଏକ ଆଦର୍ଶ ରୂପେ ଫୁଟି ଉଠିଛି । ପ୍ରତ୍ୟେକଙ୍କ କଥାରେ ଓ କାମରେ ଯଦି ମେଳ ନ ରହିବ, ତେବେ ଜଣକ ସହିତ ଅନ୍ୟ ଜଣକର ପାଦମିଳାଇ ଚାଲିବା ଅସମ୍ଭବ ହେବ । ସେଥିପାଇଁ ପ୍ରୟୋଜନ ସତ୍ୟନିଷ୍ଠା ଅର୍ଥାତ୍ ସତ୍ୟବାଦିତାର ଆଦର୍ଶ ।

ସେଇ ହେତୁ ନୈତିକ ନିୟମ ବା ଆଦର୍ଶ ସନାତନ ସାର୍ବଭୌମିକ ସତ୍ୟ ନୁହେଁ । ସମାଜର ଦରକାର ଅନୁଯାୟୀ ତାହା ଗଢ଼ିଉଠିଛି, ସମାଜର ପ୍ରୟୋଜନ ବଦଳିଲେ ସେଇ ଜିନିଷଟା ବି ବଦଳିବାକୁ ବାଧ୍ୟ ହୋଇଥାଏ । ଆମେମାନେ ଯାହାକୁ ନୈତିକ ବୋଲି ପୂଜା କରୁ, ଅନ୍ୟ ଏକ ଦେଶରେ ସେଇ ଗୋଟିକ ଜମା ବି ନୈତିକ ନୁହେଁ । ଆମେ ଗୋଟିଏ ଯୁଗରେ ଯାହାକୁ ସନାତନ ନୀତି କହି ମାନ୍ୟ କରିଛୁ, ଆଉ ଏକ ଯୁଗରେ ସେଇ ଗୋଟିକୁ ତା'ର ବିପରୀତ ଅର୍ଥରେ ବି ଗ୍ରହଣ କରିଛୁ । ନାରୀର ସତୀତ୍ୱ ବା ପତିବ୍ରତା ଆମ ସମାଜରେ ଏକ ପରମ ନୈତିକ ଧର୍ମ । ଏଇ ଆଦର୍ଶର ବିରୋଧରେ କିଛି ଭାବ ମନରେ ସ୍ଥାନ ଦେବାକୁ ଗଲେ ଆମେ ଶିହରି ଉଠୁ । ଆମେ ଭାବୁ ଏହା ସର୍ବଦେଶର, ସର୍ବଯୁଗର ଧର୍ମ । ମାତ୍ର ବାସ୍ତବରେ ତାହା ସେପରି କି ? ଅନେକ ଦେଶରେ, ଅନେକ ସମାଜରେ ଏହାର ଠିକ୍ ବିପରୀତ ବ୍ୟବସ୍ଥା ରହିଛି । ତିବ୍‌ବତୀୟଗଣ ମନେ କରନ୍ତି ନାରୀର ନାରୀତ୍ୱ ବହୁପତିଙ୍କ ସେବାରେହିଁ ପୂର୍ଣ୍ଣ । ୟୁରୋପରେ ପୁରୁଷଙ୍କ ପକ୍ଷରେ ଏକାଧିକ ପତ୍ନୀ ଗ୍ରହଣ କରିବା ମହାପାପ, ଅଥଚ ଆମ ଦେଶରେ, ସମାଜରେ ସେଥିରେ କିଛି ଦୋଷ ନ ଥିଲା; ସମ୍ପ୍ରତି ୟୁରୋପର ପ୍ରଭାବରେ ଆସି ହୁଏତ ଆମେ ଏଥିରେ କିଛି ଦୋଷ ରହିଛି ବୋଲି ଭାବିଲୁଣି ।

ଖ୍ରୀଷ୍ଟୀୟ ଧର୍ମରେ ହିଂସା ସର୍ବଥା ବର୍ଜନୀୟ, ଗୋଟିଏ ଗାଲରେ ଚଟକଣାଟିଏ ବସିଲେ ଅପର ଗାଲଟି ମାଡ଼ ଖାଇବାକୁ ଦେଖାଇ ଦେବା ଉଚିତ ବୋଲି କହିଥା'ନ୍ତି ସେମାନେ । କିନ୍ତୁ ମୁସଲମାନଙ୍କ ଧର୍ମାନୁଯାୟୀ – ଏପରିକି ଆମ ହିନ୍ଦୁଧର୍ମରେ

ହିଂସାର ସ୍ଥାନ ରହିଛି । ସେଥିପାଇଁ ଗୀତାରେ ଶ୍ରୀକୃଷ୍ଣ କହୁଛନ୍ତି – 'କାଲୋଽସ୍ମି ଲୋକକ୍ଷୟକୃତ୍' ଏବଂ 'ଦଣ୍ଡୋ ଦମୟତାମସ୍ମି'... ଇତ୍ୟାଦି । ସୁତରାଂ ଦେଖାଯାଉଛି ନୀତି ଜିନିଷଟି ଦେଶକାଳର ଉପଯୋଗୀ ନିୟମ ମାତ୍ର – ନିର୍ଦ୍ଦିଷ୍ଟ ଏକ ସମାଜକୁ ବିଶେଷ ଧାରାରେ ବାନ୍ଧି ଗଢ଼ି ତୋଳିବାର କେତେକ ସୂତ୍ର । ଦେଶ ଓ କାଳ ହିସାବରେ ନୀତିର ବି ବିଭିନ୍ନତା ହୋଇଥାଏ – ନୀତି ମଧ୍ୟରେ ନିତ୍ୟତ୍ୱ ବା ଅପୌରୁଷେୟତ୍ୱ ବୋଲି କିଛି ନାହିଁ ।

କୁହାଯାଇପାରେ, ନୀତିର ନିୟମ ନାନା ଦେଶରେ, ନାନା କାଳରେ ଭିନ୍ନ ଭିନ୍ନ ପ୍ରକାର ହୋଇଥାଇପାରେ; ମାତ୍ର ନୀତିର ବୋଧଟି ମନୁଷ୍ୟର ଅତି ଭିତରର ଜିନିଷ, ତାହା ଦେଶକାଳକୁ ଅତିକ୍ରମ କରିଥାଏ, ସତ କହିଲେ, ତାହା ସାମାଜିକ ଅବସ୍ଥା ଉପରେ ନିର୍ଭର କରେ ନାହିଁ । ବରଂ ସେଇଟି ପ୍ରତ୍ୟେକ ମନୁଷ୍ୟର ନିଜ ଅନ୍ତରାତ୍ମାର ନିତ୍ୟସିଦ୍ଧ ସତ୍ୟ । ନୀତିର କୌଣସି ବିଶେଷ ଧାରା ଅଭ୍ୟାସର ଫଳମାତ୍ର ହୋଇପାରେ, ତଥାପି ଗୋଟିଏ ନିୟମକୁ ମାନ୍ୟ କରିବା ଯେ ପ୍ରୟୋଜନୀୟ, ଏଇ ପ୍ରୟୋଜନବୋଧଟି ବାହାରର ଚାପରୁ ଆସିଥାଏ ନା ମନୁଷ୍ୟର ସ୍ୱଭାବରୁ ଏହା ସ୍ୱତଃସ୍ଫୂର୍ତ୍ତ ଭାବେ ଜାଗିଉଠେ ? ସମାଜ ଭିତରୁ ଯଦି କୌଣସି ମଣିଷକୁ ଅଲଗା କରି ରଖାଯାଏ, ତା'ହେଲେ କ'ଣ ନୀତିର ପ୍ରୟୋଜନଟି ତା' ପାଖରେ କ୍ରମଶଃ କମି କମି ଯିବ, କ୍ରମଶଃ ଲୋପ ପାଇବ ? ଅହିଂସା, ସତ୍ୟବାଦିତା, ସତୀତ୍ୱ... ଆଦି ନୈତିକ ଆଦର୍ଶ ଖାଲି କ'ଣ ସମାଜର ସ୍ଥିତି ନିମନ୍ତେ ? ସମାଜର ବାହାରେ ବ୍ୟକ୍ତିର ନିଜସ୍ୱ ଏକ ପ୍ରେରଣାକୁ କ'ଣ ଏହିସବୁ ଗୁଣ ସାର୍ଥକ କରେ ନାହିଁ ? ତା'ପରେ, ବ୍ୟକ୍ତିର ନିଜସ୍ୱ ଜୀବନରେ ଯେଉଁଠି ଏଇସବୁ ଆଦର୍ଶ ଫୁଟି ଉଠିପାରେ ନାହିଁ, ସେଠାରେ ସମାଜ କ'ଣ ତା' ଫଳରେ ହୀନତର ସ୍ତରକୁ ଖସି ଆସିବା ସମ୍ଭବ ନୁହେଁ ?

ତା'ହେଲେ ପ୍ରଶ୍ନ – ସମାଜ ତରଫରୁ ହେଉ ବା ବ୍ୟକ୍ତିର ନିଜ ତରଫରୁ ହେଉ, ନୈତିକ ଆଦର୍ଶ କି ସାର୍ଥକତା ଆଣିଦିଏ ବ୍ୟକ୍ତି ଜୀବନରେ ବା ସମାଜ ଜୀବନରେ ? ସବୁ ନୈତିକ ନିୟମ-ଶୃଙ୍ଖଳାକୁ ଯଦି ବିଶ୍ଳେଷଣ କରାଯାଏ, ପରସ୍ପର ସହିତ ଯଦି ତୁଳନା କରାଯାଏ, ତେବେ ଏଇଠାରେ ଆମେ ପହଞ୍ଚିବା ଯେ ମୋଟ ଉପରେ ମଣିଷ ଭିତରେ ପଶୁସ୍ତରର ପ୍ରବୃତ୍ତିଗୁଡ଼ିକୁ ଦମନ ବା ନିୟନ୍ତ୍ରଣରେ ରଖିବାହିଁ ଯାବତୀୟ ନୈତିକ ଆଦର୍ଶର ଉଦ୍ଦେଶ୍ୟ । ନୀତିର ମୂଳରେ ଆମେ ଯେଉଁ ସାମାଜିକ ପ୍ରୟୋଜନର କଥାଟି କହୁଅଛୁ, ତାହାର ହେତୁ ମଧ୍ୟ ଏଇଠାରେ । କାରଣ ଖାଲି ତୁଚ୍ଛା ପଶୁ-ବୃତ୍ତି ଉପରେ ମାନବସମାଜ ତିଷ୍ଠିପାରିବ ନାହିଁ, ଗଢ଼ିଉଠିବ ନାହିଁ ମଧ୍ୟ – ଆହାର, ହିଂସା ଓ ମୈଥୁନ – ଏଇ ତିନୋଟି ବୃତ୍ତି ନେଇହିଁ ମଣିଷର ପଶୁଭାବ । ଏଇ ତିନୋଟିକୁ ନିୟମ ଓ ଶୃଙ୍ଖଳା ମଧ୍ୟରେ ସଂଯମିତ ନ କରି ପାରିଲେ ସମାଜ ହୋଇପଡ଼ିବ ଏକ ବୀଭତ୍ସ ଯୁଦ୍ଧର କ୍ଷେତ୍ର । ସେଥିପାଇଁ ବ୍ୟକ୍ତି ପକ୍ଷରେ ନୀତିର ସାଧନା ଅବଶ୍ୟ ପ୍ରୟୋଜନ । କେବଳ ଦେଶ ଓ କାଳର ଦରକାର ଅନୁଯାୟୀ ଏଇ ସାଧନାର ରୂପ ଅଲଗା ଅଲଗା । ସମାଜ ପଟୁ ଚାପ ଛଡ଼ା ବା ତା' ସଙ୍ଗେ ସଙ୍ଗେ ବ୍ୟକ୍ତି ପକ୍ଷରୁ ବି ପାଶବିକ ପ୍ରଭାବ ଉପରେ ସ୍ୱୀୟ କର୍ତ୍ତୃତ୍ୱ ବଜାୟ ରଖିବା ଦିଗରେ ନୀତି ନିୟମର ନିଜସ୍ୱ ଏକ ସାର୍ଥକତା ରହିଛି । ମଣିଷର ଏହାହିଁ ବିଶେଷତ୍ୱ ଯେ ସିଏ ପ୍ରକୃତି-ଜୟୀ, ଆଉ ସମସ୍ତ ଜୀବ ପ୍ରାକୃତ ପ୍ରେରଣାର ସ୍ରୋତରେ ଆପଣାକୁ ଭୁଲି ଭାସିଯା'ନ୍ତି, ମାତ୍ର ମଣିଷ ଚାହେଁ ସେ କର୍ତ୍ତା ହୋଇ ପ୍ରକୃତିକୁ ଚଳାଇବ; ତା'ର ଜ୍ଞାନ ଓ ଶକ୍ତି ଏଇଠାରେହିଁ ଫୁଟି ଉଠେ । ଏଇ ଧାରାରେ ଚାଲି ସେ ନୂଆ ଏକ ଜ୍ଞାନର ଅଧିକାରୀ ହୋଇପାରିଛି । ପ୍ରକୃତିକୁ ଛାଡ଼ି ପ୍ରକୃତି ଉପରେହିଁ ମନୁଷ୍ୟ ଏକ ନିଜସ୍ୱ ଜଗତ୍ ସ୍ଥାପନ କରିଅଛି ।

ନୀତିର ଲକ୍ଷ୍ୟ ଆମେ ଦେଖିଲେ, ଏବେ ଦେଖିବାକୁ ହେବ କି ଉପାୟରେ, କି ଭଙ୍ଗୀରେ ଏହି ଲକ୍ଷ୍ୟଟିକୁ ସେ ସିଦ୍ଧ କରେ । ନୈତିକ-ମାନବ ପ୍ରକୃତିକୁ ସଂଶୋଧନ କରିବାକୁ ଚେଷ୍ଟା କରେ ନିଜର ଇଚ୍ଛାଶକ୍ତି ବଳରେ । ପ୍ରକୃତି-ଶକ୍ତିର ବିରୋଧରେ ସେ ଠିଆ କରିଅଛି ଯେଉଁ ବଳ, ତାହା ମନର ବଳ – ଏକ କ୍ଷାତ୍ରଶକ୍ତି । ପ୍ରକୃତିକୁ ସେ ଗ୍ରହଣ କରିଛି ଶତ୍ରୁ ଭାବରେ ଏବଂ ତାହାର ପଥ ହେଉଛି ସେ ନିତ୍ୟ-ଯୁଦ୍ଧ ଲାଗି ଅଣ୍ଟା ଭିଡ଼ିଛି । ପ୍ରକୃତିର ପାଶବ ଦାବିକୁ ସେ ଅସ୍ୱୀକାର କରି କରି ପଥ ଚାଲୁଛି, ଯେଉଁ ଯେଉଁ ଶକ୍ତି ପ୍ରକୃତିର ସହାୟ, ତାହାର ଠିକ୍ ବିପରୀତ ଶକ୍ତିକୁ ସେ ନିଜ ଭିତରେ ଫୁଟାଇ ବିକଶିତ କରି ଚାଲିଛି । ସୁତରାଂ ନୀତିର ପ୍ରତିଷ୍ଠା ହେଉଛି ଦ୍ୱନ୍ଦ୍ୱରେ – ନିତ୍ୟଶତ୍ରୁ ସଂପର୍କରେ ନିୟତ ସଜ୍ଞାନ, ସଚେତନ, ସଜାଗ ରହିବା ଓ ପ୍ରସ୍ତୁତ ହୋଇ ସେଇ ଶତ୍ରୁର ବିରୋଧରେ ଶାଣିତ ଶକ୍ତିସବୁକୁ ଜମାଇ ଚାଳନା କରିବା । ନୀତି ପ୍ରକୃତିକୁ, ଶରୀରର ତାଡ଼ନାକୁ ଜୟ କରିବାକୁ ଚେଷ୍ଟା କରେ ନିଗ୍ରହ ଦ୍ୱାରା ।

କିନ୍ତୁ ନୀତି ଯେ ପ୍ରକୃତିର ଦାବିକୁ ଏକାନ୍ତ ଭାବରେ ଏଡ଼ାଇ ଦେଉଛି, ତାହା ବି ନୁହେଁ । ପ୍ରଥମତଃ ସେ ଜାଣେ ଯେ ଏଇ ଜିନିଷଟିକୁ ଏପରି ଭାବରେ ଅସ୍ୱୀକାର କରାଯାଇ ପାରିବ ନାହିଁ, ଜୋର୍ କରି, ଚପାଇ ରଖି, ଦବାଇ, ନିଗ୍ରହ କରି ପ୍ରକୃତିକୁ ବହିଷ୍କୃତ କରି ଦେବା ସମ୍ଭବ ନୁହେଁ । ଦ୍ୱିତୀୟତଃ ତା'ର ଉଦ୍ଦେଶ୍ୟ ବି ନୁହେଁ ଯେ ପ୍ରକୃତିର ଦାବିକୁ ପୂରାପୂରି ଅସ୍ୱୀକାର କରିଦେବା । ଜୀବନ ବଞ୍ଚିବାକୁ ହେଲେ ଶରୀରକୁ ରଖିବାକୁ ହେବ, ସମାଜ ମଧ୍ୟରେ ବସବାସ କରିବାକୁ ହେବ; ସୁତରାଂ ପ୍ରକୃତିର ଖେଳକୁ ନିଷ୍ଫଳ କରିବା ସମ୍ଭବ ହେଲେ ମଧ୍ୟ ଉଚିତ ନୁହେଁ । ନୀତି ସେଇ କାରଣରୁ ଚାହେଁ ପ୍ରକୃତିକୁ ବାଡ଼ଦେଇ ବାନ୍ଧି ରଖିବାକୁ – ଗୋଟିଏ ସୀମା ବା ପରିମାଣ ମଧ୍ୟରେ ଶରୀର-କ୍ରିୟାକୁ ସଂଯତ କରି ରଖିବାକୁ । ଶରୀର ଧାରଣ କରିବାକୁ ହେଲେ ଆହାର ଦରକାର, ସମାଜକୁ ବଞ୍ଚାଇ ରଖିବାକୁ ହେଲେ ସନ୍ତାନୋତ୍ପାଦନ ପ୍ରୟୋଜନ; ଏସବୁ ପାଶବ କ୍ରିୟାକୁ ସଂପୂର୍ଣ୍ଣ ବିସର୍ଜନ ଦେଇ ହେବ ନାହିଁ । ତଥାପି ଶରୀରର ଯେ ଗୋଟିଏ ଆକର୍ଷଣ ଅଛି – ଆହାରକୁ ଭୋଗରେ ପରିଣତ କରିବା, ବଂଶରକ୍ଷାକୁ କାମୁକତା ଦିଗରେ ନେଇଯିବା, ପ୍ରୟୋଜନାତିରିକ୍ତ ଶରୀରର ଯାହା ଯାହା ଦାବି ରହିପାରେ – ସେଗୁଡ଼ିକୁ ଖର୍ବ କରି ଗୋଟିଏ ବେଡ଼ାର ଘେର ଭିତରେ ବାନ୍ଧି ରଖିବାହିଁ ନୀତିର ଉଦ୍ଦେଶ୍ୟ । କେବଳ ତାହାହିଁ ନୁହେଁ, ଯେତେ କମ୍ ଶରୀରର ଦାବିକୁ ଅନୁମୋଦନ କରାଯାଇ ପାରିବ, ସେଥିରୁ ମଧ୍ୟ ପଶୁଭାବକୁ ଦୂର କରି, ଶୁଦ୍ଧ କରି ଗ୍ରହଣ କରିବା ସକାଶେ ନୀତି ତାହାକୁ ନାନାପ୍ରକାର ଅନୁଷ୍ଠାନର କ୍ରିୟାକଳାପର ଅଙ୍ଗୀଭୂତ କରିଦେଇଥାଏ । ପଶୁର ଆହାର-ବିହାର ଯେପରି ଖୋଲାଖୋଲି, ଆତ୍ମ-ସମ୍ମାନ ପରଦାବିହୀନ, ଆପଣା ଭିତରେ ଆପଣାକୁ ନେଇ ସଂପୂର୍ଣ୍ଣ, ମଣିଷର ଆହାର-ବିହାର ସେପରି ନୁହେଁ – ଏଗୁଡ଼ିକୁ ସେ ଧର୍ମାଚରଣ, ସୌନ୍ଦର୍ଯ୍ୟବୋଧ ପ୍ରଭୃତି ସାଜସଜ୍ଜା ଦେଇ ଢାଙ୍କି ରଖିବାକୁ ଚେଷ୍ଟା କରିଥାଏ ।

ନୀତି-ନିୟମ ଶରୀରର ପାଶବ ପ୍ରକୃତିକୁ ଯେତେ ଟିକିଏ ସମ୍ଭବ, ସେତିକି ମାତ୍ରାରେ ବଞ୍ଚାଇ ଜିଆଇ ରଖିବାକୁ ପ୍ରଚେଷ୍ଟ, ତାହାର ମୁଖ୍ୟ କାରଣ ସମାଜ ରକ୍ଷା ଓ ଜୀବନ-ଧାରଣର କାମରେ ତାହା ଲାଗିବ – ଏହା ବାହାରର ଦାବି; ମାତ୍ର ଭିତରର ଦାବି ହେଉଛି ମଣିଷ ମନରେ ଏକ ଭେଦ ବା ଦ୍ୱନ୍ଦ୍ୱଟିକୁ ଉତ୍ଥାପନ କରିବା । କାରଣ ମନ 'ନା'କୁ ଛାଡ଼ି 'ହଁ'କୁ ବୁଝିବାକୁ ଅକ୍ଷମ, 'ନୀଚ'କୁ ବାଦ୍ ଦେଇ 'ଉଚ୍ଚ'କୁ ସେ ଅନୁଭବ କରିପାରେ ନାହିଁ, ପଶୁତ୍ୱକୁ ସଂପୂର୍ଣ୍ଣ ବାଦ୍ ଦେଇ ଦେବତ୍ୱର ବୋଧ ତାହାର ଆସେ ନାହିଁ । ଅର୍ଥାତ୍ ଅନୀତିର ବିପକ୍ଷରେ ଠିଆ ହୋଇହିଁ ସେ ନୀତିଜ୍ଞାନର ସ୍ଫୂର୍ତ୍ତି ଲାଭ କରେ । ପାଶବ-ପ୍ରବୃତ୍ତି ରହିବା ଦରକାର – ତାହା ସହିତ ଲଢ଼େଇ ହେବା ଆବଶ୍ୟକ, ତା'ର ଦାବିକୁ ନିୟନ୍ତ୍ରଣ କରିବା ଦରକାର, ଏବଂ ଏଇ ନିତ୍ୟ-ସଂଘର୍ଷ ଲାଗି ନିଜ ଭିତରେ ଗୋଟିଏ ଜୋର୍‌କୁ ସଦାସର୍ବଦା ବଞ୍ଚାଇ ରଖିବା ଯାହାକୁ ପ୍ରୟୋଗ କରାଯାଇ ପାରିବ – ଏହି ମନୋଭାବରୁହିଁ ନୀତିବୋଧର ଜନ୍ମ ହୋଇଛି, ଏଇସବୁକୁ ନେଇହିଁ ସେ ତିଷ୍ଠି ରହିଛି । ଅନୀତିର କ୍ଷେତ୍ର ଯଦି ନରହିବ, ତେବେ ନୈତିକ ଶକ୍ତିର କିଛି ବି ଆବଶ୍ୟକତା ରହିବ ନାହିଁ ।

ନୈତିକ ଶକ୍ତିର, ଆଧ୍ୟାତ୍ମିକ ଶକ୍ତି ସହିତ ଏଇଠାରେହିଁ ମୌଳିକ ପାର୍ଥକ୍ୟ । ଆଧ୍ୟାତ୍ମିକ ଶକ୍ତି ଚେତନାର ଏପରି ଏକ ସ୍ତରରେ ପ୍ରତିଷ୍ଠିତ ଯେ ସେଠାରେ 'ହଁ' କୁ 'ନା' ସଙ୍ଗେ ତୁଳନା କରି ବୁଝିବା ଦରକାର ପଡ଼େ ନାହିଁ । ସତ୍ୟକୁ ଯେଉଁଠି ମିଥ୍ୟାର ଦ୍ୱନ୍ଦ୍ୱରେ ଜୟ ଲାଭ କରିବାକୁ ହୁଏ ନାହିଁ । କର୍ତ୍ତବ୍ୟକୁ ଅକର୍ତ୍ତବ୍ୟର ଘେର ଭେଦ କରି ବାହାରିବାକୁ ପଡ଼େ ନାହିଁ, ଅଧ୍ୟାତ୍ମ ଠିଆ ହୋଇଛି – ଯେପରି ନିତ୍ୟ ସତ୍ତା, ନିତ୍ୟ ସତ୍ୟ, ନିତ୍ୟ ଶକ୍ତିର ଭିତ୍ତିସ୍ତର ଉପରେ । ତାହାର ଧର୍ମ ହେଉଛି ସ୍ୱତଃସ୍ଫୁରଣ – ନିଜ ଭିତରର ପରିପୂର୍ଣ୍ଣତାକୁ ସିଏ ଅବ୍ୟାହତ ଭାବରେ ଢାଳି ଦେଉଛି । ତାହାର କର୍ମର ମାନଦଣ୍ଡ ବାହାର କର୍ମର ହେତୁ ଉପରେ ନିର୍ଭର କରେ ନାହିଁ, ଏପରିକି କୌଣସି ହେତୁ ନଥାଇ ବି ଏହା ପ୍ରକଟ ହୋଇଥାଏ । ବିଧି-ନିଷେଧ ଦେଇ ଏହାର ଶକ୍ତିକୁ ନିୟନ୍ତ୍ରିତ କରାଯାଏ ନାହିଁ । ସତ୍ତାର ଆନନ୍ଦ ଲୀଳାହିଁ ଆଧ୍ୟାତ୍ମିକ କର୍ମ । ନୀତିବୋଧର ଦୃଷ୍ଟିରୁ ବେଳେବେଳେ ତାହା ଅକର୍ମ ବୋଲିହିଁ ବୋଧ ହେବ, ବିଶେଷ ଫଳର ଆଶାରେ ସେ କର୍ମର ଭଲ ବା ମନ୍ଦ ବିଚାର କରାଯିବ; ଆଧ୍ୟାତ୍ମିକ ପ୍ରେରଣା ସେପରି କର୍ମରେ ଲିପ୍ତ ହୋଇପାରେ, ଯଦି ସେପରି କର୍ମ ପ୍ରତି ସେ ଆକର୍ଷିତ ହୁଏ, ଯଦି ସେଇ କର୍ମରେ ଆତ୍ମାର ସତ୍ୟ ଫୁଟିବାର ସମ୍ଭାବନା ସେ ଦେଖେ ।

(କ୍ରମଶଃ)

ଅନୁବାଦ : କୃଷ୍ଣାଦେବୀ ✥

ବେଦରହସ୍ୟ - (ଦ୍ୱିତୀୟଭାଗ) : ନିର୍ବାଚିତ ସୂକ୍ତାବଳୀ – ୮

# ବାୟୁ, ପ୍ରାଣଶକ୍ତିମାନଙ୍କ ଦେବତା

## (ଋଗ୍‌ବେଦ : ମଣ୍ଡଳ - ୪, ସୂକ୍ତ : ୪୮, ଋଷି : ବାମଦେବ)

**ଶ୍ରୀଅରବିନ୍ଦ**

**ବିହି ହୋତ୍ରା ଅବୀତା ବିପୋ ନ ରାୟୋ ଅର୍ଯ୍ୟଃ ।**
**ବାୟବା ଚନ୍ଦ୍ରେଣ ରଥେନ ଯାହି ସୁତସ୍ୟ ପୀତୟେ ॥୧॥**

ଅର୍ଥ – ଅବ୍ୟକ୍ତ ହୋଇ ରହିଥିବା [ଅବୀତା] ଯାଜ୍ଞିକ ଶକ୍ତିଗୁଡ଼ିକୁ [ହୋତ୍ରା] ତୁମେ ଜଣେ ସମୃଦ୍ଧିର ଅଭିବ୍ୟଞ୍ଜକ ତଥା କର୍ମ ବିଧାୟକ ଭଳି [ରାୟଃ ବିପଃ ଅର୍ଯ୍ୟଃ ନ] ଅଭିବ୍ୟକ୍ତ କର [ଅବୀତା ବିହି]; ହେ ବାୟୋ [ବାୟୋ] ! ସୋମରସ ପାନ ନିମନ୍ତେ [ସୁତସ୍ୟ ପୀତୟେ] (ତୁମେ) ଆନନ୍ଦ-ଭାସ୍ୱର ରଥରେ [ଚନ୍ଦ୍ରେଣ ରଥେନ] ଆଗମନ କର [ଆ ଯାହି] ।

**ନିର୍ଯୁବାଣୋ ଅଶସ୍ତୀର୍ନିଯୁତ୍ୱାଁ ଇନ୍ଦ୍ରସାରଥିଃ ।**
**ବାୟବା ଚନ୍ଦ୍ରେଣ ରଥେନ ଯାହି ସୁତସ୍ୟ ପୀତୟେ ॥୨॥**

ଅର୍ଥ – ଅଭିବ୍ୟକ୍ତିର ସକଳ ନକାରାତ୍ମକତାକୁ [ଅଶସ୍ତୀଃ] ନିରସ୍ତ କରିବା ପୂର୍ବକ [ନିର୍ଯୁବାଣଃ], ରଥଯୁଆଳିରେ ଯୋଚା ଯାଉଥିବା ଅଶ୍ୱମାନଙ୍କ ସହ [ନିୟୁତ୍ୱାନ୍], ଇନ୍ଦ୍ରଙ୍କ ସାରଥିତ୍ୱରେ [ଇନ୍ଦ୍ରସାରଥିଃ], ହେ ବାୟୋ [ବାୟୋ] ! ସୋମପାନ ନିମନ୍ତେ [ସୋମସ୍ୟ ପୀତୟେ] (ତୁମେ) ଆନନ୍ଦ-ଭାସ୍ୱର ରଥରେ [ଚନ୍ଦ୍ରେଣ ରଥେନ] ଆଗମନ କର [ଆ ଯାହି] ।

**ଅନୁ କୃଷ୍ଣେ ବସୁଧିତୀ ୟେମାତେ ବିଶ୍ୱପେଶସା ।**
**ବାୟବା ଚନ୍ଦ୍ରେଣ ରଥେନ ଯାହି ସୁତସ୍ୟ ପୀତୟେ ॥୩॥**

ଅର୍ଥ – ସେହି ଉଭୟ କଳା [କୃଷ୍ଣେ] ତଥାପି ସକଳ ମୌଳିକ ଉପାଦାନକୁ ଧାରଣ କରନ୍ତି [ବସୁଧିତୀ], ସେମାନଙ୍କ ଭିତରେ ସମସ୍ତ ରୂପରାଜି ବିଦ୍ୟମାନ [ବିଶ୍ୱପେଶସା], ନିଜ ପ୍ରୟାସ ମଧ୍ୟରେ ସେମାନେ ତୁମକୁହିଁ ସାଧନ କରିବେ । [ଅନୁ ୟେମାତେ] । ହେ ବାୟୋ [ବାୟୋ] ! ସୋମପାନ ନିମନ୍ତେ [ସୁତସ୍ୟ ପୀତୟେ] (ତୁମେ) ଆନନ୍ଦ-ଭାସ୍ୱର ରଥରେ [ଚନ୍ଦ୍ରେଣ ରଥେନ] ଆଗମନ କର [ଆ ଯାହି] ।

**ବହନ୍ତୁ ତ୍ୱା ମନୋୟୁଜୋ ୟୁକ୍ତାସୋ ନବତିର୍ନବ ।**
**ବାୟବା ଚନ୍ଦ୍ରେଣ ରଥେନ ଯାହି ସୁତସ୍ୟ ପୀତୟେ ॥୪॥**

ଅର୍ଥ – ମନରେ ଯୋଚା ଯାଇଥିବା [ମନୋୟୁଜଃ] ଅନେଶତ ସଂଖ୍ୟକ ସେମାନେ (ଅଶ୍ୱଗଣ) [ନବତୀଃ ନବ] ରଥରେ ଯୋଚିତ ହୋଇ [ୟୁକ୍ତାସଃ] ତୁମକୁ ବହନ କରନ୍ତୁ [ତ୍ୱା ବହନ୍ତୁ] । ହେ ବାୟୋ [ବାୟୋ] ! ସୋମପାନ ନିମନ୍ତେ [ସୁତସ୍ୟ ପୀତୟେ] ତୁମ ଆନନ୍ଦଭାସ୍ୱର ରଥରେ [ଚନ୍ଦ୍ରେଣ ରଥେନ] ଆଗମନ କର [ଆ ଯାହି] ।

**ବାୟୋ ଶତଂ ହରୀଣାଂ ୟୁବସ୍ୱ ପୋଷ୍ୟାଣାମ୍ ।**
**ଉତ ବା ତେ ସହସ୍ରିଣୋ ରଥ ଆ ଯାତୁ ପାଜସା ॥୫॥**

ଅର୍ଥ – ହେ ବାୟୋ [ବାୟୋ] ! ପୋଷଣୀୟ ବା ବର୍ଦ୍ଧନୀୟ [ପୋଷ୍ୟାଣାମ୍] ଶତସଂଖ୍ୟକ [ଶତମ୍] ଭାସ୍ୱର ଅଶ୍ୱଗଣଙ୍କୁ [ହରୀଣାମ୍] ଯୋଚିଦିଅ [ୟୁବସ୍ୱ], ଅଥବା [ଉତ ବା] ସହସ୍ର ଅଶ୍ୱଯୁକ୍ତ ତୁମ ରଥ [ସହସ୍ରିଣଃ ତେ ରଥଃ] ଶକ୍ତି ପୁଞ୍ଜ ଧାରଣ ପୂର୍ବକ [ପାଜସା] ଏଠାରେ ପହଞ୍ଚିଯାଉ [ଆ ଯାତୁ] ।

### ଶ୍ରୀଅରବିନ୍ଦଙ୍କ ଭାଷ୍ୟ :

ବୈଦିକ ଋଷିମାନଙ୍କର ମନସ୍ତାତ୍ତ୍ୱିକ ଭାବଧାରାଗୁଡ଼ିକର ଆଶ୍ଚର୍ଯ୍ୟଜନକ ଗାମ୍ଭୀର୍ଯ୍ୟ ପ୍ରାୟଶଃ ରହିଥାଏ ଏବଂ ବିଶେଷତଃ ମନ ଓ ପ୍ରାଣ ଅବଚେତନା ମଧ୍ୟରୁ ଉଦ୍ଭିତ ହେଉଥିବାର କ୍ରିୟାକଳାପ ସମ୍ପର୍କୀୟ ଘଟଣାକୁ ନେଇ ସେମାନେ ଯେତେବେଳେ ଆଲୋଚନା କରୁଥା'ନ୍ତି ସେଥିରେ ଯେଉଁ ଗାମ୍ଭୀର୍ଯ୍ୟ ଥାଏ ତାହା ଅନ୍ୟତ୍ର ଦେଖାଯାଏ ନାହିଁ । ଏପରି ବି କୁହାଯାଇପାରେ ଯେ, ଜ୍ଞାନୋଦୟର ସେହି ପ୍ରାଚୀନ ଉଷା କାଳରେ ଅନ୍ତଃପ୍ରେରଣାପ୍ରାପ୍ତ ଋଷିଗଣଙ୍କ ଦ୍ୱାରା ବିକଶିତ ଏହି ସମୃଦ୍ଧ ତଥା ସୂକ୍ଷ୍ମ ଦର୍ଶନର ସମଗ୍ର ଆଧାର ଏହାହିଁ ଥିଲା । ଋଷି ବାମଦେବ ଏହାକୁ ଯେତେ ଅଧିକତର ସୂକ୍ଷ୍ମତା ତଥା ଯଥାର୍ଥତା ସହ ପ୍ରକାଶ କରିଛନ୍ତି ସେପରି ଅନ୍ୟ କେହି କରି ନାହାନ୍ତି, ସେ ଏକାଧାରରେ ଗମ୍ଭୀରତମ ଦ୍ରଷ୍ଟାମାନଙ୍କ ମଧ୍ୟରୁ ଜଣେ ଏବଂ ବୈଦିକ ଯୁଗର ମଧୁରତମ ଗାୟକମାନଙ୍କ ଭିତରୁ

ମଧ୍ୟ ଜଣେ । ତାଙ୍କର ଗୋଟିଏ ସୂକ୍ତ, ଚତୁର୍ଥ ମଣ୍ଡଳର ଅନ୍ତିମ ସୂକ୍ତ ହେଉଛି ପ୍ରକୃତରେ ଅତି ଗୁରୁତ୍ୱପୂର୍ଣ୍ଣ, କାରଣ ଆମକୁ ମିଳିଥିବା ପ୍ରତୀକ ତତ୍ତ୍ୱର କୁଞ୍ଚି ଏଥିମଧ୍ୟରେ ରହିଛି, ଯାହା ଯଜ୍ଞର ରୂପକମାନଙ୍କ ପଶ୍ଚାତରେ ମନସ୍ତାତ୍ତ୍ୱିକ ଅନୁଭୂତି ତଥା ଅବବୋଧର ସେହି ସମସ୍ତ ସତ୍ୟତାକୁ ଲୁଚାଇ ରଖିଛି ଯାହାକୁ କି ଆର୍ଯ୍ୟ ପୂର୍ବ ପୁରୁଷଗଣ ଅତ୍ୟନ୍ତ ପବିତ୍ର ମନେ କରୁଥିଲେ ।

ସୂକ୍ତଟିରେ ବାମଦେବ ଅବଚେତନାର ସେହି ମହାସାଗର କଥା କହିଛନ୍ତି ଯାହା ଆମ ସମଗ୍ର ଜୀବନ ତଥା କାର୍ଯ୍ୟକଳାପରେ ନିମ୍ନ ଦେଶରେ ରହିଥାଏ । ସେହି ସମୁଦ୍ର ମଧ୍ୟରୁ ଇନ୍ଦ୍ରିୟଗତ ଜୀବନର ''ମଧୁମାନ୍ ଉର୍ମିଃ'' ଉତ୍ତୋଳିତ ହେଉଛି, ଏହା ସହିତ ରହିଛି ନିଜର ଅନୁପଲବ୍ଧ ଆନନ୍ଦର ଅନଭିବ୍ୟକ୍ତ ଭାର ଏବଂ ଊର୍ଦ୍ଧ୍ୱରୁ ଅବତରଣ କରିଥିବା ସେହି ''ଘୃତ'' ଓ ''ସୋମ''ରେ ଭରା ହୋଇ ଅର୍ଥାତ୍ ବିଶୁଦ୍ଧ ମାନସିକ ଚେତନା ଓ ପ୍ରଭାସ୍ୱର ଆନନ୍ଦ ରସରେ ଭରା ହୋଇ ତାହା ଅମୃତତ୍ୱର ସ୍ୱର୍ଗ ଦିଗରେ ଆରୋହଣ କରେ । ମାନସିକ ଚେତନାର ଗୂଢ଼ ନାମ – ''ଗୁହ୍ୟଂ ନାମ'' କହିଲେ ଏହା ହେଉଛି ଏକ ଜିହ୍ୱା ସଦୃଶ, ଯାହା ମାଧ୍ୟମରେ ଦେବଗଣ ଜଗତର ସ୍ୱାଦ ଅନୁଭବ କରିଥା'ନ୍ତି, ଯାହା ଅମୃତର ନାଭି, ତାହା ହେଉଛି 'ଆନନ୍ଦ', 'ସୋମ' ତାହାରି ପ୍ରତୀକ ।[୧] କାରଣ, କୁହାଯାଇଛି ଯେ, ଏହି ସମଗ୍ର ସୃଷ୍ଟି ଦିବ୍ୟପୁରୁଷ ରୂପୀ ଚତୁଃଶୃଙ୍ଗଧାରୀ ବୃଷଭ ଦ୍ୱାରା ଅବଚେତନା ମଧ୍ୟକୁ ଉଦ୍‌ବମିତ ହୋଇଛି, ସେହି ଚତୁଃଶୃଙ୍ଗ ହେଉଛି – ଅନନ୍ତ 'ସତ୍ତା' (ସତ୍), 'ଚେତନା' (ଚିତ୍), 'ଆନନ୍ଦ' ଓ 'ସତ୍ୟ' ।[୨] ପ୍ରାଗୈତିହାସିକ ଜଗତର ଯେଉଁ ପ୍ରାଚୀନ ରହସ୍ୟାତ୍ମକ ତଥା ଅଦ୍ଭୁତ କଳା ଥିଲା ସେଥିମଧ୍ୟରୁ ଯାହା ବଞ୍ଚି ରହିଛି ତାହା ଆମକୁ ଯେପରି ସ୍ମରଣ କରାଇ ଦିଏ ଯେ ସେହି ରୂପକଗୁଡ଼ିକ କିପରି ବଳବତ୍ ପରସ୍ପର ବିରୋଧାଭାସୀ – ବାମଦେବ ଏହିସବୁ ରୂପକଗୁଡ଼ିକ ମଧ୍ୟରେ 'ପୁରୁଷ'ଙ୍କୁ ଏକ ନର-ବୃଷଭ ରୂପକ ମାଧ୍ୟମରେ ବର୍ଣ୍ଣନା କରୁଛନ୍ତି, ଯାହାଙ୍କର ଚାରି ଶିଙ୍ଗ ହେଉଛନ୍ତି ଏହି ଚାରି ଦିବ୍ୟ ତତ୍ତ୍ୱ, ତାଙ୍କର ତିନି ପାଦ ବା ତିନି ଚରଣ ହେଉଛି ତିନି ମାନବିକ ତତ୍ତ୍ୱ ଯଥା, ମାନସିକତା, ପ୍ରାଣିକ କର୍ମଶୀଳତା ଏବଂ ଜଡ଼ତତ୍ତ୍ୱ । ତାଙ୍କର ଦୁଇ ଶୀର ହେଲେ 'ଆତ୍ମା' ଓ 'ପ୍ରକୃତି'ର ଦ୍ୱୈତ ଚେତନା, ଅର୍ଥାତ୍ 'ପୁରୁଷ' ଓ 'ପ୍ରକୃତି', ତାଙ୍କର ସପ୍ତ ହସ୍ତ ହେଉଛି ସପ୍ତ ତତ୍ତ୍ୱ ସହ ସମ୍ପର୍କିତ ସପ୍ତ ପ୍ରାକୃତିକ କ୍ରିୟାକଳାପ । ''ତ୍ରିଧା ବଦ୍ଧଃ'' – ମନରେ ବଦ୍ଧ, ପ୍ରାଣିକ ଶକ୍ତିଗୁଡ଼ିକରେ ବଦ୍ଧ, ଦେହରେ ବଦ୍ଧ – ''ଏହି ବୃଷଭ ଉଚ୍ଚରବ କରନ୍ତି; ଏହି ମହାନ୍ 'ଦେବ' ମର୍ତ୍ତ୍ୟମାନଙ୍କ ମଧ୍ୟରେ ପ୍ରବେଶ କରିଛନ୍ତି ।''[୩]

''ଘୃତମ୍'' ବିଷୟରେ ଦେଖିଲେ, ଏହା ହେଉଛି ମନଃସତ୍ତାର ନିର୍ମଳ ପ୍ରଭା ଯାହା 'ସତ୍ୟ'କୁ ପ୍ରତିଫଳିତ କରେ, ଏହାକୁ 'ପଣି'ମାନେ ଅର୍ଥାତ୍ ନିମ୍ନ ଇନ୍ଦ୍ରିୟଗତ କ୍ରିୟାକଳାପର ସ୍ୱାମୀମାନେ ଲୁଚାଇ ରଖିଛନ୍ତି ଏବଂ ଅବଚେତନା ମଧ୍ୟରେ ରୁଦ୍ଧ କରି ରଖିଛନ୍ତି; ଆମର ଚିନ୍ତାଗୁଡ଼ିକ ମଧ୍ୟରେ, ଆମର କାମନାଗୁଡ଼ିକ ମଧ୍ୟରେ, ଆମର ଦୈହିକ ଚେତନା ମଧ୍ୟରେ 'ଜ୍ୟୋତିଃ' ଓ 'ଆନନ୍ଦ' ଉକ୍ତ ତ୍ରିଧା ସ୍ୱରୂପରେ ଅଧିଷ୍ଠିତ ହୋଇ ରହିଛନ୍ତି, କିନ୍ତୁ ସେମାନେ ଆମଠାରୁ ନିଗୂଢ଼ ଅବସ୍ଥାରେ । ଦେବଗଣ 'ଘୃତ' ରୂପକ ବିଶୋଧିତ ଧାରାଗୁଡ଼ିକୁ ଗାଈ ମଧ୍ୟରେ ପାଇଥା'ନ୍ତି, ଏହି ଗାଈ ହେଉଛି ଊର୍ଦ୍ଧ୍ୱରୁ ଅବତରଣ କରିଥିବା 'ଜ୍ୟୋତିଃ'ର ପ୍ରତୀକ ।[୪] ଋଷି କହନ୍ତି, ଏହି ଧାରାମାନ ଜିନିଷଗୁଡ଼ିକର ହୃଦୟରୁ, ଅବଚେତନାର ମହାସାଗର ମଧ୍ୟରୁ, **ହୃଦ୍ୟାତ୍ ସମୁଦ୍ରାତ୍**, ଉତ୍ଥିତ ହୋଇଥା'ନ୍ତି, କିନ୍ତୁ ସେମାନେ ଶତ୍ରୁ ବୃତ୍ରର ଶତ ବନ୍ଦିକ୍ଷେତ୍ରଗୁଡ଼ିକରେ ଅବରୁଦ୍ଧ ହୋଇ ଯାଇଛନ୍ତି, ଯାହା ଫଳରେ ଏମାନେ ସେହି ସେହି ବିବେକଠାରୁ, ସେହି ଜ୍ଞାନଠାରୁ ଦୂରରେ ରହିଥିବେ ଯେଉଁ ଜ୍ଞାନ କି ଆମ ମଧ୍ୟରେ ରହି ନିତ୍ୟ ପ୍ରୟାସ କରି ଚାଲିଛି ପ୍ରଚ୍ଛାଦିତ ହୋଇ ରହିଥିବା ସେହି ଅନ୍ଧକାର କ୍ଷେତ୍ରକୁ ଆଲୋକିତ କରିବା ନିମନ୍ତେ, ଯାହା କାରାରୁଦ୍ଧ ହୋଇ ରହିଛି ତାହାକୁ ମୁକ୍ତ କରିବା ନିମନ୍ତେ ।[୫]

ଅବଚେତନା ରାଜ୍ୟର ସୀମାବର୍ତ୍ତୀ ପଥରେ ସେମାନେ ଗତି କରନ୍ତି, ସେମାନଙ୍କ ଗତି ବାସନା ଭଳି ପ୍ରବଳ ହୋଇଥିଲେ ବି ଘନ, ପ୍ରାଣିକ ସଂବେଦନାର କ୍ରିୟା ଦ୍ୱାରା ସୀମିତ, ପ୍ରାଣ-ଶକ୍ତି, 'ବାୟୁ', **ବାତ ପ୍ରମିୟଃ**, ତାହାରି କ୍ଷୁଦ୍ର କ୍ଷୁଦ୍ର ଗତିବୃତ୍ତି ମଧ୍ୟରେ ସୀମିତ । ସଚେତନ ହୃଦୟ ଓ ମନର ଅନୁଭୂତିଗୁଡ଼ିକ ଦ୍ୱାରା ବିଶୋଧିତ ହୋଇ, 'ପ୍ରକୃତି'ର ଏହି ଶକ୍ତିଗୁଡ଼ିକ ପରିଶେଷରେ 'ଅଗ୍ନି'ଙ୍କ ସହ ବିବାହ କରିବାରେ ସମର୍ଥା ହୁଅନ୍ତି, ଯେଉଁ ଅଗ୍ନି ହେଉଛନ୍ତି ଭଗବତ୍ 'ସଂକଳ୍ପ ଶକ୍ତି', ଏହି ଦେବ ସେମାନଙ୍କର ସୀମାବନ୍ଧନଗୁଡ଼ିକୁ ଭାଙ୍ଗି ଦିଅନ୍ତି ଏବଂ ଏ ନିଜେ ସେମାନଙ୍କ ଏବର ପ୍ରାଚୁର୍ଯ୍ୟମୟ ଊର୍ମି ଦ୍ୱାରା ସଂବର୍ଦ୍ଧିତ ହୋଇଥା'ନ୍ତି ।[୬] ଏହାହିଁ ହେଉଛି ଏହି ସତ୍ତାର ନିଷ୍ପତ୍ତିମୂଳକ ଅବସ୍ଥା ଯାହା ମାଧ୍ୟମରେ ମର୍ତ୍ତ୍ୟ ପ୍ରକୃତି ନିଜକୁ ପରିବର୍ତ୍ତିତ କରି ଅମୃତତ୍ୱ ପାଇଁ ପ୍ରସ୍ତୁତ ହୋଇଥାଏ ।

ଉକ୍ତ ସୂକ୍ତର ଅନ୍ତିମ ମନ୍ତ୍ରରେ ସମଗ୍ର ଜୀବନର ସ୍ଥିତିକୁ ଏହି ଭଳି ବର୍ଣ୍ଣନା କରିଛନ୍ତି — ଏହା ଉର୍ଦ୍ଧ୍ୱରେ ଦିବ୍ୟ 'ପୁରୁଷ'ଙ୍କ ଧାମ ମଧ୍ୟରେ, ନିମ୍ନରେ ଅବଚେତନାର ମହାସାଗର ମଧ୍ୟରେ ତଥା 'ପ୍ରାଣ' ମଧ୍ୟରେ, **ଅନ୍ତଃ ସମୁଦ୍ରେ ହୃଦି ଅନ୍ତରାୟୁଷି ।** ତେବେ ସଚେତନ ମନ ହେଉଛି ଏକ ସଂଯୋଗସୂତ୍ର ଯାହା ମଧ୍ୟଦେଇ ପର ସମୁଦ୍ର ସହିତ ନିମ୍ନ ସମୁଦ୍ରର, ଅତିଚେତନା ସହିତ ଅବଚେତନାର, ଦିବ୍ୟଜ୍ୟୋତିଃ ସହିତ 'ପ୍ରକୃତି' ଗତ ଆଦିମ ତମଃର ସମ୍ପର୍କ କରାଯାଇଥାଏ ।

ବାୟୁ ଜୀବନର ଦେବତା । ପ୍ରାଚୀନ ଋଷିଙ୍କ କହିବା ଅନୁସାରେ ଏହା ଏକ ମହାଶକ୍ତିରୂପେ ଗଣ୍ୟ ହେଉଥିଲା ଯାହା ସକଳ ଭୌତିକ ସତ୍ତା ମଧ୍ୟରେ ଅନୁପ୍ରବିଷ୍ଟ ହୋଇ ରହିଛି ଏବଂ ଯାହା ସକଳ କାର୍ଯ୍ୟକଳାପର କାରଣ । ଏହି ଅବଧାରଣାରୁ ପରବର୍ତ୍ତୀ ସମୟରେ 'ପ୍ରାଣ'ର ବିଚାର ଗଠିତ ହୋଇଛି ଯାହା ଜୀବନର ବିଶ୍ୱାତ୍ମକ ପ୍ରାଣବାୟୁ । 'ପ୍ରାଣ'ର ସଂଜ୍ଞାନିରୂପଣ ମଧ୍ୟରେ ମାନବ ଅସ୍ତିତ୍ୱର ସମସ୍ତ ପ୍ରାଣିକ ତଥା ସ୍ନାୟୁତାନ୍ତ୍ରିକ କ୍ରିୟାକଳାପ ଆସିଥାଏ ଏବଂ ଏସବୁ ବାୟୁ ରାଜ୍ୟର ଅନ୍ତର୍ଗତ । ତଥାପି ତୁଳନାତ୍ମକଭାବେ ଦେଖିଲେ ଋଗ୍‌ବେଦରେ ଏହି ମହାନ୍ ଦେବତାଙ୍କ ଉଦ୍ଦେଶ୍ୟରେ ଖୁବ୍ କମ୍ ସୂକ୍ତ ରହିଛି ଏବଂ ଏପରିକି ସେହି ସୂକ୍ତଗୁଡ଼ିକରେ ଯଦିଓ ତାଙ୍କୁ ପ୍ରଧାନତଃ ଆବାହନ କରାଯାଇଛି ତଥାପି ସେଥିରେ ସେ ସାଧାରଣତଃ ଏକକ ଭାବେ ରୂପାୟିତ ହୋଇ ନାହାନ୍ତି ପରନ୍ତୁ ଅନ୍ୟ ଦେବତାଙ୍କ ସହିତ, ସତେ କି ସେ ସେମାନଙ୍କ ଉପରେ ନିର୍ଭରଶୀଳ । ବାୟୁଙ୍କୁ ବିଶେଷତଃ ଇନ୍ଦ୍ରଙ୍କ ସହ ଯୋଡ଼ା ଯାଇଥାଏ ଏବଂ ବୈଦିକ ଋଷିମାନେ ଏହି ଦେବତାଙ୍କଠାରୁ ଯେଉଁ କ୍ରିୟାକଳାପ ଆଶା କରନ୍ତି ତାହା ପ୍ରାୟ ମନେହୁଏ ଅନ୍ୟ ଉଚ୍ଚ ଦେବତାଙ୍କର ସାହାଯ୍ୟ ଫଳରେହିଁ ସମ୍ଭବ ହେବ । ମଣିଷ ମଧ୍ୟରେ 'ପ୍ରାଣ'ଶକ୍ତିର ଦିବ୍ୟ କ୍ରିୟାର ପ୍ରଶ୍ନ ଯେତେବେଳେ ଉଠେ, 'ଅଗ୍ନି' ଯେତେବେଳେ ବୈଦିକ 'ଅଶ୍ୱ', 'ଦଧିକ୍ରାବଣ୍' ରୂପ ଧାରଣ କରନ୍ତି, ସେତେବେଳେ ସେ ସାଧାରଣତଃ 'ବାୟୁ'ର ସ୍ଥାନ ଗ୍ରହଣ କରିଥା'ନ୍ତି ।

(*ଆଗାମୀ ସଂଖ୍ୟାରେ ସମାପ୍ୟ*)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda*', Part - II Chapter - VIII, "**Vayu, the Master of the Life Energies**"]

ଅନୁବାଦ : ମଧୁସୂଦନ ମହାପାତ୍ର ❖

## ତଥ୍ୟ ନିର୍ଦ୍ଦେଶିକା

୧. ସମୁଦ୍ରାଦୁର୍ମିର୍ମଧୁମାଁ ଉଦାରଦୁପାଂଶୁନା ସମମୃତତ୍ୱମାନଟ୍ ।
ଘୃତସ୍ୟ ନାମ ଗୁହ୍ୟଂ ଯଦସ୍ତି ଜିହ୍ୱା ଦେବାନାମମୃତସ୍ୟ ନାଭିଃ ॥ (ଋ. ୪.୫୮.୧)

୨. ଚତୁଃଶୃଙ୍ଗୋଽଭବଦ୍ ଗୌର ଏତତ୍ ॥ (ଋ. ୪.୫୮.୨)

୩. ଚତ୍ୱାରି ଶୃଙ୍ଗା ତ୍ରୟୋ ଅସ୍ୟ ପାଦା ଦ୍ୱେ ଶୀର୍ଷେ ସପ୍ତହସ୍ତାସୋ ଅସ୍ୟ ।
ତ୍ରିଧା ବଦ୍ଧୋ ବୃଷଭୋ ରୋରବୀତି ମହୋ ଦେବୋ ମର୍ତ୍ତ୍ୟାଁ ଆ ବିବେଶ ॥ (ଋ. ୪.୫୮.୩)

୪. ତ୍ରିଧା ହିତଂ ପଣିଭିର୍ଗୁହ୍ୟମାନଂ ଗବି ଦେବାସୋ ଘୃତ ମନ୍ୱବିନ୍ଦନ୍ । (ଋ. ୪.୫୮.୪)

୫. ଏତା ଅର୍ଷନ୍ତି ହୃଦ୍ୟାତ୍ ସମୁଦ୍ରାତ୍ ଶତବ୍ରଜା ରିପୁଣା ନାବଚକ୍ଷେ । (ଋ. ୪.୫୮.୫)

୬. ସମ୍ୟକ୍ ସ୍ରବନ୍ତି ସରିତୋ ନ ଧେନା ଅନ୍ତର୍ହୃଦା ମନସା ପୂୟମାନାଃ । ଏତେ ଅର୍ଷନ୍ତ୍ୟୂର୍ମୟୋ ଘୃତସ୍ୟ (ମୃଗା ଇବ କ୍ଷିପଣୋରୀଷମାଣାଃ) ॥
ସିନ୍ଧୋରିବ ପ୍ରାଧ୍ୱନେ ଶୂଘନାସୋ ବାତପ୍ରମିୟଃ ପତୟନ୍ତି ଘୃତସ୍ୟ ଯହ୍ୱାଃ । ଧାରା ଅରୁଷୋ ନ ବାଜୀ କାଷ୍ଠାଭିନ୍ଦନ୍ ଊର୍ମିଭିଃ ପିନ୍ୱମାନଃ ॥ (ଋ. ୪.୫୮.୬-୭)

# ଶ୍ରୀମା'ଙ୍କର ଆଧ୍ୟାତ୍ମିକ ବ୍ରତ*

## ଶ୍ରୀ ମାଧବ ପଣ୍ଡିତ

ଶ୍ରୀମା'ଙ୍କୁ ଥରେ ପଚରା ଯାଇଥିଲା ସେ କେବେ ଓ କିପରି ତାଙ୍କ ଜୀବନର ବ୍ରତ (mission) ବିଷୟରେ ସଚେତ ହେଲେ । କେବେ ଓ କିପରି ଶ୍ରୀଅରବିନ୍ଦଙ୍କ ସହ ତାଙ୍କର ସାକ୍ଷାତ୍ ଘଟିଥିଲା । ଏହି ପ୍ରଶ୍ନର ଉତ୍ତର ତାଙ୍କ ନିଜ ଭାଷାରେ ଦିଆଯାଉଛି –

''ଜୀବନର ଉଦ୍ଦେଶ୍ୟ ବିଷୟରେ କେବେ ଯେ ମୋର ଜ୍ଞାନ ହେଲା, ସେକଥା କହିବା କଠିନ ହେବ । ଏହି ଭାବକୁ ସଙ୍ଗରେ ଧରି ବୋଧହୁଏ ମୁଁ ଜନ୍ମଗ୍ରହଣ କରିଥିଲି ଏବଂ ମନ ଓ ମସ୍ତିଷ୍କର ସମୃଦ୍ଧି ସଙ୍ଗେ ସଙ୍ଗେ ଏହି ଚେତନାର ଯଥାଯଥତା ଓ ସମ୍ପୂର୍ଣ୍ଣତା ମଧ୍ୟ ବଢ଼ିବାକୁ ଲାଗିଲା ।

''୧୧ ବର୍ଷ ଠାରୁ ୧୩ ବର୍ଷ ବୟସ ମଧ୍ୟରେ ମୋର ଅନେକ ଚୈତ୍ତ୍ୟିକ ଓ ଆଧ୍ୟାତ୍ମିକ ଉପଲବ୍ଧି ହୋଇଥିଲା । ଖାଲି ଯେ ଭଗବାନଙ୍କ ଅସ୍ତିତ୍ୱର ଉପଲବ୍ଧି ହୋଇଥିଲା, ତାହା ନୁହେଁ; ମଣିଷ ପକ୍ଷରେ ତାଙ୍କୁ ଦର୍ଶନ କରିବାର କିଂବା ତାଙ୍କୁ ଚେତନାରେ ତଥା କାର୍ଯ୍ୟରେ ସମଗ୍ର ଭାବରେ ପ୍ରକାଶ କରିବାର, ପୃଥିବୀପୃଷ୍ଠରେ ଦିବ୍ୟଜୀବନ ମଧ୍ୟରେ ତାଙ୍କୁ ଅଭିବ୍ୟକ୍ତ କରିବାର ସମ୍ଭାବନା ଅଛି ବୋଲି ମଧ୍ୟ ମୋର ଉପଲବ୍ଧି ହୋଇଥିଲା । ଏସବୁ ସହିତ, କାର୍ଯ୍ୟକ୍ଷେତ୍ରରେ କେଉଁ କେଉଁ ଶୃଙ୍ଖଳା ଏହାକୁ ସଫଳକାମ କରିପାରିବ, ସେଗୁଡ଼ିକର କଥା ମଧ୍ୟ ମୋତେ ନିଦ୍ରିତ ଅବସ୍ଥାରେ କେତେ ଜଣ ଆଧ୍ୟାତ୍ମିକ ଗୁରୁଙ୍କ ଦ୍ୱାରା ଶିକ୍ଷା ଦିଆ ଯାଇଥିଲା । ପରବର୍ତ୍ତୀ କାଳରେ ସେହି ଗୁରୁମାନଙ୍କ ମଧ୍ୟରୁ ଅନେକଙ୍କୁ ମୁଁ ପୃଥିବୀପୃଷ୍ଠରେ ସାକ୍ଷାତ୍ କରିଛି । ପରେ ବାହ୍ୟ ତଥା ଆନ୍ତର ବିକାଶର ଅଗ୍ରଗତି ସଙ୍ଗେ ସଙ୍ଗେ ଏମାନଙ୍କ ମଧ୍ୟରୁ ଜଣଙ୍କ ସହିତ ମୋର ଅଧ୍ୟାତ୍ମ ଓ ବ୍ୟାବହାରିକ ସମ୍ବନ୍ଧ ଅଧିକରୁ ଅଧିକ ସ୍ପଷ୍ଟ ଓ ସାରଗର୍ଭ ହୋଇଥିଲା ଏବଂ ଯଦିବା ଭାରତୀୟ ଦର୍ଶନ ଓ ଧର୍ମ ସମ୍ପର୍କରେ ମୋର ଜ୍ଞାନ ଅତି ସାମାନ୍ୟ ଥିଲା, ତେବେ ବି ମୁଁ ତାଙ୍କୁ 'କୃଷ୍ଣ' ଆଖ୍ୟା ଦେଇଥିଲି ଏବଂ ସେହି ସମୟରୁ ମୁଁ ଏ ବିଷୟରେ ନିଶ୍ଚିତ ଥିଲି ଯେ (ଦିନେ ଅବଶ୍ୟ ତାଙ୍କ ସହିତ ମୋର ଚାକ୍ଷୁଷ ପରିଚୟ ହେବ) ତାଙ୍କ ସହଯୋଗରେ ମୋତେ ମୋର ଭଗବତ୍ ନିର୍ଦ୍ଧାରିତ କର୍ମ କରିବାକୁ ହେବ ।...

''ଶ୍ରୀଅରବିନ୍ଦଙ୍କୁ ଦେଖିବା ମାତ୍ରେ ସେ ମୋର ସେହି ଅତି ପରିଚିତ ବ୍ୟକ୍ତି – ଯାହାଙ୍କୁ ମୁଁ 'କୃଷ୍ଣ' ନାମରେ ଡାକୁଥିଲି – ବୋଲି ଜାଣିପାରିଲି... ଏବଂ ଭାରତବର୍ଷରେ ତାଙ୍କରି ସମୀପରେ ମୋର ସ୍ଥାନ ଓ ମୋର କର୍ମ ସମ୍ପର୍କରେ ମୁଁ ଦୃଢ଼ ନିଶ୍ଚିତ ହେବାର କାରଣ ଏହା ଦ୍ୱାରା ଯଥେଷ୍ଟ ପରିଷ୍କାର ହୋଇଗଲା ।''

ଶ୍ରୀମା ୧୯୧୪ ମସିହାରେ ଭାରତକୁ ଆସିଥିଲେ । 'ଆର୍ଯ୍ୟ' ପତ୍ରିକାର ପ୍ରକାଶନ କାର୍ଯ୍ୟ ଆରମ୍ଭ କରିବାରେ ଶ୍ରୀଅରବିନ୍ଦଙ୍କ ସହ ସହଯୋଗ କରିଥିଲେ । ସେହି ପତ୍ରିକା ଦିବ୍ୟଜୀବନର ଏବଂ ଯେଉଁ ଆତ୍ମପରିପୂର୍ଣ୍ଣତାର ଯୋଗ ମାଧ୍ୟମରେ ସେହି ଜୀବନକୁ ଗଢ଼ି ତୋଳିବାକୁ ହେବ, ତାହାର ବାଣୀ ଶୁଣାଇଥିଲା । ସମାଜର ପରିପୂର୍ଣ୍ଣତା, ମାନବସମୂହର ଐକ୍ୟ ମଧ୍ୟ ଏହି ଆଦର୍ଶର ଅନ୍ତର୍ଗତ ଥିଲା । ପ୍ରଥମ ମହାସମର ଆରମ୍ଭ ହୋଇ ଯିବାରୁ ମା'ଙ୍କୁ ଫେରିବାକୁ ହୋଇଥିଲା, ମାତ୍ର ସେ ପୁନରାୟ ଏପ୍ରିଲ ୨୪, ୧୯୨୦ରେ ଫେରି ଆସିଲେ ଓ ସେହିଦିନଠାରୁ ସେ ତାଙ୍କ ଦିବ୍ୟଦାୟିତ୍ୱର କର୍ମ ସମ୍ପାଦନ କରି ଆସିଛନ୍ତି, ଯନ୍ତ୍ରଣାକ୍ଲିଷ୍ଟମାନଙ୍କୁ ସେ ସାନ୍ତ୍ୱନା ଓ ଆଶ୍ରୟ ଆଣି ଦେଇଛନ୍ତି, ଦିବ୍ୟତର ଓ ଉଚ୍ଚତର ଜୀବନଯାପନ ନିମନ୍ତେ ଆସ୍ପୃହାର ତରୁ ସେ ସମସ୍ତଙ୍କ ହୃଦୟରେ ରୋପଣ କରିଛନ୍ତି । ସତ୍ୟ, ପ୍ରେମ ଓ ସାମଞ୍ଜସ୍ୟର ପଥରେ ଯେଉଁମାନେ ଆପଣାକୁ ପରିପୂର୍ଣ୍ଣ କରିବାର ସୁଯୋଗ ଅନୁସନ୍ଧାନ କରନ୍ତି, ସେମାନଙ୍କୁ ଗ୍ରହଣ କରିଛନ୍ତି ଓ ସାହାଯ୍ୟ କରି ଆସିଛନ୍ତି ।

ଦିବ୍ୟଜୀବନର ସାଧନା କରିବା ଓ ସେହି ଦିଗରେ ଅଗ୍ରସର ହେବା ଲାଗି ଏବଂ ଦିବ୍ୟ-ଅଭିବ୍ୟକ୍ତିର କେନ୍ଦ୍ରସ୍ଥଳୀ ରୂପେ ପ୍ରସ୍ତୁତ ହେବା ଲାଗି ଶ୍ରୀମା'ଙ୍କ ନିର୍ଦ୍ଦେଶରେ ସଙ୍ଗଠିତ ହୋଇଥିବା ଏହି ଆଶ୍ରମ ଅତୁଳନୀୟ । ଏହି ସଂଘବଦ୍ଧ ଅନୁଷ୍ଠାନର ଉତ୍ସ କଥା କହିବାକୁ ଯାଇ ସେ ଥରେ ଅତୀତର ସ୍ମୃତିଚାରଣ କରି ଯାହା କହିଥିଲେ, ତାହା ଏଠାରେ ମୁଁ ଲିପିବଦ୍ଧ କରୁଅଛି –

''ମୋର ଏହି ସ୍ଥୂଳ ଅସ୍ତିତ୍ୱର ପ୍ରାରମ୍ଭ ଅବସ୍ଥାରେ ଏପରି

* ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ (୧୯୭୨)ରେ ପ୍ରଦତ୍ତ ଏକ ବେତାର ଭାଷଣ ।

କେତେ ଲୋକଙ୍କ ସଂସ୍ପର୍ଶରେ ମୁଁ ଆସିଛି, ଯେଉଁମାନଙ୍କର ପ୍ରଭୂତ ଆସ୍ପୃହା ଥିଲା ଓ ଗଭୀରତର ଓ ସତ୍ୟତର କିଛି ଆଦର୍ଶ ପ୍ରତି ମଧ୍ୟ ସେମାନଙ୍କର ଆଗ୍ରହ ଥିଲା ବୋଲି ସେମାନେ କହୁଥିଲେ, ମାତ୍ର ସେମାନେ ନିଜ ନିଜର ଜୀବିକାର୍ଜନର ନିଷ୍ଠୁର ପ୍ରୟୋଜନର ବଶୀଭୂତ, ଶୃଙ୍ଖଳାବଦ୍ଧ ଓ ଦାସତ୍ୱାଧୀନ ହୋଇ ରହିଗଲେ ଏବଂ ସେମାନେ କର୍ତ୍ତବ୍ୟବୋଧର ଭାରରେ ଏପରି ଭାରାକ୍ରାନ୍ତ ହୋଇଥିଲେ ତଥା ଏହାର ପଛରେ ସମୟ ଓ ସାମର୍ଥ୍ୟର ଅଧିକାଂଶ ଭାଗ ବ୍ୟୟିତ କରୁଥିଲେ ଯେ ଆନ୍ତର ତଥା ବାହ୍ୟିକ ଅନ୍ୟ କୌଣସି କାମ ପାଇଁ ସେମାନେ ସୁଯୋଗ ପାଉ ନଥିଲେ । ଏହି ଅଭିଯୋଗ ବହୁବାର ମୁଁ ଶୁଣିବାକୁ ପାଉଥିଲି ।

''ସେ ସମୟରେ ମୁଁ ଖୁବ୍ ଛୋଟ ଥିଲି ଏବଂ ନିଜକୁ ପ୍ରାୟ ସବୁବେଳେ କହୁଥିଲି ଯଦି କେବେ କିଛି କଲାଭଳି କାମ କରିପାରିବି, ତେବେ ଏପରି ଗୋଟିଏ ଛୋଟିଆ ଜଗତ୍ ତିଆରି କରିବି, ଗୋଟିଏ ଟିକି ଜଗତ୍ – ଏତେ ଟିକିଏ ଜଗତ୍ ଗଢ଼ିବି, ଯେଉଁଠି ଲୋକେ ଖାଦ୍ୟ, ବାସସ୍ଥାନ ବା ପରିଚ୍ଛଦ ଏବଂ ଜୀବନର ନାନାଦି ଭାରପ୍ରଦ ପ୍ରୟୋଜନୀୟତାରୁ ମୁକ୍ତ ହୋଇ ବଞ୍ଚି ରହିବେ ଏବଂ ବାହ୍ୟ ସ୍ଥୂଳ ଜୀବନ ବିଷୟରେ ନିଶ୍ଚିନ୍ତ ହୋଇ ସେମାନଙ୍କର ସକଳ ଶକ୍ତି ମୁକ୍ତିଲାଭ କରି ଦିବ୍ୟଜୀବନ ଓ ଆନ୍ତର ଉପଲବ୍ଧି ଦିଗରେ ନିୟୁକ୍ତ ହେବ । ମୋର ଜୀବନର ପ୍ରାୟ ଅଧାଅଧି ବେଳକୁ, ହଁ, ଯାହାକୁ ସାଧାରଣତଃ ମଣିଷ ଜୀବନର ମଧ୍ୟାହ୍ନ କୁହାଯାଏ, ସେତିକିବେଳେ ମୋତେ ଉପକରଣ ସବୁ ଯୋଗାଇ ଦିଆଗଲା ଯାହା ଦ୍ୱାରା ଏହିପରି ଜୀବନଧାରଣ ସକାଶେ ପରିବେଶ ସୃଷ୍ଟି ହୋଇ ପାରିଲା ।''

ଶ୍ରୀମା'ଙ୍କ ଦ୍ୱାରା ସଙ୍ଗଠିତ ଏହି ଶ୍ରୀଅରବିନ୍ଦ ଆଶ୍ରମ ସେହି ଉଦ୍ଦେଶ୍ୟ ନେଇ ଗଢ଼ା ଯାଇଥିଲା, ଯେଉଁଠାରେ ଦେଢ଼ ସହସ୍ର ଅନ୍ୱେଷୀ ସାଧକ ଅଜ୍ଞାନ, ସୀମାବଦ୍ଧତା ଓ ଯନ୍ତ୍ରଣା ଦ୍ୱାରା କ୍ଲିଷ୍ଟ ସାଧାରଣ ମନୁଷ୍ୟ ଜୀବନରୁ ଆଗେଇ ଯାଇ ଜ୍ଞାନ, ମୁକ୍ତି ଓ ଆନନ୍ଦର ଜୀବନ ମଧ୍ୟକୁ ପ୍ରବେଶ କରିବେ । ସେ ଯେଉଁଭଳି ଜୀବନର ରୂପଦେବାକୁ ପ୍ରସ୍ତାବ ଦେଇଛନ୍ତି ତାହା ଚତୁର୍ବିଧ ପରିପୂର୍ଣ୍ଣତାରେ ଶୃଙ୍ଖଳିତ ହେବ – ବାହ୍ୟ ଭୌତିକ ଶୃଙ୍ଖଳାରେ ସୌନ୍ଦର୍ଯ୍ୟ ଓ ସମନ୍ୱୟ, ସ୍ଥୂଳ ଭୌତିକ ବସ୍ତୁରେ ଜୀବନ୍ତ ଚେତନାବୋଧ ଏବଂ ସେଗୁଡ଼ିକୁ ଯତ୍‌ପରୋନାସ୍ତି ଯତ୍ନ ଦେଇ ସମୃଦ୍ଧ କରିବା; ସଂକଳ୍ପ ଶକ୍ତି ଓ ଆପଣାର ସାମର୍ଥ୍ୟକୁ ଦିବ୍ୟ ପ୍ରଭୁଙ୍କ ଆଡ଼କୁ ଏକମୁଖୀ କରିବା ଦ୍ୱାରା ସେଗୁଡ଼ିକର ପରିପୂର୍ଣ୍ଣ ବିକାଶ ସାଧନ କରିବା; ଜ୍ଞାନ ଆହରଣର ସହଜ ସାମର୍ଥ୍ୟକୁ ବଢ଼ାଇବା ଏବଂ ମାନସ-ସ୍ତରର ଊର୍ଦ୍ଧ୍ୱରେ ଥିବା ସ୍ତରଗୁଡ଼ିକୁ ଉନ୍ମୁକ୍ତ କରି ସତ୍ୟ-ଚେତନା ଆଡ଼କୁ ଆଗେଇ ନେବା; ହୃଦୟସ୍ଥିତ ପ୍ରେମର କେନ୍ଦ୍ରଟିକୁ ସଚଳତାରେ ସ୍ପନ୍ଦିତ କରିବା । – ଏହି ଚାରିଗୋଟି ବିଭବର ମଧ୍ୟ ଦେଇ ଆମର ଜୀବନ ରୂପାୟିତ ହେବ ।

ଜୀବନର ଦାୟିତ୍ୱକୁ ସମଗ୍ର ଭାବରେ ଗ୍ରହଣ କରି ଆଧ୍ୟାତ୍ମିକ ସମାଜ ଯେଉଁ ପରୀକ୍ଷା-ନିରୀକ୍ଷା ଆଦିର ବୃହତ୍ତର ଯୋଜନା ପାଇଁ ପ୍ରସ୍ତୁତ ହେଉଛି, ତାହା ବର୍ତ୍ତମାନ ଅରୋଭିଲ୍‌ରେ ପ୍ରସାର ଲାଭ କରୁଛି । ବିଭିନ୍ନ ଦେଶର ଅସଂଖ୍ୟ ଭକ୍ତ ଓ ଶିଷ୍ୟ ବ୍ୟକ୍ତିଗତ ଭାବରେ ଶ୍ରୀମା'ଙ୍କଠାରୁ ତଥା ତାଙ୍କ ପ୍ରଦତ୍ତ ଶିକ୍ଷା ଓ ଅନୁଶୀଳନ ମଧ୍ୟରୁ ନିଜ ନିଜ ଜୀବନକୁ ପଥ ଦେଖାଇବା ଭଳି ନୂତନ ଆଲୋକ ଲାଭ କରିଛନ୍ତି । ତାଙ୍କର ପଥହିଁ ଜ୍ୟୋତିର୍ମୟୀ ପରମାପ୍ରକୃତିର ପଥ । ଜୀବନର ପ୍ରତିଟି ବିଭାଗରେ ସ୍ୱାଧୀନଚାରଣା ଉପରେ ସେ ଜୋର୍ ଦିଅନ୍ତି, ନର ଓ ନାରୀ ଉଭୟଙ୍କୁ ସେ ସମାନ ଦୃଷ୍ଟିରେ ଗ୍ରହଣ କରନ୍ତି, କାରଣ ଏକହିଁ ଦିବ୍ୟ-ଆତ୍ମା ଉଭୟଙ୍କ ମଧ୍ୟରେ ବିରାଜିତ ରହିଛି । ଶିକ୍ଷା କ୍ଷେତ୍ରରେ ତାଙ୍କର ପ୍ରଦର୍ଶିତ ଧାରାକୁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଅନୁସରଣ କରୁଅଛି; ଭାରତବର୍ଷରେ ଆଉ କେତେକ ସ୍ଥାନରେ ମଧ୍ୟ ସେହି ଧାରା ଅନୁସୃତ ହେଉଅଛି । ବାଳକବାଳିକାମାନଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେବା, ବାହାରୁ ସେମାନଙ୍କ ଉପରେ କୌଣସି ପ୍ରକାର ଜୋର୍, ଜବରଦସ୍ତିକୁ ଲଦି ଦେବାକୁ ପ୍ରତିରୋଧ କରିବା, ଆତ୍ମ-ଶିକ୍ଷଣ ଓ ସ୍ୱତଃସ୍ଫୂର୍ତ୍ତ ଉନ୍ନତି ଦିଗରେ ପିଲାଙ୍କୁ ପ୍ରୋତ୍ସାହ ଦେବା ଆଦି ସେହି ଶିକ୍ଷା ପଦ୍ଧତିର କେତେକ ଦିଗ ବୋଲି କହିବାକୁ ହେବ ।

ମନୁଷ୍ୟଜାତି ପାଇଁ ଏକ ନବ ଜୀବନର ଆଗମନ ଉଦ୍ଦେଶ୍ୟରେ ଶ୍ରୀଅରବିନ୍ଦଙ୍କ ସହିତ ଶ୍ରୀମା କାର୍ଯ୍ୟରତ ରହିଥିଲେ । ମଣିଷ ବର୍ତ୍ତମାନ ଯେଉଁ ମାନସ ଚେତନାରେ ନିବାସ କରୁଛି, ତାହାଠାରୁ ଆଉ ଏକ ଉଚ୍ଚତର ଚେତନାକୁ ମଣିଷ ମଧ୍ୟରେ ବିକଶିତ କରାଇବା ଦ୍ୱାରାହିଁ କେବଳ ସେହି ନବ ଜୀବନ ସମ୍ଭବ ହେବ । ମାନବ-ବିବର୍ତ୍ତନ ଧାରାରେ ଏହା ପରବର୍ତ୍ତୀ ପାବଚ୍ଛ ଏବଂ ମା ଏହି ସତ୍ୟଚେତନାକୁ ଆପଣା ସତ୍ତା ମଧ୍ୟରେ ସଫଳ ରୂପେ ତଥା ପୂର୍ଣ୍ଣ ରୂପେ ଧାରଣ କରି ଅନ୍ୟମାନଙ୍କ ପାଇଁ ଏହାର ସମ୍ଭାବନାର ପଥ ପ୍ରସ୍ତୁତ କରି ଦେଲେ । ତାଙ୍କ ଭିତରେ ମାନବପ୍ରକୃତି ଦିବ୍ୟ-ପ୍ରକୃତିରେ ରୂପାନ୍ତରିତ ହେବାର କ୍ରିୟା ନିରନ୍ତର ନିୟନ୍ତ୍ରିତ ହେଉଛି ଏବଂ ଯେଉଁମାନେ ଭାଗବତ ଅଭିବ୍ୟକ୍ତିର ସତ୍ୟ ପ୍ରତି ଉନ୍ମୁକ୍ତ

ସେମାନଙ୍କ ଭିତରେ ବି ଏହି କାର୍ଯ୍ୟ ଅପ୍ରତିହତ ଭାବରେ ସମ୍ପନ୍ନ ହେଉଛି ।

ମାନବସତ୍ତା ନିମନ୍ତେ ପାର୍ଥିବ ବାତାବରଣକୁ ରୂପାନ୍ତରିତ କରିବାର ଅନୁକୂଳ ପରିସ୍ଥିତି ପାଇଁ ସେ ଅନ୍ତହୀନ ଧୈର୍ଯ୍ୟ, ଅପରିସୀମ ଆଶା ତଥା ଅକ୍ଳାନ୍ତ ପରିଶ୍ରମ ଦେଇ ନିଜ ଜୀବନଟିକୁ ଉତ୍ସର୍ଗ କରିଛନ୍ତି । ବିଶ୍ୱ ସମସ୍ୟାର ଯାବତୀୟ ଭାରକୁ ସେ ନିଜ ହାତରେ ନେଇ ତାହାର ମୂଳଉତ୍ସ ନିକଟରୁହିଁ ତାହାକୁ ନିୟନ୍ତ୍ରଣ କରୁଛନ୍ତି । ଶ୍ରୀଅରବିନ୍ଦ ତାଙ୍କ ବିଷୟରେ ପଚାଶ ବର୍ଷ ପୂର୍ବେ ଯାହା କହିଥିଲେ, ଯେଉଁମାନେ ଶ୍ରୀମା'ଙ୍କର ଭାସ୍ୱର ପ୍ରଭାବର ଅଧୀନରେ ଜୀବନ ବିତାଇବାର ସୁଯୋଗ ପାଇଛନ୍ତି ସେମାନେ ତାଙ୍କର ସେହି କଥା କେତେଦୂର ସତ୍ୟ, ତାହା ଅନୁଭବ କରିଛନ୍ତି :

''ବିଶ୍ୱର ଯାବତୀୟ କିଛିର ଊର୍ଦ୍ଧ୍ୱରେ ସେ, ବିଶ୍ୱର କୌଣସି କିଛି ଦ୍ୱାରା ସେ ସୀମାବଦ୍ଧ ନୁହନ୍ତି, କାହାରି ସହିତ ସଂଶ୍ଳିଷ୍ଟ ନୁହନ୍ତି, ଅଥଚ ବିଶ୍ୱଜନନୀଙ୍କର ହୃଦୟ ତାଙ୍କରିଠାରେ ରହିଛି । କାରଣ ତାଙ୍କର କରୁଣା ଅଫୁରନ୍ତ ଓ ଅଶେଷ ।... ମାତ୍ର ତାଙ୍କର କରୁଣା ତାଙ୍କ ଜ୍ଞାନକୁ ଅନ୍ଧ ପ୍ରବେଗ ଦ୍ୱାରା ଚାଳିତ କରେ ନାହିଁ ବା ଯାହା ନିର୍ଦ୍ଧାରିତ, ସେ ପଥରୁ ତାଙ୍କ କର୍ମକୁ ଅପସୃତ କରାଇ ନିଏ ନାହିଁ । କାରଣ ବସ୍ତୁସମୂହର ସତ୍ୟସ୍ୱରୂପ ସହିତ ସେ ଏକାନ୍ତଭାବେ ସମ୍ପୃକ୍ତ, ଜ୍ଞାନହିଁ ତାଙ୍କର ସକଳ ଶକ୍ତିର କେନ୍ଦ୍ର ଏବଂ ଦିବ୍ୟ-ପରମସତ୍ୟର ରୂପରେ ଆମ ଆତ୍ମା ଓ ପ୍ରକୃତିକୁ ଗଠନ କରିବାହିଁ ତାଙ୍କର ବ୍ରତ ଓ ତାଙ୍କର କର୍ମ ।''

ଅନୁବାଦ : କୃଷ୍ଣା ଦେବୀ । ✤

## ସମର୍ପଣର ସାରବସ୍ତୁ...

ଆନ୍ତର ସମର୍ପଣର ସାରବସ୍ତୁ ହେଲା ଭଗବାନଙ୍କ ଉପରେ ବିଶ୍ୱାସ ଓ ନିର୍ଭରତା । ସାଧକର ଭାବ ଏହିପରି ହେବା ଉଚିତ — ''ମୁଁ କେବଳ ଭଗବାନଙ୍କୁ ଚାହେଁ, ଆଉ କିଛି ଚାହେଁ ନାହିଁ । ମୁଁ ତାଙ୍କ ପାଖରେ ନିଃଶେଷରେ ଆତ୍ମଦାନ କରିବାକୁ ଚାହେଁ; ଯଦି ମୋର ଆତ୍ମ-ପୁରୁଷଙ୍କର ଏହାହିଁ ସଂକଳ୍ପ, ତେବେ ମୁଁ ଭଗବାନଙ୍କର ସାକ୍ଷାତ୍ ଉପଲବ୍ଧି ନିଶ୍ଚୟହିଁ ପାଇବି । ମୁଁ ଏହା ବ୍ୟତିରେକେ ଆଉ କିଛି ଚାହୁଁ ନାହିଁ । ମୁଁ କେବଳ ଏହାହିଁ ଚାହେଁ ଯେ ମୋ ମଧ୍ୟରେ ତାଙ୍କର ଯେଉଁ ପ୍ରଚ୍ଛନ୍ନ ବା ପ୍ରଘଟ, ନିଗୂଢ଼ ବା ସୁସ୍ପଷ୍ଟ କ୍ରିୟା ଚାଲୁଅଛି, ତାହା ଯେପରି ମୋତେ ତାଙ୍କ ନିକଟକୁ ନେଇଯାଏ । ମୁଁ ମୋ ନିଜ ସମୟରେ, ନିଜ ଧାରାରେ କିଛି ହେବାକୁ ଚାହେଁ ନାହିଁ, ତାଙ୍କ ସମୟରେ ତାଙ୍କ ଧାରାରେ ସେ ସବୁ କିଛି କରନ୍ତୁ, ମୁଁ ତାଙ୍କ ପ୍ରତି ବିଶ୍ୱାସ ରଖିବି, ତାଙ୍କ ଇଚ୍ଛାକୁ ମାନି ନେବି, ତାଙ୍କ ଜ୍ୟୋତିଃ ଓ ତାଙ୍କ ସାନ୍ନିଧ୍ୟ ଓ ତାଙ୍କ ଆନନ୍ଦ ନିମିତ୍ତ ଆସ୍ପୃହା ରଖିବି, ତାଙ୍କ ଉପରେ ନିର୍ଭର ରଖି, କେବେ ବି ଭରସା ନ ହରାଇ ସକଳ ବାଧାବିଘ୍ନର ସମ୍ମୁଖୀନ ହେବି । ମୋ ମନ ଅଚଞ୍ଚଳ ହୋଇ ତାଙ୍କ ଉପରେ ଭରସା ରଖୁ, ସେ ମୋ ମନକୁ ତାଙ୍କ ଦିବ୍ୟ-ଜ୍ୟୋତିଃ ଆଡ଼କୁ ଉନ୍ମୁକ୍ତ କରାନ୍ତୁ, ମୋର ପ୍ରାଣ ଅବିଚଳିତ ହୋଇ ତାଙ୍କରି ଆଡ଼କୁ, କେବଳହିଁ ତାଙ୍କରି ଆଡ଼କୁ ଉନ୍ମୁକ୍ତ ରହୁ, ଏବଂ ତାଙ୍କର ଧୈର୍ଯ୍ୟ ପ୍ରତି ଉନ୍ମୀଳିତ ହେଉ । ସବୁକିଛି ତାଙ୍କ ନିମିତ୍ତ, ମୁଁ ବି ତାଙ୍କ ନିମିତ୍ତ । ଯାହାହିଁ ଘଟୁ ମୁଁ ଏହି ଅଭୀପ୍ସା ଓ ଆତ୍ମଦାନ ଅକ୍ଷୁଣ୍ଣ ରଖିବି, ଏବଂ ପୂର୍ଣ୍ଣ ଭରସା ରଖିବି ଯେ ମୁଁ ଯାହା ଚାହୁଁଅଛି ତାହା ସେ ନିଶ୍ଚୟହିଁ କରିବେ ।''

ଏହି ଭାବ ମଧ୍ୟରେ ସାଧକକୁ ଧୀରେ ଧୀରେ ବଢ଼ି ଉଠିବାକୁ ହେବ ... ...

— ଶ୍ରୀଅରବିନ୍ଦ

# ବିପ୍ଲବର ନୂତନ ବହ୍ନି

## ଶ୍ରୀ ପ୍ରପତ୍ତି

''ଭୌତିକ ଜୀବନର କେବଳ ଅନ୍ଧ ଆବର୍ତ୍ତନ ନୁହେଁ, କିଂବା ପାର୍ଥିବ ଜୀବନର ବାଧାବିପତ୍ତିରୁ ପଶ୍ଚାତ୍‌ପଦ ହୋଇ ପରମ ଦିବ୍ୟ-ଅନିର୍ବଚନୀୟ ନିରବତା ମଧ୍ୟରେ ବିଲୟ ନୁହେଁ ବରଂ ଏକ ବିଶାଳତର ଦିବ୍ୟସତ୍ୟ ଓ ଚେତନାର ଶାନ୍ତି, ଜ୍ୟୋତିଃ ଓ ଶକ୍ତିକୁ ଉତାରିଆଣି ଜୀବନର ରୂପାନ୍ତର-ସାଧନହିଁ ଆଜି ଭାରତର ଶ୍ରେଷ୍ଠ ଅଧ୍ୟାତ୍ମ-ସାଧକଗଣଙ୍କର ପ୍ରୟାସ । ଏଠାରେ ସେହି ପ୍ରୟାସର ହୃତ୍-କେନ୍ଦ୍ରରେ, ବହୁବର୍ଷବ୍ୟାପୀ ଏକାଗ୍ର ଲକ୍ଷ୍ୟ, ସର୍ବମୟ ଶାନ୍ତି ମଧ୍ୟରେ ନିରବଚ୍ଛିନ୍ନ ଅବସ୍ଥାନ ଏବଂ ଜ୍ୟୋତିଃ ଓ ଶକ୍ତିର କ୍ରମବର୍ଦ୍ଧମାନ ଆସନ୍ନ ଅବତରଣର ଅନୁଭୂତି ସହ ପଥ କ୍ରମଶଃ ସ୍ୱଷ୍ଟତର ହୋଇଉଠୁଛି । ଆଜି ଏକଥା ବୋଧ ହେଉଛି ଯେ ଭାରତର ଅନ୍ତରାତ୍ମା ତାହାର ଉତ୍ତରାଧିକାର ସୂତ୍ରରେ ପୂର୍ଣ୍ଣ ପ୍ରତିଷ୍ଠିତ ହେବାକୁ ପ୍ରସ୍ତୁତ ଏବଂ ତାହାର ଏକ ଅତୁଳନୀୟ ଗୌରବର ମୁହୂର୍ତ୍ତ ଉପସ୍ଥିତ, ଯେତେବେଳେ ତାହାର ଏହି ଭୂମିରୁ ସେହି ବାଣୀ, ସେହି ଆଦର୍ଶ ପ୍ରଚାରିତ ହେବ, ଯାହା ମାନବଜାତିକୁ ତାହାର ଭାଗ୍ୟର ଉଚ୍ଚତମ ପରିଣତି ଦିଗରେ ପରିଚାଳିତ କରିବ ।'' — ଶ୍ରୀଅରବିନ୍ଦ

ଦେଶ, ଜାତି, ସମାଜ, ସମଗ୍ର ମାନବଗୋଷ୍ଠୀ, ପୃଥିବୀ, ବିଶ୍ୱ ଏବଂ ଏହି ଜୀବନ ନିରବଚ୍ଛିନ୍ନଭାବେ ଗତିଶୀଳ । ଯାହା ସ୍ଥାଣୁ, ନିଷ୍କ୍ରିୟ, ମୂକ ଓ ଅଚେତନ ବୋଲି ବୋଧ ହେଉଛି ତାହା ମଧ୍ୟ ଗତିଶୀଳ । ଜୀବନ, କର୍ମ, ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ର, ଗ୍ରହ, ନକ୍ଷତ୍ର ସବୁକିଛି ଗତିମୁଖର । ଏହି ଗତିଶୀଳତା ପରିବର୍ତ୍ତନର ମୁଖ୍ୟ କାରଣ । ସମୟ-ସ୍ରୋତରେ କୌଣସି ବସ୍ତୁ ସ୍ଥାୟୀ ହୋଇପାରେ ନାହିଁ । ସବୁକିଛି ଯେପରି ଧୀରେ ଧୀରେ ଗୋଟିଏ ପରିଣାମର ଦିଗରେ ଅଜ୍ଞାତସାରରେ ଗତି କରୁଛି । ଏହି ଗତି ଏତେ ପ୍ରଖର, ଏତେ ଦ୍ରୁତ ଏବଂ ଏପରି ଅକ୍ଷୁଣ୍ଣ ଓ ଅଖଣ୍ଡ ଯେ ଏହାକୁ କେହି ବାଧା ଦେଇପାରିବେ ନାହିଁ । ଏହି ପରିବର୍ତ୍ତନ ଓ ଗତିଶୀଳତାର କାରଣହିଁ ହେଲା ବିବର୍ତ୍ତନ । ପ୍ରତ୍ୟେକ ବସ୍ତୁ ନିଜର ସ୍ୱଧର୍ମର ବିକାଶ ପଥରେ ଆଗେଇ ଚାଲିଛି । ପୃଥିବୀର ବିବର୍ତ୍ତନ-ଧାରା ପ୍ରତି ଲକ୍ଷ୍ୟ କଲେ ବୁଝାଯାଏ ଯେ ଏହି ପୃଥିବୀ ଜଡ଼, ପ୍ରାଣ ଓ ମନ ମଧ୍ୟ ଦେଇ ନିଜକୁ ବିକାଶ କରିଛି । ଜଡ଼ ଭୂମିରେ ପ୍ରାଣର ଉଦ୍ଭବ ଏବଂ ପ୍ରାଣର ଭୂମିରେ ମନର ଉଦ୍ଭବ ବିବର୍ତ୍ତନର ଏକ ଏକ ନୂତନ ପାବଚ୍ଛ । ଏହି ବିବର୍ତ୍ତନର ଧାରାକୁ ପ୍ରକୃତି ବହନ କରି ଚାଲିଛି ଏବଂ ପ୍ରକୃତି ତା'ର ନିଜସ୍ୱ ଧାରାରେ ଏହି ବିବର୍ତ୍ତନ ଘଟାଇ ଚାଲିଛି । ପ୍ରକୃତି ମଧ୍ୟରେ ଏକ ସଚେତନତା ଅଛି, କିନ୍ତୁ ତାହା ଏତେ ସୁପ୍ତ, ଗୋପନ ଏବଂ ଅସ୍ୱଷ୍ଟ ଯେ ତାହାକୁ ଆଉ ସଚେତନତା ବୋଲି କୁହାଯାଇ ପାରିବ ନାହିଁ । ପ୍ରକୃତିର ଧାରା ସେଥିପାଇଁ ମୂକ, ଅନ୍ଧ, ବିଚାରଶୂନ୍ୟ ଓ ଅଜ୍ଞାନ । କିନ୍ତୁ ଏହି ପ୍ରାକୃତିକ ବିବର୍ତ୍ତନ-ଧାରାରେ ଏକ ଅଭିନବ ବିପ୍ଳବ ସୃଷ୍ଟି ହେଲା ଯେତେବେଳେ ମନୁଷ୍ୟର ସୃଷ୍ଟି ହେଲା । ମନୁଷ୍ୟ ବୁଦ୍ଧିମାନ୍, ପ୍ରଜ୍ଞାଯୁକ୍ତ ଅର୍ଥାତ୍ ସଚେତନ । ସଚେତନତାର ଅର୍ଥ ଏହି ଯେ ମନୁଷ୍ୟ ନିଜକୁ ନିଜ କର୍ମ ଓ ଜୀବନକୁ ନିଜେହିଁ ନିରପେକ୍ଷଭାବେ, ନିର୍ଲିପ୍ତଭାବେ ଦେଖିପାରେ, ଜାଣିପାରେ, ବୁଝିପାରେ । ଏକମାତ୍ର ମନୁଷ୍ୟ ମଧ୍ୟରେହିଁ ଏହି ସଚେତନତା, ସଜ୍ଞାନତା ବିଦ୍ୟମାନ । ଅନ୍ୟାନ୍ୟ ଭୂମିରେ ଚେତନା ରହିଛି, ମାତ୍ର ସଚେତନାର ପ୍ରସ୍ଫୁଟିତ ଆଦ୍ୟ ଭୂମିହିଁ ମନଃଶକ୍ତି । ଯେହେତୁ ମନୁଷ୍ୟ ସଚେତନ ଓ ବୁଦ୍ଧିମାନ୍, ସେ ନିଜର ଜୀବନ, କର୍ମ ଓ ପ୍ରକୃତିର ଗତିଧାରାରେ ଯୋଜନାବଦ୍ଧ, ନିୟନ୍ତ୍ରିତ ଓ ନିର୍ଦ୍ଦିଷ୍ଟ ବିଧିବଦ୍ଧ ପରିବର୍ତ୍ତନ କରାଇ ପାରେ । ବିବର୍ତ୍ତନର ଧାରା ମନୁଷ୍ୟ ମଧ୍ୟରେ ଆଉ ଅଚେତନ, ଅନ୍ଧ ଓ ଅସ୍ୱଷ୍ଟ ନୁହେଁ, ତାହା ଅନେକ ପରିମାଣରେ ସ୍ୱ-ନିୟନ୍ତ୍ରିତ (Self-controlled) ଏବଂ ସ୍ୱୟଂ-ପରିଚାଳିତ (Self-directed) ଓ ଆତ୍ମ-ସଚେତନ (Self-conscious) । ବିବର୍ତ୍ତନ-ଧାରାରେ ଏହି ଯେଉଁ ନୂତନ ପରିଣାମ ଦେଖାଦେଲା ତାହାହିଁ ହେଲା ବିପ୍ଳବ ।

ପ୍ରକୃତି ବିବର୍ତ୍ତନମୁଖୀ, କିନ୍ତୁ ମନୁଷ୍ୟସମାଜ ବିପ୍ଳବମୁଖୀ । ମନୁଷ୍ୟର ସଚେତନ ଚେଷ୍ଟା ଓ ପ୍ରକ୍ରିୟାରେ ଯୁଗ ଯୁଗର ଅନ୍ଧ, ଆବର୍ତ୍ତମୟ ମନ୍ଥର ଗତିଧାରା ଯେତେବେଳେ କ୍ଷିପ୍ରତର ଓ ସରଳ ହୋଇଉଠେ, ସେତେବେଳେ ପ୍ରକୃତିର କ୍ଷେତ୍ରରେ ବିପ୍ଳବ ଦେଖାଦିଏ । ବିଂଶ ଶତାବ୍ଦୀକୁ ଯଥାର୍ଥରେ ଏକ ବିପ୍ଳବର ଯୁଗ ବୋଲି କୁହାଯାଇପାରେ । ବିଜ୍ଞାନର ବିପ୍ଳବ, ସମାଜ, ରାଷ୍ଟ୍ର, ସାହିତ୍ୟ, ଶିକ୍ଷା, କଳା ଓ ସଂସ୍କୃତିର ସକଳ କ୍ଷେତ୍ରରେ ଅଭୂତପୂର୍ବ ବିପ୍ଳବ ଦେଖାଦେଇଛି । ମନୁଷ୍ୟର ଆପ୍ରାଣ ଉଦ୍ୟମ, ପ୍ରଚେଷ୍ଟା

ଓ ପ୍ରୟାସ ଫଳରେ ବାହ୍ୟ ଜଗତରେ ଆଶ୍ଚର୍ଯ୍ୟଜନକ ଓ ଚମକପ୍ରଦ ବିପ୍ଳବ ସୃଷ୍ଟି ହୋଇଛି । ସେହିପରି ସାମାଜିକ ଓ ରାଷ୍ଟ୍ରୀୟ ଜୀବନରେ ମଧ୍ୟ ଅଶ୍ରୁତପୂର୍ବ ବିପ୍ଳବ ସୃଷ୍ଟି ହୋଇଛି । ଏସବୁହିଁ ହୋଇଯାଇଛି, ଏବଂ ହେବାର ପଥରେ, କିନ୍ତୁ ଅନ୍ୟ ଗୋଟିଏ କ୍ଷେତ୍ରରେ ବିପ୍ଳବ ସୃଷ୍ଟି ହୋଇପାରି ନାହିଁ, ତାହା ହେଲା ମନୁଷ୍ୟର ନିଜ ପ୍ରକୃତିର କ୍ଷେତ୍ରରେ । ମନୁଷ୍ୟର ବୁଦ୍ଧିର ଚରମ ବିକାଶ ଘଟିଛି, ହେଲେ ତାହାର ନିମ୍ନ, ସ୍ଥୂଳ, ଅସଂସ୍କୃତ, ଅପରିଚ୍ଛନ୍ନ, ଆସୁରିକ ପ୍ରକୃତି ଯେପରି ଆଦିମ ଯୁଗରେ ଥିଲା, ଆଜି ମଧ୍ୟ ସେହିପରି ରହିଛି । ତାହାର ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ ସବୁକିଛି ପୂର୍ବପରି ରହିଛି । ମୃତ୍ୟୁ, ଜରା, ରୋଗର ଆକ୍ରମଣରେ ସେ ଢଳି ପଡୁଛି । ପ୍ରକୃତିର ଦାସତ୍ୱରେ ସେହିପରି ସେ ପଡ଼ିରହିଛି । ଏ କ୍ଷେତ୍ରରେ ଯେ ବିପ୍ଳବ ସମ୍ଭବ ଏବଂ ପରିବର୍ତ୍ତନ ବା ରୂପାନ୍ତର ସମ୍ଭବ – ଏକଥା ଏପର୍ଯ୍ୟନ୍ତ ବି ଦୃଢ଼ଭାବେ ସ୍ୱୀକୃତି ଲାଭ କରି ନାହିଁ । ମନୁଷ୍ୟ-ପ୍ରକୃତିର ରୂପାନ୍ତର, ମନୁଷ୍ୟ ମଧ୍ୟରେ ଦେବତାର ଆବିର୍ଭାବ, ତାହାର ନିମ୍ନ ସ୍ଥୂଳ ଆସୁରିକ ପ୍ରବୃତ୍ତିର ଦିବ୍ୟଜ୍ୟୋତିଃରେ ଉଦ୍‌ଭାସନ – ଏହାହିଁ ହେବ ଆମ ଯୁଗର ବିପ୍ଳବର ନୂତନ ବହ୍ନି, ଯେଉଁ ବହ୍ନିର ପ୍ରଜ୍ୱଳିତ ଶିଖା ସମଗ୍ର ମାନବଗୋଷ୍ଠୀର ଗତିଧାରାକୁ ପରିବର୍ତ୍ତନ କରିପାରିବ ।

ଏହି ନୂତନ ବିପ୍ଳବର ରୂପରେଖ ଓ ଯୁବ-ସମାଜର ଭୂମିକା ସମ୍ବନ୍ଧରେ ଏଠାରେ ସାମାନ୍ୟ କେତୋଟି ବିଷୟରେ ସୂଚନା ଦେବା । ମନୁଷ୍ୟ ଆଜି ଗୁରୁତର ଏବଂ ଗଭୀରତର ସମସ୍ୟାର ସମ୍ମୁଖୀନ ହୋଇଛି । ସକଳ ପ୍ରକାର ବାହ୍ୟିକ, ସ୍ଥୂଳ ଓ ଭୌତିକ ପରିବର୍ତ୍ତନ ସତ୍ତ୍ୱେ ମନୁଷ୍ୟର ଭିତରଟା ରିକ୍ତ, ଶୂନ୍ୟ ଏବଂ ଶ୍ରୀହୀନ ହୋଇପଡ଼ିଛି । ପୂର୍ବରୁ ଯେତେବେଳେ ବିପ୍ଳବ ଘଟିଯାଇଛି ତାହା ବାହ୍ୟ ଭାବରେ ସାମାଜିକ ବା ରାଷ୍ଟ୍ରୀୟ ଜୀବନରେ କିଛି ସ୍ଥୂଳ ପରିବର୍ତ୍ତନ କରିଛି । ଗୋଟାଏ ଶାସନତନ୍ତ୍ର ପରିବର୍ତ୍ତେ ଆଉ ଗୋଟାଏ ଶାସନତନ୍ତ୍ରର ପ୍ରତିଷ୍ଠା ହୋଇଛି, ମାତ୍ର ମନୁଷ୍ୟର ମୂଳ-ସମସ୍ୟାକୁ ସମାଧାନ କରିପାରି ନାହିଁ । ବର୍ତ୍ତମାନ ସକଳ ପ୍ରକାର ବିପ୍ଳବ ସଂଘଟିତ ହେବା ପରେ ଯେତେବେଳେ ମନୁଷ୍ୟ ସନ୍ତୁଷ୍ଟ ହୋଇ ପାରିଲା ନାହିଁ ସେତେବେଳେ ଦେଖାଦେଲା ଏକ ସର୍ବବ୍ୟାପୀ ବିକ୍ଷୋଭ, ଅଶାନ୍ତି ଓ ବ୍ୟସ୍ତତା । ଯୁଦ୍ଧ-ବିଗ୍ରହ ଓ ପୃଥିବୀବ୍ୟାପୀ ଗଣ-ଆନ୍ଦୋଳନ ଓ ଜାଗରଣର ଅର୍ଥ ଏହାହିଁ ଯେ ବର୍ତ୍ତମାନ ପୃଥିବୀ ଏକ ନୂତନ ବିପ୍ଳବର ସମ୍ମୁଖୀନ ହୋଇଛି ।

ପ୍ରଥମତଃ ଏହି ବିପ୍ଳବର ଅର୍ଥ ଚେତନାର ଭୂମିରେ ଏକ ବିପ୍ଳବ ସାଧନ କରିବା ଯାହାଫଳରେ ବର୍ତ୍ତମାନ ଖଣ୍ଡିତ, ଦ୍ୱନ୍ଦ୍ୱମୂଳକ, କ୍ଷୁଦ୍ର ଓ ସୀମିତ ଚେତନାର ସ୍ଥଳରେ ଏକ ବ୍ୟାପକ ଓ ପୂର୍ଣ୍ଣ ଜ୍ୟୋତିର୍ମୟ ଚେତନାର ଉଦ୍ଭବ ହେବ ।

ଦ୍ୱିତୀୟତଃ ଯେହେତୁ ଏହି ବିପ୍ଳବ ଚେତନାର ଭୂମିରେ ସଂଘଟିତ ହେବ, ସେଥିପାଇଁ ଏହା ଆତ୍ମିକ, ବାହ୍ୟିକ ନୁହେଁ; ସୂକ୍ଷ୍ମ, ସ୍ଥୂଳ ନୁହେଁ । ଅନ୍ୟାନ୍ୟ ବିପ୍ଳବ ତୁଲ୍ୟ ଏହା କୌଣସି ବାହ୍ୟ ବା ସ୍ଥୂଳ ପରିବର୍ତ୍ତନ ଦ୍ୱାରା ସାଧିତ ହୋଇ ପାରିବ ନାହିଁ । ଗୋଟାଏ ଶାସନକୁ ହଟାଇ ଅନ୍ୟ ଗୋଟାଏକୁ ଗାଦିରେ ବସାଇବା ଏହି ବିପ୍ଳବର ଚିହ୍ନ ନୁହେଁ । ଏହି ପ୍ରକାର ବିପ୍ଳବ ଯେ ବର୍ତ୍ତମାନ ସମସ୍ୟାର ସମାଧାନ କରିବାରେ ଏକାନ୍ତ ଶକ୍ତିହୀନ – ଏଥିରେ ସନ୍ଦେହ ନାହିଁ ।

ତୃତୀୟତଃ ଏହି ବିପ୍ଳବରେ ବ୍ୟକ୍ତିହିଁ ପ୍ରଥମ ପଦକ୍ଷେପ ନେବ ଏବଂ ନିଜ ମଧ୍ୟରେ, ନିଜ ପ୍ରକୃତି, କର୍ମ ଓ ଜୀବନ ମଧ୍ୟରେ ସେହି ଅଗ୍ନି ଦ୍ୱାରା ନିଜକୁ ଉଝାଳି ଶୁଦ୍ଧ ଓ ନିର୍ମଳ କରିବ । ଯଦି କେତେକଙ୍କ ମଧ୍ୟରେ ଏହି ଅଗ୍ନି କ୍ରିୟାଶୀଳ ହୋଇ ପାରିଲା, ଅର୍ଥାତ୍ ଏହି ନୂତନ ବୈପ୍ଳବିକ ପରିଣାମ ଦେଖାଦେଲା, ତେବେ ଏକ ନୂତନ ମାନବ-ଗୋଷ୍ଠୀର ପ୍ରାଥମିକ କ୍ରିୟା ଆରମ୍ଭ ହେଲା ବୋଲି କୁହାଯାଇପାରେ ।

ଚତୁର୍ଥତଃ ଏହି ବିପ୍ଳବ ଫଳରେ ମନୁଷ୍ୟର ଜୀବନ, ଚିନ୍ତାଧାରା ଓ କର୍ମରେ ଏକ ବ୍ୟାପକ ପରିବର୍ତ୍ତନ ଦେଖାଦେବ । ପ୍ରଥମ ପରିବର୍ତ୍ତନ ହେବ ବ୍ୟକ୍ତିତ୍ୱର କେନ୍ଦ୍ର ଭୂମିରେ । ବର୍ତ୍ତମାନ ବ୍ୟକ୍ତିତ୍ୱ ଅହଂ-କୈନ୍ଦ୍ରିକ (Ego-centred), କିନ୍ତୁ ସେତେବେଳେ ବ୍ୟକ୍ତିତ୍ୱ ଅହଂ-କୈନ୍ଦ୍ରିକ ନ ହୋଇ ସତ୍ୟ-କୈନ୍ଦ୍ରିକ (Truth-centred) ବା ଈଶ୍ୱର-କୈନ୍ଦ୍ରିକ (God-Centred) ହେବ । ବ୍ୟକ୍ତିତ୍ୱ ବ୍ୟାପକ ଓ ବିଶାଳ ହୋଇଉଠିବ । କ୍ଷୁଦ୍ର କ୍ଷୁଦ୍ର କାମନା-ବାସନା, ନିମ୍ନତର ବୃତ୍ତିର ସନ୍ତୁଷ୍ଟି ନିମିତ୍ତ ବ୍ୟାକୁଳ ନ ହୋଇ ବୃହତ୍ତର ଶକ୍ତି ଓ ସାମର୍ଥ୍ୟ ଅର୍ଜନରେ ସହାୟକ ହେବ ।

ବିପ୍ଳବର ଏହି ନୂତନ ବହ୍ନି ହେଲା ଏକ ବିଶାଳ ଆଧ୍ୟାତ୍ମିକ ଆଲୋକ, ଶକ୍ତି ଓ ସାମର୍ଥ୍ୟ । ଏହି ଶକ୍ତି ଓ ଆଲୋକର ନାମ ଶ୍ରୀଅରବିନ୍ଦଙ୍କ ଭାଷାରେ ଅତିମାନସ ଶକ୍ତି । ପୃଥିବୀପୃଷ୍ଠରେ ଅତିମାନସ ଶକ୍ତିର ଅବତରଣ ଓ କ୍ରିୟା ଫଳରେ ଆଜି ଯେଉଁ ବିପ୍ଳବ ଦେଖାଦେଇଛି, ତାହାର ପରିଣାମରେ ଅନିବାର୍ଯ୍ୟ ରୂପେ ଦେଖାଦେବ ଏକ ନୂତନ ସୃଷ୍ଟି, ନୂତନ ସମାଜ ଓ ନୂତନ ମାନବଜାତି । ବର୍ତ୍ତମାନ ପୃଥିବୀ ଏହିପରି ଏକ ବିପ୍ଳବର ସମ୍ମୁଖୀନ ହୋଇଛି । ଏଥିରେ ପୃଥିବୀର ଭାଗ୍ୟ ନିର୍ଦ୍ଧାରିତ ହୋଇଯିବ । ହୁଏତ ଏହା ଏହି ବିପ୍ଳବର ନୂତନ ଅଗ୍ନିରେ ଦଗ୍ଧ ହୋଇ ଶୁଦ୍ଧ ଓ ପବିତ୍ର ହୋଇ ଉତ୍ତୀର୍ଣ୍ଣ ହେବ, ନଚେତ୍ ଧ୍ୱଂସ ହୋଇଯିବ । ✤

# ''ଜଟା ଛିଣ୍ଡାଇ ଋଷି ମଲା !''
## ଏକ ଲୋକକଥା ଓ ତା'ର ପ୍ରଚ୍ଛନ୍ନ ତାତ୍ପର୍ଯ୍ୟ

## ଶ୍ରୀ ମନୋଜ ଦାସ


ବାଲ୍ୟ କାଳରେ ଶ୍ରୁତ ଏକ ଲୋକକଥାର ପ୍ରଚ୍ଛନ୍ନ ତାତ୍ପର୍ଯ୍ୟ ଏ ଲେଖକକୁ ବିସ୍ମିତ ଏବଂ ଆମୋଦିତ କରେ । ''ଜଟା ଛିଣ୍ଡାଇ ଋଷି ମଲା'' ପ୍ରବାଦ ଯୋଗେ ଚିହ୍ନିତ ସେ କାହାଣୀ ସୁପରିଚିତ; ତେବେ ପାଠକମାନଙ୍କ ସଦ୍ୟ ସ୍ମରଣ ସକାଶେ ସେ ଗୋଟିକର ମୁଖ୍ୟାଂଶ ଅତୁଟ ରଖି ତା'ର ଏହି ବିନ୍ୟାସ ଉପସ୍ଥାପନ କରୁଛି :

ତରୁଣ ରାଜପୁତ୍ର ଗୁରୁକୁଳରେ ଅଧ୍ୟୟନ କରୁଥିବା ବେଳେ ଜଣେ ସହପାଠୀଙ୍କ ସହ ତାଙ୍କର ବିଶେଷ ବନ୍ଧୁତା ଉପୁଜିଥାଏ । ସମୟ କ୍ରମେ ରାଜପୁତ୍ର ରାଜା ହେଲେ ଏବଂ ବନ୍ଧୁ ଜଣକ ସନ୍ନ୍ୟାସ ଗ୍ରହଣ କରି ହିମାଳୟରେ କିଛି ବର୍ଷ ତପସ୍ୟା କରି ତତ୍ପରେ ତାଙ୍କ ବନ୍ଧୁ ରାଜାଙ୍କର ରାଜଧାନୀର ଅଦୂରବର୍ତ୍ତୀ ଅରଣ୍ୟରେ ଆଶ୍ରମଟିଏ କରି ରହିଲେ । ସେ ସର୍ବଦା ହସ ଖୁସିରେ ଥା'ନ୍ତି ଏବଂ ଆଖପାଖର ପଲ୍ଲିବାସୀମାନଙ୍କର ଆରାଧ୍ୟରେ ପରିଣତ ହୋଇଥା'ନ୍ତି । ତାଙ୍କ ବିଭୂତି ବଳରେ କିଏ ବ୍ୟାଧିମୁକ୍ତ ହେଉଥାଏ ତ କାହାର ପାରିବାରିକ ସମସ୍ୟା ତୁଟି ଯାଉଥାଏ ।

ରାଜା ତାଙ୍କୁ ବହୁତ ଶ୍ରଦ୍ଧା କରୁଥା'ନ୍ତି; ମାସେ, ଦୁଇମାସ ଅନ୍ତରରେ ଥରେ ଥରେ ଯାଇ ତପସ୍ୱୀଙ୍କ ସହିତ ଘଣ୍ଟେ, ଦୁଇ ଘଣ୍ଟା ଗପସପ କରି ଆସୁଥା'ନ୍ତି ।

ବହୁଗୁଣ ସମନ୍ୱିତ ତପସ୍ୱୀଙ୍କର କିନ୍ତୁ ଥାଏ ଗୋଟିଏ ଦୁର୍ଗୁଣ : ସେ ଥିଲେ କ୍ଷଣକୋପୀ । ସାମାନ୍ୟ ମିଥ୍ୟାଚାର ତାଙ୍କୁ ଉତ୍କ୍ଷିପ୍ତ କରୁଥାଏ । ଏପରିକି କେହି ସାମାନ୍ୟ ଅତିରଞ୍ଜନ କରି କଥାଟିଏ କହି ପକାଇଲେ ସେ କ୍ରୋଧରେ ଥରିବାକୁ ଆରମ୍ଭ କରନ୍ତି ଓ ମିଥ୍ୟାଚାରର ମାତ୍ରା କିଞ୍ଚିତ୍ ଅଧିକ ହୋଇଥିଲେ ସେମିତି କମ୍ପମାନ ଅବସ୍ଥାରେ ଶିରୋଦେଶରୁ ଖଣ୍ଡିଏ ମଖମଲି ଜଟା ଛିଣ୍ଡାଇ ପକାଉଥା'ନ୍ତି । ତେବେ ସେତକ କରି ସେ ଶାନ୍ତ ହୋଇଯିବା ସଙ୍ଗେ ସଙ୍ଗେ କ୍ରୋଧର ହେତୁ ମଧ୍ୟ ଭୁଲିଯାଇ ଶିଶୁ ସୁଲଭ ନିର୍ମଳ ହସ ଖେଳାଇ ଆଖି ବୁଜି ଧ୍ୟାନସ୍ଥ ହୋଇଯା'ନ୍ତି ।

ଉଭୟ ସନ୍ନ୍ୟାସୀ ଓ ରାଜା ବୃଦ୍ଧ ହେଲେ । ରାଜା ଶଯ୍ୟାଶାୟୀ ହେଲେ ଏବଂ ତାଙ୍କ ଅନ୍ତିମ ସମୟ ସନ୍ନିକଟ ବୁଝି ତାଙ୍କ ଉତ୍ତରାଧିକାରୀ ଯୁବରାଜଙ୍କୁ କହିଲେ, ''ବାବା, ମୁଁ ପରପାରିକୁ ଚାଲିଲି । ରାଜ୍ୟ ଶାସନରେ ତୋର ଦକ୍ଷତା ଉପରେ ମୋର ସନ୍ଦେହ ନାହିଁ କି ସେ ସମ୍ପର୍କରେ ତୋତେ ମୋର ଉପଦେଶ ଦେବାର ଅଭିପ୍ରାୟ ନାହିଁ । କିନ୍ତୁ ଗୋଟାଏ ଗୋପନ କଥା । ମୋର ବାଲ୍ୟ ବନ୍ଧୁ ତପସ୍ୱୀ ଜଣେ ମହାତ୍ମା । ତା'ର ଉପସ୍ଥିତି ଆମ ରାଜ୍ୟ ସକାଶେ ହିତକର । ତୋତେ ଜଣାଅଛି, ସେ ହେଲା ଦୁର୍ବାସାଙ୍କର ଏକ ସାମସମୟିକ ସରଳ ସଂସ୍କରଣ । କିନ୍ତୁ କେହି ଜାଣନ୍ତି ନାହିଁ ଯେ ଯେଉଁ ମୁହୂର୍ତ୍ତରେ ସେ ତା'ର ଶେଷ ଜଟା ଖଣ୍ଡିକ ଉତ୍ପାଟିତ କରି ପକାଇବ, ତହିଁ ପରବର୍ତ୍ତୀ ମୁହୂର୍ତ୍ତ କେତୋଟି ଭିତରେ ସେ ଶେଷ ନିଃଶ୍ୱାସ ମଧ୍ୟ ତ୍ୟାଗ କରିବ । ତେଣୁ ଦେଖିବୁ, ସେ ରାଗିଯିବା ଭଳି କୌଣସି ଘଟଣା ଯେପରି ତା' ଆଶ୍ରମ ପରିବେଶରେ ନଘଟେ ।''

ରାଜାଙ୍କର ପରଲୋକ ପରେ ଯୁବକରାଜା ବଣ ଭିତରେ ଆଶ୍ରମ ଚାରି ଦିଗରେ ଚର ନିଯୁକ୍ତ କଲେ; ସେମାନେ ସେମାନଙ୍କ କର୍ତ୍ତବ୍ୟ ଅବଶ୍ୟ ପାଳନ କଲେ, କିନ୍ତୁ ତପସ୍ୱୀ କ୍ରୋଧାନ୍ୱିତ ହେଲା ଭଳି ଘଟଣା ସେମାନେ ସମ୍ପୂର୍ଣ୍ଣ ରୋକି ପାରିଲେ ନାହିଁ ।

ଇତି ମଧ୍ୟରେ ଯୁବକ ରାଜା ଏକାଧିକ ରାଜ ପରିବାରରୁ ଆସୁଥିବା ପ୍ରସ୍ତାବମାନ ଗ୍ରହଣ ନକରି ଜଣେ ଅସାମାନ୍ୟା ରୂପବତୀ ତଥା ଗୁଣବତୀ ଗରିବ ପଲ୍ଲି କନ୍ୟାକୁ ଭଲପାଇ ବିଭା ହେଲେ । ସେ ସଂକ୍ରାନ୍ତୀୟ ଉତ୍ସବ ସମାପ୍ତ ହୁଅନ୍ତେ ସେ ତପସ୍ୱୀଙ୍କ ଖବର ନେଇ ବୁଝିଲେ, ସେ ମହାଭାଗଙ୍କ ଶିରୋପରି ମାତ୍ର ଯୋଡ଼ିଏ ଜଟା ଅବଶିଷ୍ଟ ରହିଛନ୍ତି । ଆଶଙ୍କାଗ୍ରସ୍ତ ରାଜା ଅବିଳମ୍ବେ ଆଶ୍ରମକୁ ଯାଇ ତପସ୍ୱୀଙ୍କୁ ଅନୁରୋଧ କଲେ, ସେ ତାଙ୍କ ପ୍ରତି ସଦୟ ହୋଇ ତେଣିକି ତାଙ୍କରି ନଅରରେ ଆସି ବାସ କରନ୍ତୁ । ବନ୍ଧୁ-ପୁତ୍ରଟି ପ୍ରତି ତପସ୍ୱୀଙ୍କର ସ୍ନେହ ବିପୁଳ । ସେ ସମ୍ମତ ହୋଇ ଅବିଳମ୍ବେ ଆସି ରାଜ ପ୍ରାସାଦରେ ରହିଲେ । ତାଙ୍କ ଯତ୍ନରେ ତ୍ରୁଟିର ପ୍ରଶ୍ନ ନଥିଲା । ରାଜା ନିଶ୍ଚିତ ହେଲେ ଯେ ତପସ୍ୱୀ କ୍ରୁଦ୍ଧ ହେବାଭଳି କୌଣସି ପରିସ୍ଥିତି କେହି ସୃଷ୍ଟି କରିପାରିବେ ନାହିଁ ।

ତପସ୍ୱୀ ତାଙ୍କ ଖିଆଲ ହେଲେ ମଧ୍ୟେ ମଧ୍ୟେ ଆସି ରାଜଦରବାରରେ ଚୌକି ଗ୍ରହଣ କରନ୍ତି; କିଛି ବୁଝନ୍ତୁ ନବୁଝନ୍ତୁ ସମସ୍ତଙ୍କୁ, ବିଶେଷତଃ ବନ୍ଧୁପୁତ୍ର ଯୁବକ ରାଜାଙ୍କୁ ସ୍ନେହଭରା ଦୃଷ୍ଟିରେ ଦେଖୁଥା'ନ୍ତି ଓ ମୃଦୁମୃଦୁ ହସୁଥା'ନ୍ତି । କ୍ରମେ ତାଙ୍କ ଉପସ୍ଥିତି ସମସ୍ତଙ୍କ ଦେହସୁହା ହୋଇଗଲା ।

ସେଦିନ ଏକ ପ୍ରତିବେଶୀ ରାଜ୍ୟର ଜଣେ ଭାଟ ଆସି, ପରମ୍ପରା ଅନୁସାରେ ରାଜାଙ୍କର ସ୍ତୁତି ଗାନ ଆରମ୍ଭ କଲେ ଅବାରିତ ଉପମାସମଗ୍ର ସମାହାରେ – ଯଥା ଏ ଯୁବକ ରାଜା ସୌନ୍ଦର୍ଯ୍ୟରେ ଯଦି କନ୍ଦର୍ପଙ୍କଠାରୁ ମାତ୍ର ଦୁଇ, ତିନି ପାହୁଣ୍ଡ ପଛରେ, ବିକ୍ରମରେ ମନେହୁଏ ସେ ସ୍ୱୟଂ ଅର୍ଜୁନଙ୍କ ଦ୍ୱାରା ଘରୋଇ ତାଲିମପ୍ରାପ୍ତ ଏବଂ ସାହସରେ ରାଜା ବିକ୍ରମାଦିତ୍ୟଙ୍କ ଯମଜ ଭ୍ରାତା ଇତ୍ୟାଦି । କହିବା ବାହୁଲ୍ୟ, ଏଭଳି ଶୂନ୍ୟଗର୍ଭ ଭାବୋଚ୍ଛ୍ୱାସ ପ୍ରତି ଅଭ୍ୟସ୍ତ ସଭାସଦ୍‌ବର୍ଗଙ୍କର ଏଥିରେ କୌଣସି ପ୍ରତିକ୍ରିୟା ନଥିଲା । କିନ୍ତୁ ହଠାତ୍ ସେମାନେ ଚେତି ଉଠି ଦେଖିଲେ, ଆପଣା ଆସନ ଛାଡ଼ି ଠିଆ ହୋଇ ପଡ଼ିଛନ୍ତି ତପସ୍ୱୀ; ଡାହାଣ ହାତଟି ଉଠି ଗଲାଣି ମୁଣ୍ଡ ଉପରକୁ; ମୁଖମଣ୍ଡଳ ରକ୍ତିମ । ''କ'ଣ ଶୁଣିଲା ଏ କର୍ଣ୍ଣ ? ଆମର ଏଇ ପିଲା କନ୍ଦର୍ପ, ଅର୍ଜୁନ ଓ ବିକ୍ରମାଦିତ୍ୟଙ୍କ ସହ ତୁଳନୀୟ ? ଏଡ଼େ ମିଥ୍ୟାଚାର ?'' ତପସ୍ୱୀଙ୍କର ଏ ଚିତ୍କାର ଶୁଣିବା ମାତ୍ରେ ରାଜା ସ୍ୱୟଂ ତାଙ୍କ ପାଖକୁ ଝପଟି ଆସିଲେ । କିନ୍ତୁ ସେତେବେଳକୁ ଦୁଇ ଜଟାରୁ ଗୋଟାଏ ଉତ୍ପାଟିତ ହୋଇ ସାରିଲାଣି ।

ରାଜା ତପସ୍ୱୀଙ୍କ ପାଦ ସ୍ପର୍ଶ କଲେ । ଅବଶ୍ୟ ଅଚିରେ ଶାନ୍ତ ହୋଇଗଲେ ତପସ୍ୱୀ, କିନ୍ତୁ ମହାତ୍ମାଙ୍କର ଅବଶିଷ୍ଟ ଏକମାତ୍ର ଜଟାଟିକୁ କିପରି ସୁରକ୍ଷିତ କରାଯିବ, ତାହାହିଁ ହେଲା ରାଜା ଓ ତଦୀୟ ମନ୍ତ୍ରିମଣ୍ଡଳ ସକାଶେ ଚିନ୍ତାର ବିଷୟ । ଏକାଧିକବାର ଆଲୋଚନା ଅନ୍ତେ ନଅର ପଛପଟେ ଥିବା ସୁନ୍ଦର ଉଦ୍ୟାନ ଭିତରେ ନିର୍ମାଣ କରାଗଲା ଏକ କୁଟୀର । ନିଯୁକ୍ତ ହେଲେ ସତର୍କ ଦାସଦାସୀ । ତପସ୍ୱୀ ଆନନ୍ଦରେ ଆପଣାକୁ ସେ ଆଶ୍ରୟକୁ କଲେ ସ୍ଥାନାନ୍ତରିତ । ରାଜା ନିଶ୍ଚିନ୍ତ ହେଲେ ।

ଦିନ ବିତି ଯାଉଥାଏ । ଆସିଲା ଋତୁ ବସନ୍ତ । ଦିନକର ଅପରାହ୍ଣରେ ଯୁବ ରାଜଦମ୍ପତି ଉଦ୍ୟାନ ଭିତରେ ଲୁଚୁକାଳି, ମିଛ ମାନ ଅଭିମାନ, ହସ ଖୁସିରେ ମଜ୍ଜି ରହିଥା'ନ୍ତି । ରାଜା ଫୁଲଟାଏ ତୋଳି ରାଣୀଙ୍କ ଉପରକୁ ଫୋପାଡ଼ି ଦେଲେ । ରାଣୀ ସେ ଆଘାତରେ ଚେତା ହରାଇବାର ଅଭିନୟ କରି ତଳେ ପଡ଼ିଗଲେ ।

ହଠାତ୍ ଶୁଣାଗଲା ଏକ ସୁତୀକ୍ଷ୍ଣ କୁହାଟ; ''ଓହୋ ମିଥ୍ୟାଚାର ! ଅସହ୍ୟ, ଅସହ୍ୟ !''

ଋତୁ ବସନ୍ତର ଆଶ୍ଳେଷ ତଥା ସଦ୍ୟ ରୋମାଞ୍ଚର ମଧୁର ଉପଦ୍ରବ ବଶତଃ ରାଜା ରାଣୀ ଅଦୂରରେ ତପସ୍ୱୀଙ୍କ ସ୍ଥିତି ବିସ୍ମୃତ ହୋଇ ରହିଥିଲେ । ଚମକି ପଡ଼ି ଦୌଡ଼ିଗଲେ ଦୁହେଁ । କିନ୍ତୁ ହାୟ, ତପସ୍ୱୀ ପ୍ରବର ଶେଷ ଜଟା ଖଣ୍ଡିକ ବିସର୍ଜନ ଦେଇ ସାରିଥିଲେ । ବାକ୍‌ରୁଦ୍ଧ ରାଜାଙ୍କ ଉଦ୍ଦେଶ୍ୟରେ ତାଙ୍କର ମରଣୋକ୍ତି ହେଲା, ''ଏ ଝିଅକୁ ମୁଁ ଜାଣେ । ବିଧବା ବୋଉ ସହ ରହୁଥାଏ ଗାଁ ପଛ କୁଡ଼ିଆରେ । ସାମାନ୍ୟ ସମ୍ପତ୍ତି ଭିତରେ ଥାଏ ଗୋଟାଏ ଓଉ ଗଛ । ବୋଉ ଗଛ ଚଢ଼ି ଓଉ ତୋଳୁଥାଏ; ତଳେ ପଥୁରିଆ ମାଟି ଉପରେ ପଡ଼ି ଟିକିଏ ଛେଚି ହୋଇଗଲେ ହାଟରେ ଉଚିତ ଦାମ୍ ମିଳିବ ନାହିଁ ଆଶଙ୍କାରେ ଏ ଝିଅ ନଇଁ ପଡୁଥାଏ ଏବଂ ଓଉ ତା' ନରମ ପିଠି ଉପରକୁ ପକାଉଥାଏ ବୋଉ । ସେଇ ଝିଅ ପୁଣି ଏଡ଼େ ସୁକୁମାରୀ ହୋଇଗଲା ଯେ ଫୁଲ ମାଡ଼ରେ ଚେତା ହରାଇବ ! ଧରା ବିଦୀର୍ଣ୍ଣ ହୋଇଯାଉ ନାହିଁ ?'' ଏଥି ଅନ୍ତେ ସେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।

କାହାଣୀ ସମାପ୍ତ ।

ଏହା ବିୟୋଗାନ୍ତକ ନା ପ୍ରମୋଦାତ୍ମକ କାହାଣୀ ? ଆମେ ହସିବା ନା ଚୁଃ ଚୁଃ କରିବା ? ଆମ ସହାନୁଭୂତି କାହା ପ୍ରତି ଯିବ ? ତପସ୍ୱୀଙ୍କ ପ୍ରତି ନା ରାଜାଙ୍କ ପ୍ରତି ? ନତୁବା ଆମେ ଅଭିଯୋଗ କରିବା କାହା ବିରୋଧରେ ? ଏମନ୍ତ ବିଡ଼ମ୍ବନାକୁ ସାମ୍ନା କରାଏ ଏ କାହାଣୀ – ଯାହା ଆପାତଶ୍ରୁତିରେ ମଉଜିଆ ଲାଗେ, କିନ୍ତୁ ଯାହାର ମର୍ମ ଉପରେ କିଞ୍ଚିତ୍ ଏକାଗ୍ର ହେଲେ ଯହିଁରେ ମାନବସମାଜର ବହୁ ସମସ୍ୟା, ବହୁ ବାଦ ବିସମ୍ବାଦର ରହସ୍ୟ ଲୁଚି ରହିଥିବା ସ୍ପଷ୍ଟରୁ ସ୍ପଷ୍ଟତର ହୁଏ ।

ଆମେ ସଭିଏଁ ଅବିଦ୍ୟା ଓ ଉଦ୍‌ଭ୍ରାନ୍ତିର ସମୁଦ୍ରରେ ସର୍ବଦା ଉବୁଟୁବୁ ହେଉଛୁ – ଏହା ଏକ ସାଧାରଣ ସତ୍ୟ । କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ ଏ ଅନନ୍ୟ କାହାଣୀର ବିୟୋଗାନ୍ତକ ପରିଣତି ସକାଶେ ଆମେ କାହାକୁ ଦାୟୀ କରିପାରିବା ନାହିଁ । ସତ୍ୟର ଦୁଇ ଭିନ୍ନ ସ୍ତର ଭିତରେ ବ୍ୟବଧାନର ଓ ଅସଂହତିର ଫଳ ଏ ପରିଣତି । ତପସ୍ୱୀଙ୍କ ଆଚରଣ ସତ୍ୟର ଆକ୍ଷରିକ ଅନୁଧାବନ । ତାଙ୍କର ବିପୁଳ ଆଧ୍ୟାତ୍ମିକ ଉପଲବ୍ଧି ଥାଇପାରେ, କିନ୍ତୁ ସେସବୁ ଏକଦେଶଦର୍ଶୀ । ରାଜାରାଣୀଙ୍କ ଆଚରଣ ସାମୟିକ ପ୍ରେମାନୁଷଙ୍ଗିକ ଭାବପ୍ରବଣତା-ସମ୍ଭୂତ ଆଦାନ ପ୍ରଦାନ; କବିତା ସ୍ତରର ସତ୍ୟ । ଏ ଉଭୟ ସ୍ତର ଭିତରେ ଦ୍ୱନ୍ଦ୍ୱ ଅନାବଶ୍ୟକ,

କିନ୍ତୁ ଆମ ସାମାଜିକ ଜୀବନପ୍ରବାହରେ ଏଭଳି ବହୁ ଅନାବଶ୍ୟକତା ଘଟାଇଥାଏ ସଂହତି ଦିଗରେ ଆମ ଚେତନାର ଅକ୍ଷମତା ।

ଏକ ସାମ୍ପ୍ରତିକ ଅସଙ୍ଗତି ପ୍ରତି ଦୃଷ୍ଟିପାତ କରାଯାଉ । ଚିତୋର ରାଣୀ ପଦ୍ମିନୀଙ୍କ ଉପରେ ନିର୍ମିତ ଏକ ଚଳଚ୍ଚିତ୍ର ଯୋଗୁଁ ଏକ ବିଷମ ପରିସ୍ଥିତି ସୃଷ୍ଟି ହେଲା । ଚିତ୍ରର ବିରୋଧୀମାନଙ୍କ ଯୁକ୍ତି, ପଦ୍ମିନୀଙ୍କ ଚରିତ୍ରର ଭୁଲ୍ ଚିତ୍ରଣ ପରିବେଷିତ ହୋଇଛି । ସମର୍ଥକମାନଙ୍କ ଯୁକ୍ତି, ପଦ୍ମିନୀଙ୍କ ସମ୍ପର୍କରେ ଏମିତି କିଛି ଅବିସମ୍ବାଦିତ ଇତିହାସ ସମର୍ଥିତ ତଥ୍ୟ ନାହିଁ ଯାହାର ଆଲୋକରେ ଚିତ୍ରଣକୁ ଭୁଲ୍ ବୋଲି କୁହାଯାଇପାରେ । ତାଙ୍କ ସମ୍ପର୍କୀୟ କିଂବଦନ୍ତିର ଭିତ୍ତି ହେଲା ଏକ କାବ୍ୟ । ତାହାହିଁ ଅନୁସରଣ କରିବା ସଙ୍ଗେ ସଙ୍ଗେ ଚଳଚ୍ଚିତ୍ରରେ ରାଜପୁତମାନଙ୍କ ଗୌରବ ଗାନ କରାଯାଇଛି । (ଏ ଲେଖକ ଗୋଟାଏ କଥା ସ୍ପଷ୍ଟ କରି ଦେଉଛି : ଯେକୌଣସି ବିକ୍ଷୋଭ ସଂଯତ ମାତ୍ରାରେ ଏବଂ ରୀତିରେ ହେବା ଉଚିତ । ଦୁର୍ଭାଗ୍ୟକୁ, ଆଜିର ରାଜନୈତିକ-ସାମାଜିକ ବାତାବରଣରେ ତାହା ଉଗ୍ର ରୂପ ନେଇଥାଏ । ଏଠାରେ ରାଜସ୍ଥାନବାସୀମାନଙ୍କର ଭାବାବେଗର ବ୍ୟାଖ୍ୟା ମାତ୍ର କରାଯାଉଛି । ବିକ୍ଷୋଭର ଅସଂଯତ ଅଭିବ୍ୟକ୍ତିକୁ ସମର୍ଥନର ପ୍ରଶ୍ନ ନାହିଁ ।)

ଏ ଲେଖକ ଚିତ୍ରଟି ଦେଖି ନାହିଁ । ଯାହା ଜଣାଯାଏ, ଚିତ୍ରଟିରେ ରାଣୀ ପଦ୍ମିନୀଙ୍କୁ ପ୍ରଥମେ ଯେଉଁ ଭାବରେ – ନୃତ୍ୟ ଭଳି କିଛି ଚିତ୍ତାକର୍ଷକ ଦୃଶ୍ୟ ଜରିଆରେ – ଚିତ୍ରିତ କରାଯାଇଥିଲା, ତାହା ସଂଶୋଧିତ ହୋଇଛି । ଅତଏବ ଯୁକ୍ତି ବା ଆଇନ ଦୃଷ୍ଟିରୁ ଚିତ୍ରକୁ ସମାଲୋଚନା କରାଯାଇ ନପାରେ ।

କିନ୍ତୁ ଚିତ୍ରଟି ବିରୋଧରେ ରାଜସ୍ଥାନ ବ୍ୟାପୀ ଯେଉଁ ବିରାଟ ବିକ୍ଷୋଭ ଦେଖା ଦେଇଥିଲା, ତାହାର ହେତୁ ଯୌକ୍ତିକ ପର୍ଯ୍ୟାୟର ସତ୍ୟ କି ଅସତ୍ୟ ନୁହେଁ, ତାହାର ହେତୁ ବିକ୍ଷୋଭକାରୀମାନେ ମଧ୍ୟ ଠିକ୍ ଭାବରେ ଉପସ୍ଥାପନ କରିପାରୁ ନଥିଲେ । କଥା ହେଲା, ଖାଲି ତଥ୍ୟଗତ ସତ୍ୟ-ଅସତ୍ୟକୁ ଭିତ୍ତି କରି ଆମେ ଜୀବନଯାପନ କରୁନା । ସଚେତନ ବା ଏପରିକି ଅଚେତନ ଭାବରେ ହେଲେ ମଧ୍ୟ ଆମକୁ ଅନୁପ୍ରାଣିତ କରୁଥାଏ କେତେକ ଆଦର୍ଶ । ଭିନ୍ନ ଭିନ୍ନ ଜୀବନରେ ଆଦର୍ଶର ଭିନ୍ନ ଭିନ୍ନ ଭୂମିକା ଥାଏ । ଜଣେ ସାହସୀ ନୁହେଁ – ସାହସର ଦୃଷ୍ଟାନ୍ତ ରୂପକ ଏକ ଚରିତ୍ର ପ୍ରତି ଶ୍ରଦ୍ଧା ମାଧ୍ୟମରେ ନିଜର ସେ ଅଭାବକୁ ପୂରଣ କରିପାରେ; ଜଣେ ଅପେକ୍ଷାକୃତ ବିକଶିତ ଚେତନା-ସମୃଦ୍ଧ ମଣିଷ ସାହସ ସମେତ ଯେକୌଣସି ମହତ୍ ଗୁଣକୁ ଶ୍ରଦ୍ଧା କରିବ ସ୍ୱତଃସ୍ଫୂର୍ତ୍ତଭାବେ । ଏପରିକି କୌଣସି ଆଦର୍ଶ ଗୁଣବାନ୍ ବ୍ୟକ୍ତି ପ୍ରତି ଜଣେ ଈର୍ଷାଳୁର ଅସୂୟା ମଧ୍ୟ ଗୁଣରହିଁ ପରୋକ୍ଷ ସ୍ୱୀକୃତି ଏବଂ ଗୁଣୀ ପ୍ରତି ଅପ୍ରକଟ ଆକର୍ଷଣର ବିକୃତ ଅଭିବ୍ୟକ୍ତି ।

ସାମୂହିକ ସ୍ତରରେ ଆଦର୍ଶ ପ୍ରତି ଆକର୍ଷଣ ରୂପକ ଆମର ଏହି ଶୁଭଙ୍କର ଆବେଗ ଏକ ଏକ ପ୍ରତୀକ ଖୋଜି ନିଏ । ଧରନ୍ତୁ ରାଜା ବିକ୍ରମାଦିତ୍ୟଙ୍କ କିଂବଦନ୍ତୀ । ସାହସର ପ୍ରତୀକ ଭାବରେ ଭାରତର ପୁରପଲ୍ଲୀର ଅସଂଖ୍ୟ ନରନାରୀଙ୍କ ମାନସରେ ବହୁ ଶତାବ୍ଦୀ ଧରି ତାଙ୍କର ଥିଲା ବିପୁଳ ପ୍ରଭାବ । ତାଙ୍କ ବ୍ୟକ୍ତିତ୍ୱ ଇତିହାସ-ସମର୍ଥିତ କି ନୁହେଁ, ତାଙ୍କ ଅସ୍ତିତ୍ୱ ଶରୀର-ନିର୍ଭର ଥିଲା କି ନାହିଁ, ତାହା ବିଶେଷ ପ୍ରାସଙ୍ଗିକ ନୁହେଁ । ସେଭଳି ତଥ୍ୟ ଉପରେ ନିର୍ଭର କରି ନାହିଁ ତାଙ୍କ ପ୍ରଭାବ । ଶରୀର-ନିର୍ଭର ବ୍ୟକ୍ତି ଓ ଇତିହାସ ସମର୍ଥିତ ଚରିତ୍ରଙ୍କର ଅଭାବ ନାହିଁ; ଖାସ୍ ସେଥି ଯୋଗୁଁ ତ ସେମାନେ ବିକ୍ରମାଦିତ୍ୟଙ୍କ ଭଳି ପ୍ରଭାବଶାଳୀ ହୋଇଯାଆନ୍ତି ନାହିଁ !

ଆମ ସାମୂହିକ ମନସ୍ତତ୍ତ୍ୱର ଉପରୋକ୍ତ ନିୟମ ଅନୁସାରେ ପଦ୍ମାବତୀ ଏକ ଅସାଧାରଣ ପ୍ରଭାବ – ସେ ଖାଲି ସାହସ ଓ ଦୃଢ଼ତାର ପ୍ରତୀକ ନୁହନ୍ତି, ବୁଦ୍ଧି ଓ କୌଶଳ ପ୍ରୟୋଗରେ ସେ ମହାନ୍ । ଆଲ୍ଲାଉଦ୍ଦିନ୍ ଖିଲ୍‌ଜି ଲୋକଟି ପ୍ରେମିକ ନଥିଲା, ଥିଲା ଗୋଟାଏ ବର୍ବର ଓ ଲୋଭାତୁର ରାକ୍ଷସ-ଜାତୀୟ ପ୍ରାଣୀ । ଏକାଧିକ ଥର ତା'ର ଆକ୍ରମଣ ଯୋଗୁଁ ରାଜସ୍ଥାନର ଜନସାଧାରଣ ନିମର୍ମ ଭାବେ ଲୁଣ୍ଠିତ ଓ ଲାଞ୍ଛିତ ହୋଇଛନ୍ତି । ଚିତୋର ଦୁର୍ଗ ବିଧ୍ୱସ୍ତ କରିଥିବା ଯୋଗୁଁ ରାଜପୁତ୍‌ମାନେ ଆକବରଙ୍କୁ ମଧ୍ୟ ଜଣେ ଉଚ୍ଚାଭିଳାଷୀ ''ଜୋର୍ ଯା'ର ମୁଲକ ତା'ର'' ଭଳି ମାମୁଲି ନିୟମାଧୀନ ଅମାନୁଷିକ ଆକ୍ରମଣକାରୀ ଭାବରେହିଁ ଦେଖନ୍ତି । (ସେମାନେ ପ୍ରଶ୍ନ କରିପାରନ୍ତି, ''କାହିଁକି ଆପଣଙ୍କ ଐତିହାସିକମାନେ ଇଂରେଜମାନଙ୍କ ପଦାଙ୍କ ଅନୁସରଣ କରି ସେ ଲୋକଟିକୁ Akbar the Great ବୋଲି କହନ୍ତି ଆଜ୍ଞା ?'') ସେମାନଙ୍କ ବକ୍ଷରେ ରାଣୀ ପଦ୍ମିନୀ ଏକ ସୁକୁମାର ଅଲିଭା ପ୍ରଦୀପ ।

ପଦ୍ମିନୀଙ୍କୁ ପାଇବାର ଆଶା ପୋଷଣ କରୁଥିବା ଖିଲ୍‌ଜିର ସେ ଦିଗରେ ବିଫଳତାର କିଂବଦନ୍ତୀ ତା' ଗାଲରେ ଗୋଟାଏ ଚାପୁଡ଼ା ବସିବାର ସନ୍ତୋଷ ଦେଇ ଆସିଛି ରାଜସ୍ଥାନର ଆବାଳବୃଦ୍ଧବନିତାଙ୍କୁ; ଜନସାଧାରଣଙ୍କର ପ୍ରତିଶୋଧ-

ପରାୟଣତାକୁ ତାହା ତୃପ୍ତ କରିଛି । ତଥ୍ୟଗତ ବାସ୍ତବତାର ଦ୍ୱାହି ଦେଇ ଏ ମନସ୍ତାତ୍ତ୍ୱିକ ବାସ୍ତବତାକୁ ଆମେ ବାତିଲ କରି ଦେଇପାରିବା ନାହିଁ । ଯାହା ଶୁଣା ଯାଉଥିଲା, ଚିତ୍ରରେ ଥିଲା ଏମିତି ଏକ ଦୃଶ୍ୟ : ଖିଲ୍‌ଜି ସ୍ୱପ୍ନ ଦେଖୁଛି, ରାଣୀ ପଦ୍ମିନୀ ତା' ସହ ଉଦ୍ଦାମ ନୃତ୍ୟରତା ! ଯୁକ୍ତି ଭାବରେ କୁହାଯିବ, ଏମିତି କାମ ତ ରାଣୀ କରିଥିଲେ ବୋଲି କୁହାଯାଉ ନାହିଁ ! ଖିଲ୍‌ଜି ସେମିତି ସ୍ୱପ୍ନ ଦେଖୁଛି ମାତ୍ର ! ସେଥିରେ ରାଣୀଙ୍କ ଚରିତ୍ରକୁ ମନ୍ଦ ଭାବରେ ଉପସ୍ଥାପନ କରାଗଲା ବୋଲି କିପରି କୁହାଯିବ ? ଜଣେ ପ୍ରତିଯୁକ୍ତି ଭାବରେ କହୁଥିଲେ, ''ଖିଲ୍‌ଜି କ'ଣ ସ୍ୱପ୍ନ ଦେଖିଥିଲା ସେ କଥା ଏତେ ଶତାବ୍ଦୀ ପରେ ତା'ର ଅଭିଶପ୍ତ ପ୍ରେତାତ୍ମା ଏଣେତେଣେ ବହୁତ ସନ୍ଧାନ ପରେ ମୁମ୍ବାଇର ଜଣେ ସିନେମା ବେପାରୀକୁ ଠାବକରି ସ୍ୱପ୍ନରେ କହିଦେଲା ପରା !''

ଏହାହିଁ ଯୁକ୍ତିବାଦର ବିଡ଼ମ୍ବନା । ଯୁକ୍ତି ଓ ପ୍ରତିଯୁକ୍ତି ଏକହିଁ ସ୍ତରର ଅନ୍ତର୍ଭୁକ୍ତ । ରାଣୀ ପଦ୍ମିନୀଙ୍କର ଯେଉଁ ମାନସ-ଚିତ୍ର ଜନସାଧାରଣଙ୍କ କଳ୍ପନାରେ ଅଙ୍କିତ, ତାହା ସେଭଳି ଦୃଶ୍ୟରେ ଆଘାତ ପାଇବହିଁ ପାଇବ — ଯେଉଁ ଯୁକ୍ତିରେ ସେଭଳି ଦୃଶ୍ୟର ଅବତାରଣା କରାଯାଉ ନା କାହିଁକି । ଅବଶ୍ୟ ଏଠାରେ ଅଦ୍ୟାବଧି ବଜାୟ ଥିବା ସାମୂହିକ କଳ୍ପନା ଓ ମାନସିକତା କଥା କୁହାଯାଉଛି । ସିନେମା, ଯୁକ୍ତିବାଦ ଇତ୍ୟାଦିର କ୍ରମାଗତ ପ୍ରଚେଷ୍ଟା ଫଳରେ ପରବର୍ତ୍ତୀ ପିଢ଼ିଙ୍କୁ ତାହା ଆଘାତ ବଦଳରେ ଆମୋଦ ପ୍ରଦାନ କରିପାରେ !

ସଙ୍ଗେ ସଙ୍ଗେ ଆମେ ଆଉ ଗୋଟିଏ ପ୍ରଶ୍ନ ମଧ୍ୟ ଏଡ଼ାଇଯିବା ଉଚିତ ହେବ ନାହିଁ । ପ୍ରଯୋଜକମାନେ କ'ଣ ଇତିହାସର ସେବା କରିବା ନିମନ୍ତେ ଏଭଳି ଚିତ୍ରସବୁର କଳ୍ପନା କରନ୍ତି ? ନା । ସେମାନେ ଶହେ କୋଟି ପୁଞ୍ଜି ବିନିଯୋଗ କରନ୍ତି ହଜାରେ କୋଟିରେ ତା'ର ପ୍ରତ୍ୟାବର୍ତ୍ତନ ସକାଶେ — ଆପଣାର ସେବା ପାଇଁ । ଯେକୌଣସି କୃତିର ସୂକ୍ଷ୍ମ ପ୍ରଭାବ ତା' ପଶ୍ଚାତରେ ଥିବା ଚେତନା ଉପରେ ନିର୍ଭର କରେ । କଳା ଓ ସିନେମା (ସିନେମା ଏକ ଉପକଳା) କ୍ଷେତ୍ରରେ ତାହା ବିଶେଷ ଭାବରେ ପ୍ରଯୁଜ୍ୟ । କେତେ ବର୍ଷ ତଳେ କେରଳର ଏକ ସାର୍ବଜନୀନ ଉଦ୍ୟାନରେ କୌଣସି ଜଣେ ଭାସ୍କର ଗୋଟାଏ ବିଶାଳକାୟ ଯକ୍ଷୀ ମୂର୍ତ୍ତି ସ୍ଥାପନ କଲେ । ଉପଦେବତା-ଉପଦେବୀ ଗୋଷ୍ଠୀସମୂହ ଭିତରେ ଯକ୍ଷ ଗୋଷ୍ଠୀହିଁ ସର୍ବାଧିକ ବିତ୍ତବନ୍ତ । ସେମାନେ ନାନାଦି ସୁକୁମାର ବସ୍ତ୍ର ଓ ଅଳଙ୍କାର ଭୂଷିତ ହୋଇ ରହିଥା'ନ୍ତି । କିନ୍ତୁ କେରଳୀ ଶିଳ୍ପୀ ଜଣକ କେଉଁ ପ୍ରେରଣାରେ କେଜାଣି, ଗୋଷ୍ଠୀଚ୍ୟୁତ ବିଚାରୀ ଯକ୍ଷୀଟିକୁ ଖାଲି ଅଳଙ୍କାର-ବର୍ଜିତ ନୁହେଁ, ବିବସ୍ତ୍ର ଭାବରେ ସର୍ବସମକ୍ଷରେ ଥୋଇଦେଲେ । ଦିନକର ଅପରାହ୍ଣରେ ଉଦ୍ୟାନ ଭିତରେ ବିଚରଣରତ ଦୁଇ, ତିନିଜଣ ଯୁବକ ଯକ୍ଷୀର ସେ ଅସହାୟ ରୂପ ଦ୍ୱାରା ଅନୁପ୍ରାଣିତ ହୋଇ ଉଦ୍ୟାନ ଭିତରକୁ ସଦ୍ୟ ପଶି ଆସିଥିବା ଜଣେ ମହିଳାଙ୍କୁ ଶିଳ୍ପୀ-କଳ୍ପିତ ଯକ୍ଷୀ ଅବସ୍ଥାକୁ ଉନ୍ନୀତ କରିବା ନିମନ୍ତେ ଟଣାଭିଡ଼ା କରି ''ଆଇନ ଓ ଶୃଙ୍ଖଳା'' ବିଭ୍ରାଟ ସୃଷ୍ଟି କଲେ ।

ଭାରତରେ ବେଶ୍ କେତୋଟି ମନ୍ଦିର ଗାତ୍ରରେ ନଗ୍ନ, ନଗ୍ନତର ଓ ନଗ୍ନତମ ଭାସ୍କର୍ଯ୍ୟମାନ ରହିଛି । କାଳର କେଉଁ ପର୍ଯ୍ୟାୟରେ କେଉଁ ଧାରଣାବଶତଃ ସେସବୁ ପ୍ରବର୍ତ୍ତିତ ହୋଇଥିଲେ (ପୁରୀ ମନ୍ଦିରରେ ସେସବୁ ନଥିଲେ; ଏକଦା ଆରୋପିତ ହୋଇଥିଲେ ଏବଂ ବର୍ତ୍ତମାନ ଅପସାରିତ), ତାହା ଗବେଷଣାର ବିଷୟ । କିନ୍ତୁ ଶହ ଶହ ବର୍ଷ ଭିତରେ ସେସବୁ ଥରେ ମଧ୍ୟ ଆଇନ ଶୃଙ୍ଖଳା ସମ୍ବନ୍ଧିତ ସମସ୍ୟା ସୃଜି ନାହିଁ । ସେସବୁର ସ୍ଥିତି ଯୋଗୁଁ ଭକ୍ତମାନଙ୍କର କୌଣସି କ୍ଷତି ହୋଇ ନାହିଁ; ଅନେକେ ସେସବୁକୁ ଏକ ପରୀକ୍ଷା ଭାବରେ ଗ୍ରହଣ କରିଥା'ନ୍ତି । କିନ୍ତୁ କଳାର ପ୍ରଚାର ନାମରେ ସେସବୁର ଆଲୋକଚିତ୍ର ବିତରଣ, ମନ୍ଦିର ବା ଐତିହ୍ୟ ସମ୍ପର୍କିତ ଗ୍ରନ୍ଥମାନଙ୍କରେ ସେସବୁର ଅନ୍ତର୍ଭୁକ୍ତିର ପ୍ରଭାବ ସେସବୁ ଭାସ୍କର୍ଯ୍ୟର ଗୌରବଗାନ ନୁହେଁ, ଆମର ସୂକ୍ଷ୍ମ ଦାୟିତ୍ୱ ଜ୍ଞାନର ଅଭାବ । ସେଥିରେ ଶିଳ୍ପୀର ଚେତନାକୁ ରାହୁଗ୍ରସ୍ତ କରିଥାଏ ଫୋଟୋତୋଳାଳୀର ଚେତନା, ସମ୍ପାଦକ, ପ୍ରକାଶକ ଇତ୍ୟାଦିଙ୍କ ଭିନ୍ନ ସ୍ତରର ଉଦ୍ଦେଶ୍ୟପ୍ରସୂତ ଚେତନା; ବିଲୁପ୍ତ ହୋଇଥାଏ ତା'ର ପଟଭୂମି-ନିହିତ ଯାଥାର୍ଥ୍ୟ । ଏକଥା ଆଜି କହିବା ଅବଶ୍ୟ ଅରଣ୍ୟ ରୋଦନ, କିନ୍ତୁ ଆପଣ ଫୋଟୋ ଭାବରେ ଯାହା ଉପସ୍ଥାପନ କରୁଛନ୍ତି, ତାହା ଭାସ୍କର୍ଯ୍ୟ ନୁହେଁ, ନିଜସ୍ୱ ଅବିଚ୍ଛେଦ୍ୟ ପରିପ୍ରେକ୍ଷୀରୁ ଅପସାରିତ ସେ ଭାସ୍କର୍ଯ୍ୟର ଅସହାୟ ଛାୟା । ଏ ଲେଖକର ଏଭଳି ମନ୍ତବ୍ୟ ଅନେକଙ୍କୁ ଅବାସ୍ତବ ଏବଂ ଏପରିକି ଅର୍ଥହୀନ ମନେହୋଇପାରେ, କିନ୍ତୁ ଯେତେ ଅପ୍ରୀତିକର ଏବଂ ଆଜିର ପରିସ୍ଥିତିରେ ଅପ୍ରତିରୋଧ ହେଲେ ମଧ୍ୟ ଏହା ସତ୍ୟ । ଆପଣାର ସଙ୍ଗତି, ସଂହତି ତଥା ପରିବେଶରୁ ବିଚ୍ଛିନ୍ନ କେତେକ ବିଶେଷ ଶ୍ରେଣୀର ଶିଳ୍ପ ଏବଂ କଳାର ଯାନ୍ତ୍ରିକ ପରିବେଷଣ ସେସବୁ ପ୍ରତି, ସେସବୁର ସ୍ରଷ୍ଟାମାନଙ୍କ ପ୍ରତି ଅକ୍ଷମଣୀୟ ଅନ୍ୟାୟ, ଆମ ପାଇଁ ତାହା

ଯେତେ ଆମୋଦପ୍ରଦ ଓ କୌତୂହଳ-ଉଦ୍ଦୀପକ ହେଉ ନା କାହିଁକି ।

ଏ ଲେଖକ ଯାହା ବୁଝାଇବାକୁ ଚାହୁଁଥିଲା, ଏ ପର୍ଯ୍ୟବେକ୍ଷଣ ତାହାରି ସମଗୋତ୍ରୀୟ ବୋଲି ସେ ମୂଳ ବିଷୟରୁ କିଞ୍ଚିତ୍ ଅପସରି ଆସିଥିଲା ଏବଂ ବର୍ତ୍ତମାନ ସେ ପ୍ରତ୍ୟାବର୍ତ୍ତନ କରୁଛି ସେଠାକୁ । ଲୋକକଥାଟି ଯାହା ସାବ୍ୟସ୍ତ କରୁଛି, ତାହା ହେଲା ବାସ୍ତବତାର ଏବଂ ସତ୍ୟର ବହୁ ପର୍ଯ୍ୟାୟ ରହିଛି । ଏଠାରେ ପରମ ସତ୍ୟ କଥା କୁହାଯାଉ ନାହିଁ; କୁହାଯାଉଛି ସତ୍ୟର ବ୍ୟାବହାରିକ ଭୂମିକା କଥା । ଯେତେବେଳେ ଗୋଟାଏ ସ୍ତରର ସତ୍ୟର ନୀତି ଅନ୍ୟ ସ୍ତର ଉପରେ ପ୍ରୟୋଗ କରାହୁଏ, ସେତେବେଳେ ବିଭ୍ରାଟ ଅନିବାର୍ଯ୍ୟ ।

ଏ ନିବନ୍ଧର ଆରମ୍ଭରେ ବିବୃତ କାହାଣୀଟି ଏହି ସତ୍ୟର ଲଘୁସ୍ତରୀୟ ଦୃଷ୍ଟାନ୍ତ । ବର୍ତ୍ତମାନ ଭାରତର ଇତିହାସରେ ଯାହା ଏହି ଅସଂହତିର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଦୃଷ୍ଟାନ୍ତ, ତାହା ଉପରେ ଆମେମାନେ ଚିନ୍ତା ଏବଂ ଆତ୍ମ-ସମୀକ୍ଷା କରିବାର ସମୟ ଉପନୀତ ବୋଲି ଏ ଲେଖକର ବିଶ୍ୱାସ । କେହି କ୍ଷୁବ୍ଧ ହେବାର କାରଣ ନାହିଁ; କିନ୍ତୁ ଯଦି ହେବେ, ତେବେ ଲେଖକକୁ କ୍ଷମା କରିବେ ।

ଆମ ସ୍ୱାଧୀନତା ସଂଗ୍ରାମର ଶେଷ ପର୍ଯ୍ୟାୟ ଅହିଂସ ଆନ୍ଦୋଳନରେ ପର୍ଯ୍ୟବସିତ ହୋଇଥିଲା । ଅହିଂସା ଏକ ସ୍ୱୟଂ-ସ୍ୱତନ୍ତ୍ର ଗୁଣ ନୁହେଁ; ଏହା ଚେତନାରେ ବହୁବିଧ ବିଶୁଦ୍ଧିର ପରିଣତି । ବୁଦ୍ଧବାଦ ଅନୁସାରେ ଅହିଂସା ଆୟତ୍ତ ହେଲେହିଁ ନିର୍ବାଣ ପ୍ରାପ୍ତି ସମ୍ଭବ । ତାହା ଆୟତ୍ତ କରିବାରେ ଯାବତୀୟ କର୍ମରୁ ବିରତି ଏବଂ ଯାବତୀୟ ଆସକ୍ତି, ଆକର୍ଷଣରୁ ମୁକ୍ତି ଏକ ଅପରିହାର୍ଯ୍ୟ ଉପାଦାନ । ଏକମାତ୍ର କାମ୍ୟ ନିର୍ବାଣ । ଏକମାତ୍ର ଅଧିକାର ଅନଧିକାର । କିନ୍ତୁ ଆମର କାମ୍ୟ ଥିଲା ସ୍ୱାୟତ୍ତ ଶାସନଠାରୁ ଆରମ୍ଭ କରି ପୂର୍ଣ୍ଣ ସ୍ୱରାଜ ଓ ଗଣତନ୍ତ୍ର ଯାଏ । ଅର୍ଥାତ୍ ଆମର ନାନାଦି ଅଧିକାରକାମୀ ସ୍ୱାଧୀନତା ସଂଗ୍ରାମର ସ୍ତରଠାରୁ ଅହିଂସାର ସ୍ତର ବହୁ ଭିନ୍ନ । ଏହାର ଅର୍ଥ ନୁହେଁ ଯେ ସେତେବେଳେ ଭାରତବର୍ଷ ହିଂସାକୁ ସଂଗ୍ରାମର ମାଧ୍ୟମ ଭାବରେ ଘୋଷଣା କରିଥା'ନ୍ତା । ବାସ୍ତବତା ହେଲା, ମାତୃଭୂମିର ମୁକ୍ତି ଏକ ସଂଗ୍ରାମ ଏବଂ ସେ ସଂଗ୍ରାମ ହିଂସା-ଅହିଂସାର ନିର୍ଣ୍ଣୟ ଦ୍ୱାରା ସୀମିତ ହେବାର ଆବଶ୍ୟକତା ନଥିଲା । ଆମେ ମହାଜାତୀୟ ନିର୍ବାଣ ସକାଶେ ସଂକଳ୍ପ କରୁ ନଥିଲୁ; ଆମେ ଆମ ସ୍ଥୂଳ ସମବେତ ଜୀବନକୁ ଏକ ଅସ୍ୱାଭାବିକ ଏବଂ ଅପମାନଜନକ ଶୃଙ୍ଖଳରୁ ମୁକ୍ତ କରିବାକୁ ଚାହୁଁ ଥିଲୁ ଏବଂ ସେ ସକାଶେ ଯେକୌଣସି ରାଜନୈତିକ ତଥା ବିପ୍ଳବ-ସମର୍ଥିତ କୌଶଳ ସ୍ୱତଃସ୍ଫୂର୍ତ୍ତ ଭାବେ ଅନୁସୃତ ହେବା ସ୍ୱାଭାବିକ ହୋଇଥା'ନ୍ତା । ଅହିଂସା ସକାଶେ ଆଧ୍ୟାତ୍ମିକ ପ୍ରସ୍ତୁତି ନଥାଇ, ଈର୍ଷା, ଦ୍ୱେଷ, ଲୋଭ ଏବଂ ସର୍ବୋପରି ଅହଂ ଅତୁଟ ଥାଇ ଅହିଂସା ଆଚରଣ ଯେ ଛଳନାଶ୍ରୟୀ ହେବାର ସମ୍ଭାବନାରୁ ମୁକ୍ତ ରହିପାରିବ ନାହିଁ, ଏତକ ଆମେ ସ୍ୱୀକାର କରିବାରେ ବାଧା ନାହିଁ ବୋଲି ଆଶା । ବ୍ୟକ୍ତିଗତ ସହିଦ, ସ୍ୱାର୍ଥତ୍ୟାଗୀ, ଦେଶଭକ୍ତମାନଙ୍କ ଅବଦାନ ଅମର ରହିବ । ସେମାନେ ନମସ୍ୟ । କିନ୍ତୁ ସମଗ୍ର ଦେଶକୁ ସଂକ୍ରମିତ କରିଥିଲା ଏକ ମାୟା-ଅହିଂସା । ଦେଶ ବିଭାଜନ ଓ ପ୍ରବଳ ହିଂସାଚାର ଭିତରେ ସ୍ୱାଧୀନତା ଲାଭ ପରେ ପରେ, ଯେତେବେଳେ ଅହିଂସା ରୂପେ ପ୍ରତିଭାତ ହେବାର ଆବଶ୍ୟକତା ସମାପ୍ତ ହେଲା ବୋଲି ଆମେ ଧରିନେଲୁ, ସେତେବେଳେ ଅହିଂସା ନାମରେ ଅବଦମିତ ରହିଥିବା ଆମ ନିମ୍ନ ଚେତନାର ବହୁ କୁନି କୁନି ସତ୍ତା ଉପରକୁ ଉଙ୍କିମାରି ବେଳ ଉଣ୍ଡି ପ୍ରକଟିତ ହେଲେ ଏବଂ କ୍ରମେ ପୃଥୁଳ ହେବାକୁ ଲାଗିଲେ । କ୍ଷମତାଲିପ୍ସା ଆପଣାକୁ ଦୀର୍ଘସ୍ଥାୟୀ କରିବାର ମାର୍ଗ ଭାବରେ ଦୁର୍ନୀତିକୁ ଆଦରି ନେଲା । ଦେଶର ପ୍ରଗତି ଦଶଭାଗ ହେଲେ ଆମ ଚେତନାର ଦୁର୍ଗତି ହେଲା ନବେ ଭାଗ ।

ସତ୍ୟର ଭିନ୍ନ ଭିନ୍ନ ସ୍ତର ଭିତରେ ସଂହତି ସ୍ଥାପନ ଅବଶ୍ୟ ସମ୍ଭବ, କିନ୍ତୁ ସେଥିପାଇଁ ଲୋଡ଼ା ଆମ ଚେତନାର ବିସ୍ତୃତି; ଚେତନାର ବିସ୍ତୃତି ଦିଗରେ ପ୍ରୟାସ ନିମନ୍ତେ ଲୋଡ଼ା ଜୀବନର ଲକ୍ଷ୍ୟ ସମ୍ପର୍କରେ ଜିଜ୍ଞାସାବୋଧ । ସେଭଳି ଏକ ଭବିତବ୍ୟ ଅବଶ୍ୟ ନିଶ୍ଚିତ, ତେବେ ଆମ ଆତ୍ମାର କେତେ ଦୀର୍ଘ ପ୍ରତୀକ୍ଷା ପରେ, ଭାରତାତ୍ମାର କେତେ ଦୀର୍ଘଶ୍ୱାସ ଅନ୍ତେ ସେ ନିଶ୍ଚୟତା ବାସ୍ତବ ହେବ, ଆଜିର ତମସାଚ୍ଛନ୍ନ ଓ ବିଭୀଷିକାମୟ ବାତାବରଣରେ ସେ ପ୍ରଶ୍ନ ଉଠାଇବାକୁ ସାହସ ହେଉ ନାହିଁ ।

(ସୌଜନ୍ୟ : ''ଗୋପବନ୍ଧୁଙ୍କ ସତ୍ୟବାଦୀ'') ✤

# ଅତିକ୍ରମଣ

## ଶ୍ରୀ ଚନ୍ଦ୍ରଶେଖର ରଥ

କୌଣସି ଘଟନା, ବ୍ୟକ୍ତି ବା ବସ୍ତୁ ସହିତ ଅବିକଳ ଏକାପରି ଦୁଇଥର ସମ୍ପର୍କ ରଖି ହୁଏ ନାହିଁ; କାରଣ ସମୟର ପ୍ରବାହରେ କୌଣସି ଗୋଟିଏ ଘାଟରେ ଦୁଇଥର ପ୍ରବେଶ କରିହୁଏ ନାହିଁ, ଅର୍ଥାତ୍ ଯେଉଁ ଘଟନାଟି ବର୍ତ୍ତମାନ ଘଟୁଛି, ବା ଯେଉଁ ବ୍ୟକ୍ତିଟିକୁ ନିକଟରେ ପାଇ ଆମେ ତା' ସହିତ ଏବେ ଆଳାପ କରୁଛୁ, ଆଉ ଥରେ ଠିକ୍ ସେହିପରି ହୋଇପାରିବ ନାହିଁ । ଚଳଚ୍ଚିତ୍ର ପରି ବଦଳି ଚାଲିଥିବା ପରିସ୍ଥିତି ପ୍ରତିମୁହୂର୍ତ୍ତରେ ନିତ୍ୟନୂତନ; ପ୍ରତିମୁହୂର୍ତ୍ତରେ – ନ ଭୂତୋ ନ ଭବିଷ୍ୟତି । ଏଣୁ ଯଦି ଅନୁଭବକୁ ଆସେ ଯେ ଅନନ୍ତକାଳ ବ୍ୟବଧାନରେ ଆମେ କାହାକୁ ପ୍ରତ୍ୟକ୍ଷ କରୁଛୁ, ସେ ଅତ୍ୟନ୍ତ ଦୁର୍ଲଭ ମନେହେବ । ସେହି ଅନୁସାରେ ପ୍ରତ୍ୟେକ ଘଟନା ଓ ବସ୍ତୁ ମଧ୍ୟ ଅନନ୍ୟ ଏବଂ ମହାର୍ଘ ମନେହେବ । ଏଣୁ ଆମର ଦୃଷ୍ଟିଭଙ୍ଗୀ, ମନୋଭାବ ଓ ସଚେତନତା ସେହି ପରିମାଣରେ ବଦଳିଯିବାକୁ ବାଧ ହେବେ । ଏଇ ଥରେ ମାତ୍ର ମୁଁ ତାଙ୍କୁ ଏପରି ଦେଖୁଛି, ଆଉ ଏପରି ପାଇବି ନାହିଁ । ଏ ଭାବ ଆସିବା ମାତ୍ରେ ସେ ମୋତେ ଅତ୍ୟନ୍ତ ମୂଲ୍ୟବାନ୍ ମନେ ହେବେ । ତେବେ ଯେ ଏପରି ଆସିଛି ସେ ଅବଶ୍ୟ ଚାଲିଯିବାକୁହିଁ ଆସିଛି । ଯଦି ସେ ଏତେ ପ୍ରିୟ ଓ ଦୁର୍ଲଭ ତାକୁ ହରାଇବା ମଧ୍ୟ ସେହି ଅନୁପାତରେ ଘୋର ପୀଡ଼ାଦାୟକ । ତେବେ ଯଦି ଗୋଟିଏ ଦୃଷ୍ଟିରୁ ଦିଶେ ଯେ କଥା ସରିସରି ଯାଏ, ଆଉ ଗୋଟିଏ ଦୃଷ୍ଟିରୁ ଦେଖିଲେ ମୋଟେ କିଛି ସରେ ନାହିଁ । ଯାହା ଏବେ ଘଟିଗଲା ତାହା ଅତୀତ ହୋଇଗଲା ସତ କିନ୍ତୁ ଆମ ଚେତନାରେ ଯଥାବତ୍ ଗଚ୍ଛିତ ରହିଲା । ଜୀବନର ଯେଉଁ କେତୋଟି ମୁହୂର୍ତ୍ତକୁ ସେ ଆଚ୍ଛନ୍ନ କରି ରଖିଥିଲା ସେହି ମୁହୂର୍ତ୍ତଗୁଡ଼ିକୁ ଚିରକାଳ ସେ ଆଚ୍ଛନ୍ନ କରି ରହିଥିବ ଏବଂ ସେହି ମୁହୂର୍ତ୍ତଗୁଡ଼ିକୁ ଜୀବନରୁ ଯେପରି ବିଚ୍ଛିନ୍ନ କରିବା ସମ୍ଭବ ନୁହେଁ, ଏହି ଘଟନାରୁ ମଧ୍ୟ ବିଚ୍ଛିନ୍ନ ହେବା ସମ୍ଭବ ନୁହେଁ । ଘଟନାଟି କେବଳ ବର୍ତ୍ତମାନରୁ ଅବର୍ତ୍ତମାନତାକୁ ଅପସରିଗଲା । ସ୍ଥୂଳ, ଅସ୍ଥିର ଦେଶକାଳରୁ ସୂକ୍ଷ୍ମ, ସ୍ଥିର ଦେଶକାଳକୁ ଅତିକ୍ରମ କରିଗଲା – ସ୍ମୃତିପଟରେ ତାହା ସ୍ପଷ୍ଟ ଅଙ୍କିତ ହୋଇ ରହିଲା । ଏଣୁ ସମଗ୍ର ଅତୀତକୁ, ତା'ର ମୁହୂର୍ତ୍ତ ମୁହୂର୍ତ୍ତର ପ୍ରତ୍ୟେକ ଅନୁଭବକୁ, ଘଟନା ଓ ଚିତ୍ରାବଳୀକୁ ଆମେ ସ୍ମୃତି ମାଧ୍ୟମରେ ଆମ ଚେତନାରେହିଁ ଧାରଣ କରିଥାଉ । ସେହିପରି ଅନାଗତ ଅନନ୍ତ ଭବିତବ୍ୟର ମୁହୂର୍ତ୍ତ ମୁହୂର୍ତ୍ତର ସମ୍ଭାବନାରାଜିକୁ ମଧ୍ୟ ଆହୁରି ଏକ ସୂକ୍ଷ୍ମ ବୀଜ ଚାପରେ ଧାରଣ କରିଥାଉ । କଢ଼ର ପାଖୁଡ଼ା ମେଲିଗଲା ପରି ଭବିଷ୍ୟତ୍ କେବଳ ମୁକୁଳି ଯାଏ, ତାହା କୌଣସି ଆକସ୍ମିକତା ନୁହେଁ । ତାହା ପ୍ରବାହ-ପରମ୍ପରାର ଅନିବାର୍ଯ୍ୟ ପରିଣତି । ଏହି ଯୁକ୍ତି ଅନୁସାରେ ପୃଥିବୀରେ ଜୀବ ସୃଷ୍ଟି ହେବା ଦିନଠାରୁ ଯେଉଁ ଯେଉଁ ଅକଳନୀୟ ସ୍ତରଦେଇ ବିବର୍ତ୍ତନର ଧାରା ବିକଶିତ ହୋଇଆସିଛି ସେ ସମସ୍ତକୁ ଆମେ ଆମ ଚେତନାରେ ଧାରଣ କରୁ । ସମସ୍ତ ଉଦ୍ଭିଦ, ସମସ୍ତ ପ୍ରାଣୀ, ଦ୍ୱିପଦ, ଚତୁଷ୍ପଦ, ସରୀସୃପାଦି ଆମର ଅତୀତ ହୋଇଥିବାରୁ ଆମର ଗଭୀର ସ୍ମୃତିରେ ସେସବୁ ଅଦ୍ୟାପି ବିଦ୍ୟମାନ । ତା'ହେଲେ ତ ଉତ୍ତରଣ ବା ଅତିକ୍ରମଣ (Transcendence) ଆଦୌ ସମ୍ଭବ ନୁହେଁ । ସେପରି ହତାଶାର କୌଣସି କାରଣ ନାହିଁ । ଏଠି କେବଳ ବୁଝାମଣାର ଟିକିଏ ପାର୍ଥକ୍ୟ ରହିଯାଉଛି । ଯଦି ଆମେ ଭାବୁ ଯେ କାଚ ଗୋଟାଳିଟି ଭୂମିରେ ଗଡ଼ାଇ ଦେଲେ ତାହା ଯେମିତି ସମସ୍ତ ପୂର୍ବାବସ୍ଥାକୁ ପଛରେ ପକାଇ ଅର୍ଥାତ୍ ତ୍ୟାଗ କରି ସେଥିରୁ ମୁକ୍ତ ହୋଇ ନୂତନ ଅବସ୍ଥାରେ ପହଞ୍ଚେ ସେହିପରି ଆମେ ବିଗତ ଅବସ୍ଥାକୁ ଅତିକ୍ରମ କରିଚାଲିଛୁ – ତାହା ସମ୍ପୂର୍ଣ୍ଣ ଠିକ୍ ନୁହେଁ । ବରଂ ଯଦି ଗୋଟିଏ ମାପ ଫିତାକୁ ଫିଟାଇ ଦିଆଯାଏ ଏବଂ ତାହା ଶହେ ଫୁଟକୁ ଫିଟିଗଲେ ମଧ୍ୟ ଏକ ଫୁଟକୁ ବି ଧାରଣ କରିଥାଏ ସେହିପରି ଏକ ବିସ୍ତୃତିହିଁ ଅତିକ୍ରମଣ ଉତ୍ତରଣର ଗୋଟିଏ ଅର୍ଥ ବ୍ୟାପନ ବା ବିସ୍ତାର । ମାପ ଫିତାଟି ଯଦି ଶହେଫୁଟ ପାଖରେ ନ ରହି ଦୁଇଶହ କୋଟି ମାଇଲ ପର୍ଯ୍ୟନ୍ତ ବିସ୍ତୃତ ହୋଇଯାଏ ତା'ହେଲେ ଏକ ବା ଦୁଇଫୁଟ ପାଖର ଅବସ୍ଥା ଏତେ ସୂକ୍ଷ୍ମ ଏବଂ କ୍ଷୁଦ୍ରାତିକ୍ଷୁଦ୍ର ହୋଇଯାଏ ଯେ ତାହା ନ ଥିଲା ପରି ବୋଧହୁଏ । କେବଳ ବିସ୍ତାର ବା ବ୍ୟାପନ ଦେଶକାଳର ଅନନ୍ତ ବ୍ୟାପ୍ତି ଭିତରେହିଁ ହୁଏ । କିନ୍ତୁ ଆଉ ବେଳେବେଳେ ଏକ ସମ୍ପୂର୍ଣ୍ଣ ଭିନ୍ନ ପରିସ୍ଥିତିରେ ଚେତନା ଏକ ନୂତନ ଉପାଦାନକୁ ଧାରଣ କରେ । ଧରାଯାଉ ଯଦି ମାପ ଫିତାଟି ଧାତୁନିର୍ମିତ ହୋଇଥାଏ ଏବଂ ତାହା ବଢ଼ି ବଢ଼ି ସୂର୍ଯ୍ୟଙ୍କ ପାଖରେ ପହଞ୍ଚିଯାଏ ତା'ର ବ୍ୟାପନ ସହିତ

ଆଉ ଏକ କ୍ରିୟା ହୁଏ, ତାହା ହେଲା ଦୀପନ । ସେ ସୂର୍ଯ୍ୟର ପ୍ରଚଣ୍ଡ ତାପରେ ନିଜେ ସେହିପରି ଉତ୍ତପ୍ତ ଓ ତେଜୋଦ୍ଦୀପ୍ତ ହୁଏ ଏବଂ ଏହା ଏକ ଫୁଟ ପାଖରେ ଥିବା ଅବସ୍ଥାକୁ ମଧ୍ୟ ରୂପାନ୍ତରିତ କରେ । ସବୁ ହୁଏତ ତରଳି ଯାଇପାରେ । ସମଗ୍ର ବିସ୍ତାର ଏକ ଅଗ୍ନିଶିଖାରରେ ପରିଣତ ହୋଇଯାଇପାରେ । ଏହି ବ୍ୟାପନର ଘଟନା ପରମ୍ପରାରେ ଏକ ନୂତନ ସଂଘାତ ଦେଖାଦିଏ, ତା'ହେଲା ଦିବ୍ୟାବତରଣ । ସେହି ସ୍ପର୍ଶରେ ଆପାଦଶୀର୍ଷ ଚେତନା ରୂପାନ୍ତରିତ ହୋଇଯାଇପାରେ । ଯେଉଁ ମୂଳ ପ୍ରକୃତିର ଜଡ଼ତାକୁ ଆମେ ଅଦ୍ୟାବଧି ଧାରଣ କରିଛୁ ତା'ର ମଧ୍ୟ ରୂପାନ୍ତରଣ ହୋଇଯାଇପାରେ । ଅବଶ୍ୟ ଏ କ୍ଷେତ୍ରରେ ଧାରଣା ହୋଇପାରେ ଯେ ଦିବ୍ୟଚେତନା କୌଣସି ଦୂରସ୍ଥ ଜ୍ୟୋତିଃସ୍ତମ୍ଭ, ଯେଉଁଠି ପହଞ୍ଚିବାକୁ ଆମକୁ ବହୁଦୂର ଅଦିବ୍ୟ ପନ୍ଥା ଅତିକ୍ରମ କରିବାକୁ ହୁଏ । ପ୍ରକୃତରେ କିନ୍ତୁ ତାହା ନୁହେଁ । ପଦ୍ମର ପାଖୁଡ଼ା ମେଲିବା ଏକ ସମୟାନୁସାରୀ କ୍ରିୟା । କିନ୍ତୁ ଯେତେବେଳେ ତା'ର ସହସ୍ରଦଳ ଉନ୍ମୁକ୍ତ ହୋଇଯାଏ ଅନନ୍ତ କାଳରୁ ଅପେକ୍ଷା କରି ରହିଥିବା ସୂର୍ଯ୍ୟାଲୋକ ତା'ର କେଶରକୁ ସ୍ପର୍ଶ କରି ତାକୁ ବୀଜବନ୍ତ କରିଦିଏ; ରୂପାନ୍ତରିତ କରିଦିଏ । ସେହିପରି Divine କହିଲେ ଯାହା ବୁଝାଯାଏ ତାହାହେଲା ଯେ ଚିର-ବର୍ତ୍ତମାନ ଅନନ୍ତ ଚେତନାର ସମୁଦ୍ର, ଯାହା ବ୍ୟତିରେକେ ଅନ୍ୟ କିଛି ନାହିଁ ।

''ପୁରୁଷ ଏବେଦଂ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭାବ୍ୟମ୍ ।''

(ଋଗ୍‌ବେଦ)

ଅର୍ଥାତ୍, 'ଯାହା ଥିଲା, ଯାହା ଅଛି ଏବଂ ଯାହା ହେବାକୁ ଅଛି – ଏ ସମସ୍ତଙ୍କୁ ଆଚ୍ଛନ୍ନ କରି ସେହିଁ ବିଦ୍ୟମାନ ।' ମାନବଚେତନାର ବ୍ୟାପନ କ୍ରିୟାରେ ଏହି ଦିବ୍ୟରୂପାନ୍ତର କହିଲେ ପ୍ରକୃତ ଉତ୍ତରଣ ବା ଅତିକ୍ରମଣ ବୋଲି ମନେହୁଏ । ❖

ମନ, ପ୍ରାଣ ଓ ଦେହ ପାଇଁ ନମ୍ର ଓ ବିନୟୀ ହେବାର ଅର୍ଥ ହେଉଛି ସେମାନେ ଯେପରି ଭୁଲି ନ ଯାଆନ୍ତି ଯେ ଭଗବାନଙ୍କ ବ୍ୟତୀତ ସେମାନେ କିଛି ବି ଜାଣନ୍ତି ନାହିଁ, କିଛି ବି ନୁହନ୍ତି, କିଛି ବି କରିପାରନ୍ତି ନାହିଁ; ଭଗବାନଙ୍କ ବ୍ୟତୀତ ସେମାନେ ଅଜ୍ଞାନ, ଅରାଜକତା ଓ କ୍ଳୀବତା ଛଡ଼ା ଆଉ କିଛି ବି ନୁହନ୍ତି । କେବଳ ଭଗବାନହିଁ ସତ୍ୟ, ଜୀବନ, ଶକ୍ତି, ପ୍ରେମ ଓ ଆନନ୍ଦ ।

ତେଣୁ ମନ, ପ୍ରାଣ ଓ ଦେହକୁ ସବୁ ସମୟ ପାଇଁ ଏହା ଶିଖିବାକୁ ହେବ ଓ ଅନୁଭବ କରିବାକୁ ହେବ ଯେ ଭଗବାନଙ୍କୁ ବୁଝିବା ପାଇଁ ଓ ବିଚାର କରିବା ପାଇଁ ସେମାନେ ଏକାବେଳେକେ ଅସମର୍ଥ, ଭଗବାନଙ୍କର କେବଳ ସାରମର୍ମରେ ନୁହେଁ, ତାଙ୍କର କ୍ରିୟା ଓ ଅଭିବ୍ୟକ୍ତିରେ ମଧ୍ୟ ।

ଏହାହିଁ ହେଉଛି ଯଥାର୍ଥ ନମ୍ରତା ଏବଂ ଏହା ସହିତ ଆସିଥାଏ ନିରବତା ଓ ପ୍ରଶାନ୍ତି ।

ଆଉ ମଧ୍ୟ ଏହାହିଁ ହେଉଛି ସମସ୍ତ ବିରୋଧୀ ଆକ୍ରମଣ ବିରୋଧରେ ସବୁଠୁ ନିଶ୍ଚିତ ରକ୍ଷାକବଚ । ପ୍ରକୃତରେ ମଣିଷ ଭିତରେ ଗର୍ବ ଓ ଦମ୍ଭହିଁ ହେଉଛି ସେହି ଦ୍ୱାର ଯାହା ଉପରେ ବିରୋଧିଶକ୍ତି କରାଘାତ କରିଥାଏ ଏବଂ ଏହି ଦ୍ୱାରହିଁ ବିରୋଧିଶକ୍ତିକୁ ତା'ର ପ୍ରବେଶ ପାଇଁ ଦ୍ୱାର ଖୋଲିଦିଏ ।

– ଶ୍ରୀମା

# ଶ୍ରୀଅରବିନ୍ଦ ଓ ଦିଲୀପକୁମାର
## (୬)

[ବିଖ୍ୟାତ ସଂଗୀତଜ୍ଞ, ଶ୍ରୀଅରବିନ୍ଦଙ୍କର ଅତ୍ୟନ୍ତ ପ୍ରିୟ ଶିଷ୍ୟ ଶ୍ରୀ ଦିଲୀପକୁମାର ରାୟଙ୍କର ଶ୍ରୀଅରବିନ୍ଦଙ୍କ ସହିତ କଥୋପକଥନ ଓ ସେହି ସମୟର ଅଭିଜ୍ଞତା]

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ମୁଁ କହିଲି, ''ଆଉ ଗୋଟିଏ ପ୍ରଶ୍ନ ଅଛି, ଯଦି ଅଭୟ ଦିଅନ୍ତି, ଅର୍ଥାତ୍ ଯୁକ୍ତିବାଦୀ ବୋଲି ମୋର ସଂଶୟକୁ କ୍ଷମା କରନ୍ତି ।''

ଶ୍ରୀଅରବିନ୍ଦ ହସି କହିଲେ, ''କୁହ ।''

''ଆଚ୍ଛା, ଏହି ଯେଉଁ ଯୋଗବଳ କଥା ପ୍ରାୟ ଶୁଣେ, ତା'ର କିଛି ଅଲୌକିକ କାଣ୍ଡ ଘଟାଇବାର କ୍ଷମତା ଅଛି କି, ତାହା ''ନାସ୍ତି''କୁ ''ଅସ୍ତି''ରେ ପରିଣତ କରିପାରେ । ଏସବୁ କ'ଣ ସତ୍ୟ ନା ଠକାମି, ଦୁର୍ବଳ ଲୋକର ଏକ କଳ୍ପନା ? କିଛି ମନେ କରିବେ ନାହିଁ, ମୁଁ ହୁଏତ ପାଶ୍ଚାତ୍ୟର ପ୍ରଭାବରେ –''

ଶ୍ରୀଅରବିନ୍ଦ ସ୍ନିଗ୍ଧ କଣ୍ଠରେ କହିଲେ, ''ମୁଁ ନିଜେ ମଧ୍ୟ ପାଶ୍ଚାତ୍ୟର ଖବର କିଛି ରଖେ, ଶୁଣିଥିବ ହୁଏତ । ସେମାନେ ଏସବୁ ବିଷୟରେ ଚାହାନ୍ତି ଶିଶୁକୁ ମଧ୍ୟ ଗାଧୁଆ ପାଣି ସହିତ ଫୋପାଡ଼ି ଦେବାକୁ, ଫନ୍ଦିବାଜି, ଭେଲିକି ଅଛି ବୋଲି ମନେ କରି । ସବୁକିଛି ତାହାହିଁ, ତେଣୁ ସବୁ ଛାଡ଼ି ଦିଅ । ଆଚ୍ଛା, ମିଛ କଥା କ'ଣ ଜଗତରେ ନାହିଁ ? ତା' ବୋଲି କ'ଣ ସତ୍ୟ କିଛି ନାହିଁ ? ଜନଶ୍ରୁତି ଅଛି ବୋଲି ସତ୍ୟଶ୍ରୁତ ସବୁ କ'ଣ ନାମଞ୍ଜୁର ହୋଇଯିବ ? ଏପରି ଭାବରେ ଦେଖିବାକୁ ଗଲେ, କିଛି ସତ୍ୟ ନିର୍ଣ୍ଣୟ ହୋଇପାରିବ ନାହିଁ । ଯୋଗଜ୍ଞମାନେ ସମସ୍ତେ ଜାଣନ୍ତି, ଏସବୁ ଶକ୍ତି କେତେ ପ୍ରତ୍ୟକ୍ଷ, କେତେ ସତ୍ୟ । ଏସବୁର ପ୍ରମାଣ ଏତେ ଅକାଟ୍ୟ ଯେ, ସେମାନେ ଏ ବିଷୟରେ ମୁଣ୍ଡ ଖେଳାଇବା କଥା ଭାବି ବି ପାରନ୍ତି ନାହିଁ ।''

''କିନ୍ତୁ ପାଶ୍ଚାତ୍ୟ ଦେଶର ସାକ୍ଷ୍ୟବିତ୍‌ମାନେ...'' ମୁଁ କହିଲି ।

''ସେମାନେ ଯେ ସାକ୍ଷୀ ମାନନ୍ତି କେବଳ ବସ୍ତୁକୁ । ବସ୍ତୁତନ୍ତ୍ରତାର ତତ୍ତ୍ୱରେ ଯାହାର ଖବର ଅନ୍ତର ପାଇ ହୁଏ ନାହିଁ, ତାକୁ ସେମାନେ ଅଗ୍ରାହ୍ୟ କରି ଦିଅନ୍ତି । ସମସ୍ତେ ନୁହନ୍ତି ଅବଶ୍ୟ, ତେବେ ଅନେକେ ଏଇଭଳି । ତେବେ ଏବେ ସେମାନେ ମଧ୍ୟ ବୁଝିବାକୁ ଆରମ୍ଭ କରିଛନ୍ତି ଯେ ଜୀବନ ଏତେ ବିଚିତ୍ର ଓ ପ୍ରକାଣ୍ଡ ଯେ, ଏପରି ଭାବରେ ତାକୁ ବିଚାର କରିବା ଚଳିବ ନାହିଁ, ମପା ଯାଇ ପାରିବ ନାହିଁ । ତା' ଛଡ଼ା, ଯେଉଁସବୁ ଶକ୍ତିକୁ ସେମାନେ ଚଳନ୍ତି ଭାଷାରେ ଭେଲିକି କହନ୍ତି, ତାହା ପ୍ରକୃତରେ ଭେଲିକି ବା ଅଘଟଣ ନୁହେଁ । ଯଦି ତୁମେ ଏତିକି ମାନିନେଇ ପାରିବ ଯେ, ଆମର ଅନ୍ତଃଶକ୍ତି ଇନ୍ଦ୍ରିୟ ପଥ ଛଡ଼ା ଅନ୍ୟ ପଥରେ ସକ୍ରିୟ ହୋଇ ପାରେ । ୟୁରୋପରେ ମୁଁ ମଧ୍ୟ ଏକ ସମୟରେ ଥିଲି ଓ ଖୁବ୍ ଅବିଶ୍ୱାସୀ ଥିଲି । କିନ୍ତୁ ଏସବୁ ଅଘଟଣ ଯେତେବେଳେ ପ୍ରଥମେ ପ୍ରତ୍ୟକ୍ଷ କଲି, ସେହିଦିନଠାରୁ ମୁଁ ସବୁକିଛିକୁ ପାଶ୍ଚାତ୍ୟ ଭଙ୍ଗୀରେ ବିଚାର କରିବାକୁ ଛାଡ଼ିଦେଲି ।

''ମୁଁ ଏମିତି ମଧ୍ୟ ଶୁଣିଛି ଯେ, ଏସବୁ ଶକ୍ତିକୁ ପ୍ରୟୋଗ କଲେ ଆଧ୍ୟାତ୍ମିକ ଜୀବନର କ୍ଷତି ହୁଏ ?'' ମୁଁ ପଚାରିଲି ।

ଶ୍ରୀଅରବିନ୍ଦ କହିଲେ, ''କ୍ଷତି ହେବ, ଏମିତି କିଛି କଥା ନାହିଁ । କିଏ କରୁଛି ଓ କେଉଁ ପ୍ରେରଣାରେ, ତା' ଉପରେ ସବୁକିଛି ନିର୍ଭର କରେ । ବ୍ୟାପାରଟା ହେଉଛି ଏହା ଯେ, ଆତ୍ମାଭିମାନରୁ, ନିଜର କୌଣସି ସ୍ୱାର୍ଥସିଦ୍ଧିରୁ ଯଦି କେହି ଯୋଗ ବିଭୂତିକୁ ଜାହିର କରେ, ତେବେ ସେଥିରେ ସମୂହ କ୍ଷତି ହୁଏ । କିନ୍ତୁ ଯେଉଁ ସବୁ ଯୋଗୀ ବାସନାହୀନ, ନିରଭିମାନ, ଗୀତାର ଭାଷାରେ 'ସର୍ବଭୂତହିତେରତା' – ସେମାନେ ଏସବୁ ଶକ୍ତିକୁ ପ୍ରୟୋଗ କରନ୍ତି ଊର୍ଦ୍ଧ୍ୱର ଆଦେଶରେ, ନିମ୍ନସ୍ତରର ଆହ୍ୱାନରେ ନୁହେଁ । ତେଣୁ ବ୍ରହ୍ମଜ୍ଞ ଗୁରୁମାନେ ଶିଷ୍ୟମାନଙ୍କୁ ଶିକ୍ଷାଦେବା ସମୟରେ କହନ୍ତି, ଆଗେ ଅହଙ୍କାର ମୁକ୍ତି ଓ ବାସନାମୁକ୍ତି ନହେଲେ ଏସବୁ ବିଭୂତି ଡାକି ଆଣେ ଗୁହ୍ୟଶକ୍ତିର ଅପପ୍ରୟୋଗ । କିନ୍ତୁ କୌଣସି ଶକ୍ତିରେ ବିପଦ ନିହିତ ଅଛି ବୋଲି ସେ ଶକ୍ତି ତ ବର୍ଜନୀୟ ଏପରି ନୁହେଁ । ତାହା ହେଲେ ତ ବିଜ୍ଞାନର ଆବିଷ୍କାର ବି ବର୍ଜନୀୟ ହୁଅନ୍ତା । ବୈଜ୍ଞାନିକ ଶକ୍ତି ମଧ୍ୟ ଦେଇ ଭ୍ରଷ୍ଟ ବୈଜ୍ଞାନିକମାନେ ବହୁ ଅନ୍ୟାୟ କାମ କରିଛନ୍ତି, ସେଥିପାଇଁ ସେ ଶକ୍ତିକୁ ଦାୟୀ କରିବା ଭୁଲ୍ । ଯୋଗ ବିଭୂତି କ୍ଷେତ୍ରରେ

ମଧ୍ୟ ସେଇ ଏକା କଥା । ଭ୍ରଷ୍ଟ ଯୋଗୀମାନେ ଏସବୁ ବିଭୂତିକୁ ଭଗବାନଙ୍କ କାମରେ ନ ଲଗାଇ, ଲଗାନ୍ତି ସ୍ୱାର୍ଥ ସେବାରେ, କିନ୍ତୁ ମୁକ୍ତ ଯୋଗୀମାନେ କେବେ ଏଭଳି କରନ୍ତି ନାହିଁ । ସେମାନଙ୍କର ଶକ୍ତି ମଣିଷର ଇଷ୍ଟ କରେ, ଅନିଷ୍ଟ କରେ ନାହିଁ । କାରଣ ମୁକ୍ତ ଯୋଗୀର ବାସନା ନାହିଁ, ଅହଂକାର ନାହିଁ । ସେ ଯାହା କରନ୍ତି ତା'ର ପ୍ରେରଣା ଆସେ ଭାଗବତ ଚେତନାରୁ, ମାନୁଷୀ ଚେତନାରୁ ତ ନୁହେଁ ।''

ପ୍ରଣାମ କରି ଚାଲି ଆସିଲି । ରାତିରେ ମାନ୍ଦ୍ରାଜକୁ ଟ୍ରେନ୍ ଧରିଲି । ସେକ୍ସ୍‌ପିଅରଙ୍କର ଗୋଟିଏ କଥା ମୋ ମନ ଭିତରେ ଭାସି ଉଠୁଥିଲା ମଝିରେ ମଝିରେ –

"When he shall die,
Take him and cut him
Out in little stars
That he will make the face
Of heaven so fine,
That will all the world will be
In love with night,
And pay no worship
To the garish sun –"

''ସେ ନିର୍ବାପିତ ହୋଇଯିବା ପୂର୍ବରୁ ତାଙ୍କୁ ନେଇଯାଅ, ଓ ଭାଗ ଭାଗ କରିଦିଅ ଛୋଟ ଛୋଟ ନକ୍ଷତ୍ରରେ । ସ୍ୱର୍ଗର ମୁହଁ ଏପରି ଉଜ୍ଜ୍ୱଳ ହୋଇପଡ଼ିବ ଯେ ସାରା ପୃଥିବୀ ରାତ୍ରିର ପ୍ରେମରେହିଁ ମଗ୍ନ ହୋଇଯିବ, ସେ ଆଉ ଉଦ୍ଧତ ସୂର୍ଯ୍ୟଙ୍କୁ ଉପାସନା କରିବ ନାହିଁ ।''

ଏହାପରେ ଶ୍ରୀଅରବିନ୍ଦଙ୍କ ସହ କଥାବାର୍ତ୍ତା ହୋଇଥିଲା ଉଣେଇଶ ବର୍ଷ ପରେ – ତା'ର ଟିକିଏ ଭୂମିକା ଉପସ୍ଥାପନ କରିବାକୁ ହେବ । କାରଣ ଏ କଥାବାର୍ତ୍ତା ହୋଇଥିଲା ଗୁହ୍ୟତତ୍ତ୍ୱ ଉପରେ – ଯାହାକୁ ଇଂରାଜୀରେ କହନ୍ତି Occultism । ଏ ତଥ୍ୟର ତତ୍ତ୍ୱଜ୍ଞ ଯେଉଁମାନେ ସେମାନେ ଏଯାବତ୍ ମନ୍ତ୍ରଯନ୍ତ୍ର ମାନି ଚାଲି ଆସିଛନ୍ତି । ଶ୍ରୀଅରବିନ୍ଦଙ୍କଠାରୁ ଶୁଣିଛି, ଗୁହ୍ୟତତ୍ତ୍ୱକୁ ଯବନିକାର ଆଢୁଆଳରେ ରଖିଲେ, ସେ ଜଗତର ଗୁହ୍ୟ ଶକ୍ତିମାନେ ସକ୍ରିୟ ହେବାକୁ ବାଧା ପାଆନ୍ତି । ଭାଗବତରେ ଏ ଉକ୍ତିର ସମର୍ଥନ ମିଳେ, ଯେଉଁଠାରେ ନାରାୟଣ ଅଦିତିଙ୍କୁ କହିଛନ୍ତି, ତାଙ୍କ ଗର୍ଭରେ ବାମନ ରୂପେ ଜନ୍ମ ହୋଇ ସେ ବଳିଙ୍କୁ ପରାଜିତ କରିବେ । କିନ୍ତୁ, ''ସର୍ବଂ ସମ୍ପଦ୍ୟତେ ଦେବୀ ଦେବଗୁହ୍ୟ ସୁସଂବୃତମ୍ ।'' ''ଏହା ଦେବଗୁହ୍ୟ, କାହା ଆଗରେ ପ୍ରକାଶ ନ କଲେହିଁ ସଫଳ ହୁଏ ।''

ଶ୍ରୀଅରବିନ୍ଦ ମୋତେ ଏକାଧିକ ପଥରେ ଏହି କଥାଟି ବୁଝାଇବାକୁ ବାରବାର ଚେଷ୍ଟା କରିଛନ୍ତି ଯେ ମୋ ମନ ଭିତରେ ରହିଛି ଅନେକ ଅବିକଶିତ ଶକ୍ତି – ଯାହାର ବିକାଶ ଯୋଗ ବଳରେ ହୋଇପାରନ୍ତା । ବିଖ୍ୟାତ ରହସ୍ୟବାଦୀ ଦାର୍ଶନିକ ପ୍ଲୋଟିନସ୍ କହିଛନ୍ତି, ''ଏଭଳି ଶକ୍ତି ଅଛି ଅନେକଙ୍କର କିନ୍ତୁ ଦୁଇ, ଚାରିଜଣ ତା'ର ପ୍ରୟୋଗ ଜାଣନ୍ତି ମାତ୍ର । ଶ୍ରୀଅରବିନ୍ଦ ସଂପ୍ରତି ଗୋଟିଏ ଚିଠିରେ ମୋତେ ନୂଆ କରି ଆଭାସ ଦେଇଛନ୍ତି ଏସବୁ ଶକ୍ତିର କ୍ରିୟା ସମ୍ବନ୍ଧରେ । ବ୍ୟାପାରଟା ହେଉଛି, ମୋର ଗୋଟିଏ ବାନ୍ଧବୀର ଥ୍ରମ୍ବୋସିସ୍ ରୋଗ ଅଛି, ସେ ଆମର ଆଶ୍ରମରେ କିଛିଦିନ ରହି ଫେରିଯିବା ବେଳେ ନାଗପୁରରେ ହଠାତ୍ ଛାତିରେ ତୀବ୍ର ଯନ୍ତ୍ରଣା ଅନୁଭବ କଲେ, ମନେ ହେଲା ତାଙ୍କର ଶେଷ କାଳ ଆସନ୍ନ । ସେ ମୋ ନିକଟକୁ ଲେଖିଛନ୍ତି, ''ମୂର୍ଚ୍ଛା ହୋଇଯିବାର ଠିକ୍ ପୂର୍ବରୁ ମା'ଙ୍କୁ ପ୍ରାର୍ଥନା କଲି । ତା'ପରେ ଆଶ୍ଚର୍ଯ୍ୟର କଥା, ପାଞ୍ଚ ମିନିଟ୍ ପରେ କ'ଣ ଯେ ହେଲା, ଟିକିଏ ବି ଯନ୍ତ୍ରଣା ଆଉ ରହିଲା ନାହିଁ । ବାକୀ ରାସ୍ତା ଯେମିତି ଉଡ଼ି ଚାଲିଗଲି...'' ଇତ୍ୟାଦି । ମୁଁ ତାଙ୍କର ଏ ଚିଠିଟି ଶ୍ରୀଅରବିନ୍ଦଙ୍କୁ ପଠାଇ ଦେଇଥିଲି, ପ୍ରଶ୍ନ କରିଥିଲି, ମା ତାଙ୍କର ଡାକ ଶୁଣିଥିଲେ କି ନାହିଁ । ଉତ୍ତରରେ ଶ୍ରୀଅରବିନ୍ଦ ମୋ ନିକଟକୁ ଲେଖିଥିଲେ, ''ତାଙ୍କର ପ୍ରାର୍ଥନା ଶ୍ରୀମା'ଙ୍କ ନିକଟରେ ପହଞ୍ଚିଥିଲା ଅବଶ୍ୟ, ଯଦିଓ ମା'ଙ୍କର ସ୍ଥୂଳ ମନରେ ତାଙ୍କ ଅସୁସ୍ଥତାର ସବିଶେଷ ବିବରଣୀ ଜାଗ୍ରତ୍ ହୋଇ ନଥାଇ ପାରେ । ଏ ପ୍ରକାର ଡାକ ମା'ଙ୍କ ନିକଟରେ ପହଞ୍ଚିବା ତ ନିତ୍ୟ-ନୈମିତ୍ତିକ ବ୍ୟାପାର । କେବେକେବେ ହୁଏତ ଶତାଧିକ ଡାକ ଆସେ; ଏକ ପରେ ଏକ । ଯେଉଁ କାରଣରୁ ଡାକଟା ଜାଗି ଉଠେ, ତାହାର ପ୍ରକାର ଭେଦ ଅବଶ୍ୟ ଅଛି । କିନ୍ତୁ ଡାକର କାରଣ ଯାହା ହେଉ ନା କାହିଁକି, ଉତ୍ତର ଯାଏ ହିଁ ଯାଏ । ଗୁହ୍ୟସ୍ତରରେ ଏପରି ଧାରା । ଚଳନ୍ତି ମାନବିକ କ୍ରିୟା ସହିତ ଏହାର ମେଳ ନାହିଁ । ଏସବୁ ଶକ୍ତି ମୁହଁର ଡାକ ବା କଲମର ଲେଖାକୁ ଅପେକ୍ଷା କରେ ନାହିଁ । ଅନ୍ତରର ଭାବ ଜ୍ଞାପନ ହେଲେହିଁ ଯଥେଷ୍ଟ । ତା'ହେଲେ ଏହି ଶକ୍ତି ସକ୍ରିୟ ହୋଇପାରେ । କିନ୍ତୁ ତା' ସହିତ ଏହା ମଧ୍ୟ କହିବି ଯେ ଏସବୁ କୌଣସି ଗୋଟିଏ ନୈର୍ବ୍ୟକ୍ତିକ ଶକ୍ତିର ଖେଳା ନୁହେଁ, ଅର୍ଥାତ୍ ଏପରି ନୁହେଁ ଯେ, ଭାଗବତ ଶକ୍ତି ବିଶ୍ୱଭୌମ, ତାକୁ ଯେ ବି ଡାକିବ ସେ ଉତ୍ତର ପାଇବ ।

ଏ ଶକ୍ତି ଏକେବାରେ ଶ୍ରୀମା'ଙ୍କର ସ୍ୱକୀୟ । ଆଉ ତାଙ୍କର ଯଦି ଏହି ଶକ୍ତି ନଥା'ନ୍ତା, କାମ ଚଳନ୍ତା ନାହିଁ । କିନ୍ତୁ ବାସ୍ତବ ସ୍ତରରେ ଶକ୍ତି ଯେପରି ଭାବରେ ସକ୍ରିୟ ହୁଏ, ଏହି ଶକ୍ତି ସେ ଧରଣର ନୁହେଁ । ଅବଶ୍ୟ ଏ ଦୁଇଟିର ରୀତିଭେଦ ରହିଛି । ଯଦିଓ ଗୁହ୍ୟଶକ୍ତିର କ୍ରିୟା ବାସ୍ତବ ଶକ୍ତି ସହିତ ସହଯୋଗ କରେ ଓ ସେତେବେଳେ ବାସ୍ତବ ଶକ୍ତିର କାମ ସବୁଠାରୁ ବେଶୀ ଫଳପ୍ରସୂ ହୋଇଥାଏ । ପୁଣି ଜଣେ ଯଦି ଗୁହ୍ୟ ଶକ୍ତିର ସହାୟତା ଅଜାଣତରେ ପାଇଲା, ତା'ର ଜ୍ଞାନ ହୁଏତ ଶକ୍ତିର କାର୍ଯ୍ୟକାରିତା ବଢ଼ାଇ ଦେଇ ପାରନ୍ତା, କିନ୍ତୁ ତା'ବୋଲି ସେ ନଜାଣିଲେ ଯେ ଶକ୍ତି ଅଚଳ ହୋଇଯାଆନ୍ତା, ଏକଥା ଠିକ୍ ନୁହେଁ । ଉଦାହରଣ ସ୍ୱରୂପ କଲିକତାରେ ଓ ଅନ୍ୟତ୍ର ମୋର ଶକ୍ତି ସଦାବେଳେ ତୁମର ସହାୟକ ଥିଲା ଓ ସେଥିରେ ଯେ କାର୍ଯ୍ୟସିଦ୍ଧି ହୋଇ ନାହିଁ, ମୋର ଏହା ମନେ ହେଉ ନାହିଁ । କିନ୍ତୁ ଏହି ଶକ୍ତି ସ୍ୱଭାବରେ ଗୁହ୍ୟ ଶକ୍ତିର ସମଧର୍ମୀ ଏବଂ ତୁମେ ଯଦି ମୋର ଶକ୍ତି ସମ୍ବନ୍ଧରେ କିଛିଟା ସଚେତନ ନଥା'ନ୍ତ, ତଥାପି ମଧ୍ୟ ଫଳ ଏକାପ୍ରକାରରହିଁ ହୋଇଥା'ନ୍ତା ।''

୧୯୨୪ ମସିହାରେ ପଣ୍ଡିଚେରୀରେ ଶ୍ରୀଅରବିନ୍ଦଙ୍କ ସାଙ୍ଗରେ ବାର୍ତ୍ତାଳାପ ପରେ ମୁଁ ଯେତେବେଳେ କଲିକତାକୁ ଫେରିଆସିଲି ସେତେବେଳେ ମୋ ମନରୁ ସବୁ ଆଲୁଅ ଲିଭିଯାଇଛି । ଆଶା, ଭରସାର ଚିହ୍ନ ମଧ୍ୟ ଖୋଜି ପାଉ ନଥାଏ କେଉଁଠାରେ । ମନେ ପଡୁଥାଏ ଶ୍ରୀଅରବିନ୍ଦଙ୍କର ସେଇ ସାଂଘାତିକ ପୁଣି ପ୍ରଶାନ୍ତ ଉକ୍ତି, ''ତୁମର ବର୍ତ୍ତମାନ ସମୟ ହୋଇ ନାହିଁ । ତୁମ ମନରେ ଯେଉଁ ତୃଷ୍ଣା ଜାଗିଛି, ତାହା କେବଳ ମନର ଜିଜ୍ଞାସା । ମୋ ଯୋଗରେ ଦୀକ୍ଷା ପାଇବାକୁ ହେଲେ, ଏହାଠାରୁ ବେଶୀ କିଛି ମୂଳଧନ ଦରକାର ।''

ମଝିରେ ମଝିରେ ମନେପଡ଼ିଯାଏ ତାଙ୍କର ''ଯୋଗ ସମନ୍ୱୟ'' (The Synthesis of Yoga)ର ''ଆତ୍ମୋତ୍ସର୍ଗ'' (Self consecration) ଅଧ୍ୟାୟର ସୂତ୍ର : ''ଦୃଶ୍ୟମାନର ସେ ପାଖରେ 'କିଛି'ର ସମ୍ବନ୍ଧରେ କେବଳ ବୁଦ୍ଧିର ଅନୁସନ୍ଧିତ୍ସା ବିଶେଷ କାମରେ ଆସେ ନାହିଁ – ଯେତେ ମାନସିକ ଔତ୍ସୁକ୍ୟର ସହିତ ତାକୁ ଜାବୁଡ଼ି ଧରିଲେ ମଧ୍ୟ । ଯଦି ହୃଦୟ ତାହାକୁ ଗ୍ରହଣ କରେ, ଅଦ୍ୱିତୀୟ ବାଞ୍ଛିତ ବୋଲି, ଆତ୍ମ ଇଚ୍ଛା ତାକୁ ଗ୍ରହଣ କରେ ଅଦ୍ୱିତୀୟ ସାଧନା ବୋଲି, ତେବେ ତାହା ସଫଳ ହୋଇପାରେ । କାରଣ ଆତ୍ମିକ ସତ୍ୟକୁ କେବଳ ଚିନ୍ତା ଦ୍ୱାରା, କି ଖଣ୍ଡିତ ଇଚ୍ଛା ଦ୍ୱାରା, କି ଶକ୍ତିର ଭଗ୍ନାଂଶ ଦେଇ ବା ଦ୍ୱିଧାଗ୍ରସ୍ତ ମନ ଦେଇ ପାଇ ହୁଏ ନାହିଁ । ଭଗବାନଙ୍କୁ ଯେ ସତରେ ଚାହିଁବ, ତାକୁ ଏକାନ୍ତଭାବରେ ତାଙ୍କ ଚରଣରେ ଆତ୍ମୋତ୍ସର୍ଗ କରିବାକୁ ହେବ ।''

ଯୋଗର ଦାବି ଏତେ କଠିନ, ଏତକ ଜାଣିବାର ବିଦ୍ୟା-ବୁଦ୍ଧି ମୋର ବୋଧହୁଏ ସେ ସମୟରେ ନଥିଲା । କାରଣ ସେ ସମୟରେ ମୋ ମନରେ ଯେଉଁ ଗଭୀର ନିରାଶା ଜାଗି ଉଠିଥିଲା, ତା' ମୂଳରେ ଥିଲା ଆତ୍ମ-ପ୍ରସ୍ତୁତିର ଅଭାବ । ଏଇ ସଦା ଜାଗ୍ରତ୍ ଚେତନାର ତିରସ୍କାରରେ ମୋର ମନ-ପ୍ରାଣ ମ୍ରିୟମାଣ ହୋଇ ପଡ଼ିଥା'ନ୍ତି । ଅନେକ ଦିନ ପରେ ୧୯୪୮ ସାଲରେ ଯେତେବେଳେ ଶ୍ରୀଅରବିନ୍ଦଙ୍କର ''ସାବିତ୍ରୀ''ରେ ମୁଁ ପଢ଼ିଲି ଜୀବନର କୌଣସି ଏକ ସନ୍ଧିଲଗ୍ନରେ ତାଙ୍କର ନିରାଶାର ବର୍ଣ୍ଣନା, ସେତେବେଳେ ଚମକି ପଡ଼ିଲି ।

''ଦେବତାର ପରିତ୍ୟକ୍ତ, ଅନାଥ ସଦୃଶ
ବୁଲୁଛି ସେ ଅସୂର୍ଯ୍ୟଲୋକରେ,
ଦୃଶ୍ୟହୀନ କୁହେଳିରେ ଆଚ୍ଛାଦିତ ଚତୁର୍ଦ୍ଦିଗ,
ଶିଶୁ ଆତ୍ମାଟିଏ ଭଳି, ତା' ଭିତରେ କରଇ ସେ ସ୍ୱର୍ଗ ଅନ୍ୱେଷଣ,
କେବେ କେବେ ମୁହୂର୍ତ୍ତକ ଲାଗି,
ହୁଏ ସିନା ଆନନ୍ଦ ଆଚ୍ଛନ୍ନ
କେବଳ ଦୁଃଖହିଁ ତା'ର ଅନ୍ତରର ଗୂଢ଼ତମ ସ୍ୱର ।
ନୈରାଶ୍ୟର ପଥେ ପଥେ, ପଥିକ ସେ ଚିରଦିନ ସହାୟ ବିହୀନା,
ବେଦନାର ମର୍ମ ଲୋକେ, ସୁଖକୁହିଁ ଖୋଜେ ନିରନ୍ତର ।''

କିନ୍ତୁ କ୍ଷଣିକ ଆନନ୍ଦ ଯେତେବେଳେ କ୍ରମଶଃ କ୍ଷୀଣତର ହୋଇ ଆସିଲା ଓ କୁଜ୍‌ଝଟିକା ଗଭୀରତର ହୋଇଉଠିଲା ସେତେବେଳେ ନିରାଶାର ପଥଗୁଡ଼ିକ ଆହୁରି ଅନ୍ଧକାରମୟ ହୋଇଉଠିଲା । ଏହି ସମୟରେ ସ୍ୱାମୀ ଅଭେଦାନନ୍ଦଙ୍କର ଗୋଟିଏ ବକ୍ତୃତା ଶୁଣିଲି, ''ବୈରାଗ୍ୟମେବାଭୟମ୍'' । ମୋ ମନରେ ସେତେବେଳେ ବୈରାଗ୍ୟର ସ୍ୱର ଖୁବ୍ ତୀବ୍ର । ତେଣୁ ତାଙ୍କ ସହିତ ଯାଇ ଦେଖାକଲି । ତାଙ୍କୁ କହିଲି ମୋତେ ଦୀକ୍ଷା ଦେବାକୁ ହେବ, ସେ ରାଜି ହେଲେ । ମୋର ଜଣେ ବନ୍ଧୁ କିନ୍ତୁ ମୋତେ ବାରଣ କଲେ । ପ୍ରକୃତରେ ଟିକିଏ ଦବିଗଲି । ତାଙ୍କୁ ପୁଣି ପଚାରିଲି, ''ଅଥ କିଂ କର୍ତ୍ତବ୍ୟଂ ?'' ସେ ବିମୂଢ଼ ହୋଇ ମୋତେ ତାଙ୍କ ଯୋଗୀବନ୍ଧୁଙ୍କ ପାଖକୁ ଟାଣିନେଲେ ।

ଯୋଗିବର ସବୁ ଶୁଣି କହିଲେ, ''ମୋ ସାମନାରେ

ଆଖି ବୁଜି ବସନ୍ତୁ ।'' କେତେକ୍ଷଣ ଏପରି କଟିଲା ଜାଣେ ନାହିଁ । କେବଳ ଏତିକି ଜାଣିଛି ଯେ, ଏକପ୍ରକାର ଗଭୀର ଶାନ୍ତି ମୋର ତୃଷାର୍ତ୍ତ ମନ ଉପରକୁ ଓହ୍ଲାଇ ଆସିଲା । ମୋର ସମସ୍ତ ଅନ୍ତର ସେ ଶାନ୍ତିରେ ପୂର୍ଣ୍ଣ ହୋଇଗଲା । ମୋର ବନ୍ଧୁ ମୋତେ ସ୍ପର୍ଶ କଲେ । ଚମକି, ଆଖି ଖୋଲି ଦେଖିଲି ଯେ ଯୋଗିବର ଏକ ଦୃଷ୍ଟିରେ ମୋ ଆଡ଼କୁ ଚାହିଁ ରହିଛନ୍ତି । ଅସ୍ୱସ୍ତି ଲାଗିଲା ।

ସେ ହଠାତ୍ କହିଲେ, ''ବାଃ, ଆପଣ କେଉଁ ଦୁଃଖରେ ଗୁରୁ ଖୋଜି ବାହାରିଛନ୍ତି ଶୁଣେ । ସ୍ୱୟଂ ଶ୍ରୀଅରବିନ୍ଦ ତ ଆପଣଙ୍କୁ ଗ୍ରହଣ କରିଛନ୍ତି ।''

''ତାହା ଠିକ୍ ନୁହେଁ ।'' ମୁଁ ସନ୍ଦିଗ୍ଧ କଣ୍ଠରେ କହିଲି, ''ଆପଣଙ୍କୁ ତ କହିଥିଲି, ସେ ମୋତେ ପ୍ରତ୍ୟାଖ୍ୟାନ କରିଛନ୍ତି ।''

''ମୁଁ ଆପଣଙ୍କୁ କହୁଛି, ସେ ପ୍ରତ୍ୟାଖ୍ୟାନ କରି ନାହାନ୍ତି ।'' ମୋ ଛାତି ଭିତରେ ରକ୍ତ ଉଚ୍ଛଳ ହୋଇଉଠିଲା । ''କ'ଣ କହୁଛନ୍ତି ଆପଣ ? ଟିକିଏ ପ୍ରାଞ୍ଜଳ ଭାବରେ କହନ୍ତୁ ।''

''ପ୍ରାଞ୍ଜଳ ? ଏହା ତ ଅତି ସ୍ପଷ୍ଟ ।'' ସେ ହସିଲେ । ତା'ପରେ କହିଲେ, ''ସେ ଆସିଥିଲେ, ହଁ । ଠିକ୍ ଆପଣଙ୍କ ପଛରେ ଆସି ଠିଆ ହୋଇ ମୋତେ କହିଲେ, ଅପେକ୍ଷା କରିବାକୁ କହ ତାକୁ, ସମୟ ହେଲେ ମୁଁ ତାକୁ ମୋ ପାଖକୁ ନେଇ ଆସିବି । ଏଥର ସ୍ପଷ୍ଟ ହେଲା ତ ?''

ମୁଁ ହତବୁଦ୍ଧି ହୋଇଗଲି, କ'ଣ କହୁଛନ୍ତି ଇଏ ? ପରିହାସ ନୁହେଁ ତ ? ଯୋଗିବର ମୋ ଚିନ୍ତାରେ ବାଧା ଦେଇ କହିଲେ, ''ଗୋଟିଏ କଥା ଶୁଣନ୍ତୁ, ତେବେ ବିଶ୍ୱାସ ହେବ ।'' ମୁଁ ତାଙ୍କ ଆଡ଼କୁ ଏକ ଦୃଷ୍ଟିରେ ଚାହିଁଥାଏ । ମୋ ଛାତିରେ ମୃଦଙ୍ଗ ବାଜି ଉଠିଲା ।

ଯୋଗିବର କହିଲେ, ''ଆଚ୍ଛା, ଆପଣଙ୍କର ତଳିପେଟର ବାଆଁ ପାଖରେ ବ୍ୟଥା ହୁଏ କି ?'' ମୁଁ ନିର୍ବାକ୍ ବିସ୍ମୟରେ ତାଙ୍କୁ କହିଲି, ''କିପରି ଜାଣିଲେ ?''

''ଜାଣିଲି । ସେ କହିଲେ ବୋଲି ।''

''କହିଲେ, କିଏ ?''

ସେ ଏଥର ହସି ଉଠିଲେ, ''ଆପଣଙ୍କର ଗୁରୁଦେବଙ୍କ ଛଡ଼ା ଆଉ କିଏ କହନ୍ତା ? ସେ ମୋତେ ସ୍ପଷ୍ଟ କହିଗଲେ ଯେ, ସେ ଆପଣଙ୍କୁ ଉପଦେଶ ଦେଇଛନ୍ତି, ଏ କଷ୍ଟଟି ଭଲ ହୋଇଗଲେ ଯେମିତି ଆପଣ ଯୋଗ ଆରମ୍ଭ କରନ୍ତି ।'' ଟିକିଏ ରହି କହିଲେ, ''ବ୍ୟଥାଟି କେଉଁଠି ହେଉଛି କହନ୍ତୁ ତ !''

''ବ୍ୟଥା ? ହାର୍ନିଆ । 'ଟଗ୍ ଅଫ୍ ଓ୍ୟାର୍' କରୁ କରୁ ବହୁଦିନ ପୂର୍ବେ ଥରେ ପେଟରେ ଛିଦ୍ର (ରପ୍‌ଚର୍) ହୋଇ ଯାଇଥିଲା ।'' ସେ ଆତ୍ମପ୍ରସାଦର ସହିତ ହସିଲେ, କହିଲେ, ''ଏବେ ସବୁ ପାଣି ପରି ପରିଷ୍କାର ହୋଇଗଲା । କାରଣ ଯୋଗ କଲେ, ପ୍ରଥମେ ଅନ୍ତ ଉପରେ ଚାପ ପଡ଼େ । ସେଥିପାଇଁ ହୁଏତ ସେ ଆପଣଙ୍କୁ ଯୋଗ ନିମନ୍ତେ ବାରଣ କରିଥିଲେ ।'' ତା'ପରେ ମୁଁ କହିଲି, ''ଏଥର ଆପଣଙ୍କର ଭୁଲ୍ ହେଲା । କାରଣ ଶ୍ରୀଅରବିନ୍ଦ ମୋତେ କହିଥିଲେ, ମୋର କେବଳ ମନର ତୃଷା, ତାଙ୍କ ଯୋଗ ପାଇଁ ଏତିକି ଯଥେଷ୍ଟ ନୁହେଁ ।'' ମୁଁ ତାଙ୍କୁ ମୋର ଓ ଶ୍ରୀଅରବିନ୍ଦଙ୍କର କଥୋପକଥନ ସମ୍ବନ୍ଧରେ କହିଲି । ସେ ମନ ଦେଇ ସବୁ ଶୁଣିଲେ ଓ କହିଲେ, ''ଏଥର ଆଉ କିଛି ଅସ୍ପଷ୍ଟ ରହିଲା ନାହିଁ । ସେ ଆପଣଙ୍କୁ କହିଥିଲେ, ଯେତେଦିନ ଆପଣ ତାଙ୍କୁ ଗୁରୁ ବୋଲି ଚିହ୍ନି ପାରି ନାହାନ୍ତି, ସେତେଦିନ ଅପେକ୍ଷା କରିବାକୁ । ଏପର୍ଯ୍ୟନ୍ତ ତ ଆପଣ ଚିହ୍ନିଲେ ନାହିଁ ତାଙ୍କୁ, ନହେଲେ କ'ଣ ଆଉ କୌଣସି ଗୁରୁଙ୍କୁ ବରଣ କରିବା କଥା ସ୍ୱପ୍ନରେ ବି ଭାବି ପାରିଥା'ନ୍ତେ ?''

(କ୍ରମଶଃ)

(ଦିଲୀପକୁମାର ରାୟଙ୍କ ବଙ୍ଗଳାରେ ଲିଖିତ 'ତୀର୍ଥଙ୍କର' ପୁସ୍ତକରୁ ଅନୂଦିତ ।)

ଅନୁବାଦ : ମମତା ଦାଶ

ଭଗବାନ୍ ଚାହାନ୍ତି ନାହିଁ ଏକ ଆଂଶିକ ତଥା କ୍ଷଣସ୍ଥାୟୀ ବିଜୟ । ତାଙ୍କର ବିଜୟ ହେବାକୁ ହେବ ସମ୍ପୂର୍ଣ୍ଣ ଓ ଚିରସ୍ଥାୟୀ – ସେଥିପାଇଁ ଆମକୁ ସହିବାକୁ ଓ ଯଥାର୍ଥ ସମୟ ନ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ହେବ । ଯାହାହେଉ, ଦିବ୍ୟବିଶ୍ୱାସ ଓ ନିର୍ଭରତା ବଳରେ ଏପରିକି ସହନଶୀଳତା ମଧ୍ୟ ସହଜ ହୋଇଉଠେ ।

– ଶ୍ରୀମା

# କଣିକାଏ କରୁଣାହିଁ କାମନା

ଶ୍ରୀ ବିମଳ ପ୍ରସନ୍ନ ଦାସ

ସୃଷ୍ଟି ସର୍ଜନାରେ ଈଶ୍ୱରଙ୍କର ଜଗଜ୍ଜନନୀ ପରିକଳ୍ପନା ଅନୁପମ ଓ ଅନବଦ୍ୟ । ଅନ୍ୟଥା ଈଶ୍ୱରଙ୍କଠାରୁ ମଣିଷ କୌଣସି ପ୍ରତିଦାନ ଆଶା କରି ନ ପାରେ । ସ୍ରଷ୍ଟାଙ୍କଠାରୁ ପ୍ରତ୍ୟୁତ୍ତର ପ୍ରତ୍ୟାଶା ପାଇଁ ଶକ୍ତିସତ୍ତା ଏକାନ୍ତ ଅପରିହାର୍ଯ୍ୟ । ସେଥିପାଇଁ 'ମା' ଏଇ ଗୋଟିଏ ଅକ୍ଷର ଭିତରେ ସୃଷ୍ଟିକର୍ତ୍ତା ସୃଷ୍ଟିର ସକଳ ସୁଷମା ଓ ସଂହତି, ସଂବେଦନା ଓ ଶକ୍ତି, ମାୟା ଓ ମମତା ଭରି ଦେଇଛନ୍ତି । ସ୍ନେହାଭିଷିକ୍ତ ପ୍ରେମ ଓ କ୍ଷମାହିଁ ମାତୃଶକ୍ତିକୁ ଯୁଗ ଯୁଗ ଧରି ମହିମମଣ୍ଡିତ କରିଛି । ବିଧାତା ଯେତେସବୁ ବନ୍ଧନ ମଣିଷକୁ ଦାନ କରିଛନ୍ତି, ତା' ମଧ୍ୟରେ ମା'ର ମମତାହିଁ ନିବିଡ଼, ନିକଟତର ଓ ନିଷ୍କପଟ । ସେ ଅମୃତମୟୀ, ଅନ୍ନପୂର୍ଣ୍ଣା, ଜନନୀ । ତା'ର ହୃଦୟ ସାଗର ପରି ବିଶାଳ, ଆକାଶ ପରି ଉଦାର, ଧରିତ୍ରୀ ପରି ସହଣିକ ଓ ମହାସାଗର ପରି ଗଭୀର ତଥା ମମତାର ମଣିମାଣିକ୍ୟରେ ରତ୍ନଗର୍ଭା । ସୁତରାଂ ଅପରାଜେୟ ମାତୃଶକ୍ତିର ଆବାହନ ଓ ଅବତରଣ ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ପରମ ଆକର୍ଷଣ । ସେଥିପାଇଁ ମହାଯୋଗୀ ଶ୍ରୀଅରବିନ୍ଦ ଦିବ୍ୟଜନନୀଙ୍କୁ ''ବିଭୁ-କରୁଣାର ସର୍ବଶ୍ରେଷ୍ଠ ଅଭିବ୍ୟକ୍ତି'' ବୋଲି ବର୍ଣ୍ଣନା କରିଛନ୍ତି । ପ୍ରେମ ଓ କରୁଣାର ଦିଗନ୍ତ ହେଉଛନ୍ତି ମା । ଦିବ୍ୟଜନନୀଙ୍କ ଅନୁକମ୍ପାହିଁ ପରମେଶ୍ୱରଙ୍କ ଅନୁମତି ।

ମହାକାବ୍ୟ ସାବିତ୍ରୀର Book - 3, Canto - I ରେ ଅଶ୍ୱପତିଙ୍କ ''ଅଜ୍ଞେୟର ଅନୁସରଣ'' ବର୍ଣ୍ଣନା ପରେ ''ଦିବ୍ୟ-ଜନନୀଙ୍କ ଆରାଧନା'' (Canto - II) ପରିପ୍ରେକ୍ଷୀରେ ତାଙ୍କ ହୃଦୟରେ ଏକ ନୂତନ ପ୍ରତ୍ୟୟବୋଧ ଜାଗ୍ରତ୍ ହୋଇଛି । ସେ ଅନୁଭବ କରିଛନ୍ତି ଯେ ପରମ ନୈଶବ୍ଦ୍ୟ ଭିତରେ ଶାୟିତା ପରମା ମହାଶକ୍ତି; ଯଦି ତାଙ୍କୁ ଜାଗରିତ କରାଯାଇପାରେ, ତେବେ ତାଙ୍କରି ଦ୍ୱାରା ମଣିଷର ପ୍ରକୃତିକୁ ମଧ୍ୟ ଜାଗରିତ କରାଯାଇ ପାରିବ ଏବଂ ଧୂଳିମାଟିର ଧରିତ୍ରୀରେ ପରମେଶ୍ୱରଙ୍କ ପୂର୍ଣ୍ଣ ସ୍ୱରୂପ ପ୍ରକଟିତ ହେବ । ଅଶ୍ୱପତିଙ୍କ ହୃଦୟ ଏହିପରି ସ୍ପନ୍ଦିତ ହେଉଥିବା ବେଳେ, ହଠାତ୍ ସେହି ମୁହୂର୍ତ୍ତରେ ତାଙ୍କ ସମ୍ମୁଖରେ ଏକ ଅପୂର୍ବ ଦୃଶ୍ୟ ଉଦ୍ଭାସିତ ହେଲା । ସର୍ବଶେଷ ପ୍ରଶାନ୍ତିର ନିରବତା ଭେଦ କରି ସେହି ଅପରୂପ ସୌନ୍ଦର୍ଯ୍ୟମୟ ବିଶ୍ୱାତୀତ ଜଗତର ମର୍ମସ୍ଥଳୀରୁ ଏକ ଆଶ୍ଚର୍ଯ୍ୟମୟୀ ଆଲୋକିତ ତନୁ ବିଗ୍ରହବତୀ ହୋଇ ସମୁତ୍‌ଥିତା ହେଲେ । ସତେକି ଅନନ୍ତର ମଧୁର ରହସ୍ୟପୂର୍ଣ୍ଣ ସାରବସ୍ତୁରେ ତାଙ୍କରି ତନୁ ଗଠିତ । ସେହି ଦୃଶ୍ୟ ତାଙ୍କ ଅନ୍ତରକୁ ପ୍ରସାରିତ କରିଦେଲା । ସେ ପ୍ରଶ୍ନିଳ ନେତ୍ରରେ ଅବଲୋକନ କଲେ କିଏ ଏହି ଅଦ୍ୱିତୀୟା ? ଏ କ'ଣ ସେହି ଆନନ୍ଦମୟୀ, ଚୈତନ୍ୟମୟୀ, ସତ୍ୟମୟୀ, ଶକ୍ତିମୟୀ, ଦିବ୍ୟଜନନୀ ? ମା ପରି ସେ ସମଗ୍ର ପ୍ରକୃତି, ପୃଥିବୀ ଏବଂ ଜୀବାତ୍ମାକୁ ନିବିଡ଼ ସ୍ନେହ ଓ ସୋହାଗରେ ଟାଣି ନେଉଛନ୍ତି । ଋଷିକବିଙ୍କ ଆବେଗିକ ଓ କାବ୍ୟିକ ଅଭିବ୍ୟକ୍ତି ହେଲା :

"Even as a mother draws
her child to her arms,
Took to her breast Nature
and world and soul."

(Book - 3, Canto - 2, p. 312)

ଏହି ଦେବୀପ୍ରତିମାଙ୍କ ଦର୍ଶନ ମାତ୍ରେ, ସେହି ଅଲୌକିକ ଜ୍ୟୋତିରେଖା ଏକ ସ୍ୱର୍ଣ୍ଣମୟ ସେତୁରେ ପରିଣତ ହୋଇ ତାଙ୍କ (ଅଶ୍ୱପତିଙ୍କ) ହୃଦୟକୁ ପରମାତ୍ମାଙ୍କ ସହିତ ସଂଯୁକ୍ତ କରିଦେଲା । ତା'ପରେ ଅଶ୍ୱପତିଙ୍କର ଉପଲବ୍ଧି ହେଲା ଭଗବାନଙ୍କର କ୍ଷଣିକ ମଧୁରିମା ବିଶ୍ୱବିପାକର ଯେତେସବୁ ଭ୍ରାନ୍ତମରୀଚିକା ଦୂର କରିଦେଲା । ବିଶାଳ ଅଚେତନ ସୃଷ୍ଟି ଭିତରେ ଏକ ଦିବ୍ୟହୃଦୟା ପ୍ରକୃତି ସ୍ପନ୍ଦିତ ହୋଇ ଉଠିଲା ।

ଅଶ୍ୱପତିଙ୍କ ଅନ୍ତର୍ଦୃଷ୍ଟିରେ ପ୍ରତିଭାତ ହେଲା ବିଧାତାଙ୍କ ଊର୍ଦ୍ଧ୍ୱଭାଗରେ ସେହି ପରମା ମାତୃଶକ୍ତି ବିରାଜିତା ହୋଇ ପୃଥିବୀ ଉପରେ ଆନତ ହୋଇ ରହିଛନ୍ତି । ସେ କାହାକୁ ପରିତ୍ୟାଗ କରି ନାହାନ୍ତି । ସେହିଁ ସକଳ ଦେବତା ଓ ଶକ୍ତିସମୂହର ଜନନୀ । ଏ ପୃଥିବୀ ଓ ପରମଙ୍କ ଭିତରେ ଏକମାତ୍ର ସେତୁ-ସ୍ୱରୂପା । ତାଙ୍କରି ଉପସ୍ଥିତି ସମ୍ପର୍କରେ ସଚେତନ ହେଲେ ସବୁ ମାନସିକ ଓ ପ୍ରାଣିକ ପ୍ରହେଳିକା, ପ୍ରତିବନ୍ଧକ, ଭ୍ରାନ୍ତି ଓ ବିକୃତି ପ୍ରକୃତି ଭିତରୁ ଅପସାରିତ ହୋଇ ଯାଉଛି । ତାଙ୍କ ଦୃଷ୍ଟିପାତରେ ଅଜ୍ଞାନ, ଅନ୍ଧକାରର ସମସ୍ତ ଦ୍ୱନ୍ଦ୍ୱ ଓ ସଂଘର୍ଷ ବିଲୁପ୍ତ ହେଉଛି ।

ଅଶ୍ୱପତି ଆହୁରି ଅନୁଭବ କଲେ ସେହି ଦିବ୍ୟ-ଜନନୀଙ୍କଠାରୁ ପ୍ରଜ୍ୱଳନ୍ତ ପ୍ରେମ ଉତ୍ସାରିତ ହୋଇ ଅଜ୍ଞାନର ଗହ୍ୱର ଭିତରେ ପ୍ରବେଶ କରୁଛି ଓ ତା' ଭିତରେ ଥିବା କାଳ କାଳର ଦୁଃଖ, ଶୋକ, ଯନ୍ତ୍ରଣାକୁ ବହନ କରି ନିଃଶେଷ କରି ଦେଉଛି । ପରପାରରୁ ଉତରି ଆସୁଛି ଏକ ମୃତ୍ୟୁଞ୍ଜୟୀ ଜୀବନ ଏବଂ ସେହି ଜୀବନକୁ ଦିବ୍ୟଜନନୀ ମର୍ତ୍ତ୍ୟବାସୀଙ୍କୁ ପ୍ରଦାନ କରୁଛନ୍ତି; ଯାହା ଅତ୍ୟନ୍ତ ଚମତ୍କାର ଓ ପରମ ଆଶ୍ୱାସନାମୟ । ସେହି ଦିବ୍ୟଜନନୀଙ୍କ ସତ୍ତା ମଧରେ ସାକାର ଓ ନିରାକାର ଉଭୟ ମିଳିତ ହୋଇଥିବାର ଅଶ୍ୱପତି ଦେଖିଲେ । ତାଙ୍କ ଅନୁପମ ଉକ୍ତି ହେଲା :

"The Formless and the Formed
were joined in her :"
(*Savitri*, p. 314)

... ... ...

"She is the golden bridge, the wonderful fire."
(ibid)

–''ସୁବର୍ଣ୍ଣର ସେତୁ ସେ ଯେ ବହ୍ନି ଅନୁପମ ।''

ଅଶ୍ୱପତିଙ୍କର ଦୃଢ଼ ପ୍ରତ୍ୟୟ ହେଲା ଯେ ଦିବ୍ୟଜନନୀଙ୍କ କରୁଣା ଫଳରେ ପୃଥିବୀରେ ଦିବ୍ୟ-ପରିପୂର୍ଣ୍ଣତା ସମ୍ଭବ । ଚେତନାର ଉତ୍ତରଣ ପଥରେ ଏହି ଦୁର୍ଜେୟ ମାତୃଶକ୍ତି ମଣିଷକୁ ଚୁମ୍ବକ ପରି ଟାଣି ନେବ । ଏହି ମହାଶକ୍ତି ଚିର-ଅମ୍ଲାନ ଆଲୋକସ୍ୱରୂପା ଜ୍ୟୋତିର୍ମୟୀ । ସବୁ ଶକ୍ତି, ଆନନ୍ଦ ଓ ପ୍ରେମର ସେ ଅନନ୍ତ ଉତ୍ସ :

"She is the Force, the inevitable Word,
The magnet of our difficult ascent,..." (ibid)

ସମଗ୍ର ପ୍ରକୃତି ନୀରବରେ କେବଳ ତାଙ୍କୁହିଁ ଆହ୍ୱାନ ଓ ଆରାଧନା କରିଛି ତାଙ୍କରି ପଦସ୍ପର୍ଶରେ ଜୀବନର ସକଳ କଲୁଷ, କାଳିମାର ବିଲୁପ୍ତି ପାଇଁ । ଋଷିକବିଙ୍କ ଅନବଦ୍ୟ ଉକ୍ତି ହେଉଛି,

"All Nature dumbly calls to her alone
To heal with her feet the aching
throb of life..." (ibid)

ଅର୍ଥାତ୍

''ସମଗ୍ର ପ୍ରକୃତି ଆଜି କରେ ତାଙ୍କ ଆବାହନ
ବିମୌନ ଭାଷାରେ,
ଚରଣ-ପରଶେ ତାଙ୍କ କରିବାକୁ ନିରାମୟ
ଜୀବନ-ବ୍ୟଥାରେ ।''

ଏହି ଦୁଃଖ ବେଦନାକ୍ଲିଷ୍ଟ ଜଗତରେ ଅନ୍ଧକାର ଭିତରେ ସେହି ଦିବ୍ୟପ୍ରେମର ଅବତରଣ ପାଇଁ ଅଶ୍ୱପତି ଆକୁଳ ପ୍ରାର୍ଥନା କଲେ । ଏ ପୃଥିବୀର ଜଡ଼ତା ଉପରେ ସତ୍ୟ, ଶକ୍ତି ଓ ଆନନ୍ଦର ସ୍ପର୍ଶ ପାଇଁ ତାଙ୍କ ଭିତରେ ଆସ୍ପୃହା ତୀବ୍ରତର ହୋଇ ଉଠିଲା । ତାଙ୍କର ଆତ୍ମା, ବିଶ୍ୱାତ୍ମା ସହ ଏକୀଭୂତ ହୋଇଗଲା । ପରମା ଜନନୀଙ୍କ ପାଦପଦ୍ମରେ ସେ ନିଜକୁ ଓ ସମଗ୍ର ବିଶ୍ୱକୁ ସମର୍ପି ଦେଲେ ।

ଜୀବନ ଓ ଜଗତ୍ ପାଇଁ ଏହା ଏକ ଅସାଧାରଣ ଓ ଅଭୂତପୂର୍ବ ମୁହୂର୍ତ୍ତ । ମଣିଷଜାତିର ପ୍ରତିନିଧି ସ୍ୱରୂପ ରାଜର୍ଷି ଅଶ୍ୱପତିଙ୍କ ତପସ୍ୟାର ଫଳରେ ସମଗ୍ର ମଣିଷଜାତିର ଭବିଷ୍ୟତ୍ ପାଇଁ ଏହା ଏକ ସାର୍ବଜନୀନ ସିଦ୍ଧି ଓ ସାଧନାର ଅମ୍ଲାନ ସ୍ମାରକୀ ହୋଇଗଲା । ଋଷିକବିଙ୍କ କାବ୍ୟିକ ଅଭିବ୍ୟକ୍ତି ହେଲା : –

"This was a seed cast into endless Time.
A Word is spoken or a Light is shown,
A moment sees, the ages toil to express.
So flashing out of the Timeless
leaped the worlds;
An eternal instant is the
cause of the years."
(Book - 3, Canto - II, p, 315)

ଅର୍ଥାତ୍

''ଏହିପରି ଭାବେ ରୋପିତ ହେଲା ବୀଜଟିଏ
ଅନନ୍ତ କାଳର ବକ୍ଷ ଦେଶରେ ।
ଉଚ୍ଚାରିତ ହେଲା ମନ୍ତ୍ରଟିଏ ।
ଯେପରି ପ୍ରକାଶିତ ହେଲା
ଯୁଗଯୁଗାନ୍ତରର ପ୍ରୟାସ,
ଏକ ମୁହୂର୍ତ୍ତର ଦୃଷ୍ଟି ଭିତରେ ।
ତା'ପରେ ଲମ୍ଫ ପ୍ରଦାନ କଲା
ସେହି ଜାଜ୍ୱଲ୍ୟମାନ କାଳହୀନ ଜ୍ୟୋତିଃ,
ବିଶ୍ୱବ୍ରହ୍ମାଣ୍ଡ ଭିତରକୁ ।''

ଏହି ଆଦର୍ଶ ଓ ଆବେଦନର ଭିତ୍ତିଭୂମି ଉପରେ ମହାଯୋଗୀ ଶ୍ରୀଅରବିନ୍ଦ ଅଲଂଘନୀୟ ମାତୃଶକ୍ତିକୁ ତାଙ୍କ ପୂର୍ଣ୍ଣଯୋଗ-ସାଧନାର ଆତ୍ମା ରୂପରେ ଅଭିଷିକ୍ତ କରିଛନ୍ତି ।

ପୂର୍ଣ୍ଣଯୋଗରେ ମା ନିଜେହିଁ ସାଧକ ଓ ନିଜେହିଁ ସାଧନା । ଅର୍ଥାତ୍ ମାତୃଶକ୍ତିର କୃପା ଓ ଅନୁକମ୍ପା ବ୍ୟତିରେକେ ପୂର୍ଣ୍ଣଯୋଗର ସାଧନା ଅସମ୍ଭବ । ସେ ସାଧନାର ଧାରା ହେଲା ଚିରାଚରିତ ପ୍ରଥା ଅନୁସାରେ ପୂଜା ଓ ପ୍ରାର୍ଥନା, ହୋମ ଓ ଉପାସନା ଏବଂ ଜପ ଓ ଯଜ୍ଞ ନୁହେଁ । ବାହାର ଦେଖାଣିଆ ତପସ୍ୟା ବି ନୁହେଁ । ବୟସ ଓ ଭୂଷଣର ଗୁରୁତ୍ୱ ବି ନୁହେଁ । କେବଳ ଚିନ୍ତା ଓ ଚେତନାର ପ୍ରାଧାନ୍ୟ । ସମର୍ପଣ ଓ ପ୍ରତ୍ୟାଖ୍ୟାନ ଏ ଯୋଗର ମୂଳ କଥା । ଅତିମାନସ ଚେତନାରେ ନିଜ ପ୍ରକୃତିକୁ ଓ ନିଜ ଜୀବନକୁ ରୂପାନ୍ତରିତ କରି ଦିବ୍ୟଜୀବନ ଯାପନ କରିବା ପୂର୍ଣ୍ଣଯୋଗର ମର୍ମବାଣୀ । ସାଧନାର ଲକ୍ଷ୍ୟ ହେଲା ମା'ଙ୍କ ଦିଗରେ ଚେତନାର ଉନ୍ମୀଳନ ଓ ପ୍ରକୃତିର ରୂପାନ୍ତର ।

ସାଧକ ମନରେ ଏହି ଅଭୀପ୍ସା ଜାଗ୍ରତ୍ ହେଲେ ତାହା କର୍ମ ମାଧ୍ୟମରେ ରୂପ ଗ୍ରହଣ କରେ । ସ୍ମରଣ ଓ ସମର୍ପଣ କର୍ମ-ଯୋଗର ମୂଳ କଥା । ସାଧକ ଭଗବାନଙ୍କୁ ଗ୍ରହଣ କରେ କେବଳ ମନରେ ନୁହେଁ, ହୃଦୟରେ ନୁହେଁ – ସମଗ୍ର ସତ୍ତାରେ । ତା'ର ଦେହ, ପ୍ରାଣ, ପ୍ରତି ରକ୍ତବିନ୍ଦୁ, ପ୍ରତି ଅଣୁ-ପରମାଣୁରେ ଭଗବାନଙ୍କ ପ୍ରତି ଉନ୍ମୁଖ ରହିବାକୁ ସତତ ପ୍ରାର୍ଥନା କରେ । ମହାଯୋଗୀ ଶ୍ରୀଅରବିନ୍ଦଙ୍କ ଭାଷାରେ ''କୌଣସି ମାନୁଷୀ ପ୍ରୟାସ ବା ତପସ୍ୟା ନୁହେଁ, କେବଳ ମା'ଙ୍କର ଶକ୍ତିହିଁ ଆଧାରକୁ ଗଢ଼ିପାରେ, ସକଳ ଆବରଣକୁ ଛିନ୍ନ କରି ଦେଇପାରେ ଏବଂ ଏହି ତମିସ୍ରା, ମିଥ୍ୟା, ମୃତ୍ୟୁ ଓ ବେଦନାପୂର୍ଣ୍ଣ ଜଗତରେ ଉତାରି ଆଣି ପାରେ ସତ୍ୟ, ଜ୍ୟୋତିଃ, ଦିବ୍ୟଜୀବନ ଓ ଅମର ଆନନ୍ଦ ।'' ସେଥିପାଇଁ ମାନବ ଆଧାର ଓ ଦିବ୍ୟ-ପ୍ରକୃତି ମଧ୍ୟରେ ମା ସ୍ୱୟଂ ସ୍ୱର୍ଣ୍ଣସେତୁ ।

ଆଜି ସାଂପ୍ରତିକ ସମାଜରେ ଅନ୍ୟାୟ, ଅବିଚାର ଓ ଅନ୍ଧକାର ଘନୀଭୂତ ହେଉଥିବା ବେଳେ ଓ ଅପଶକ୍ତି ପ୍ରବଳ ହୋଇ ଉଠୁଥିବା ବେଳେ କରୁଣାମୟୀ ମା'ଙ୍କର ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନ ଅବସରରେ ପ୍ରଦତ୍ତ ବାର୍ତ୍ତା ସକଳ ଅପଶକ୍ତିର ଅବଶ୍ୟମ୍ଭାବୀ ପରାଜୟ ଘୋଷଣା କରି ଜଗତ୍ ଏବଂ ଜୀବନକୁ ଅମୃତାୟିତ କରିବା ପାଇଁ ପ୍ରତିଶ୍ରୁତି ଦେଇଛି । ୧୯୨୦ ଏପ୍ରିଲ ୨୪ ତାରିଖରେ ମା' ପଣ୍ଡିଚେରୀକୁ ପ୍ରତ୍ୟାବର୍ତ୍ତନ କରିଥିଲେ ସବୁଦିନ ପାଇଁ । ଏହି ଅବସରରେ ମା କହିଥିଲେ, "The anniversary of my return to Pondicherry is the tangible sign of the sure victory over all the adverse forces." ଅର୍ଥାତ୍, ''ମୋର ପଣ୍ଡିଚେରୀ ପ୍ରତ୍ୟାବର୍ତ୍ତନହିଁ ସକଳ ଅପଶକ୍ତି ଉପରେ ଅପ୍ରତିହତ ବିଜୟର ସ୍ମାରକୀ ।''ମା'ଙ୍କର ଏହି ଦିବ୍ୟ-ସନ୍ଦେଶ ଜଗତ୍ ଓ ଜୀବନକୁ ଅମୃତାୟିତ କରୁ – ଏତିକି ଆଜିର ଅନୁଚିନ୍ତା । ❖

ଭଗବାନଙ୍କ ବ୍ୟତୀତ ଅନ୍ୟ କେଉଁଠାରୁ କିଛି ସହାୟ ଖୋଜ ନାହିଁ । ଭଗବାନଙ୍କ ବ୍ୟତୀତ ଅନ୍ୟ କେଉଁଥିରେ କିଛି ସନ୍ତୋଷ ଖୋଜ ନାହିଁ । ଭଗବାନଙ୍କ ବ୍ୟତୀତ ଅନ୍ୟ କାହାଠାରୁ ତୁମ ପ୍ରୟୋଜନର ପରିପୂରଣ ଖୋଜ ନାହିଁ । – କେବେ ନୁହେଁ, ଆଦୌ କୌଣସି କିଛି ପାଇଁ ନୁହେଁ । ତୁମର ସମସ୍ତ ପ୍ରୟୋଜନ କେବଳ ଭଗବାନଙ୍କ ଦ୍ୱାରାହିଁ ପୂରଣ ହୋଇ ପାରିବ । ଯେତେବେଳେ, ଯେଉଁଠି ତୁମର ଯାହା ଆବଶ୍ୟକ ତାହା ପୂରଣ କରିବା ପାଇଁ କେବଳ ସେହିଁ ସମର୍ଥ । ଯଦି ତୁମେ ଆଉ କାହାଠାରୁ କୌଣସି ସନ୍ତୋଷ, ସମର୍ଥନ, ସହାୟତା ବା ଆନନ୍ଦ.... ବା ଭଗବାନ୍ ଜାଣନ୍ତି, ଆଉ କିଛି ଖୋଜିବାକୁ ଚେଷ୍ଟା କର ତା'ହେଲେ ଦିନେ ନା ଦିନେ ତୁମେ ମୁହଁ ମାଡ଼ି ପଡ଼ିବ ଏବଂ ତାହା ବରାବର ପୀଡ଼ା ଦିଏ, ଏପରିକି କେତେକ ସମୟରେ ଅତ୍ୟଧିକ ଯନ୍ତ୍ରଣାଦାୟକ ହୁଏ ।

– ଶ୍ରୀମା

# ଦେବୀମାହାତ୍ମ୍ୟମ୍

## ଶ୍ରୀ ସମ୍ପଦାନନ୍ଦ ମିଶ୍ର

ମାର୍କଣ୍ଡେୟ ପୁରାଣାନ୍ତର୍ଗତ ସାତ ଶହ ଶ୍ଳୋକ ସମନ୍ୱିତ ଦେବୀ ମହାମାୟାଙ୍କର ଚରିତହିଁ 'ଦେବୀମାହାତ୍ମ୍ୟ' ନାମରେ ସୁପ୍ରସିଦ୍ଧ ଅଟେ । ଏଥିରେ ତେରଗୋଟି ଅଧ୍ୟାୟ ରହିଛି । ଏହି ତେରଗୋଟି ଅଧ୍ୟାୟରେ ସାତ ଶହ ଶ୍ଳୋକ ରହିଥିବାରୁ ଏହା ସପ୍ତଶତୀ ନାମରେ ମଧ୍ୟ ଅଭିହିତ ହୋଇଥାଏ । କେହି କେହି ଏହାକୁ କେବଳ ଚଣ୍ଡୀ ବୋଲି ମଧ୍ୟ କହିଥା'ନ୍ତି । ଏହି ଦେବୀମାହାତ୍ମ୍ୟରେ ଭଗବାନ୍ ବିଷ୍ଣୁଙ୍କର ଶକ୍ତିସ୍ୱରୂପିଣୀ ଦେବୀ ମହାମାୟାଙ୍କର ଭିନ୍ନ ଭିନ୍ନ ସ୍ୱରୂପ ବର୍ଣ୍ଣିତ ହୋଇଛି । ମାର୍କଣ୍ଡେୟ ଋଷି ନିଜ ଶିଷ୍ୟ କ୍ରୌଷ୍ଟୁକିଙ୍କ ନିମିତ୍ତ ଦେବୀ ମହାମାୟାଙ୍କର ଏହି ମାହାତ୍ମ୍ୟଟି ବର୍ଣ୍ଣନା କରିଥିଲେ ।

ଏହି ଦେବୀମାହାତ୍ମ୍ୟରେ ତିନିଗୋଟି ଚରିତର ବର୍ଣ୍ଣନା ରହିଛି । ଏହି ଚରିତରେ କ୍ରମଶଃ ମହାକାଳୀ, ମହାଲକ୍ଷ୍ମୀ ଓ ମହାସରସ୍ୱତୀ – ଏହି ଦେବୀମାନଙ୍କର ସ୍ୱରୂପ ବର୍ଣ୍ଣିତ ହୋଇଛି ।

ପ୍ରଥମ ଚରିତରେହିଁ କଥାର ଆରମ୍ଭ ହୋଇଛି । ସୁରଥ ନାମକ ଭୂପତି ଦୁରାତ୍ମା ମନ୍ତ୍ରୀମାନଙ୍କ ଦ୍ୱାରା ପରାଭୂତ ହୋଇ ନିଜର ରାଜ୍ୟ ତଥା ସର୍ବସ୍ୱ ହରାଇ ଗହନ ବନକୁ ଯାଆନ୍ତି । ସେହି ବଣରେ ଥିବା ଋଷି ମେଧାଙ୍କର ଆଶ୍ରମରେ କିଛିଦିନ ରହନ୍ତି । ଆଶ୍ରମରେ ଅବସ୍ଥାନ କରୁଥିବା ସମୟରେ ଆଶ୍ରମ ସମୀପରେ ସମାଧି ନାମକ ଜଣେ ବୈଶ୍ୟକୁ ଦେଖନ୍ତି । ସେହି ବୈଶ୍ୟ ଜଣକ ଧନଲୋଭୀ ନିଜ ସ୍ତ୍ରୀପୁତ୍ର ପ୍ରଭୃତିଙ୍କ ଦ୍ୱାରା ନିରସ୍ତ ହୋଇ ବଣରେ ବୁଲିବୁଲି ଆସି ଆଶ୍ରମରେ ପହଞ୍ଚିଥିଲେ । ତା'ପରେ ରାଜା ସୁରଥ ଓ ସମାଧି ବୈଶ୍ୟ ପରସ୍ପର ସହ ନିଜର ଦୌର୍ଭାଗ୍ୟ ବିଷୟରେ ଚର୍ଚ୍ଚାକରି ଏହି ଦୁଃଖରୁ ମୁକ୍ତି ପାଇବା ପାଇଁ ଋଷି ମେଧାଙ୍କ ସମୀପକୁ ଯାଆନ୍ତି । ଋଷି ମେଧା ଉଭୟଙ୍କର ବୃତ୍ତାନ୍ତକୁ ଶୁଣି ସମସ୍ତ ଦୁଃଖର ମୂଳଭୂତ କାରଣ ତଥା ସେଥିରୁ ମୁକ୍ତିର ଉପାୟମାନ ମଧ୍ୟ ବର୍ଣ୍ଣନା କରନ୍ତି ।

ଅଜ୍ଞାନହିଁ ସମସ୍ତ ଦୁଃଖର କାରଣ । ପୁନଶ୍ଚ ମହାମାୟାହିଁ ଏହି ଅଜ୍ଞାନର ସୃଷ୍ଟିକର୍ତ୍ତ୍ରୀ ଅଟନ୍ତି । ଏହି ମହାମାୟା ଭଗବାନ୍ ବିଷ୍ଣୁଙ୍କର ଶକ୍ତିସ୍ୱରୂପିଣୀ ଅଟନ୍ତି । ସୃଷ୍ଟିର ସମସ୍ତ ଲୀଳା ଏହାଙ୍କ ଦ୍ୱାରାହିଁ ସମ୍ଭବ ହୋଇଥାଏ । ଋଷି ମେଧା ସୁରଥଙ୍କ ଦ୍ୱାରା ପ୍ରାର୍ଥିତ ହୋଇ ଏହି ମହାମାୟାଙ୍କର ନାନାବିଧ ଚରିତ ବିଷୟରେ ଯାହାସବୁ ବର୍ଣ୍ଣନା କରିଛନ୍ତି ତାହାହିଁ ଦେବୀମାହାତ୍ମ୍ୟର ବିଷୟବସ୍ତୁ ଅଟେ ।

ଭଗବାନ୍ ବିଷ୍ଣୁ କଳ୍ପାନ୍ତରେ ଯୋଗନିଦ୍ରାରେ ମଗ୍ନ ଥିବାବେଳେ ତାଙ୍କର କର୍ଣ୍ଣମଳରୁ ଜାତ ହୋଇଥିବା ମଧୁକୈଟଭ ନାମକ ଦୁଇ ଅସୁର ଭଗବାନ୍ ବିଷ୍ଣୁଙ୍କର ନାଭିକମଳରେ ଥିବା ବ୍ରହ୍ମାଙ୍କୁ ହତ୍ୟା କରିବାକୁ ଉଦ୍ୟତ ହେଲେ । ସେହି ଉଗ୍ର ଅସୁରଙ୍କୁ ଦେଖି ପ୍ରଜାପତି ବ୍ରହ୍ମା ଶୟନରତ ଜନାର୍ଦ୍ଦନଙ୍କୁ ଜାଗ୍ରତ୍ କରିବା ଉଦ୍ଦେଶ୍ୟରେ ହରିଙ୍କ ନେତ୍ରକୁ ଅଳଙ୍କୃତ କରୁଥିବା ଯୋଗନିଦ୍ରା-ସ୍ୱରୂପିଣୀ ମହାମାୟାଙ୍କୁ ଏକାଗ୍ର ହୃଦୟରେ ସ୍ତୁତି କରିବାକୁ ଆରମ୍ଭ କଲେ ।

ତ୍ୱଂ ସ୍ୱାହା ତ୍ୱଂ ସ୍ୱଧା ତ୍ୱଂ ହି ବଷଟ୍କାରଃ ସ୍ୱରାତ୍ମିକା ।
ସୁଧା ତ୍ୱମକ୍ଷରେ ନିତ୍ୟେ ତ୍ରିଧାମାତ୍ରାତ୍ମିକା ସ୍ଥିତା ॥
ମହାବିଦ୍ୟା ମହାମାୟା ମହାମେଧା ମହାସ୍ମୃତିଃ ।
ମହାମୋହା ଚ ଭବତୀ ମହାଦେବୀ ମହାସୁରୀ ॥
ପ୍ରବୋଧଂ ଚ ଜଗସ୍ୱାମୀ ନିୟତାମଚ୍ୟୁତୋ ଲଘୁ ।
ବୋଧଶ୍ଚ କ୍ରିୟତାମସ୍ୟ ହନ୍ତୁମେତୌ ମହାସୁରୌ ॥

ହେ ଦେବି, ତୁମେ ସ୍ୱାହା, ତୁମେ ସ୍ୱଧା, ତୁମେ ବଷଟ୍କାର, ତୁମେହିଁ ସ୍ୱୟଂ ଜ୍ୟୋତିର୍ମୟ ସ୍ୱର୍ଗ । ତୁମେ ଅମୃତସ୍ୱରୂପିଣୀ, ଅବିନାଶିନୀ, ଅକ୍ଷରା, ଶାଶ୍ୱତୀ । ହେ ଦେବି, ତୁମେ ଅକାର, ଉକାର ତଥା ମକାର ଏହି ତିନି ମାତ୍ରାକୁ ନେଇ ଗଠିତ ଓଁକାରସ୍ୱରୂପିଣୀ । ତୁମେ ପରମ ଜ୍ଞାନସ୍ୱରୂପା ତଥା ପରମ ଅଜ୍ଞାନସ୍ୱରୂପା; ତୁମେ ପରମ ବୁଦ୍ଧିରୂପିଣୀ ତଥା ପରମ ସ୍ମୃତିରୂପିଣୀ । ତୁମେ ପରମ ମୋହରୂପା । ହେ ଦେବି, ତୁମେ ଯେପରି ପରମ ଦୈବୀଶକ୍ତିକୁ ନିଜ ମଧ୍ୟରେ ଧାରଣ କରିଛ ସେହିପରି ପରମ ଆସୁରୀଶକ୍ତିକୁ ମଧ୍ୟ ଧରି ରଖିଛ । ହେ ଦେବି, ଏ ଜଗତର ନାଥ ମହାବିଷ୍ଣୁଙ୍କୁ ତୁମେ ଶୀଘ୍ର ନିଦ୍ରାମୁକ୍ତ କରାଅ ଯାହାଫଳରେ ସେ ଏ ଦୁଇ ଭୟଙ୍କର ଅସୁରଙ୍କୁ ବିନାଶ କରି ସେମାନଙ୍କର କବଳରୁ ଆମମାନଙ୍କୁ ରକ୍ଷା କରନ୍ତୁ ।

ଏ ଜଗତର ପ୍ରଭୁ ଭଗବାନ୍ ବିଷ୍ଣୁଙ୍କୁ ମହାନିଦ୍ରାରୁ ମୁକ୍ତ କରି ମଧୁ ଓ କୈଟଭ ନାମକ ଏହି ଦୁଇ ଭୟଙ୍କର ଅସୁରଙ୍କୁ ବଧ କରିବା ପାଇଁ ପ୍ରଚୋଦିତ କରାଅ ।

ମହାମାୟା ଯୋଗନିଦ୍ରା ବ୍ରହ୍ମାଙ୍କର ସ୍ତୁତିରେ ସନ୍ତୁଷ୍ଟ ହୋଇ ଭଗବାନ୍ ବିଷ୍ଣୁଙ୍କୁ ନିଦ୍ରାମୁକ୍ତ କଲେ । ଭଗବାନ୍ ବିଷ୍ଣୁ ପଞ୍ଚସହସ୍ର ବର୍ଷ ପର୍ଯ୍ୟନ୍ତ ଅନେକ ଅସ୍ତ୍ରଶସ୍ତ୍ର ପ୍ରହାର ପୂର୍ବକ ମଧୁକୈଟଭଙ୍କ ସହିତ ଯୁଦ୍ଧ କଲେ । ପରିଶେଷରେ ମହାମାୟା ସେମାନଙ୍କୁ ବିମୋହିତ କରି ନିହତ କଲେ । ମଧୁକୈଟଭନାଶିନୀ ଏହି ମହାମାୟା ଯୋଗନିଦ୍ରାଙ୍କୁ ମହାକାଳୀ ରୂପରେହିଁ ସ୍ତୁତି କରାଯାଇଛି । ସେହିଁ ଭଗବାନ୍ ବିଷ୍ଣୁଙ୍କର ତାମସୀ ଶକ୍ତି । ଏହିଠାରେହିଁ ଦେବୀମାହାତ୍ମ୍ୟର ପ୍ରଥମ ଚରିତ ସମାପ୍ତ ହୋଇଛି ।

ମହାମାୟା ଲକ୍ଷ୍ମୀଙ୍କର ସ୍ୱରୂପ ଦ୍ୱିତୀୟ ଅଥବା ମଧ୍ୟମ ଚରିତରେ ବର୍ଣ୍ଣିତ ହୋଇଛି । ପୁରାତନ କାଳରେ ନିଜ ଜନନୀଙ୍କ ତପୋବଳରେ ବଳୀୟାନ୍ ହୋଇଥିବା ମହିଷାସୁର ନାମକ ଅସୁର ଦେବତାମାନଙ୍କୁ ପରାଜିତ କରି ସ୍ୱର୍ଗକୁ ଅଧିକାର କଲା । ତା ଦ୍ୱାରା ପରାଜିତ ହୋଇ ଦେବତାମାନେ ବ୍ରହ୍ମାଙ୍କ ସହିତ ଏକ ସ୍ଥାନରେ ରହୁଥିବା ମହେଶ୍ୱର ଓ ବିଷ୍ଣୁଙ୍କ ପାଖକୁ ଗଲେ । ମହିଷାସୁର ଦ୍ୱାରା ପରାଜିତ ହୋଇଥିବା ବିଷୟକୁ ସେ ସେହି ଦୁଇଜଣଙ୍କ ସମ୍ମୁଖରେ କହିଲେ । ମହିଷାସୁରର ଅତ୍ୟାଚାର ବିଷୟକୁ ଦେବତାମାନଙ୍କ ମୁଖରୁ ଶୁଣି ଭଗବାନ୍ ବିଷ୍ଣୁ କୋପରେ ପୂର୍ଣ୍ଣ ହେଲେ । ତା'ପରେ ସମସ୍ତ ଦେବତାଙ୍କ ଶରୀରରୁ ସୁମହତ୍ତେଜ ନିର୍ଗତ ହୋଇ ଏକ ହୋଇଗଲା । ସମସ୍ତଙ୍କ ଶରୀରରୁ ବାହାରିଥିବା ସେହି ତେଜଃ ତ୍ରିଭୁବନକୁ ପ୍ରକାଶ କରୁଥିବା ନାରୀରୂପକୁ ଧାରଣା କଲା । ସେହି ତେଜୋମୟୀ ଦେବୀଙ୍କୁ ଦେବତାମାନେ ଅନେକ ଅସ୍ତ୍ରଶସ୍ତ୍ରରେ ଅଳଙ୍କୃତ କଲେ । ଭୟଙ୍କର ନିନାଦରେ ତ୍ରିଭୁବନକୁ ପ୍ରକମ୍ପିତ କରୁଥିବା ଏହି ଦେବୀହିଁ ଶୂଳପ୍ରହାରପୂର୍ବକ ମହିଷାସୁରର ଶିରଚ୍ଛିନ୍ନ କଲେ । ଦେବତାମାନେ ଚରମ ଆନନ୍ଦକୁ ଲାଭ କରି ସେହି ଦେବୀଙ୍କୁ ନିମ୍ନପ୍ରକାରେ ସ୍ତୁତି କରିବାକୁ ଲାଗିଲେ :

ଦେବ୍ୟା ୟୟା ତତମିଦଂ ଜଗଦାତ୍ମଶକ୍ତ୍ୟା
ନିଃଶେଷଦେବଗଣଶକ୍ତିସମୂହମୂର୍ତ୍ୟା ।
ତାମମ୍ବିକାମଖିଳଦେବମହର୍ଷିପୂଜ୍ୟାଂ
ଭକ୍ତ୍ୟା ନତାଃ ସ୍ମ ବିଦଧାତୁ ଶୁଭାନି ସା ନଃ ॥

ୟା ଶ୍ରୀଃ ସ୍ୱୟଂ ସୁକୃତୀନାଂ ଭବନେଷ୍ୱଲକ୍ଷ୍ମୀଃ
ପାପାତ୍ମନାଂ କୃତଧିୟାଂ ହୃଦୟେଷୁ ବୁଦ୍ଧିଃ ।
ଶ୍ରଦ୍ଧା ସତାଂ କୁଳଜନପ୍ରଭବସ୍ୟ ଲଜ୍ଜା
ତାଂ ତ୍ୱାଂ ନତାଃ ସ୍ମ ପରିପାଳୟ ଦେବି ବିଶ୍ୱମ୍ ॥

ଦୁର୍ଗେ ସ୍ମୃତା ହରସି ଭୀତିମଶେଷଜନ୍ତୋଃ
ସ୍ୱସ୍ଥୈଃ ସ୍ମୃତା ମତିମତୀବ ଶୁଭାଂ ଦଦାସି ।
ଦାରିଦ୍ର୍ୟଦୁଃଖଭୟହାରିଣି କା ତ୍ୱଦନ୍ୟା
ସର୍ବୋପକାରକରଣାୟ ସଦାର୍ଦ୍ରଚିତ୍ତା ॥

ନିଜର ଆତ୍ମଶକ୍ତି ଦ୍ୱାରା ଯେଉଁ ଦେବୀ ଏ ସମଗ୍ର ଜଗତକୁ ପରିବ୍ୟାପ୍ତ କରି ରଖିଛନ୍ତି, ଯେ ସମସ୍ତ ଦେବଗଣଙ୍କର ସମୂହ ଶକ୍ତିର ମୂର୍ତ୍ତିସ୍ୱରୂପିଣୀ, ସକଳ ଦେବଗଣ ଓ ଋଷି, ମୁନି ପ୍ରଭୃତିଙ୍କ ଦ୍ୱାରା ପୂଜ୍ୟା ସେହି ଦେବୀ ଅମ୍ବିକାଙ୍କୁ ପରମ ଭକ୍ତିର ସହ ଆମେମାନେ ପ୍ରଣାମ କରୁଛୁ । ସେହି ଦେବୀ ଆମମାନଙ୍କର ସମସ୍ତ ମଙ୍ଗଳ ବିଧାନ କରନ୍ତୁ ।

ଯେଉଁ ଦେବୀ ସମସ୍ତ ପୁଣ୍ୟବାନମାନଙ୍କ ଗୃହରେ ଶ୍ରୀରୂପରେ ଶୋଭା ପାଇଥା'ନ୍ତି ଏବଂ ଅଭାଗା ପାପୀମାନଙ୍କ ପାଇଁ ଯେ ଅଲକ୍ଷ୍ମୀ ରୂପ ଧରିଥା'ନ୍ତି ସେହି ଦେବୀଙ୍କ ସମ୍ମୁଖରେ ଆମେମାନେ ସଦା ପ୍ରଣତ । ହେ ଦେବି, ତୁମେ ଜ୍ଞାନୀମାନଙ୍କ ହୃଦୟରେ ବୁଦ୍ଧି ରୂପରେ ଶୋଭା ପାଇଥାଅ, ସତ୍‌ପୁରୁଷମାନଙ୍କ ହୃଦୟରେ ଶ୍ରଦ୍ଧା ରୂପରେ ବିରାଜମାନ ହୋଇଥାଅ, ଉଚ୍ଚବଂଶରେ ଜନ୍ମ ନେଇଥିବା ମହାନ୍ ପୁରୁଷମାନଙ୍କ ମଧ୍ୟରେ ଲଜ୍ଜା ରୂପରେ ପ୍ରକଟ ହୋଇଥାଅ । ହେ ଦେବି, ଏ ଜଗତକୁ ଉଦ୍ଧାର କର ।

ହେ ଦେବି, ସକଳ କଷ୍ଟରେ ଯେ ତୁମକୁ ସ୍ମରଣ କରିଥାଏ ତୁମେ ତା'ର ସମସ୍ତ ଭୟ ଦୂର କରିଥାଅ । ସୁଖାବସ୍ଥାରେ ଯେ ତୁମକୁ ମନ ମଧ୍ୟରେ ଚିନ୍ତା କରିଥାଏ ତୁମେ ତାକୁ ସୁବୁଦ୍ଧି ପ୍ରଦାନ କରିଥାଅ । ହେ ଦାରିଦ୍ର୍ୟହାରିଣି, ଦୁଃଖବିନାଶିନି, ଭୟବିମୋଚିନି ଦେବି ତୁମର ହୃଦୟ ସଦା ଦୟା ଓ କରୁଣାରେ ପରିପ୍ଳୁତ, ହେ କରୁଣାମୟି ତୁମ ବିନା ଆଉ କିଏ ଏ ଜଗତର ପରମ ଉପକାରିଣୀ ହୋଇପାରେ ?

ଏହିପରି ଭାବେ ସ୍ତୁତ ହୋଇଥିବା ମହିଷାସୁରମର୍ଦ୍ଦିନୀ ମହାଲକ୍ଷ୍ମୀହିଁ ଭଗବାନ୍ ବିଷ୍ଣୁଙ୍କର ରାଜସୀ ଶକ୍ତି ଅଟନ୍ତି । ଏଠାରେ ମଧ୍ୟମ ଚରିତ ଶେଷ ହୁଏ ।

ତୃତୀୟ ଅଥବା ଉତ୍ତମ ଚରିତରେ ଶୁମ୍ଭନିଶୁମ୍ଭଙ୍କୁ ବିନାଶ କରିଥିବା ମହାସରସ୍ୱତୀଙ୍କର ବିଷୟ ବର୍ଣ୍ଣିତ ହୋଇଛି । ସୁନ୍ଦ ଓ ଉପସୁନ୍ଦଙ୍କର ପୁତ୍ର ଶୁମ୍ଭ ଓ ନିଶୁମ୍ଭଙ୍କର ଅତ୍ୟାଚାରରେ ପ୍ରପୀଡ଼ିତ ହୋଇ ଦେବତାମାନେ ହିମାଳୟକୁ ଯାଇ ପାର୍ବତୀରୂପିଣୀ ଦେବୀ ବିଷ୍ଣୁମାୟାଙ୍କୁ ସ୍ତୁତି କଲେ ।

ନମୋ ଦେବ୍ୟୈ ମହାଦେବ୍ୟୈ ଶିବାୟୈ ସତତଂ ନମଃ ।
ନମଃ ପ୍ରକୃତ୍ୟୈ ଭଦ୍ରାୟୈ ନିୟତାଃ ପ୍ରଣତାଃ ସ୍ମ ତାମ୍ ।।
ୟା ଦେବୀ ସର୍ବଭୂତେଷୁ ବିଷ୍ଣୁମାୟେତି ଶବ୍ଦିତା ।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।।
ୟା ଦେବୀ ସର୍ବଭୂତେଷୁ ଚେତନେତ୍ୟଭିଧୀୟତେ ।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।।
ୟା ଦେବୀ ସର୍ବଭୂତେଷୁ ମାତୃରୂପେଣ ସଂସ୍ଥିତା ।
ନମସ୍ତସ୍ୟୈ ନମସ୍ତସ୍ୟୈ ନମସ୍ତସ୍ୟୈ ନମୋ ନମଃ ।।

ହେ ଦେବି, ତୁମକୁ ମହାଦେବୀ ରୂପରେ, ମଙ୍ଗଳମୟୀ ରୂପରେ ଆମେମାନେ ସତତ ପ୍ରଣାମ ଜଣାଉଛୁ । ହେ ଦେବି, ତୁମେ ଏ ସୃଷ୍ଟିର ପରମକାରଣସ୍ୱରୂପିଣୀ ମୂଳପ୍ରକୃତି, ତୁମେହିଁ ଏହାର ପାଳନକାରିଣୀ ଭଦ୍ରା, ଆମେମାନେ ତୁମକୁ ସଦା ବିନମ୍ରଭାବେ ସ୍ତୁତି କରୁଅଛୁ । ଯେଉଁ ଦେବୀ ସମସ୍ତ ପ୍ରାଣୀମାନଙ୍କ ମଧ୍ୟରେ ମହାବିଷ୍ଣୁଙ୍କର ମାୟା ରୂପରେ ଅବସ୍ଥିତା, ଯେ ସର୍ବଭୂତରେ ଚେତନା ରୂପରେ ପ୍ରତିଷ୍ଠିତା, ଯେ ସକଳ ପ୍ରାଣୀମାନଙ୍କ ହୃଦୟରେ ଜନନୀରୂପରେ ବିରାଜମାନ। ସେହି ଦେବୀଙ୍କୁ ଆମମାନଙ୍କର ପୁନଃ ପୁନଃ ନମସ୍କାର ।

ଦେବତାମାନଙ୍କ ଦ୍ୱାରା ଏହିପରି ଭାବେ ସ୍ତୁତ ହୋଇ ଦେବୀ ପାର୍ବତୀ ସେମାନଙ୍କ ସମ୍ମୁଖରେ ନିଜକୁ ପ୍ରକଟ କଲେ । ତା'ପରେ ପାର୍ବତୀଙ୍କ ଶରୀରରୁ ଅନୁପମ ରୂପକୁ ଧାରଣ କରିଥିବା ତଥା ନିଜ ପ୍ରଭା ଦ୍ୱାରା ସମସ୍ତ ଦିଗକୁ ଦ୍ୟୋତିତ କରୁଥିବା ଏକ ସୁନ୍ଦରଶରୀରଧାରିଣୀ ନାରୀ ଜାତ ହେଲେ । ତାଙ୍କର ନିରୁପମ ରୂପଯୌବନକୁ ଦେଖି ଦେବତାମାନଙ୍କ ମଧ୍ୟରେ ଉପସ୍ଥିତ ଥିବା ଚଣ୍ଡମୁଣ୍ଡନାମକ ଶୁମ୍ଭନିଶୁମ୍ଭଙ୍କର ଭୃତ୍ୟଦ୍ୱୟ ଚକିତ ହୋଇଗଲେ । ତା' ପରେ ସେହି ଭୃତ୍ୟ ଦୁଇଜଣ ସେହି ସ୍ତ୍ରୀରତ୍ନଙ୍କୁ ପତ୍ନୀ ରୂପେ ଗ୍ରହଣ କରିବାକୁ ଶୁମ୍ଭଙ୍କୁ ପ୍ରାର୍ଥନା କଲେ । ଚଣ୍ଡ ଓ ମୁଣ୍ଡଙ୍କ ବଚନକୁ ଶୁଣି ଶୁମ୍ଭ ଦେବୀଙ୍କ ନିକଟକୁ ସୁଗ୍ରୀବ ନାମକ ଦୂତକୁ ପ୍ରେରଣ କଲେ । ଦୂତ ମୁଖରୁ ଶୁମ୍ଭର ଅଭିପ୍ରାୟକୁ ଜାଣି ଦେବୀ ସେହି ଦୂତକୁ କହିଲେ –

ୟୋ ମାଂ ଜୟତି ସଙ୍ଗ୍ରାମେ ୟୋ ମେ ଦର୍ପଂ ବ୍ୟପୋହତି ।
ୟୋ ମେ ପ୍ରତିବଲୋ ଲୋକେ ସ ମେ ଭର୍ତା ଭବିଷ୍ୟତି ।।
ତଦାଗଚ୍ଛତୁ ଶୁମ୍ଭୋଽତ୍ର ନିଶୁମ୍ଭୋ ବା ମହାସୁରଃ ।
ମାଂ ଜିତ୍ୱା କିଂ ଚିରେଣାତ୍ର ପାଣିଂ ଗୃହ୍ଣାତୁ ମେ ଲଘୁ ।।

ଯେ ମୋତେ ସଂଗ୍ରାମରେ ପରାଜିତ କରି ମୋର ଦର୍ପ ଭଙ୍ଗ କରିପାରିବ, ଯେ ମୋର ପ୍ରତିସ୍ପର୍ଦ୍ଧୀ ହେବାରେ ସକ୍ଷମ ସେହିଁ ମୋର ସ୍ୱାମୀ ପଦବାଚ୍ୟ ହୋଇପାରିବ । ତେଣୁ ସେ ଶୁମ୍ଭ ହେଉ କି ମହାବଳୀ ନିଶୁମ୍ଭ ହେଉ ଯଦି ସାମର୍ଥ୍ୟ ଅଛି ତେବେ ସେ ମୋତେ ଯୁଦ୍ଧରେ ପରାସ୍ତ କରି ମୋର ପାଣିଗ୍ରହଣ କରୁ ।

ସୁଗ୍ରୀବଠାରୁ ଦେବୀଙ୍କର ଅଭିପ୍ରାୟକୁ ଶୁଣି କ୍ରୋଧପୂର୍ବକ ଶୁମ୍ଭ ଦୈତ୍ୟାଧିପ ଧୂମ୍ରଲୋଚନକୁ ଦେବୀଙ୍କ ସହିତ ଯୁଦ୍ଧ ପାଇଁ ପଠାଇଲେ । ତା'ପରେ ଆସିଲେ ଚଣ୍ଡମୁଣ୍ଡ । ତା'ପରେ ରକ୍ତବୀଜ । ତା'ପରେ ନିଶୁମ୍ଭ । ପରନ୍ତୁ ସମସ୍ତେ ଦେବୀଙ୍କ ଦ୍ୱାରା ନିହତ ହେଲେ । ପରିଶେଷରେ ଶୁମ୍ଭ ଭ୍ରାତୃନିଧନରେ କ୍ରୋଧଜର୍ଜରିତ ହୋଇ ଦେବୀଙ୍କ ସହିତ ଯୁଦ୍ଧ କରିବା ପାଇଁ ନିଜେ ଆସିଲା । ଦେବୀ ଓ ଶୁମ୍ଭଙ୍କ ମଧ୍ୟରେ ଦାରୁଣ ଯୁଦ୍ଧ ହେଲା । ଏହି ଯୁଦ୍ଧରେ ଦେବୀଙ୍କ ଦ୍ୱାରା ଶୁମ୍ଭ ପରାଜିତ ହୋଇ ଭୂମିରେ ନିପତିତ ହେଲା । ଦେବତା ଓ ଗନ୍ଧର୍ବମାନେ ଆନନ୍ଦଚିତ୍ତ ହୋଇ ଦେବୀଙ୍କର ସ୍ତୁତି ଗାନ କରିବାକୁ ଲାଗିଲେ –

ଦେବି ପ୍ରପନ୍ନାର୍ତିହରେ ପ୍ରସୀଦ
ପ୍ରସୀଦ ମାତର୍ଜଗତୋଽଖିଲସ୍ୟ ।
ପ୍ରସୀଦ ବିଶ୍ୱେଶ୍ୱରି ପାହି ବିଶ୍ୱଂ
ତ୍ୱମୀଶ୍ୱରୀ ଦେବି ଚରାଚରସ୍ୟ ।।
ବିଦ୍ୟାଃ ସମସ୍ତାସ୍ତବ ଦେବି ଭେଦାଃ
ସ୍ତ୍ରିୟଃ ସମସ୍ତାଃ ସକଳାଃ ଜଗତ୍ସୁ ।

ତ୍ୱୟୈକୟା ପୂରିତମମ୍ବୟୈତତ୍
କା ତେ ସ୍ତୁତିଃ ସ୍ତବ୍ୟପରାପରୋକ୍ତିଃ ॥

ହେ ଦେବି ! ପ୍ରସନ୍ନା ହୁଅ, ହେ ଶରଣାଗତଜନଙ୍କର ଦୁଃଖହାରିଣୀ ଦେବି, ତୁମେ ଏ ସକଳ ଜଗତର ଜନନୀ । ହେ ଦେବି, ତୁମେ ସଚରାଚର ବିଶ୍ୱର ଚାଳୟିତ୍ରୀ, ଏ ବିଶ୍ୱକୁ ରକ୍ଷା କର ।

ହେ ମାତଃ, ସମସ୍ତ ବିଦ୍ୟା ତୁମର ବିଭାବ ମାତ୍ର, ସମସ୍ତ ନାରୀଶକ୍ତି ତୁମରି ଅଂଶରୁ ଜାତ । କେବଳ ତୁମେହିଁ ଏ ସମସ୍ତ ଚରାଚର ଜଗତକୁ ପରିବ୍ୟାପ୍ତ କରି ରହିଛ । ହେ ବିଶ୍ୱଜନନି, ତୁମେହିଁ ସମସ୍ତ ସ୍ତୁତିଯୋଗ୍ୟ ଶବ୍ଦର ଅଧିକାରିଣୀ, ତୁମକୁ କିଏ ବା ସ୍ତୁତିରେ ସନ୍ତୁଷ୍ଟ କରିପାରେ ?

ସମସ୍ତ ବାଧାର ପ୍ରଶମନ ନିମିତ୍ତ ପ୍ରାର୍ଥିତ ହୋଇ ସେହି ଦେବୀ ପ୍ରସନ୍ନ ହୋଇଗଲେ । ସେ ଦେବତାମାନଙ୍କୁ ପ୍ରତିଜ୍ଞା କରି କହିଲେ ଯେତେବେଳେ ଦେବକାର୍ଯ୍ୟରେ ଦାନବମାନଙ୍କ ଦ୍ୱାରା ବାଧା ଉତ୍ପନ୍ନ ହେବ; ସେତେବେଳେ ସେ ଅବତୀର୍ଣ୍ଣା ହୋଇ ଶତ୍ରୁସଂହାର କରିବେ । ଏହାହିଁ ମହାସରସ୍ୱତୀଙ୍କର ମାହାତ୍ମ୍ୟ ଅଟେ । ଶୁମ୍ଭନିଶୁମ୍ଭଙ୍କୁ ମର୍ଦ୍ଦନ କରିଥିବା ଏହି ସରସ୍ୱତୀ ଦେବୀହିଁ ଭଗବାନ୍ ବିଷ୍ଣୁଙ୍କର ସାତ୍ତ୍ୱିକୀ ଶକ୍ତି ଅଟନ୍ତି ।

ମେଧା ଋଷିଙ୍କ ମୁଖରୁ ଦେବୀଙ୍କର ଏହି ମାହାତ୍ମ୍ୟକୁ ଶୁଣି ଦେବୀଙ୍କର କୃପା ବଳରେ କିଛି ଅସମ୍ଭବ ନୁହେଁ ବୋଲି ମନରେ ଚିନ୍ତନ ପୂର୍ବକ ରାଜା ସୁରଥ ଓ ବୈଶ୍ୟ ସମାଧି ଦେବୀଙ୍କର ଆରାଧନା ନିମିତ୍ତ ତପସ୍ୟାରେ ମଗ୍ନ ହେଲେ । ସେମାନଙ୍କର ତପସ୍ୟାରେ ସନ୍ତୁଷ୍ଟ ହୋଇ ଦେବୀ ସେମାନଙ୍କର ସମସ୍ତ ମନୋବାଞ୍ଛା ପୂରଣ କଲେ । ତାହାପରେ ସୁରଥ ନିଜ ହୃତରାଜ୍ୟକୁ ଲାଭ କଲେ । ସମାଧି ମଧ୍ୟ ନିଜ ପ୍ରାର୍ଥନା ଅନୁସାରେ ଆସକ୍ତିରହିତ ହୋଇ ଜୀବନଯାପନ କରିବାର ଜ୍ଞାନକୁ ପ୍ରାପ୍ତ କଲେ ।

ଏହାହିଁ ଦେବୀମାହାତ୍ମ୍ୟର ସଂକ୍ଷିପ୍ତ କଥାବସ୍ତୁ । ଏହାର ଭକ୍ତିପୂର୍ବକ ପଠନ ଅଥବା ଶ୍ରବଣରେ ସମସ୍ତ ଅଭିଳାଷର ସିଦ୍ଧି ହୋଇଥାଏ ।

ପ୍ରସୀଦ ଭଗବତ୍ୟମ୍ବ ପ୍ରସୀଦ ଭକ୍ତବତ୍ସଲେ ।
ପ୍ରସାଦଂ କୁରୁ ମେ ଦେବି ଦୁର୍ଗେ ଦେବି ନମୋଽସ୍ତୁ ତେ ॥

ହେ ଭଗବତି ଭକ୍ତବତ୍ସଳେ ଦେବି, ତୁମକୁ ପ୍ରଣାମ ଜଣାଉଛୁ, ହେ ଦୁର୍ଗେ ଦେବି, ପ୍ରସନ୍ନ ହୋଇ ଆମମାନଙ୍କର ସମସ୍ତ ମନୋବାଞ୍ଛା ପୂରଣ କର । ❖

ଯେତେବେଳେ ଜଣେ ଏକ ଗଭୀର ଆନ୍ତର ଚେତନା ମଧ୍ୟରେ ଧ୍ୟାନ କରିବାକୁ ଚେଷ୍ଟା କରେ ସେତେବେଳେ ଅନ୍ତର ମଧ୍ୟକୁ ପ୍ରବେଶ କରିବା ଲାଗି ଏକ ଚାପ ପଡ଼ିଥାଏ । କିନ୍ତୁ ଆରମ୍ଭ ଅବସ୍ଥାରେ ମନ ଏହାକୁ ନିଦ୍ରା ଯିବା ନିମନ୍ତେ ଏକ ଚାପ ରୂପେ ଗ୍ରହଣ କରିଥାଏ, କାରଣ ନିଦ୍ରା ହେଉଛି ଏକମାତ୍ର ଆନ୍ତର ଚେତନା ଯାହା ସହ ଏହା ଅଭ୍ୟସ୍ତ ହୋଇ ଆସିଛି । ତେଣୁ ଧ୍ୟାନ ମାଧ୍ୟମରେ ଯୋଗସାଧନା କ୍ଷେତ୍ରରେ ଅଧିକାଂଶ ସମୟରେ ନିଦ୍ରା ପ୍ରଥମ ବାଧା ରୂପେ ଦେଖାଦେଇଥାଏ – କିନ୍ତୁ ଯଦି ତୁମେ ଲାଗିରୁହ, ତେବେ ନିଦ୍ରା ଧୀରେ ଧୀରେ ଏକ ଆନ୍ତର ଚେତନାର ଅବସ୍ଥାରେ ପରିଣତ ହୁଏ ।

– ଶ୍ରୀଅରବିନ୍ଦ

ଅନ୍ତରାଳ ଜଗତ୍

# ଶରୀରର ବାହାରକୁ ଚାଲିଯିବା

## ଶ୍ରୀମା

ହଁ, (ରାତିରେ) ମୁଁ ବାହାରକୁ ଚାରିଆଡ଼େ ଚାଲିଯାଏ, ମୁଁ ତନ୍ନ ତନ୍ନ କରି ପରୀକ୍ଷା କରେ ଏବଂ ସବୁ ପ୍ରକାରର ଜିନିଷ ଦେଖିବାକୁ ପାଏ ! ତାହା କ'ଣ ତୁମେ କଳ୍ପନା କରିପାରିବ ନାହିଁ । କିନ୍ତୁ ପ୍ରତ୍ୟେକ ଥର ଯେତେବେଳେ ମୋ ପକ୍ଷରେ ସମ୍ଭବ ହୁଏ, ମୁଁ ନିଜକୁ ପ୍ରଶ୍ନ କରିଥାଏ – ବହୁତ ବହୁତ ପ୍ରଶ୍ନ, ମୁଁ ଯାହା ଦେଖିଛି ସେସବୁ ପରୀକ୍ଷା କରିବା ପାଇଁ ଏହିସବୁ ପ୍ରଶ୍ନ କରିଥାଏ । ବର୍ଷ ବର୍ଷ ଧରି ମୁଁ ଏହି କାର୍ଯ୍ୟ କରିଅଛି; ସମ୍ଭବତଃ ୧୯୦୪ ମସିହାରେ ଅର୍ଥାତ୍ ୫୦ ବର୍ଷ ପୂର୍ବେ ମୁଁ ରାତିରେ ସଚେତନ ଭାବରେ ଏହିପରି କାର୍ଯ୍ୟ ଆରମ୍ଭ କରିଥିଲି, ଏବଂ ଅଦ୍ୟାବଧି ମୁଁ ତାହା ବନ୍ଦ କରି ନାହିଁ । ହଁ, ବର୍ତ୍ତମାନ ମଧ୍ୟ ମୁଁ ଯାହା ଦେଖେ ସେ ବିଷୟରେ ନିଶ୍ଚିତ ହେବା ପାଇଁ ମୁଁ ସର୍ବଦା ନିଜକୁ ବାସ୍ତବ ପ୍ରଶ୍ନ ସବୁ ପଚାରିଥାଏ । ସାଧାରଣତଃ ଲୋକମାନେ ସବୁ ଜାଣିଛନ୍ତି ବୋଲି ଯେପରି ବିଶ୍ୱାସ କରନ୍ତି ଓ ସେମାନଙ୍କର କେବେ ହେଲେ ଭୁଲ୍ ହେବ ନାହିଁ ଏବଂ ସେମାନେ ସବୁ ବୁଝି ପାରିଛନ୍ତି ବୋଲି ଭାବନ୍ତି, ମୋର ସେପରି କେବେହେଲେ ନିଶ୍ଚିତତା ଆସେ ନାହିଁ ।

*

ଜଣେ ଅସାଧାରଣ ଭବିଷ୍ୟତ୍ ବିଷୟ ଜାଣି ପାରୁଥିବା ଅଲୌକିକ ଶକ୍ତି ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଁ ଜାଣିଥିଲି । ଦିନେ ସେହି ଭଦ୍ରମହିଳାଙ୍କର ଏକ ଅପରେସନ୍ ହେଲା ଏବଂ ତାଙ୍କୁ କ୍ଲୋରୋଫର୍ମ ଦିଆ ଯାଇଥିଲା; ସେ ତାଙ୍କ ଶରୀରର ବାହାରକୁ ଚାଲି ଯାଇଥିଲେ । ସେଠାରେ ଉପସ୍ଥିତ ଥିବା ବ୍ୟକ୍ତିମାନଙ୍କ ମନରେ କି ପ୍ରକାର ଭାବନା ଥିଲା ହଠାତ୍ ସେ ତାହା ଦେଖିବାକୁ ଆରମ୍ଭ କରିଥିଲେ । ସୁପ୍ତ ଅବସ୍ଥାରେ ମଧ୍ୟ ତାଙ୍କର କଥା କହିବାର ଅଭ୍ୟାସ ଥିଲା ଏବଂ ସେ ସେହି ଅଚେତ ଅବସ୍ଥାରେ ଖୁବ୍ ପାଟି କରି କଥା କହିବାକୁ ଆରମ୍ଭ କରି ଦେଇଥିଲେ । ସେ କହିଥିଲେ ଅମୁକ ଅମୁକ ବ୍ୟକ୍ତିଙ୍କର କେତେକ ଦୁଶ୍ଚିନ୍ତା ରହିଥିଲା ଏବଂ ଅନ୍ୟ ଜଣଙ୍କର ସମାଧାନ କରିବା ପାଇଁ ଏକ ସମସ୍ୟା ଥିଲା, ଯାହାରକି ସମାଧାନ ଏହି ପ୍ରକାର ହୋଇଥିଲା ।

ଏହା ଥିଲା ଏକ ଅସାଧାରଣ ଘଟଣା, ଯାହାକି ପ୍ରତିଭାସମ୍ପନ୍ନ ବ୍ୟକ୍ତିମାନଙ୍କ ପକ୍ଷରେ ଘଟିଥାଏ, ଏବଂ ସେମାନଙ୍କ ସଂଖ୍ୟା ଅଧିକ ନୁହେଁ । କ୍ଲୋରୋଫର୍ମ ବ୍ୟବହାର କରି ମଧ୍ୟ ସଚେତନ ରହୁଥିବା ବ୍ୟକ୍ତିଙ୍କ ସଂଖ୍ୟା ଆମେ ଯାହାଭାବୁ ତା'ଠାରୁ ଯଥେଷ୍ଟ ଅଧିକ । କିନ୍ତୁ ସାଧାରଣତଃ କ୍ଲୋରୋଫର୍ମ ବ୍ୟବହାର କରି ସାରିବା ପରେ ଯେତେବେଳେ ବ୍ୟକ୍ତି ଜାଗ୍ରତ୍ ହୁଏ ସେତେବେଳେ ସେ ଅସ୍ୱସ୍ତି ବୋଧ କରେ ଏବଂ ତାହାର ଶରୀର ବାହାରେ ହୋଇଥିବା ଅନୁଭୂତିମାନଙ୍କୁ କେବଳ ଅସ୍ପଷ୍ଟ ଭାବରେ ମନେ ପକାଇଥାଏ । ଏଠାରେ କ'ଣ ଏପରି କେହି ଅଛନ୍ତି ଯେ କି ଦୁର୍ଘଟଣାଗ୍ରସ୍ତ ହେବା ଭଳି ହଠାତ୍ ମୂର୍ଚ୍ଛିତ ହୋଇଛନ୍ତି ? ତୁମେ ତୁମର ଶରୀରକୁ ଦେଖୁଛ, ନୁହେଁ କି ? ଏବଂ ତୁମେ ନିଜକୁ ପଚାର, ''କିନ୍ତୁ ସେହି ହାସ୍ୟାସ୍ପଦ ଅବସ୍ଥାରେ ସେଠାରେ ସେ କ'ଣ କରୁଛି ?'' ଏବଂ ତୁମେ ତା' ଭିତରକୁ ଧସେଇ ପଶି ଯାଅ ! ଥରେ ପ୍ୟାରିସରେ ମୋ କ୍ଷେତ୍ରରେ ଏହିପରି ଘଟିଥିଲା । ମୁଁ ଦିନେ ଏକ ଉତ୍ତମ ରାତ୍ରି ଭୋଜନ କରିଥିଲି ଏବଂ ତା'ପରେ ମୋର ମନେ ହୁଏ ମୁଁ ଏକ ସଭାଗୃହକୁ ଯାଇଥିଲି । ସେଠାରେ ଅନେକ ଲୋକ ଜମା ହୋଇଥିଲେ । ସେ ସମୟରେ ବହୁତ ଗରମ ହେଉଥିଲା । ରାତ୍ରିର ଉତ୍ତମ ଭୋଜନ ଶେଷ କରି ସେଠାରେ ମୁଁ ଠିଆ ହୋଇଥିଲି । ହଠାତ୍ ମୋତେ ବହୁତ ଅସ୍ୱସ୍ତି ଲାଗିଲା । ମୋ ସଙ୍ଗରେ ଯେଉଁ ବ୍ୟକ୍ତି ଥିଲେ ମୁଁ ତାଙ୍କୁ କହିଲି, ''ମୋତେ ସଙ୍ଗେ ସଙ୍ଗେ ଏଠାରୁ ବାହାରକୁ ଯିବାକୁ ହେବ ।'' ବାହାରକୁ ଯିବା ପରେ 'ତ୍ରୋକାଦେରୋ' ସ୍କୋୟାରରେ ମୁଁ ସମ୍ପୂର୍ଣ୍ଣ ମୂର୍ଚ୍ଛିତ ହୋଇଗଲି । ମୁଁ ସେଠାରେ ଶରୀର ବାହାରକୁ ଯାଇ ଦେଖିଲି ମୋର ଶରୀର ପ୍ରସାରିତ ହୋଇ ପଡ଼ି ରହିଛି । ମୋତେ ଏହା ଏତେ ହାସ୍ୟାସ୍ପଦ ବୋଧ ହେଲା ଯେ ମୁଁ ସଙ୍ଗେ ସଙ୍ଗେ ଶରୀର ଭିତରକୁ ଧସେଇ ପଶି ଯାଇଥିଲି ଏବଂ ତାକୁ ଖୁବ୍ ଭର୍ତ୍ସନା କରି କହିଥିଲି, ''ତୁ ମୋ ସଙ୍ଗେ ଏପରି ଖେଳ ଆଉ ଖେଳିବୁ ନାହିଁ ।''

*

ଯେତେବେଳେ ଜଣେ ଏପ୍ରକାର ଗୁହ୍ୟ ବିଦ୍ୟା ସମ୍ପର୍କୀୟ ଶୃଙ୍ଖଳା ମଧ୍ୟଦେଇ ଗତି କରେ ସେତେବେଳେ ସେ ତା'ର

ଶରୀରକୁ ତ୍ୟାଗ କରିବାକୁ ସକ୍ଷମ ହୁଏ ଓ ପ୍ରାଣିକ ସ୍ତରକୁ ଚାଲିଯାଏ ଏବଂ ସେଠାରେ ଖୁବ୍ ସଚେତନ ଭାବରେ ଚଳପ୍ରଚଳ ହୋଇ ପ୍ରାଣଜଗତରେ କାର୍ଯ୍ୟ କରେ; ତା'ପରେ ପ୍ରାଣସତ୍ତାକୁ ସୁପ୍ତ ଅବସ୍ଥାରେ ପରିତ୍ୟାଗ କରି ମାନସିକ ସ୍ତରକୁ ଚାଲିଯାଏ, ସେଠାରେ ମଧ୍ୟ ସେହି ପ୍ରକାର ସମ୍ପର୍କ ରଖି ବେଶ୍ ସଚେତନ ଭାବରେ ମାନସିକ ଜଗତରେ ଅବସ୍ଥାନ କରି କାର୍ଯ୍ୟ କରେ – କାରଣ ମାନସିକ ଜଗତରେ ମାନସିକ ସତ୍ତା ସହିତ ସମ୍ପର୍କ ଥାଏ, ଯେଭଳି ଭୌତିକ ଜଗତର ଭୌତିକ ସତ୍ତା ସହିତ ସମ୍ପର୍କ ରହିଥାଏ, ଏବଂ ନିୟମିତ ଶୃଙ୍ଖଳାର ସହିତ ଏହା ଅଗ୍ରଗତି କରିଥାଏ । ମୁଁ ଜଣେ ସ୍ତ୍ରୀ ଲୋକଙ୍କୁ ଜାଣିଥିଲି ଯିଏକି ଏହି ପନ୍ଥାରେ ଶିକ୍ଷା ପାଇଥିଲେ, ଯାହାଙ୍କର କି ଅତି ଅସାଧାରଣ ବ୍ୟକ୍ତିଗତ ପ୍ରତିଭା ରହିଥିଲା ଏବଂ ଯିଏକି ତାଙ୍କ ସତ୍ତାର ସମସ୍ତ ଅବସ୍ଥାରେ ସଚେତ ରହି ପାରୁଥିଲେ । ସେ ତାଙ୍କ ଶରୀରରୁ ବାହାରି ୧୨ ଥର ପର୍ଯ୍ୟନ୍ତ ବାହାରକୁ ଯିବାକୁ ସକ୍ଷମ ହେଉଥିଲେ, କହିବାକୁ ଗଲେ, ବ୍ୟକ୍ତିଗତ ଚେତନାର ଶୀର୍ଷ ସ୍ଥାନରେ ପହଞ୍ଚିବା ପର୍ଯ୍ୟନ୍ତ କ୍ରମାଗତ ଭାବରେ ୧୨ ଟି ଶରୀରରୁ ବାହାରକୁ ଚାଲି ଯାଉଥିଲେ । ଏହାକୁ କୁହାଯାଇ ପାରେ ନିରାକାରର ଦ୍ୱାରଦେଶ । ସେ ପ୍ରତ୍ୟେକ କଥା ସ୍ମରଣ କରି ପାରୁଥିଲେ ଏବଂ ତନ୍ନ ତନ୍ନ କରି ଏହାକୁ ବିସ୍ତୃତ ରୂପେ ବର୍ଣ୍ଣନା କରି ପାରୁଥିଲେ । ସେ ଥିଲେ ଜଣେ ଇଂରେଜୀ ମହିଳା, ଏପରିକି ମୁଁ ଗୋଟାଏ ବହି ଇଂରାଜୀରୁ ଅନୁବାଦ କରିଥିଲି ଯେଉଁଥିରେ କି ସେ ଏହି ରାଜ୍ୟମାନଙ୍କରେ ଯାହାସବୁ ଦେଖିଥିଲେ ଏବଂ କରିଥିଲେ ସେ ବିଷୟରେ ବର୍ଣ୍ଣନା କରା ଯାଇଅଛି ।

(Glimpses of the Mother's Life, p. 66)

The present is the most important moment in life.

*12 February 1952* – The Mother

*With best compliments from :*

**AUM SWASTIK FOODS**

**MAITAPUR, BALASORE, ODISHA**

ଶେଷ ପୃଷ୍ଠା :

# ''ସାଧନାରେ କିଛି ହେଉ ନାହିଁ''ର ଭାବ

## ଶ୍ରୀ ବିଶ୍ୱମ୍ଭର ସାମନ୍ତ

ଯେଉଁମାନେ ଯୋଗ ଓ ସାଧନାର ଜୀବନ ବାଛି ନେଇ ଥାଆନ୍ତି, ସେମାନେ ସ୍ୱାଭାବିକ ଭାବରେ ଚାହାନ୍ତି ଯେ ନିଜ ଭିତରେ ସେମାନଙ୍କର ଏପରି ସବୁ ଅନୁଭୂତି ଆସୁ, ଯାହା ଫଳରେ ସେମାନେ ଅନ୍ତତଃ ଜାଣି ପାରିବେ ଯେ ସେମାନେ ଏହି ପଥରେ ନିଶ୍ଚିତ ରୂପେ ଆଗେଇ ଚାଲିଛନ୍ତି । ବାହ୍ୟ ଜୀବନ ବା ବାହ୍ୟ ଚେତନା କ୍ଷେତ୍ରରେ ସେମାନଙ୍କର କିଛି କୃତିତ୍ୱ ବା ସାଫଲ୍ୟ ହେଲା ବା ନହେଲା, ଅଗ୍ରଗତି ହେଲା ବା ନହେଲା, ସେଥିପାଇଁ ସେମାନେ ହୁଏତ ଆଦୌ ଚିନ୍ତିତ ହୁଅନ୍ତି ନାହିଁ । କିନ୍ତୁ ଆନ୍ତରଜୀବନ ବା ଆନ୍ତରଚେତନା-କ୍ଷେତ୍ରରେ ନିଜର ଅଗ୍ରଗତିର ପ୍ରମାଣସ୍ୱରୂପ ସେମାନେ ସେହିସବୁ ଅନୁଭୂତିକୁ ଅପେକ୍ଷା କରନ୍ତି ଯାହାକୁ ସାଧାରଣତଃ ଯୋଗାନୁଭୂତି ବୋଲି କୁହାଯାଏ; ସୂକ୍ଷ୍ମ ଦର୍ଶନଠାରୁ ଆରମ୍ଭ କରି ଶାନ୍ତି ଓ ନିରବତାର ଅବତରଣ ବା ଭଗବତ୍ ସ୍ପର୍ଶ ଓ ସାନ୍ନିଧ୍ୟର କିଛି ନିର୍ଦ୍ଦିଷ୍ଟ ଅନୁଭୂତି ବା ନାନା ଅତୀନ୍ଦ୍ରିୟ ଅଲୌକିକ ଅନୁଭୂତି ବା ନାନା ଦିବ୍ୟ ପ୍ରେରଣା, ଜ୍ଞାନଲାଭ ଓ ପ୍ରତ୍ୟାଦେଶ ଆଦିର ପ୍ରତ୍ୟକ୍ଷ କିଛି ଅନୁଭୂତି ପାଇବାକୁ ଅନେକଙ୍କ ଭିତରେ କେବଳ ଆଗ୍ରହ ନୁହେଁ, ବେଳେ ବେଳେ ଉତ୍କଣ୍ଠା ମଧ୍ୟ ଦେଖାଯାଏ ଓ ଏପରି ହେବା ମଧ୍ୟ ସ୍ୱାଭାବିକ । କାରଣ ସାଧନା ଆଗରେ ଯେଉଁସବୁ ଚୂଡ଼ାନ୍ତ ଲକ୍ଷ୍ୟ ରଖା ଯାଇଥାଏ, ତାହା ଭଗବତ୍ ମିଳନ, ବ୍ରହ୍ମୋପଲବ୍ଧି ବା ଆତ୍ମ-ସାକ୍ଷାତ୍କାର ବା ମୁକ୍ତି ବା ନିର୍ବାଣ ଆଦି ଯାହା ହେଉନା କାହିଁକି, ସେହିସବୁ ମହାନ୍ ଲକ୍ଷ୍ୟ ଲାଭ ହୁଏତ ଦୂରର କଥା, କିନ୍ତୁ ସେହି ପଥରେ ଯେ ଆମେ ଆଗଉଛେ, ତା'ର ପ୍ରମାଣ କ'ଣ ? ସେ ସମ୍ପର୍କରେ ଆମେ କିପରି ନିଶ୍ଚିନ୍ତ ହୋଇପାରିବା ଯଦି ଆମ ଭିତରେ ସେ ସମ୍ପର୍କୀୟ କିଛି ସୂକ୍ଷ୍ମ ଅନ୍ତରାନୁଭୂତିର ପ୍ରତ୍ୟକ୍ଷ ସ୍ପର୍ଶ ନମିଳିବ । କିନ୍ତୁ ଏପରି ଦେଖାଯାଏ, ଅନେକ କ୍ଷେତ୍ରରେ ବହୁଦିନର ସାଧନା ପରେ ମଧ୍ୟ କିଛି ଅନୁଭୂତି ମିଳୁ ନାହିଁ ବା ଆରମ୍ଭରେ ହୁଏତ କିଛି ଯୌଗିକ ଅନୁଭୂତି ମିଳୁଥିଲା, କିନ୍ତୁ ଅନେକ ଦିନ ଧରି ଆଉ ସେସବୁର ଦେଖା ଦର୍ଶନ ନାହିଁ । ଏପରି ଅବସ୍ଥା ଆସିଲେ ଅନେକ ସମୟରେ ସାଧକ ଭିତରେ ନାନା ସଂଶୟ ଓ ଅସ୍ଥିରତା ସୃଷ୍ଟି ହୁଏ, ନାନା ବିକ୍ଷୋଭ, ଚାଞ୍ଚଲ୍ୟ ଓ ଏପରିକି ବିମର୍ଷ, ଅବସାଦର ଭାବ ମଧ୍ୟ ଆସେ । ଏକ ହତାଶାକାତର ଭାବ ନେଇ ସେ ନିଜ ଆଗରେ ଏହି ପ୍ରଶ୍ନଟି ଉପସ୍ଥାପିତ କରେ, ''କାହିଁ ସାଧନାରେ ତ ମୋର କିଛି ହେଉ ନାହିଁ, ମୋର ସମସ୍ତ ଜୀବନଟା କ'ଣ ନିଷ୍ଫଳ, ବ୍ୟର୍ଥତା ଭିତର ଦେଇ ଅତିବାହିତ ହୋଇଯିବ ?'' ସାଧନାର ବିଭିନ୍ନ ପର୍ଯ୍ୟାୟ ଓ ଅବସ୍ଥାରେ, ଏପରିକି ଲକ୍ଷ୍ୟ-ଲାଭର ନିକଟବର୍ତ୍ତୀ ହୋଇଥିବା-ବେଳେ ମଧ୍ୟ ଚେତନାରେ ଏପରି ଅବସ୍ଥା ସବୁ କିପରି ଓ କାହିଁକି ଆସେ ଏବଂ ସେସବୁର ଯଥାର୍ଥ ପ୍ରତିକାର ଓ ପ୍ରତିବିଧାନ କ'ଣ ଏବଂ ସେତେବେଳେ କିପରି ମନୋଭାବ ରଖିବା ବାଞ୍ଛନୀୟ, ଏ ସମ୍ପର୍କରେ ମା'ଙ୍କ କଥୋପକଥନ ଓ ଶ୍ରୀଅରବିନ୍ଦଙ୍କ ପତ୍ରାବଳୀ ଆଦିରେ ବିଶଦ ଆଲୋଚନା କରାଯାଇଛି । ଏଠାରେ ଆମେ ମା'ଙ୍କ ସହିତ ଜଣେ ସାଧକ-ଶିଷ୍ୟଙ୍କର ଏହିପରି ଏକ କଥୋପକଥନ ଉପସ୍ଥାପିତ କରୁଛୁ ।

ଉକ୍ତ ଶିଷ୍ୟଜଣକ ମା'ଙ୍କ ସହିତ କଥୋପକଥନ ପ୍ରସଙ୍ଗରେ ଏହି ବିଷୟ ଉଠାଇଲେ ଯେ ତାଙ୍କର କିଛି ଅନୁଭୂତି ଆସୁ ନାହିଁ । ତାଙ୍କୁ ଲାଗୁଛି ଯେପରି ସାଧନାରେ ତାଙ୍କର କିଛି ହେଉ ନାହିଁ, ପ୍ରତ୍ୟେକ ଦିନ ସକାଳୁ ଉଠି ସେ ଦେଖୁଛନ୍ତି କିଛି ଅଧିକା ତ ହେଲା ନାହିଁ, ଧ୍ୟାନ କରୁଛନ୍ତି କିନ୍ତୁ କିଛି ହେଉ ନାହିଁ, କେବେ ବି କିଛି ହେବ ବୋଲି ମନେ ହେଉ ନାହିଁ । କେବଳ ଏତିକି ଯାହା ନିଶ୍ଚିତଭାବେ ମନେ ହେଉଛି ଯେ ଏହି ସାଧନାର ପଥହିଁ ତାଙ୍କ ପାଇଁ ଏକମାତ୍ର ପଥ ଯାହାର କିଛି ଅର୍ଥ ରହିଛି ।

ଏହା ଶୁଣି ମା ପଚାରିଲେ, ''ତୁମର ମସ୍ତକର ଉର୍ଦ୍ଧ୍ୱରେ ଯେଉଁ ସ୍ଥିର ଅବିକମ୍ପିତ ଦିବ୍ୟ-ଆଲୋକ ରହିଛି ତାହା ତୁମେ କ'ଣ ଅନୁଭବ କରିପାରୁ ନାହିଁ ? ଏହି ଆଲୋକର ସାମାନ୍ୟ ସ୍ପର୍ଶ ପାଇଁ ଲୋକମାନେ ସବୁକିଛି ତ୍ୟାଗ କରିବାକୁ ଆଗେଇ ଆସିବେ । ପ୍ରକୃତରେ କଥାଟି ହେଲା ଆମେ ଯାହା ପାଇଥାଉ ସେଥିରେ ଆମେ ସନ୍ତୁଷ୍ଟ ରହୁନା ।''

ଶିଷ୍ୟ ଜଣକ କହିଲେ, ''କିନ୍ତୁ ମୋର କିଛି ବି ହେଉ ନାହିଁ !''

ମା କହିଲେ, ''ଆମେ ଯାହା ପାଇ ନଥାଉ ସବୁବେଳେ ତାହାହିଁ ପାଇବାକୁ ଚାହୁଁ ଏବଂ ଯେହେତୁ ଆମର ଲକ୍ଷ୍ୟ ହେଲା ଏକ ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା, ତେଣୁ ଆମର ଅନୁଭୂତି ସେହିପରି

ପୂର୍ଣ୍ଣାଙ୍ଗ ନହେଲେ ଆମକୁ ସନ୍ତୋଷ ବା ତୃପ୍ତି ମିଳେ ନାହିଁ । ତେବେ ତୁମକୁ ଏହି ପ୍ରତିଶ୍ରୁତି ଦିଆଯାଇପାରେ ଯେ, ତା'ର ନିଜର ସମୟ ଅନୁସାରେ ଏହି ଦିବ୍ୟ-ଅନୁଭୂତି ସବୁ ନିଶ୍ଚୟ ଆସିବ ।''

ଏଥିରେ ଆନନ୍ଦିତ ହୋଇ ଶିଷ୍ୟ ଜଣକ ପ୍ରଶ୍ନ କଲେ, ସତରେ କ'ଣ ଏହା ଆସିବ ? ଏବଂ ଏହାର ଉତ୍ତରରେ ମା କହିଲେ, ''ହଁ, ନିଶ୍ଚୟ ଏହା ଆସିବ, ଦିନେ ହଠାତ୍ ତୁମ ଭିତରେ ଏହି ଅନୁଭୂତିସବୁକୁ ତୁମେ ଉପଲବ୍ଧି କରିବ ।''

ଶିଷ୍ୟ ଜଣକ ପୁଣି କହିଲେ ଯେ ସେ ଯେତେବେଳେ ଦେଖୁଛନ୍ତି କିଛି କୁଆଡ଼େ ହେଉ ନାହିଁ, ତାହା ତାଙ୍କ ଭିତରେ ହତୋତ୍ସାହ ଆଣି ଦେଉଛି ।

ମା ଉକ୍ତ ଶିଷ୍ୟଙ୍କୁ ଏ ବିଷୟରେ ବୁଝାଇବାକୁ ଯାଇ ତାଙ୍କ ନିଜର ଅନୁଭୂତି କଥା କହିଲେ । ମା କହିଲେ ଯେ ସେ ନିଜେ ମଧ୍ୟ ଏପରି ଦୀର୍ଘ ଦିନ କଟାଇଛନ୍ତି ଯେତେବେଳେ ସେ ଭାବୁଥିଲେ ଯେ ତାଙ୍କର କିଛି ହେଉ ନାହିଁ । କେବଳ ଅନୁଭୂତିର ଆନନ୍ଦ ପାଇଁ ଅନୁଭୂତି ଆସିବା ତାଙ୍କର କେବେ ହୋଇ ନାହିଁ । କେବଳ ଯେତେବେଳେ ତାହା ଆବଶ୍ୟକ ହୋଇଛି, ସେତେବେଳେ ତାହା ଆସିଛି । ମା କହିଲେ ଯେ ତାଙ୍କ ଜୀବନରେ ମଧ୍ୟ ଏପରି କିଛି ଘଟି ନାହିଁ ଯାହା ଘଟିବା ତାଙ୍କ କାମ ପାଇଁ ସମ୍ପୂର୍ଣ୍ଣ ଅପରିହାର୍ଯ୍ୟ ନଥିଲା । କିନ୍ତୁ ଏହା ଜାଣିବା ପାଇଁ ତୁମକୁ ପ୍ରଥମେ ଜାଣିବାକୁ ହେବ ନିର୍ଦ୍ଦିଷ୍ଟ ଭାବରେ ତୁମର କାମଟା କ'ଣ ଏବଂ ଭଗବାନଙ୍କର ଇଚ୍ଛା କ'ଣ, ସେ ସମ୍ପର୍କରେ ତୁମକୁ ସଚେତ ହେବାକୁ ହେବ । ଏହି ବିଷୟଟି ବୁଝିପାରିବା ପାଇଁ ଜଣକୁ ହୁଏତ ବର୍ଷ ପରେ ବର୍ଷ ଦୀର୍ଘ ଦିନ ଲାଗି ଯାଇପାରେ ।

ଏ ସମ୍ପର୍କରେ ଉଦାହରଣ ଦେଇ ବୁଝାଇ ଦେବାକୁ ଯାଇ ମା ନିଜର ଏକ ଅନୁଭୂତି କଥା କହିଲେ । ସେ ଯେତେବେଳେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କଲେ ଅନ୍ୟାନ୍ୟ ପ୍ରଶ୍ନ ଭିତରେ ତାଙ୍କର ଏକ ପ୍ରଶ୍ନ ଥିଲା ଯଦିଓ କଳା, ସାହିତ୍ୟ, ସଙ୍ଗୀତ, ଦର୍ଶନ ସବୁଥିରେ ତାଙ୍କର (ମା'ଙ୍କର) ପ୍ରବେଶ ଅଛି ଏବଂ କିଛିଟା କ୍ୱତିତ୍ୱ ଅର୍ଜନର ଶକ୍ତି ମଧ୍ୟ ରହିଛି, କିନ୍ତୁ କେଉଁଥିରେ ସେ କାହିଁକି ଅସାଧାରଣ ପ୍ରତିଭାର ପରିଚୟ ଦେଇ ପାରି ନାହାନ୍ତି, କେଉଁଥିରେ ଚରମ ଶୀର୍ଷସ୍ଥାନକୁ ଯାଇପାରି ନାହାନ୍ତି । ଶ୍ରୀଅରବିନ୍ଦ ଏହାର ଉତ୍ତରରେ କହିଥିଲେ, ''ଏହାହିଁ ହେବା ଥିଲା ଅପରିହାର୍ଯ୍ୟ ।'' ମା କହିଲେ ଯେ ଏହି ଉତ୍ତର ଶୁଣି ସେ ନୀରବ ରହିଲେ ଓ ଖୁବ୍ ଶୀଘ୍ର, ମାତ୍ର କେଇ ସପ୍ତାହ ଭିତରେ ଶ୍ରୀଅରବିନ୍ଦଙ୍କ ଉତ୍ତରର ତାତ୍ପର୍ଯ୍ୟ ବୁଝି ପାରିଲେ ।

ଶିଷ୍ୟ ଜଣକ ତା'ପରେ ପଚାରିଲେ ଯେ ସେ ମଧ୍ୟ ପିଲାଦିନୁ ସବୁ ବିଷୟରେ ସଚେତ ହେବାକୁ ଚାହାନ୍ତି କିନ୍ତୁ ହୋଇ ପାରୁ ନାହାନ୍ତି । ତାହାହିଁ ବେଳେବେଳେ ତାଙ୍କର ନିଜ ଉପରେ ବିରକ୍ତିର କାରଣ ହୁଏ ।

ମା କହିଲେ ବହୁଦିନ ଧରି ସେ ମଧ୍ୟ ଅନୁଭବ କରୁଥିଲେ ଦିବ୍ୟ-ଚେତନାହିଁ ଏକମାତ୍ର ବସ୍ତୁ, ଯାହା ଲାଭ କରିବା ପାଇଁ ଜୀବନଧାରଣର କିଛି ମୂଲ୍ୟ ଅଛି । ତା'ପରେ ତେଓଁଙ୍କ ସହ ମା'ଙ୍କର ସମ୍ପର୍କ ହେଲା ପରେ ସେ ବୁଝିପାରିଲେ ସମସ୍ତ ବିଷୟରେ ସତ୍ୟ ଦୃଷ୍ଟି ଓ ଦିବ୍ୟଚେତନା ଲାଭ ପାଇଁ ଚେତନାର ଦୁଇଟି ସ୍ତର ଭିତରେ ପ୍ରତ୍ୟକ୍ଷ ସମ୍ପର୍କ ଓ ଯୋଗାଯୋଗ ରହିବା ଆବଶ୍ୟକ । ଶ୍ରୀମତୀ ତେଓଁ ମା'ଙ୍କୁ ବୁଝାଇ ଦେଇଥିଲେ ଯେ ସାଧାରଣ ସ୍ଥୂଳଚେତନାର ସ୍ତର ଓ ଦିବ୍ୟଚେତନାର ସ୍ତର ଏ ଦୁଇଟି ଭିତରେ ସଂଯୋଗକାରୀ ଏକ ଚେତନାର ସ୍ତର ରହିଛି ଏବଂ ଯେପର୍ଯ୍ୟନ୍ତ ତାହା ଅବିକଶିତ ରହିଛି ସେପର୍ଯ୍ୟନ୍ତ ବିଷୟ ସବୁ ବା ବସ୍ତୁ ସବୁ ସମ୍ପର୍କରେ ସହଜ ସ୍ୱତଃସ୍ଫୂର୍ତ୍ତ ଭାବରେ ଯଥାର୍ଥ ସତ୍ୟଚେତନା ଲାଭ କରିବା ସମ୍ଭବ ନୁହେଁ । ଶ୍ରୀଯୁକ୍ତ ତେଓଁ ମଧ୍ୟ ସରଳ ଭାବରେ ସତ୍ତାକୁ ପ୍ରଥମେ ଚାରି ଭାଗରେ, ତା'ପରେ ଆହୁରି ଚାରି ଭାଗରେ, ପୁଣି ଆହୁରି ଚାରି ଭାଗରେ ଏହି ପରି ଅସଂଖ୍ୟ ଭାଗରେ ବିଭକ୍ତ କରି ଏହି ଜିନିଷଟି ମା'ଙ୍କୁ ବୁଝାଇ ଦେଇଥିଲେ । ଏସବୁଥିରୁ ମା ବୁଝିପାରିଥିଲେ ଯେ ସେତେବେଳେ ତାଙ୍କ ଭିତରେ ଚେତନାର ଏହି ଦୁଇ ସ୍ତର, ସାଧାରଣ ସ୍ଥୂଳ ଚେତନାର ସ୍ତର ଓ ଉର୍ଦ୍ଧ୍ୱର ଦିବ୍ୟଚେତନାର ସ୍ତର ଭିତରେ ଆଉ ଏକ ଚେତନାର ସ୍ତର ରହିଛି, ଯାହା ଠିକ୍ ଭାବରେ ବିକଶିତ ହୋଇ ନାହିଁ, ସଚେତ ହୋଇ ନାହିଁ ।

ଏହା ବୁଝିପାରି ମା ତାଙ୍କର ଚେତନାର ସେହି ସ୍ତରଟିକୁ ସଚେତ ଓ ବିକଶିତ କରିବା ପାଇଁ ଦୃଢ଼ ସଂକଳ୍ପର ସହ ଲାଗି ପଡ଼ିଲେ । ମା କହିଛନ୍ତି ଦଶ ମାସ ଧରି ସେ ଅନ୍ୟ କୌଣସି ବିଷୟରେ ନୁହେଁ କେବଳ ଏହାରି ଉପରେ ଏକାଗ୍ର ହୋଇ ଲାଗି ପଡ଼ିଲେ । କିନ୍ତୁ କୌଣସି ଫଳ ମିଳିଲା ନାହିଁ । କିଛି ହେଉଛି ବୋଲି ମନେ ହେଲା ନାହିଁ । ତଥାପି ମା ଫଳାଫଳ ପ୍ରତି ଭ୍ରୂକ୍ଷେପ ନକରି ଦୃଢ଼ ସଂକଳ୍ପ କଲେ ଯେ କିଏ ଜାଣେ, ଏଥିପାଇଁ ହୁଏତ ପଚାଶ ବର୍ଷ ଲାଗି ଯାଇପାରେ, କିନ୍ତୁ ସେଥିପାଇଁ ଚିନ୍ତା କ'ଣ ? ସେ ନିଜ ଉଦ୍ୟମରେ ଲାଗି ରହିବେ ।

ଏହାପରେ ସେ ପ୍ୟାରିସ ସହର ଛାଡ଼ି ଗ୍ରାମାଞ୍ଚଳକୁ କିଛିଦିନ ପାଇଁ ଯାଇଥିଲେ; ଦିନେ ଏକ ଘାସପଡ଼ିଆ ଉପରେ ଶୋଇଥିବାବେଳେ ହଠାତ୍ ତାଙ୍କର ଆକାଙ୍କ୍ଷିତ ଅନୁଭୂତିଟି ଆସିଲା । ମାଟି ଓ ଘାସର ସ୍ପର୍ଶରେ ଯେପରିକି ଭିତରେ, ଅନ୍ତଶ୍ଚେତନାରେ ଏକ ବିରାଟ ବିସ୍ଫୋରଣ ଘଟିଲା । ଏବଂ ସଙ୍ଗେ ସଙ୍ଗେ ଦୁଇ ଚେତନା ଭିତରେ ସଂଯୋଗ ସୂତ୍ର ସ୍ଥାପିତ ହେଲା ଏବଂ ସେ ପୂର୍ଣ୍ଣଭାବରେ ସଚେତ ହୋଇ ଉଠିଲେ ଏବଂ ତା'ପରେ ଅଜସ୍ର ଅନୁଭୂତି ଆସିବାକୁ ଆରମ୍ଭ କଲା । ମା ନିଜକୁ କହିଲେ ଯେ ଏହି ଉପଲବ୍ଧି ପାଇଁ ଯେତେ କଷ୍ଟସାଧ ପ୍ରୟାସ କରିବାକୁ ପଡ଼ିଲେ ବି ସେଥିପାଇଁ କୁଣ୍ଠିତ ହେବା ଉଚିତ ନୁହେଁ ।

ନିଜର ଏହି ଅନୁଭୂତିଟି କଥା କହି ମା ଶିଷ୍ୟଜଣଙ୍କୁ ବୁଝାଇଛନ୍ତି, ସାଧନାରେ କାମଟି ଏହିପରି ଭାବରେହିଁ ହୁଏ । ଧୀରେ ଧୀରେ, ତୁମର ଅଲକ୍ଷ୍ୟରେ ତୁମ ଭିତରେ କିଛି ପ୍ରସ୍ତୁତ କରାଯାଉଥାଏ, ଠିକ୍ ଅଣ୍ଡା ଭିତରେ ପକ୍ଷୀ-ଶାବକଟି ପରି । ତୁମେ କେବଳ ବାହାର ଖୋଳପାଟିକୁ ଦେଖ, ଭିତରେ ଯେଉଁ ପକ୍ଷୀ-ଶାବକଟି ତିଆରି ହେଉଥାଏ ତାହା ଦେଖି ପାର ନାହିଁ । ତା'ପରେ ଚଞ୍ଚୁର ଟିକେ ଠୁକ୍ ଠାକ୍ ଆଘାତ, ତା'ପରେ ପୂର୍ଣ୍ଣାଙ୍ଗ ଭାବରେ ଜୀବନ୍ତ ପକ୍ଷୀ-ଶାବକଟି ଅଣ୍ଡାର ଖୋଳପା ଫଟାଇ ତା' ଭିତରୁ ବାହାରି ଆସେ । ଚୈତ୍ୟ ଚେତନାର ସଂସ୍ପର୍ଶ ଓ ଜାଗରଣ କ୍ଷେତ୍ରରେ ମଧ୍ୟ କାମଟି ଠିକ୍ ଏହିପରି ଭାବରେ ହୁଏ । ମାସ ମାସ ଧରି, ହୁଏତ ବର୍ଷ ବର୍ଷ ଧରି ତୁମେ ଏକ ରୁଦ୍ଧ, ନିବୁଜ ଦରଜା ଆଗରେ ବସି ରହିଥାଅ, ତାହାକୁ ବାରଂବାର ଠେଲିବା ପାଇଁ ଲାଗିଥାଅ, ଏକପ୍ରକାର ଚାପ ଅନୁଭବ କରୁଥାଅ, ହୁଏତ ଏହି ଚାପ ଯନ୍ତ୍ରଣାଦାୟକ ଲାଗିପାରେ, କିନ୍ତୁ ତୁମେ ଦରଜାର ସେହି ରୁଦ୍ଧ କବାଟଟିକୁ ଠେଲିବାରେ ଲାଗିଥାଅ । କୌଣସି ଫଳ ମିଳେ ନାହିଁ, କିଛି ହେଉଛି ବୋଲି ଲାଗେ ନାହିଁ । କିନ୍ତୁ ତା'ପରେ ତୁମେ ଦିନେ ହଠାତ୍ ଦେଖ, ତୁମେ ଜାଣି ମଧ୍ୟ ପାର ନାହିଁ ଯେ କିପରି ଓ କାହିଁକି ଏହା ଘଟିଲା, ଦେଖ ଯେ ଦରଜାଟି ଖୋଲି ଯାଇଛି । ତୁମେ ଯାହା ଚାହୁଁଥିଲ, ତାହା ଘଟିଛି, ଭିତରେ ସବୁକିଛି ଖୋଲିଯାଇଛି ଯେପରି ଏକ ବିପୁଳ ବିସ୍ଫୋରଣରେ, ଭିତରେ ସବୁକିଛି ପ୍ରସ୍ତୁତ ହୋଇଯାଇଛି, ସାଧନାର ସେହି କାମଟି ଶେଷ ହୋଇଯାଇଛି, ତୁମେ ଏକ ପୂର୍ଣ୍ଣ ଚୈତ୍ୟ ଚେତନାରେ ଜାଗ୍ରତ୍ ହୋଇଛ, ସେହି ଚେତନା ସଙ୍ଗରେ ଅନ୍ତରଙ୍ଗ, ଏକାତ୍ମ ହୋଇଯାଇଛ । ତା'ପରେ ସବୁକିଛି ବଦଳିଯାଏ, ସମଗ୍ର ଜୀବନ, ଜୀବନର ସବୁକିଛି ବଦଳିଯାଏ, ସମ୍ପୂର୍ଣ୍ଣ ଭାବରେ ବଦଳିଯାଏ, ତୁମର ସମଗ୍ର ଜୀବନ ଓ ଅସ୍ତିତ୍ୱ ଯେପରି ପୂରାପୂରି ଓଲଟ ପାଲଟ ହୋଇଯାଇଛି ।

ତା'ପରେ ମା ବୁଝାଇଲେ ଏହି ଅନୁଭୂତି ପାଇବା ପାଇଁ କିନ୍ତୁ କୌଣସି ପ୍ରକାଶ୍ୟ ଉଦ୍‌ବେଗ ଓ ଅଧୀରତାକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ତୁମେ ଭାବିଥିବା ସମୟରେ ହେଉ ନାହିଁ ବୋଲି କୌଣସି ଅବସାଦ, ବିରକ୍ତି ବା ଉତ୍ତେଜନାର ଭାବକୁ ପ୍ରଶ୍ରୟ ଦେବା ଉଚିତ ନୁହେଁ । ଅଯଥା ଚିନ୍ତିତ ନହୋଇ ଧୀର ଅଥଚ ଦୃଢ଼ ଭାବରେ ଏହି ମନୋଭାବ ରଖ ଯେ ଏହି ଅନୁଭୂତି ଯେତେବେଳେ ଆସିବାର କଥା ନିଶ୍ଚୟ ଆସିବ । ଅବଶ୍ୟ ଭିତରେ ଏକ ଅପରାଜେୟ ଅଟଳ ସଂକଳ୍ପ ରଖିବ, ଏଥିପାଇଁ ଯାହା ଯାହା କରିବା ଉଚିତ ମନେ କରିବ, ତାହା କରିବ କିନ୍ତୁ ଅଭୀପ୍ସା ଓ ସଂକଳ୍ପକୁ ବଜାୟ ରଖିବ, ଏପରିକି ତାହା ନିଷ୍ଫଳ ମନେ ହେଲେ ବି ନିଜ ଅଭୀପ୍ସାକୁ ଛାଡ଼ିବ ନାହିଁ ।

ଏହାପରେ ଶିଷ୍ୟ ଜଣକ ପଚାରିଲେ ଏଥିପାଇଁ ଯଦି କୌଣସି ସାଧନ-ପ୍ରଣାଳୀ ଥାଆନ୍ତା ତେବେ ସେ ତାହା ଗ୍ରହଣ କରନ୍ତେ ।

ମା ଉତ୍ତର ଦେଲେ ଏଥିପାଇଁ ଅନେକ ସାଧନ-ପ୍ରଣାଳୀ ଅଛି । ଏହି ପ୍ରଣାଳୀସବୁ ଉପରେ ଅଜସ୍ର ପୁସ୍ତକ ରହିଛି । କିନ୍ତୁ ତହିଁ ଭିତରୁ କୌଣସିଟି ଗ୍ରହଣ କରିବାକୁ ଅନୁମୋଦନ କରିବା ପାଇଁ ମା ନିଜର ଅସମ୍ମତି ଜଣାଇଲେ । କାରଣ ମା'ଙ୍କ ମତରେ ଏହି ପୁସ୍ତକସବୁର ଲେଖକ ନିଜେ ଯେଉଁ ପ୍ରଣାଳୀ ଅବଲମ୍ବନ କରିଥାଆନ୍ତି ବା ଶୁଣିଥାଆନ୍ତି ସେହି ବିଷୟହିଁ ଲେଖିଥାଆନ୍ତି । ପ୍ରତ୍ୟେକ ଲୋକକୁ ତା' ନିଜର ସାଧନ-ପ୍ରଣାଳୀ ଖୋଜି ବାହାର କରିବାକୁ ହେବ । ଏ ସମ୍ପର୍କରେ କିଛି କିଛି ସୂଚନା ବିଭିନ୍ନ ସୂତ୍ରରୁ ମିଳିପାରେ କିନ୍ତୁ ସାଧକକୁ ତା'ର ନିଜସ୍ୱ ପ୍ରଣାଳୀ ସ୍ଥିର କରିବାକୁ ହେବ ।

ତା'ପରେ ଉକ୍ତ ସାଧକଙ୍କୁ ମା କହିଲେ ଜଣେ କ'ଣ ଚାହୁଁଛି, ତା' ଉପରେ ନିଜର ସାଧନ-ପ୍ରଣାଳୀ ନିର୍ଭର କରେ । ଉକ୍ତ ସାଧକଙ୍କୁ ମା ପୂର୍ବରୁ ଠିକ୍ ଭାବରେ ବିଶ୍ରାମ ନେବା ଓ ନିଦ୍ରା ସମୟରେ ସଚେତ ରହିବା କଥା କହିଥିଲେ । ମା କହିଲେ ତାହା ଯଥେଷ୍ଟ, ସେତିକି ଉପରେ ମଧ୍ୟ ଭିତ୍ତିକରି ନିଷ୍ପାର ସହ ତୁମ ନିଜ ସାଧନାର ପ୍ରଣାଳୀ ଗଢ଼ିପାର କିଂବା ଶୁଣିଥିବା କୌଣସି ବାକ୍ୟ ବା ତୁମକୁ ମିଳିଥିବା କୌଣସି ଭାବ ବା ଚିନ୍ତା ଉପରେ ତାହା ଗଢ଼ିପାର । ତୁମ ସାଧନ-ପ୍ରଣାଳୀ ତୁମକୁ ବାଛିବାକୁ

ହେବ; ତୁମକୁ ସ୍ଥିର କରିବାକୁ ହେବ । କିନ୍ତୁ ଥରେ ବାଛି ସାରିଲା ପରେ, ଦୃଢ଼ତାର ସହ ଶେଷ ପର୍ଯ୍ୟନ୍ତ ଲାଗି ରହିବାକୁ ହେବ ।

ଏହାହିଁ ତାଙ୍କ ନିଜର ଅନୁଭୂତି ବୋଲି କହି ମା କହିଲେ ତୁମକୁ ଦୃଢ଼ ଓ ଅବିଚଳ, ଅଟଳ ରହିବାକୁ ହେବ । କାରଣ ସମସ୍ତ ନିଶ୍ଚେତନା, ସମସ୍ତ ଅଜ୍ଞାନ ଶକ୍ତି ବିରୋଧରେ ତୁମକୁ ଛିଡ଼ା ହେବାକୁ ହେବ । ପ୍ରତିରୋଧର ଏହି ଶକ୍ତିଗୁଡ଼ିକ ସହଜରେ ବଶତା ବା ପରାଜୟ ସ୍ୱୀକାର କରନ୍ତି ନାହିଁ । କିନ୍ତୁ ଦିନେ ନା ଦିନେ ତୁମର ବିଜୟ ସୁନିଶ୍ଚିତ । ଏହା କଠିନ ପ୍ରସ୍ତର ଓ ଜଳବିନ୍ଦୁର କାହାଣୀ ପରି । ବହୁ ସମୟ ଲାଗିପାରେ, ଯୁଗ ଯୁଗ ଲାଗିପାରେ କିନ୍ତୁ ଯଦି ନିରବଚ୍ଛିନ୍ନ, ଅବିରାମ ଭାବରେ ବିନ୍ଦୁ ପରେ ବିନ୍ଦୁ ଜଳ ଏକ ପ୍ରସ୍ତର ଖଣ୍ଡ ଉପରେ ପଡୁଥିବ, ତାହା ଜମି ଜମି ଦିନେ ନା ଦିନେ ସେହି ପଥରକୁ ଫୁଟାଇ, କ୍ଷୟ କରି, ଏକ ସ୍ରୋତସ୍ୱିନୀ ନଦୀରୂପେ ନିଜର ସ୍ୱଚ୍ଛଧାରା ମେଲି ବହି ଚାଲିବ । ପ୍ରକୃତି ଆମ ପାଇଁ ଏହି ଅପୂର୍ବ ଦୃଷ୍ଟାନ୍ତ ରଖିଯାଇଛି ଅନୁସରଣ କରିବା ପାଇଁ । ଆମକୁ ସେହି ଜଳବିନ୍ଦୁ ପରି ବିରାମବିହୀନ ହୋଇ ପ୍ରସ୍ତର ଉପରେ ପଡ଼ିବାକୁ ହେବ, ନିରବଚ୍ଛିନ୍ନ ଭାବରେ । ଜଳ ହେଉଛି ପ୍ରାଣଶକ୍ତି ଓ ପ୍ରସ୍ତର ହେଉଛି ନିଶ୍ଚେତନା । ✜

Give us faith in a glorious future and the capacity to realise it.

– THE MOTHER

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**